

ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-115 ◆WEDNESDAY ◆22 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୧୫ ◆ବୁଧବାର ◆୨୨ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଦୀପାବଳି ବେପାର ୬ ଲକ୍ଷ କୋଟି

- ଗତ ବର୍ଷ ତୁଳନାରେ ବ୍ୟବସାୟ ୨୫% ବୃଦ୍ଧି
- ସେବା କ୍ଷେତ୍ରରେ କାରବାର ୬୫ ହଜାର କୋଟି

■ ନୂଆଦିଲ୍ଲୀ,୨୧।୧୦(ଏଜେନ୍ସି : ଚଳିତ ବର୍ଷର ଦୀପାବଳି କେବଳ ଆଲୋକ ଏବଂ ମିଠାର ପର୍ବ ନ ଥିଲା, ଏହା ଭାରତୀୟ ଅର୍ଥନୀତି ପାଇଁ ଉତ୍ସାହଜନକ ପରିବେଶ ଥିଲା। ଏହି ସମୟରେ ଦେଶର ବଜାରଗୁଡ଼ିକ ପୂର୍ବବର୍ଷ କାରବାରର ସମସ୍ତ ରେକର୍ଡ ଭାଙ୍ଗିଦେଇଛି। ଏଥର ସାରା ଦେଶରେ ୬ ଲକ୍ଷ କୋଟିରୁ ଅଧିକ ଟଙ୍କାର କାରବାର ହୋଇଛି। ଗତବର୍ଷ ଏହି ସମୟରେ ୪.୨୫ ଲକ୍ଷ କୋଟି ଟଙ୍କାର କାରବାର ହୋଇଥିବା ବେଳେ ଏଥର ଏଥିରେ ୨୫ ପ୍ରତିଶତ ବୃଦ୍ଧି ପାଇ ୬ ଲକ୍ଷ କୋଟିରୁ ଅଧିକରେ ପହଞ୍ଚିଛି। ଏହାକୁ ଦେଶର ବ୍ୟବସାୟ ଇତିହାସରେ ସବୁଠାରୁ ବଡ଼ ଉତ୍ସବ ବିକ୍ରି (ଫେଷ୍ଟିଭ୍ ସେଲ୍) ବୋଲି କୁହାଯାଉଛି। ଏହି ସମୟରେ ୫.୪୦ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ବିକ୍ରି ହୋଇଥିବା ବେଳେ ସେବା କ୍ଷେତ୍ରରେ ୬୫ ହଜାର କୋଟି ଟଙ୍କାର ରେକର୍ଡ କାରବାର ହୋଇଛି।



କନଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କ୍ୟାଟ୍)ର ସର୍ଭେ ରିପୋର୍ଟ ଅନୁଯାୟୀ, ଏହି ବମ୍ପର ବିକ୍ରି କୌଣସି ଗୋଟିଏ କ୍ଷେତ୍ର।।ରେ ସୀମିତ ନ ଥିଲା। ରାସନ ସାମଗ୍ରୀ ଠାରୁ ଆରମ୍ଭ କରି, ମୋଟର ଯାନ, ଇଲେକଟ୍ରୋନିକ୍ସ ସାମଗ୍ରୀ, ସୁନା ଏବଂ ରୁପା ଅଳଙ୍କାର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ବିକ୍ରି ବଟାରେ ଇତିହାସ ସୃଷ୍ଟି ହୋଇଛି। କ୍ୟାଟ୍ର ଜାତୀୟ ସଭାପତି ବି.ସି. ଭରତିଆ କହିଛନ୍ତି ଯେ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ କିଣାକିଣି ଜୋରଦାର ହୋଇଛି। ନବରାତ୍ରି (୨୯ ସେପଟେମ୍ବର)ରୁ ଦୀପାବଳି (୨୦ ଅକଟୋବର) ମଧ୍ୟରେ ହୋଇଥିବା କାରବାରକୁ ଫେଷ୍ଟିଭ୍ ସିଜିନ ରୂପେ ବିଚାର କରାଯାଉଛି। ଏହି ସମୟ ମଧ୍ୟରେ ସର୍ବାଧିକ କାରବାର ଗ୍ରସରି ଏବଂ ଏଫ୍‌ଏମ୍‌ସିଜି (ରାସନ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ)ର ଭାଗ ସର୍ବାଧିକ ୧୨%ଥିଲା। ଉତ୍ସବ ଋତୁରେ ସମୃଦ୍ଧିର ପ୍ରତୀକ ଭାବରେ ବିବେଚିତ ସୁନା ଏବଂ ରୁପା ଅଳଙ୍କାର କାରବାର ୧୦% ସହ ଦ୍ୱିତୀୟ ସ୍ଥାନରେ ରହିଛି। ▶ପୃଷ୍ଠା-୭

# ପଛକୁ ପଛ ଆସୁଛି ୩ ଲଘୁଚାପ

## ଧାନ କ୍ଷେତକୁ ବାତ୍ୟା ଓ ବର୍ଷା ଭୟ

■ ଭୁବନେଶ୍ୱର,୨୧।୧୦(ସମିସ): କ୍ଷେତରେ ଲହଡ଼ି ଭାଙ୍ଗୁଛି ଧାନ ଫସଲ। କିଛି ଅଞ୍ଚଳରେ ଧାନ ପାଚିବା ପାଚିବା ଅବସ୍ଥାରେ ପହଞ୍ଚି ଥିବା ବେଳେ ଅନେକ ସ୍ଥାନରେ ପାଚିଲା ଧାନ କ୍ଷେତରେ ଲହଡ଼ି ମାରୁଛି। ଅନୁକୂଳ ମୌସୁମୀ ଯୋଗୁଁ ଚଳିତ ବର୍ଷ ଆଶାନୁରୂପ ଅମଳ ହେବ ବୋଲି ଚାଷୀ ଅନୁମାନ କରୁଛନ୍ତି। ଏହି ସମୟରେ ବଙ୍ଗୋପସାଗରରେ ପଛକୁ ପଛ ୩ଟି ଲଘୁଚାପ ରାଜ୍ୟର ଚାଷୀଙ୍କ ନିଦ ହଜାଇ ଦେବା ସହ ଚିନ୍ତା କାରଣ ପାଲଟିଛି। ବର୍ଷା କି ପବନ ହେଲେ ଧାନ କ୍ଷେତ ଗଭୀର ଭାବରେ ପ୍ରଭାବିତ ହେବ ଓ ଅମଳ କମିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି।

ସମ୍ପ୍ରତି ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇଛି। ବର୍ତ୍ତମାନ ଏହା ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ରହିଥିବା ବେଳେ ପଶ୍ଚିମ-ଉତ୍ତର ପଶ୍ଚିମକୁ ଦିଗକୁ କରୁଛି। ବୁଧବାର ଅପରାହ୍ଣ ସୁଦ୍ଧା ଏହା ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଣ୍ଟାରେ ଏହା ଘନୀଭୂତ ହୋଇ ଉତ୍ତର ତାମିଲନାଡୁ, ପୁଡୁଚେରୀ, ଦକ୍ଷିଣ ଆନ୍ଧ୍ର ଉପକୂଳ ଆଡକୁ ଗତି କରିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ନେଇ ମଧ୍ୟ ଆକଳନ କରାଯାଇଛି।

ମାତ୍ର ଏହି ଲଘୁଚାପ ପଛେପଛେ ପୁଣି ଏକ ଲଘୁଚାପ ସୃଷ୍ଟି ସମ୍ପର୍କରେ ପାଣିପାଗ ବିଜ୍ଞାନୀଙ୍କ ଆକଳନକୁ ନେଇ ସବୁ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି। ପାଣିପାଗ ବିଜ୍ଞାନୀମାନେ ଚଳିତ ସପ୍ତାହରେ ଆଉ ଏକ ଲଘୁଚାପ ନେଇ ଆକଳନ କରିଛନ୍ତି। ବିଭିନ୍ନ ମଡ଼େଲରେ ଏ ସମ୍ପର୍କରେ ପୂର୍ବାନୁମାନ କରାଯାଇଥିବାବେଳେ କିଛି ପାଣିପାଗ ବିଜ୍ଞାନୀ ରାଜ୍ୟରେ ବର୍ଷା ହେବା ଆଶଙ୍କା କରିଛନ୍ତି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଚଳିତ




ସପ୍ତାହରେ ବଙ୍ଗୋପସାଗରରେ ୨ ଟି ଲଘୁଚାପର ସମ୍ଭାବନା ରହିଛି। ବର୍ତ୍ତମାନ ଗୋଟିଏ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଆଉଗୋଟିଏ ଲଘୁଚାପ ଆଗକୁ ସୃଷ୍ଟି ହେବ। ବିଭିନ୍ନ ମଡେଲ୍ର ଆକଳନକୁ ଅନୁଧାନ କରି ପ୍ରଫେସର ପଶୁପାଳକ କହିଛନ୍ତି ଯେ ବଙ୍ଗୋପସାଗରରେ ଚଳିତ ସପ୍ତାହରେ ସମୁଦ୍ର ଓ ଉପରିସ୍ତ ବାୟୁଣ୍ଡଳର ପ୍ରତିକୂଳ ପରିସ୍ଥିତି ଯୋଗୁଁ ବର୍ତ୍ତମାନ ରହିଥିବା ଲଘୁଚାପ ୨୪ ତାରିଖ ସୁଦ୍ଧା ଘନୀଭୂତ ନ ହୋଇ ୨୪-୨୫ ମଧ୍ୟରେ ସମ୍ଭାବ୍ୟ ଦ୍ୱିତୀୟ ଲଘୁଚାପ ସହିତ ମିଶି ଅନ୍ୟ ଗୋଟିଏ ପାଣିପାଗ ନିୟାମକ (ସିଷ୍ଟମ) ହେବ। ତେବେ ଏହା କେବେ ଓ କେତେ ଘନୀଭୂତ ହେବ ଏବଂ ଗତିପଥ କ'ଣ ରହିବ ତାହା ବର୍ତ୍ତମାନ ଅନିଶ୍ଚିତତା ମଧ୍ୟରେ। ଏହା ୨୪ ତାରିଖ ବେଳକୁ ସ୍ପଷ୍ଟ ହେବ। ବର୍ତ୍ତମାନ ସାମୁଦ୍ରିକ ବାୟୁର ପ୍ରବାହ ଯୋଗୁଁ ଉତ୍ତରା ଥଣ୍ଡା ପବନ ରାଜ୍ୟକୁ ଆସିପାରୁ ନାହିଁ। ସପ୍ତାହେ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ। ଏହା ସହିତ ମଝିରେ ମଝିରେ ବର୍ଷା ଓ ମେଘୁଆ ପାଗର ମଧ୍ୟ ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି ଯେ ବର୍ତ୍ତମାନର ଲଘୁଚାପ ଦକ୍ଷିଣ-ପଶ୍ଚିମ ଆଡ଼କୁ ଗତି କରିବା ନେଇ ଜଣାପଡୁଛି। ଏହା ଆରବ ସାଗର ଆଡ଼କୁ ବି ଯାଇପାରେ। ଏହାର ପ୍ରଭାବରେ ଓଡ଼ିଶାରେ ୨୪ରୁ ୨୬ ଭିତରେ ବର୍ଷା ହୋଇପାରେ। ଆଭ୍ୟନ୍ତରୀଣ ଓଡ଼ିଶାରେ ମାତ୍ରାଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏହାପରେ ବଙ୍ଗୋପସାଗରରେ ଆଉ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଗୋଟିଏ ୨୬ ବା ୨୭ ତାରିଖରେ ଓ ଅନ୍ୟଟି ୨୮ ବା୨୯ ତାରିଖରେ ସୃଷ୍ଟି ହେବା ନେଇ ଜଣାପଡୁଛି। ୨୮-୨୯ ବେଳକୁ ସୃଷ୍ଟି ହେଉଥିବା ତୃତୀୟ ଲଘୁଚାପ କ୍ଷେତ୍ର ତାମିଲନାଡୁ ଆଡ଼କୁ ଗତି କରିପାରେ। ତେବେ ଦ୍ୱିତୀୟ ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ପଡ଼ିବାର ସମ୍ଭାବନା ଥିବା ସେ ପୂର୍ବାନୁମାନ କରିଛନ୍ତି। ଯଦିଓ ବର୍ତ୍ତମାନ ▶ପୃଷ୍ଠା-୭

# ଦୀପାବଳି ପ୍ରଦୂଷଣ: ଦିଲ୍ଲୀକୁ ଟପିଲା ଭୁବନେଶ୍ୱର



କେବଳ କାଗଜ କଲମରେ କଟକଣା, ୬୫୭ରେ ପହଞ୍ଚିଲା ବାୟୁର ଗୁଣବତ୍ତା

■ ଭୁବନେଶ୍ୱର,୨୧।୧୦(ସମିସ): ଦୀପାବଳି ବାଣ ପ୍ରଦୂଷଣରେ ଜାତୀୟ ରାଜଧାନୀ ଦିଲ୍ଲୀକୁ ଟପିଛି ଓଡ଼ିଶାର ରାଜଧାନୀ ଭୁବନେଶ୍ୱର। ପ୍ରଦୂଷଣକ୍ଷେତ୍ରରେ ସାରା ଦେଶରେ ଦିଲ୍ଲୀ ସବୁଠାରୁ ଅପଖ୍ୟାତି ଅର୍ଜନ କରିଥିବା ସମୟରେ ଭୁବନେଶ୍ୱର ତାହାକୁ ବି ଅତିକ୍ରମ କରିଛି। ଗତକାଲି ଏକ ସମୟରେ ବାୟୁର ଗୁଣବତ୍ତାମାନ ରାଜଧାନୀ ଭୁବନେଶ୍ୱରରେ ୬୦୦ ଏକ୍ୟୁଆଇ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ଅତିକ୍ରମ କରିଛି। ଯାହା ଅତ୍ୟନ୍ତ ଦୂଷିତ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଭାବରେ ଗଣାଯାଇଛି। ଅନ୍ୟପକ୍ଷରେ ଦ୍ୱୈତନଗରୀ କଟକ-ଭୁବନେଶ୍ୱର ପାଇଁ ଜାରି କମିଶନରେଟ ପୁଲିସର କଟକଣା କେବଳ କାଗଜକଲମରେ ସୀମିତ ରହିଛି।

ଦୀପାବଳି ଦିନ ଭୋର ସମୟରେ ମାତ୍ର ରାଜଧାନୀର ବାୟୁସ୍ତର ବେଶ୍ ସ୍ୱଚ୍ଛ ଥିଲା ଓ ଏକ୍ୟୁଆଇ ୮୪ ରହିଥିଲା। ଦିନ ୧୨ ଟା ସୁଦ୍ଧା ପଟିଆ ଅଞ୍ଚଳରେ ଏକ୍ୟୁଆଇ୧୦୫ ରହିଥିବା ବେଳେ ଲିଙ୍ଗରାଜ ମନ୍ଦିର ଏରିଆରେ ଏକ୍ୟୁଆଇ ୧୩୮ ରହିଥିଲା। ହେଲେ ସନ୍ଧ୍ୟାରେ ବାଣ ଫୁଟା ଆରମ୍ଭ ସହ ସହରର ପ୍ରଦୂଷଣ ବଢ଼ିବାକୁ ଲାଗିଥିଲା। ଏମିତି କି କିଛି କିଛି ସ୍ଥାନରେ ସନ୍ଧ୍ୟା ୭ଟା ସୁଦ୍ଧା ଏକ୍ୟୁଆଇ ୬୦୦ରେ ପହଁଚିଯାଇଥିଲା। ଏହି ପ୍ରଦୂଷଣର ମାତ୍ରା ରାତି ସାଢ଼େ ୧୧ଟା ବେଳକୁ ୬୫୭ରେ ପହଁଚିଥିଲା। ▶ପୃଷ୍ଠା-୭

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ଫେଲ୍ ହୋଇଥିଲା ପ୍ଲାନ୍ ‘ଏ’

■ ବ୍ରହ୍ମପୁର,୨୧।୧୦(ସମିସ): ଥରେ କି ଦୁଇଥର ନୁହେଁ, ପୀତବାସଙ୍କୁ ହତ୍ୟା ପାଇଁ ଅପରାଧୀମାନେ ବାରମ୍ବାର ଯୋଜନା କରିଥିଲେ। ପ୍ରଥମ ଯୋଜନା ପ୍ଲାନ୍ ‘ଏ’ ବିଫଳ ହେବା ପରେ ସୁପାରିଦାତା ପ୍ଲାନ୍ ‘ବି’ କାର୍ଯ୍ୟକାରୀ କରିଥିଲେ ଓ ଏହା ସଫଳ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ସୂଚନା ଅନୁସାରେ ପୀତବାସଙ୍କ ସହ ଶତ୍ରୁତାକୁ ନେଇ ଜଣେ ବ୍ୟକ୍ତି ତାଙ୍କୁ ହତ୍ୟା ଷଡ଼ଯନ୍ତ୍ର କରିଥିଲେ ଓ ପ୍ରଥମେ ବିହାରୀ ଯୁବକମାନଙ୍କୁ ଏଥିପାଇଁ ସୁପାରି ଦିଆଯାଇଥିଲା। ସେମାନେ ବିଫଳ ହେବା ପରେ ସ୍ଥାନୀୟ କିଛି ଅପରାଧୀ ଏହାର ସୁପାରି ନେଇଥିଲେ। ଏହି ସୂତ୍ରରୁ ମିଳିଥିବା ସୂଚନାନୁସାରେ ସୁପାରି ବାବଦ ଟଙ୍କାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ହତ୍ୟା ପାଇଁ ବିହାରୀ ସୁପାରିକିଲର୍ ଅଧିକ ଟଙ୍କା ଦାବି କରିବାରୁ ସେଥିରେ ଷଡ଼ଯନ୍ତ୍ରକାରୀ ରାଜି ହୋଇନଥିଲେ। ତେଣୁ ଡିଲ୍ ଚୂଡ଼ାନ୍ତ ନ ହେବାରୁ ସ୍ଥାନୀୟ ଅପରାଧୀଙ୍କୁ ବ୍ୟବହାର କରାଯାଇଥିଲା।

ଅନ୍ୟପକ୍ଷରେ ଖୁବ୍‌ଶୀଘ୍ର ଏହି ମାମଲାର ପର୍ଦ୍ଦାଫାସ ହେବ ବୋଲି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର କହିଛନ୍ତି। ସେ କହିଛନ୍ତି ଯେ

- ପୂର୍ବତନ ମେୟରଙ୍କ ସହ ୧୪ ଅଟକ, ୨ ବନ୍ଧୁକ ଜବତ
- ବିହାରୀ ନୁହେଁ ସ୍ଥାନୀୟ ଅପରାଧୀ ଭିଆଇଛନ୍ତି କାଣ୍ଡ
- ଖୁବ୍‌ଶୀଘ୍ର ପର୍ଦ୍ଦାଫାସ: ଆଇଜି

ପୁଲିସ କବ୍‌ଜାରେ ଥିବା ସାର୍ପସୁଟର୍ ଚିଣ୍ଟୁ, ରାଜେନ୍ଦ୍ର, କାଳୀ, ଯୋଗୀ, ବିନୟ, ପିଣ୍ଟୁ, ସୀମା, ମଳୟ, ମିଥୁନ, ମଦନଙ୍କୁ ଜେରା କରି ପୁଲିସ ବହୁ ତଥ୍ୟ ହାସଲ କରିଛି। ସେହି ତଥ୍ୟ ଆଧାରରେ ତଦନ୍ତ ଆଗକୁ ବଢୁଛି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ବ୍ରହ୍ମପୁର ▶ପୃଷ୍ଠା-୭

# ବିଦ୍ୟୁତ୍ ଆଘାତରେ ୩ ମୃତ

- ଭଜନ ଶୁଣିବାକୁ ଯାଇ ଗଲା ୨ ଜୀବନ
- ବରଗଡ଼ ଜେଲ୍‌ରେ କଏଦୀଙ୍କ ମୃତ୍ୟୁ

■ ସାକ୍ଷୀଗୋପାଳ/ବରଗଡ଼, ୨୧।୧୦(ସମିସ): ଗତ ୨୪ ଘଣ୍ଟାରେ ବିଦ୍ୟୁତ୍ ଆଘାତରେ ରାଜ୍ୟରେ ୩ଜଣଙ୍କ ମୃତ୍ୟୁ ହୋଇଛି। ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ବାମାବର୍ତ୍ତୀ ବାଙ୍ଗୀୟ ତନ୍ତ୍ରପୀଠ ମା’ ଦକ୍ଷିଣ କାଳୀ ମନ୍ଦିର ନିକଟରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବରଗଡ଼ ଜେଲ୍‌ର ଜଣେ ବିଚାରାଧୀନ କଏଦୀ ପ୍ରାଣ ହରାଇଛନ୍ତି।

ଦୀପାବଳି ରାତିରେ ବାମାବର୍ତ୍ତୀ ବାଙ୍ଗୀୟ ତନ୍ତ୍ରପୀଠ ମା’ ଦକ୍ଷିଣ କାଳୀଙ୍କ ମନ୍ଦିର ନିକଟରେ ବିଳମ୍ବିତ ରାତିରେ ପର୍ଯ୍ୟନ୍ତ ଏକ ଭଜନ ସଂଧ୍ୟା ଚାଲିଥିଲା। ରାତି ପ୍ରାୟ ୧୨ଟାରେ ମଞ୍ଚ ପାର୍ଶ୍ୱରେ ଜଣେ ପୁରୁଷ ଓ ଜଣେ ମହିଳା ଅସାବଧାନତା ବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ଗୁରୁତର ଆହତ ହୋଇଥିଲେ। ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ରର ଅଗ୍ନିକମାନେ ଦୁହିଁଙ୍କୁ ଚିକିତ୍ସା ନିମନ୍ତେ ବୀରଗୋବିନ୍ଦପୁର ଗ୍ରାମରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଦୀପସ୍ମିତା ରାୟ ପ୍ରାଥମିକ ଚିକିତ୍ସା ପରେ ଆହତଦ୍ୱୟଙ୍କୁ ଅଧିକ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସେଠାରେ ▶ପୃଷ୍ଠା-୭

# ବିଜେଡି ମହିଳା କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

■ ଜଗତସିଂହପୁର, ୨୧।୧୦ (ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପଟସରା ଗ୍ରାମର ବିଜେଡି କର୍ମୀ ରଶ୍ମିରଞ୍ଜିତା ପରିଜାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗ୍ରାମର ଅନିରୁଦ୍ଧ ରାଉତ ତାଙ୍କୁ ଘରୁ ଘୋଷାଡ଼ି ଆଣି ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ମାରିବା ସହ ତାଙ୍କ ମୁଣ୍ଡ ଫଟାଇ ଦେଇଛନ୍ତି। ଗାଁର କିଛି ପୁରୁଷ ଓ ମହିଳା ମଧ୍ୟ ସାମିଲ ହୋଇ ରଶ୍ମିଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଅଭିଯୋଗ ଆଧାରରେ ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅନିରୁଦ୍ଧ ରାଉତ ଗତକାଲି ନିଶା ସେବନ କରି ରଶ୍ମିଙ୍କ ଘର ନିକଟରେ ପହଞ୍ଚିଥିଲେ। ସେଠାରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ



ଘରୁ ବାହାରି ଆସିବାକୁ କହିଥିଲେ। ରଶ୍ମି ନ ଆସିବାରୁ ଅନିରୁଦ୍ଧ ତାଙ୍କ ଘର ଭିତରେ ପଶି ରଶ୍ମିଙ୍କୁ ବାହାରକୁ ଘୋଷାଡ଼ି ଆଣି ଗାଁ ଦାଣ୍ଡରେ ମାଡ଼ ମାରିଥିଲେ। ଏହା ଦେଖି ରଶ୍ମିଙ୍କ ସ୍ୱାମୀ ଦୁଃଖୀଶ୍ୟାମ ରାଉତ ଓ ▶ପୃଷ୍ଠା-୭

## ଘଟଣାକୁ ନବୀନଙ୍କ ଦୃଢ଼ ନିନ୍ଦା

### ଗ୍ରହଣୀୟ ନୁହେଁ ଅଶାନ୍ତି, ଆତଙ୍କରାଜ



■ ଭୁବନେଶ୍ୱର,୨୧।୧୦(ସମିସ): ଜଗତସିଂହପୁରରେ ବିଜୁ ଜନତା ଦଳର କର୍ମୀ ରଶ୍ମି ପରିଜାଙ୍କ ଉପରେ ହୋଇଥିବା ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ନିଜ ସୋସିଆଲ୍ ମିଡିଆ ଆକାଉଣ୍ଟରେ ନବୀନ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ମହିଳାଙ୍କ ଉପରେ ବଢୁଥିବା ଏପରି ଘଟଣା କଦାପି ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଶାନ୍ତିପ୍ରିୟ ଓଡ଼ିଶାରେ ଅଶାନ୍ତିର ଏ ବାତାବରଣ ଜନମାନସରେ ଆତଙ୍କ ସୃଷ୍ଟି କରିଛି। ରାଜ୍ୟରେ ଅସାମାଜିକ ବ୍ୟକ୍ତି ଅପରାଧ ଘଟାଇବାକୁ ଭୟ କରୁନାହାନ୍ତି; ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ସରକାର ଦୋଷୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଇନ ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥା ବଜାୟ ରଖନ୍ତୁ ବୋଲି ନବୀନ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

# ଚୌଦ୍ୱାର ଜେଲ୍‌ରେ ଗ୍ୟାଙ୍ଗ୍‌ୱାର୍ !

■କଟକ/ଚୌଦ୍ୱାର,୨୧।୧୧(ସମିସ): ଦଶହରା ରାତିରେ ୨ ଦୁର୍ଦ୍ଧାନ୍ତ ବିହାରୀ ଅପରାଧୀ ଜେଲ୍ କାନ୍ଥ ଡେଇଁ ଫେରାର୍ ହେବା ଘଟଣାକୁ ଦିନ କେଇଟା ବିତି ନଥିବା ବେଳେ ଗତକାଲି ଭୋର୍‌ରେ ଜଣେ କଏଦୀଙ୍କୁ ମରଣାନ୍ତକ




ଆକ୍ରମଣ, ପୁଣିଥରେ ଚୌଦ୍ୱାର ମଣ୍ଡଳ କାରାଗାର ପାଇଁ ବଦନାମ ଆଣିଛି। ଆକ୍ରମଣର ଶିକାର କଏଦୀଜଣଙ୍କ ହେଲେ, କବି ସେଠ। ସେ ୱାର୍ଡ ନମ୍ବର ୬୨ର ଅନ୍ତେବାସୀ। ଗତକାଲି ଭୋର୍‌ରେ ସେ ଶୋଇଥିବା ବେଳେ ଅନ୍ୟ ଜଣେ କଏଦୀ ତା’ ସେଲ୍‌ରେ ପଶି ଏକ ମାଙ୍କଡ଼ା ପଥର ତାଙ୍କ ମୁଣ୍ଡରେ ଛେଚି ଦେଇଛନ୍ତି। ଗୁରୁତର କବିଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡରେ ୩୫ଟି ଷ୍ଟିଚ୍ ପଡ଼ିଛି। ଜେଲ୍ ଭିତରେ ୨ ଗୋଷ୍ଠୀ ମଧ୍ୟରେ ବିବାଦରୁ କବିଙ୍କୁ ଏପରି ପ୍ରାଣାନ୍ତକ ଆକ୍ରମଣ ହୋଇଥିବା ଜଣାଯାଇଛି। ଏହି ବିବାଦର ସମାଧାନ ନ ହେଲେ

## କଏଦୀଙ୍କୁ ମରଣାନ୍ତକ ଆକ୍ରମଣ

ଆଗାମୀ ଦିନରେ ଗ୍ୟାଙ୍ଗ୍‌ୱାର୍‌ର ରୂପ ନେବାକୁ ଯାଉଥିବା କୁହାଯାଉଛି। ଅପରପକ୍ଷେ, ଜେଲ୍ ଭିତରେ ଗୋଟିଏ ପରେ ଗୋଟିଏ ବିଶୃଙ୍ଖଳା ଘଟିବା କର୍ତ୍ତୃପକ୍ଷଙ୍କ ପାରିବାପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାନୁସାରେ, ଜେଲ୍ ଭିତରେ ୨ଗୋଷ୍ଠୀ ମଧ୍ୟରେ ଦୀର୍ଘ ଦିନ ହେବ ଛକାପଞ୍ଝା ଲାଗି ରହିଥିଲା। ଗୁରୁତର କବି ଗୋଟିଏ ଗୋଷ୍ଠୀର ସମର୍ଥନରେ ରହିଥିବା ବେଳେ ଆକ୍ରମଣ କରିଥିବା କଏଦୀ ସନ୍ତୋଷ ସିହ୍ନା ଅନ୍ୟ ଏକ ଗୋଷ୍ଠୀର ବୋଲି ଜଣାପଡ଼ିଛି। ଗତ ରବିବାର ଜେଲ୍ ପକ୍ଷରୁ ସକାଳ ଜଳଖିଆ ଖାଇବାକୁ ଦିଆଯାଇଥିଲା। ଏହି ସମୟରେ ସନ୍ତୋଷ ଓ କବି ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ କବିର ଖାଇବା ଥାଳିକୁ ଫିଙ୍ଗି ଦେଇଥିଲା ସନ୍ତୋଷ। ନିଜର ସକାଳ ଜଳଖିଆ ତଳେ ପଡ଼ିଯିବା ପରେ କବି ଉତ୍‌କ୍ଷିପ୍ତ ହୋଇପଡ଼ିଥିଲା। ୨ଜଣ ମଧ୍ୟରେ ପେଲାଠେଲା ହୋଇଥିଲା। ପାଖରେ ଥିବା ଜମାଦାର ଓ ୱାର୍ଡର ପହଞ୍ଚି ୨ଜଣଙ୍କୁ ବୁଝାସୁଝା କରିବା ପରେ ଗଣ୍ଡଗୋଳ ଶାନ୍ତ ପଡ଼ିଥିଲା। ପରେ କବି ନିଜ ୱାର୍ଡକୁ ଯାଇଥିବା ବେଳେ ସନ୍ତୋଷ ୩ ନମ୍ବର ସେଲ୍‌କୁ ଯାଇଥିଲା। ତେବେ ରାଗ ଶୁଝାଇବାକୁ ସୁଯୋଗ ଖୋଜୁଥିବା ▶ପୃଷ୍ଠା-୭

# ରାଜ୍ୟରେ ବନ୍ଦ ହେବ ୫୬୩୦ ସ୍କୁଲ୍ !

## ପଶ୍ଚିମ ଓଡ଼ିଶାରୁ ୧୮୨୬; ନୂଆପଡ଼ାରେ ୧୫୬

■ ଭୁବନେଶ୍ୱର, ୨୧।୧୦(ସମିସ): ୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ କରିବେ ରାଜ୍ୟ ସରକାର। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ସର୍ଭେ ମଧ୍ୟ ସରିଛି। ରାଜ୍ୟସାରା ପ୍ରାୟ ୫୬୩୦ ବିଦ୍ୟାଳୟକୁ ବନ୍ଦ ସର୍ଭେ କରାଯାଇଥିବାବେଳେ କେବଳ ପଶ୍ଚିମ ଓଡ଼ିଶାର ୧୮୨୬ ବିଦ୍ୟାଳୟ ବନ୍ଦ କରିବା ପାଇଁ ଚିହ୍ନଟ ହୋଇଛି। ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଜିଲ୍ଲା କମିଟି ସୁପାରିଶ କରିଥିବାବେଳେ ନୂଆପଡ଼ା ଜିଲ୍ଲାର ୧୫୬ଟି ବିଦ୍ୟାଳୟ ଏହି ତାଲିକାରେ ରହିଛି। ସାଧାରଣ ନିର୍ବାଚନ ପୂର୍ବରୁ ବନ୍ଦ ସ୍କୁଲ୍‌ଗୁଡ଼ିକୁ ଖୋଲିବା ପାଇଁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାରକୁ ଆସିବା ପରେ ବିଦ୍ୟାଳୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିବାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଗତ ମାର୍ଚ୍ଚ ମାସରେ ବିଜ୍ଞପ୍ତି ଜାରି ହୋଇଥିଲା। ସେହି ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ କମ୍ ପିଲା ଥିବା ବିଦ୍ୟାଳୟର ଭିତ୍ତିଭୂମି ଯାଞ୍ଚ କରିବା ସହ ନିକଟସ୍ଥ ବିଦ୍ୟାଳୟ ସହ ଦୂରତା ସମ୍ପର୍କରେ ସର୍ଭେ କରାଯାଇଥିଲା। ତଦନୁଯାୟୀ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟ ଚିହ୍ନଟ ହୋଇଥିବାବେଳେ ବରଗଡ଼ ଜିଲ୍ଲାରେ ୨୭୩, ବଲାଙ୍ଗୀରରେ ୨୮୬, ବୌଦ୍ଧରେ ୧୪୫, ଝାରସୁଗୁଡ଼ାରେ ୧୦୭, ନୂଆପଡ଼ାରେ ୧୫୬, ସମ୍ବଲପୁରରେ ୨୩୩, ସୋନପୁରରେ ୧୪୪ ଓ ଦେବଗଡ଼ରେ ୮୫ଟି ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ଚିହ୍ନଟ କରାଯାଇଛି। କିଛି ସ୍ଥାନରେ ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ଆସନ୍ତା ୩୧ ତାରିଖ ମଧ୍ୟରେ ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନା କମିଟି ଓ ଗ୍ରାମବାସୀମାନେ ଏନେଇ ଜିଲ୍ଲାପାଳ ବା ଡିଇଓଙ୍କ ନିକଟରେ ଅଭିଯୋଗ କରିପାରିବେ ବୋଲି କୁହାଯାଇଛି। ବନ୍ଦ ହୋଇଥିବା ବିଦ୍ୟାଳୟ ଖୋଲିବା ପାଇଁ ନିର୍ବାଚନି ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାରକୁ ଆସିବା ପରେ ଦୋହରା ଆଭିମୁଖ୍ୟ ଆପଣାଇଛି। ଶିକ୍ଷାବିତ୍ ଓ ଅଭିଭାବକମାନେ ଏହାର ପ୍ରତିବାଦ କରିବା ସହ ସରକାରଙ୍କ ଏପରି ନିଷ୍ପତ୍ତି ଭାରି ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି।

## ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ


ଟୋକିଓ, ୨୧।୧୦ (ଏଜେନ୍ସି): ଲିବରାଲ ଡେମୋକ୍ରାଟିକ ପାର୍ଟି (ଏଲଡିପି) ନେତ୍ରୀ ସାନେ ତାକାଇଚି ମଙ୍ଗଳବାର ଜାପାନର ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି। ପ୍ରଥମ ମହିଳା ଭାବେ ସେ ଏହି କୃତିତ୍ୱ ହାସଲ କରିଛନ୍ତି। ସଂସଦର ନିମ୍ନ



ସଦନରେ ହୋଇଥିବା ନିର୍ବାଚନରେ ସେ ୨୩୭ ଭୋଟ ପାଇ ବିଜୟୀ ହୋଇଛନ୍ତି। ନିମ୍ନ ସଦନ ପରେ ସେ ଉଚ୍ଚ ସଦନରୁ ମଧ୍ୟ ନିର୍ବାଚିତ ହୋଇଥିଲେ। ଏଠାରେ ପ୍ରଥମ ପର୍ଯ୍ୟାୟରେ ସଂଖ୍ୟାଗରିଷ୍ଠତା ପାଇଁ ଗୋଟିଏ ଭୋଟ ପଛରେ ପଡ଼ି ଯାଇଥିଲେ। ତେଣୁ ଦ୍ୱିତୀୟ ପର୍ଯ୍ୟାୟରେ ସେ ୧୨୫-୪୬ ଭୋଟରେ ଜିତିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରି ବିଶ୍ୱ ନେତାମାନେ ତାକାଇଚିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନା ଅନୁଯାୟୀ ଏକ ଦୁର୍ବଳ ମେଣ୍ଟ ସହିତ ତାକାଇଚି ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସେ ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ସମର୍ଥକ ଏବଂ ଏକ ଦୃଢ଼ ସାମରିକ, କଠୋର ପ୍ରବାସୀ ନୀତି ଏବଂ ଜାପାନର ଶାନ୍ତିବାଦୀ ସମ୍ବିଧାନରେ ସଂଶୋଧନକୁ ସମର୍ଥନ କରନ୍ତି। ଚଳିତ ମାସ ପ୍ରାରମ୍ଭରେ ତାକାଇଚି ଏଲଡିପି ନେତ୍ରୀ ନିର୍ବାଚିତ ହୋଇଥିଲେ। ତାକାଇଚି ୨୦୨୧ ଏବଂ ୨୦୨୪ରେ ମଧ୍ୟ ପ୍ରଧାନମନ୍ତ୍ରୀ ହେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପର୍ଯ୍ୟାପ୍ତ ସମର୍ଥନ ପାଇପାରି ନଥିଲେ।

## ଅସରାନୀଙ୍କ ପରଲୋକ

ମୁମ୍ବାଇ, ୨୧।୧୦ (ଏଜେନ୍ସି): ବଲିଉଡର ପ୍ରଖ୍ୟାତ ଅଭିନେତା ଗୋବର୍ଦ୍ଧନ ଅସରାନୀଙ୍କ ପରଲୋକ ହୋଇଛି। ବ୍ଲକବଷ୍ଟର ଫିଲ୍ମ ସୋଲେର ଇଂରେଜ ଜେଲରର ଭୂମିକାରେ ଅଭିନୟ



କରିଥିବା ଅସରାନୀ ସୋମବାର ଦ୍ୱିପହର ୮୪ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଏହାର ଚାରି ଦିନ ପୂର୍ବରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଫୁସଫୁସରେ ପାଣି ଜମି ଯାଇଥିଲା ବୋଲି ଡାକ୍ତର କହିଥିଲେ। ଅସରାନୀଙ୍କ ମ୍ୟାନେଜର ବାବୁଭାଇ କହିଛନ୍ତି ଯେ ଅଭିନେତା ତାଙ୍କ ମୃତ୍ୟୁକୁ ଗୋପନ ରଖିବାକୁ ଚାହୁଁଥିଲେ। ଅନ୍ତିମ ସଂସ୍କାର ପରେ ସମସ୍ତଙ୍କୁ ଜଣାଇବାକୁ ପତ୍ନୀଙ୍କୁ କହିଥିଲେ। ତେଣୁ ଶାନ୍ତାକ୍ରୁଜର ଶାନ୍ତିନଗର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏଥିରେ କେବଳ ୧୫-୨୦ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସେ ନିଜ କ୍ୟାରିୟରରେ ଅଭିମାନ, ଚୁପକେ-ଚୁପକେ, ଛୋଟି ସି ବାତ, ଭୁଲ ଭୁଲୈୟା ସମେତ ୩୫୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଅସରାନୀଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅଭିନେତା ଅକ୍ଷୟ କୁମାର, ଅନୁପମ ଖେରଙ୍କ ସମେତ ଅନେକ ପ୍ରମୁଖ ବ୍ୟକ୍ତିବିଶେଷ ଗଭୀର ଶୋକ ପ୍ରକାଶ କରିଛନ୍ତି।

**ସୀମା ଟପିଲା ପ୍ରଦୂଷଣ ମାତ୍ରା**

# ଦିନରେ ବି ଦିଲ୍ଲୀ ଅନ୍ଧାର



### ୫ ବର୍ଷରେ ସର୍ବାଧିକ; ବାୟୁ ବିଷାକ୍ତ
### ପଞ୍ଜାବ ଉପରେ ଦୋଷ ଲଦିଲେ ଦିଲ୍ଲୀମନ୍ତ୍ରୀ
### ପାଳ ଜଳାଇବାରୁ ବଢ଼ିଲା ପ୍ରଦୂଷଣ
### ବିଜେପିକୁ ନିଶାଣ କଲା ଆପ୍

ନୂଆଦିଲ୍ଲୀ, ୨୧।୧୦ (ଏଜେନ୍ସି): ଦୀପାବଳି ପରେ ଦିଲ୍ଲୀ ବାୟୁ ବିଗିଡ଼ି ଯାଇଛି। ଦିନରେ ବି ଅନ୍ଧାର ଛାଇ ହୋଇ ରହିଛି। ଆକାଶ ଧୂଆଁମୟ ହୋଇ ଯାଇଥିବାରୁ ଦୃଶ୍ୟମାନ କ୍ଷମତା ହ୍ରାସ ପାଇଯାଇଛି। ବାୟୁ ଗୁଣବତ୍ତା ଦ୍ରୁତଗତିରେ ହ୍ରାସ ପାଇ ବିଷାକ୍ତ ହୋଇଯାଇଛି। ନିଃଶ୍ୱାସପ୍ରଶ୍ୱାସ ନେବା ମଧ୍ୟ କଠିନ ହୋଇଯାଇଛି। ପ୍ରଦୂଷଣ ସ୍ତର ତଥା ପିଏମ ୨.୫ ଗତ ୫ ବର୍ଷରେ ସର୍ବାଧିକ ରହିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନୁଯାୟୀ, ଦୀପାବଳି ପରେ ଗତ ୨୪ ଘଣ୍ଟାରେ ବାୟୁରେ ପିଏମ ୨.୫ ସ୍ତର ୪୮୮ ଗ୍ରାମ ପ୍ରତି କ୍ୟୁବିକ ମିଟର ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ପର୍ବ ପୂର୍ବରୁ ଏହା ୧୫୬.୬ ମାଇକ୍ରୋଗ୍ରାମ ଥିଲା। ସେହିପରି ୨୦୨୧ରେ ଦୀପାବଳି ପରେ ଦିଲ୍ଲୀରେ ପିଏମ ୨.୫ ସ୍ତର ୪୫୪.୫ ଥିଲା। ଏହା ୨୦୨୨ରେ ୧୬୮, ୨୦୨୩ରେ ୩୧୯.୭ ଏବଂ ୨୦୨୪ରେ ୨୨୦ ରେକର୍ଡ କରାଯାଇଥିଲା।

ଅନ୍ୟପକ୍ଷରେ ଦୀପାବଳି ଦିନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଙ୍ଘନ କରାଯାଇଥିଲା। ଦିଲ୍ଲୀ-ଏନସିଆରରେ ସାରା ରାତି ବାଣ ଫୁଟାଯାଇଥିଲା। ଏହି କାରଣରୁ ମଙ୍ଗଳବାର ସକାଳେ ଦିଲ୍ଲୀ-ଏନସିଆରର ବାୟୁ ବିଷାକ୍ତ ହୋଇଗଲା। ସିପିସିବି ଅନୁଯାୟୀ ଦ୍ୱାରକାରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୧୭ରେ ପହଞ୍ଚି ଯାଇଛି। ଏହା ମଧ୍ୟରେ ପ୍ରଦୂଷଣକୁ ନେଇ ଟଣାଓଟରା ଆରମ୍ଭ ହୋଇଯାଇଛି।

ଏଥିପାଇଁ ଦିଲ୍ଲୀର ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା ପଞ୍ଜାବ ସରକାରଙ୍କୁ ଦାୟୀ କରିଛନ୍ତି। ସେ ସାମ୍ବାଦିକ ସମ୍ମିଳନୀରେ ସେ ପଞ୍ଜାବରେ ନଡ଼ା ଜାଳିବାର ଭିଡିଓ ଦେଖାଇ ଥିଲେ। କହିଥିଲେ ଯେ ପଞ୍ଜାବର ଆମ ଆଦମୀ ପାର୍ଟି (ଆପ୍) ସରକାର ଚାଷୀମାନଙ୍କୁ ସେମାନଙ୍କ କ୍ଷେତରେ ପାଳ ଜାଳିବାକୁ ବାଧ କରିଥିଲା। ଦୀପାବଳି ରାତିରେ ସର୍ବାଧିକ ପାଳ ଜଳା ଯାଇଥିଲା। ଏଥିପାଇଁ ଦିଲ୍ଲୀର ବାୟୁମଣ୍ଡଳ ପ୍ରଦୂଷିତ ହୋଇଥିଲା। ଆପ୍ ପକ୍ଷରୁ କୁହାଯାଇଛି ଯେ ବିଜେପି ସରକାର ପ୍ରଦୂଷଣ ନିୟନ୍ତ୍ରଣ କରିବାରେ ବିଫଳ ହୋଇ ଅନ୍ୟ ଉପରେ ଦୋଷ ଲଦୁଛନ୍ତି। ବେଆଇନ ବାଣ କାରବାର ରୋକିବାରେ ବିଫଳ ହୋଇଛନ୍ତି। ପ୍ରଦୂଷଣର ତଥ୍ୟ ମଧ୍ୟ ଲୁଚାଉଛନ୍ତି।

# ବିହାରରେ ନାହାନ୍ତି ମୁଖ୍ୟମନ୍ତ୍ରୀ ଚେହେରା

ପାଟନା, ୨୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନାମାଙ୍କନ ପ୍ରକ୍ରିୟା ସୋମବାର ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମୋଟ ୧,୩୧୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବୋଲି ନିର୍ବାଚନ କମିଶନ ସୂଚନା ଦେଇଛନ୍ତି। ତେବେ କ୍ଷମତାସୀନ ଏନ୍‌ଡିଏ ଏବଂ ବିରୋଧୀ ମହାମେଣ୍ଟ ଇଣ୍ଡିଆ ଏବଂ ଅନ୍ୟ ଦଳଗୁଡିକ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଚେହେରା ବିଷୟରେ କୌଣସି ଘୋଷଣା କରିନାହାନ୍ତି। ବିହାର ରାଜନୀତିରେ ପ୍ରଥମ ଥର ପାଇଁ ଏଭଳି ହୋଇଛି।



ସୂଚନା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୩୦୦ ରୁ ଅଧିକ ପ୍ରାର୍ଥୀଙ୍କ ନାମାଙ୍କନ ପ୍ରତ୍ୟାଖ୍ୟାନ କରାଯାଇଛି। ୬୧ ଜଣ ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ୨୪୩ ସଦସ୍ୟ ବିଶିଷ୍ଟ ବିଧାନସଭା ମଧ୍ୟରୁ ୧୨୧ ଆସନ ପାଇଁ ନଭେମ୍ବର ୬ ତାରିଖରେ ଏବଂ ଦ୍ୱିତୀୟ ପର୍ଯ୍ୟାୟର ୧୨୨ ଆସନ ପାଇଁ ନଭେମ୍ବର ୧୧ ତାରିଖରେ ଭୋଟ୍ ହେବ। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରାର୍ଥୀଙ୍କ ସ୍ଥିତି ଅକ୍ଟୋବର ୨୩ ସୁଦ୍ଧା ସ୍ପଷ୍ଟ ହେବ। ତେବେ ଏ ପର୍ଯ୍ୟନ୍ତ ମହାମେଣ୍ଟର କଳି ଛିଡ଼ି ପାରିନାହିଁ। ଶେଷ ଦିନ ସୁଦ୍ଧା ଇଣ୍ଡିଆ ମେଣ୍ଟ ଭିତରେ ବିଭାଜନ, ଟିକେଟ ବଣ୍ଟନକୁ ନେଇ ଅସନ୍ତୋଷ ଏବଂ ଆଭ୍ୟନ୍ତରୀଣ ବିଦ୍ରୋହ ଜାରି ରହିଛି। ଆରଜେଡି ପ୍ରଥମ ଥର ପାଇଁ ନାମାଙ୍କନ ଶେଷ ତାରିଖର ସାତ ଘଣ୍ଟା ପୂର୍ବରୁ ୧୪୩ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ଏହା ପୂର୍ବରୁ ଦଳର ପ୍ରାର୍ଥିମାନେ ନାମାଙ୍କନ ଦାଖଲ କରିବା ଜାରି ରଖିଛନ୍ତି।

୨୪୩ ଆସନ ପାଇଁ ମହାମେଣ୍ଟର ୨୫୪ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି, । ବିକାଶଶୀଳ ଇନସାନ ପାର୍ଟି (ଭିଆଇପି) ଯୋଗୁଁ ଏପରି ହୋଇଛି। ଆରଜେଡି ୧୪୩ ଜଣ, କଂଗ୍ରେସ ୬୧ ଜଣ, ସିପିଆଇ(ଏମ୍) ୨୦ ଜଣ, ସିପିଆଇ ୯ ଜଣ, ସିପିଏମ୍ ୬ ଜଣ ଏବଂ ମୁକେଶ ସାହାନିଙ୍କ ଦଳ ୧୫ ଜଣ ପ୍ରାର୍ଥୀଙ୍କୁ ପ୍ରାର୍ଥୀ କରିଛି। ପରସ୍ପର ବିରୁଦ୍ଧରେ ୧୨ ଜଣ ପ୍ରାର୍ଥୀଙ୍କୁ ପ୍ରାର୍ଥୀ କରାଯାଇଛି। ବିହାର ନିର୍ବାଚନରେ ପ୍ରଥମ ଥର ପାଇଁ ଏନଡିଏ ଏବଂ ଇଣ୍ଡିଆ ଟିକେଟ ବଣ୍ଟନ ସମ୍ପର୍କରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରି ନ ଥିଲେ। ସମସ୍ତ ଦଳ ନାମାଙ୍କନର ଶେଷ ସମୟ ପର୍ଯ୍ୟନ୍ତ ତାଲିକା ପ୍ରକାଶ କରି ଚାଲିଥିଲେ। ମୁଖ୍ୟମନ୍ତ୍ରୀ ମୁହଁକୁ ନେଇ ଏନଡିଏ ଏବଂ ଇଣ୍ଡିଆ ମଧ୍ୟରେ ଟଣାଓଟରା ଚାଲିଛି। ପ୍ରଥମ ଥର ପାଇଁ ଉଭୟ ପକ୍ଷରୁ କୌଣସି ନାମ ପ୍ରକାଶ କରାଯାଇ ନାହିଁ।

## ବିଜେପି ବିରୋଧରେ ପ୍ରଶାନ୍ତଙ୍କ ଅଭିଯୋଗ

### ଧମକ ପାଇ ମୋ ଲୋକ ପ୍ରାର୍ଥିପତ୍ର ପ୍ରତ୍ୟାହାର କରୁଛନ୍ତି

ପାଟନା, ୨୧।୧୦ (ଏଜେନ୍ସି): ଜନ ସୁରାଜ ଦଳ ମୁଖ୍ୟ ପ୍ରଶାନ୍ତ କିଶୋର ବିଜେପି ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ସେ କହିଛନ୍ତେ ଯେ ବିହାରରେ ସୁରଟ ଭଳି ଘଟଣାର ପୁନରାବୃତ୍ତି ହୋଇଛି। ଲୋକସଭା ନିର୍ବାଚନରେ ଯେଉଁ ଭଳି ଭାବେ ବିଜେପି ସୁରଟରେ ସବୁ ବିରୋଧୀ ପ୍ରାର୍ଥୀଙ୍କୁ ବସାଇ ଦେଇଥିଲା ସେହିଭଳି ଏଠାରେ ମଧ୍ୟ କରିଛି। ଏହି ଦଳ ଧମକ ଦେଇ ଜନ ସୁରାଜର ତିନି ପ୍ରାର୍ଥୀଙ୍କୁ ବସାଇ ଦେଇଛି। ନିର୍ବାଚନ ନ ଲଢ଼ିବା ପାଇଁ ସେମାନଙ୍କୁ ବାଧ କରାଯାଇଛି। ବିଜେପିର ପ୍ରମୁଖନେତାମାନେ ଚାପ ପକାଇ ଦାନାପୁର, ଗୋପାଳଗଞ୍ଜ ଏବଂ ବ୍ରହ୍ମପୁର ସିଟ୍‌ର ଜନ ସୁରାଜ ପ୍ରାର୍ଥୀଙ୍କୁ ପ୍ରାର୍ଥିପତ୍ର ଦାଖଲ କରିବାକୁ ଦେଇନାହାନ୍ତି କିମ୍ବା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାକୁ ବାଧ କରିଛନ୍ତି। ଜନ ସୁରାଜର ପ୍ରାର୍ଥୀମାନଙ୍କୁ ବିଜେପି ନେତା ଭେଟୁଥିବାର ଫଟୋ ମଧ୍ୟ ସେ ଜାରି କରିଛନ୍ତି। ସେ ସେଖପୁରା ହାଉସ୍‌ରେ ସାମ୍ବାଦିକ ସମ୍ମିଳନୀ କରି ଭୟରେ ଏହି ପ୍ରାର୍ଥିମାନେ ପ୍ରାର୍ଥିପତ୍ର ଦାଖଲ କରି ନ ଥିବା କିମ୍ବା ପ୍ରତ୍ୟାହାର କରିଥିବା କହିଛନ୍ତି।

ପ୍ରଶାନ୍ତ କିଶୋର କହିଛନ୍ତି ଜିଏ ଜିତିଲେ ବି ସରକାର ଗଠନ କରିବାର ଅପକୀର୍ତ୍ତି ବିଜେପି ପାଖରେ ରହିଛି। ଏଥିପାଇଁ ବିଜେପି ପ୍ରସିଦ୍ଧି ଲାଭ କରିଛି। ଦୀର୍ଘ ସମୟ ଧରି ଜନ ସୁରାଜକୁ ଭୋଟ୍ କଟା ଦଳ ଭାବରେ ନାମିତ କରିଥିବା ବିଜେପି ଏବେ ଜନ ସୁରାଜକୁ ହିଁ ସବୁଠାରୁ ଅଧିକ ଭୟଭୀତ କରୁଛି। ପ୍ରଥମ ମାମଲା ଦାନାପୁରରୁ ଆସିଥିଲା। ଏଠାରେ ଇଣ୍ଡିଆର ସଦସ୍ୟ ଥିବା ଅପରାଧୀକ ନେତାମାନେ ଜେଲ୍‌ରୁ ନିର୍ବାଚନ ଲଢ଼ନ୍ତି। ଏହି ଶକ୍ତିଶାଳୀ ନେତାମାନଙ୍କୁ ଭୟ କରି ଜନସାଧାରଣ ସ୍ଥାନୀୟ ବ୍ୟବସାୟୀ ଅଖିଳେଶ ଓରଫ ମୁକୁଲ ଶାହାଙ୍କୁ ଜନ ସୁରାଜ ଟିକେଟ୍ ଦେବାକୁ ନିଷ୍ପତ୍ତି ନେଇଥିଲେ। ସେ ମନୋଜ ଭାରତୀଙ୍କ ଠାରୁ ଜନ ସୁରାଜ ଚିହ୍ନ ଗ୍ରହଣ କରିଥିଲେ, କିନ୍ତୁ ତାଙ୍କ ନାମାଙ୍କନ ଦାଖଲ କରିପାରି ନଥିଲେ।

# ଲୋକପାଳଙ୍କୁ ଦରକାର ୫ କୋଟିର ବିଏମ୍‌ଡବ୍ଲ୍ୟୁ କାର୍

ନୂଆଦିଲ୍ଲୀ, ୨୧।୧୦ (ଏଜେନ୍ସି): ଭାରତର ଦୁର୍ନୀତି ନିରୋଧୀ ଶାଖା ଲୋକପାଳଙ୍କୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ଏହି ବିବାଦ ଲୋକପାଳଙ୍କ ବିଳାସପୂର୍ଣ୍ଣ ଗାଡ଼ି ସୌକ ପାଇଁ ହୋଇଛି। ବିଏମ୍‌ଡବ୍ଲ୍ୟୁ କାର୍ କିଣିବା ପାଇଁ ଲୋକପାଳ ଟେଣ୍ଡର ଜାରି କରିଛନ୍ତି। ଏହାକୁ ନେଇ ଦୁର୍ନୀତି ରୋକିବାକୁ ଗଠନ କରାଯାଇଥିବା ଏହି ସଂସ୍ଥାରେ ଭ୍ରଷ୍ଟାଚାର ଚାଲିଥିବା ଚର୍ଚ୍ଚା ହେଉଛି। ଗତ ୧୬ ତାରିଖରେ ୭ଟି ହାଇ-ଏଣ୍ଡ ବିଏମଡବ୍ଲ୍ୟୁ ଲଙ୍ଗ ହ୍ୱିଲ୍ ବେସ୍ (ଏଲ୍‌ଡବ୍ଲ୍ୟୁବି) କ୍ରୟ କରିବା ପାଇଁ ସାର୍ବଜନୀନ ଟେଣ୍ଡର ଜାରି କରାଯାଇଥିଲା। ନିଜର ପ୍ରଶାସନିକ ଏବଂ ଲଜିଷ୍ଟିକ ବ୍ୟବସ୍ଥାକୁ ମଝବୁତ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଥିଲା। ତେବେ ଟେଣ୍ଡରରେ ଗୋଟିଏ କାର୍‌ର ମୂଲ୍ୟ ୭୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଧାର୍ଯ୍ୟ କରାଯାଇଥିଲା। ଏଭଳି ୭ଟି କାର୍ କ୍ରୟ କରାଯିବ। ଏହାର ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ।

ସମସ୍ତଙ୍କ ପାଇଁ ଟେଣ୍ଡର ପ୍ରକ୍ରିୟା ଖୋଲାଯାଇଛି। ଇଚ୍ଛୁକ ପକ୍ଷମାନଙ୍କୁ ନଭେମ୍ବର ୭ ତାରିଖ ସୁଦ୍ଧା ଟେଣ୍ଡର ଜମା କରିବାକୁ କୁହାଯାଇଛି। ଏହି ଦିନଠାରୁ ହିଁ ଟେଣ୍ଡର ଡକରା ଆରମ୍ଭ ହେବ। କାର୍ ଡେଲିଭରି ଦେବା ପରେ ଲୋକପାଳଙ୍କ ଡ୍ରାଇଭର ଏବଂ କର୍ମଚାରୀଙ୍କୁ ବିଏମ୍‌ଡବ୍ଲ୍ୟୁ ୭ ଦିନ ପାଇଁ ପ୍ରଶିକ୍ଷଣ ଦେବ। ଏଥିରେ ଗାଡ଼ିର ବ୍ୟବସ୍ଥା ଏବଂ ଉତ୍ତମ ପରିଚାଳନା ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦିଆଯିବ। ତେବେ ଏଭଳି ଟେଣ୍ଡର ଜନସାଧାରଣ ଏବଂ ବିରୋଧୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଲୋକେ ଏହାକୁ ବିରୋଧ କରୁଛନ୍ତି। ଲୋକପାଳ ନିରୋଧୀ ସଂସ୍ଥା ଏଭଳି ଗାଡ଼ି ଟିକସଦାତାଙ୍କ ଅର୍ଥ ବର୍ବାଦ କରୁଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ କଂଗ୍ରେସ ପ୍ରବକ୍ତା ଡ. ସାମା ମହମ୍ମଦ ବିଜେପି ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ



ନିଶାଣ କରିଛନ୍ତି। କଂଗ୍ରେସ ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ଗଠିତ ଏହି ସଂସ୍ଥା ଏବେ କେବଳ କାଗଜପତ୍ରରେ ଚାଲିଛି ଏବଂ ଟିକସଦାତା ଅର୍ଥକୁ ବର୍ବାଦ କରୁଥିବା ଅଭିଯୋଗ କରିଛନ୍ତି। ସାମା କହିଛନ୍ତି ଯେ ଏହା ସେହି ସଂସ୍ଥା ଯାହାକୁ 'ଦୁର୍ନୀତି ବିରୋଧରେ ଭାରତ' ଆନ୍ଦୋଳନ ପରେ ଦୁର୍ନୀତି ବିରୋଧୀ ଲଢେଇ ପାଇଁ ଗଠନ କରାଯାଇଥିଲା। ଏହି ଆନ୍ଦୋଳନକୁ ଆରଏସଏସ ସମର୍ଥନ ଦେଇଥିଲା। କଂଗ୍ରେସ ସରକାରଙ୍କୁ ଭୁଶୁଡ଼ାଇବା ଏହାର ଉଦ୍ଦେଶ୍ୟ ଥିଲା। ଏହି ଆନ୍ଦୋଳନ ପାଇଁ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହୋଇଥିଲେ। ସେ ଏଭଳି ଏକ ଲୋକପାଳ ଗଠନ କରିଥିଲେ ଯାହା କେବଳ କାଗଜପତ୍ରରେ ରହିଛି। ବର୍ତ୍ତମାନ ଟିକସଦାତାଙ୍କ ଟଙ୍କା ଉପଭୋଗ କରୁଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଲୋକପାଳରେ ଅଛନ୍ତି। ସେହିପରି ସାମାଜିକ କର୍ମୀ ତଥା ନେତା ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ ଦୀର୍ଘ ବର୍ଷ ହେଲା ଖାଲି ପଦବୀ ପୂରଣ ନ କରି ମୋଦୀ ସରକାର ଲୋକପାଳକୁ ନଷ୍ଟ କରିଦେଇଛନ୍ତି। ଦୁର୍ନୀତିକୁ ନେଇ ଚିନ୍ତିତ ନ ଥିବା ଏବଂ ବିଳାସପୂର୍ଣ୍ଣ ଜୀବନଯାପନରେ ଖୁସି ଥିବା ସଦସ୍ୟମାନଙ୍କୁଙ୍କୁ ଏଥିରେ ନିଯୁକ୍ତି ଦେଇଛନ୍ତି। ସେମାନେ ଏବେ ନିଜ ପାଇଁ ୭ଟି ବିଏମଡବ୍ଲ୍ୟୁ କାର୍ କିଣୁଛନ୍ତି!

ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀମାନେ ଏହି ବିଳାସପୂର୍ଣ୍ଣ କାର୍ କ୍ରୟକୁ ନେଇ ଦୁର୍ନୀତି ବିରୋଧୀ ସଂସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେମାନେ କହିଛନ୍ତି ଯେ ଦୁର୍ନୀତି ବିରୋଧୀ ଆନ୍ଦୋଳନରୁ ଲୋକପାଳ ଜନ୍ମ ହୋଇଥିଲା। ଏବେ ଏହାର ସଦସ୍ୟ ୫ କୋଟି ଟଙ୍କାର ଗାଡ଼ିରେ ବୁଲିବେ। ଏହା ବିଡ଼ମ୍ବନାର ବିଷୟ। ଦୁର୍ନୀତିର ଚୌକିଦାରରୁ ପୋଷା କୁକୁର ପାଲଟି ଯାଇଛନ୍ତି। ସଚ୍ଚୋଟତା କେବଳ ମରିନାହିଁ; ଏହା ଲୋପ ପାଇଯାଇଛି। ଅନ୍ୟ ଜଣେ ଲେଖିଛନ୍ତି ଯେ ଦୁର୍ନୀତି ଏବଂ ପରିବାରବାଦ ଆମ ବ୍ୟବସ୍ଥାରେ ଏତେ ଗଭୀର ଭାବରେ ଜଡ଼ିତ ଯେ କ୍ଷମତା ପାଇବା ପରେ ସମସ୍ତେ ସମାନ ଆଚରଣ କରନ୍ତି।



## ଭାଇରାଲ ଭିଡିଓକୁ ନେଇ ନୀତୀଶଙ୍କୁ ତେଜସ୍ୱୀଙ୍କ କଟାକ୍ଷ

ପାଟନା, ୨୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ମଧ୍ୟରେ ପୁଣିଥରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଚର୍ଚ୍ଚାର କେନ୍ଦ୍ରରେ ଅଛନ୍ତି। ତାଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏନ୍‌ଡିଏର ଏକ ବୈଠକରେ ୭୪ ବର୍ଷୀୟ ନୀତୀଶ ଜଣେ ମହିଳାଙ୍କୁ ସମ୍ମାନିତ କରୁଛନ୍ତି। ସେ ନମସ୍କାର କରି ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନ ଦେଉଛନ୍ତି। କିନ୍ତୁ ନୀତୀଶ ସେହି ମହିଳାଙ୍କୁ ଫୁଲମାଳ ପିନ୍ଧାଇବାକୁ ପ୍ରୟାସ କରୁଛନ୍ତି। ଜେଡିୟୁ ରାଜ୍ୟସଭା ସାଂସଦ ସଞ୍ଜୟ ଝା ଅଟକାଇବା ସତ୍ତ୍ୱେ ମୁ¬¬ଖ୍ୟମନ୍ତ୍ରୀ ମାନି ନ ଥିଲେ। ଫୁଲମାଳକୁ ମହିଳାଙ୍କ ହାତକୁ ପ୍ରଦାନ କରିବା ପାଇଁ କହିଥିଲେ। ଏହା କହିବାରୁ ନୀତୀଶ ତାଙ୍କୁ ଆଡ଼ ଆଖିରେ ଅନାଇ ଥିଲେ। ପରେ ନିଜେ ମାଳ ପିନ୍ଧାଇ ଶାନ୍ତ ହୋଇଥିଲେ। ଏହା ଦେଖି ଲୋକେ ସ୍ଲୋଗାନ ଦେଇଥିଲେ। ଏହି ସମୟରେ ନୀତୀଶ ମାଇକ୍ରୋ ଫୋନ ଧରି 'ସେ ଜଣ ଭଲ ଲୋକ' ବୋଲି କହିଥିଲେ। ଏହାକୁ ନେଇ ଆରଜେଡି ତଥା ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ନୀତୀଶଙ୍କୁ କଟାକ୍ଷ କରିଛନ୍ତି। ନୀତୀଶ ସୁସ୍ଥ ନାହାନ୍ତି ବୋଲି ଏହା ଦର୍ଶାଉଛି। ଯଦି ସେ ସୁସ୍ଥ ଅଛନ୍ତି ତେବେ ଏଭଳି କାହିଁକି ବ୍ୟବହାର କରୁଛନ୍ତି।

## କୋଠାରେ ନିଆଁ; ୪ ମୃତ

ମୁମ୍ବାଇ, ୨୧।୧୦ (ଏଜେନ୍ସି): ନଭି ମୁମ୍ବାଇର ଏକ କୋଠାରେ ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗି ଯାଇଛି। ଏଥିରେ ଗୋଟିଏ ପରିବାରର ୪ ସଦସ୍ୟଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୬ ବର୍ଷୀୟ ଶିଶୁ ସାମିଲ ରହିଛି। ସେହିପରି ୧୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ତେବେ ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଉଦ୍ଧାରକାରୀ ଦଳ ୧୫ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି।

ସୂଚନା ଅନୁଯାୟୀ ବାସି ସେକ୍ଟର-୧୪ ସ୍ଥିତ ରହେଜା ରେସିଡେନ୍ସି ବିଲ୍ଡିଂର ୧୦ ମହଲାରେ ଥିବା ଏକ ଫ୍ଲାଟରେ ନିଆଁ ଲାଗି ଯାଇଥିଲା। ଏହା ଦ୍ରୁତଗତିରେ ବ୍ୟାପି ୧୧ ଏବଂ ୧୨ ମହଲା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ଏହାର ସୂଚନା ପାଇବା ପରେ ନଭି ମୁମ୍ବାଇ ପୌରପାଳିକାର ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଅନେକ ଘଣ୍ଟା ପରେ ନିଆଁକୁ ଆୟତ କରିଥିଲା। କୋଠା ଭିତରୁ ୪ ମୃତଦେହ ଉଦ୍ଧାର କରାଯାଇଥିଲା। ଦୀପାବଳି ଦିନ ସହରର ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ହୋଇଥିବାର ମଧ୍ୟ ସୂଚନା ମିଳିଛି।

# ପଞ୍ଜାବର ପୂର୍ବତନ ଡିଜିଙ୍କ ବିରୋଧରେ ପୁଅ ହତ୍ୟା ଅଭିଯୋଗ

ପଞ୍ଚକୁଲା, ୨୧।୧୦ (ଏଜେନ୍ସି): ପଞ୍ଜାବର ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ (ଡିଜିପି) ମହମ୍ମଦ ମୁସ୍ତାଫା ଏବଂ ତାଙ୍କ ପତ୍ନୀ ତଥା ପୂର୍ବତନ ମନ୍ତ୍ରୀ ରେଜିଆ ସୁଲତାନାଙ୍କ ପୁଅ ଅକିଲ ଅଖତାର (୩୫)ଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା ନୂଆ ମୋଡ ନେଇଛି। ଏହି ମାମଲାର ତଦନ୍ତରେ ଭୟଙ୍କର ତଥ୍ୟ ସାମ୍‌ନାକୁ ଆସିଛି। ମନସା ଦେବୀ ପୁଲିସ ଏହି ଆଧାରରେ ଏବଂ ଭାଇ ସମସୁଦ୍ଦିନଙ୍କ ଅଭିଯୋଗରେ ବାପା ମହମ୍ମଦ ମୁସ୍ତାଫା, ମାଆ ରେଜିଆ, ସେମାନଙ୍କ ଝିଏ ଏବଂ ବୋହୂ ସମେତ ପରିବାରର ପାଞ୍ଚ ଜଣ ସଦସ୍ୟଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ଗତ ୧୬ ତାରିଖ ରାତିରେ ପଞ୍ଚକୁଲାରେ ଅକିଲଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ଔଷଧର ଓଭରଡୋଜ ଯୋଗୁଁ ପୁଅ ପ୍ରାଣ ହରାଇ ଥିଲା ବୋଲି ପରିବାର ପକ୍ଷରୁ କୁହାଯାଇଥିଲା। କିନ୍ତୁ ଅକିଲଙ୍କ ମୃତ୍ୟୁ ପୂର୍ବର ଏକ ଭିଡିଓ ସାମ୍‌ନାକୁ ଆସିଛି। ଏହା ମାମଲାକୁ ଅଧିକ ଜଟିଳ କରିଦେଇଛି। ଏକ ଅନୈତିକ ସମ୍ପର୍କ ପାଇଁ ପୁଅକୁ ହତ୍ୟା କରାଯାଉଥିଲା ବୋଲି କୁହାଯାଉଛି। ଭିଡିଓରେ ସେ କହିଥିଲେ ପରିବାର ସଦସ୍ୟ ତାଙ୍କୁ ହତ୍ୟା ଷଡ଼ଯନ୍ତ୍ର କରିଥିଲେ। ତାଙ୍କ ବାପା ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଥିବା ଅନୈତିକ ସମ୍ପର୍କ ବିଷୟରେ ଜାଣିସାରିଥିଲି। ସେ ମୋ ସ୍ତ୍ରୀ



ଥିଲେ, କିନ୍ତୁ ବିବାହ ଡାଡ୍‌ଙ୍କ ସହ ହୋଇଥିବା ପରି ଲାଗୁଥିଲା। ୨୦୧୮ ରେ ଡାଡ୍‌ଙ୍କୁ ସେ ଧରିଥିଲେ। କେମିତି ତାଙ୍କ ସ୍ତ୍ରୀ ଏବଂ ଡାଡ୍ ଏତେ ନିକଟତର ହେଲେ ଜାଣିନାହାନ୍ତି। କିନ୍ତୁ ବିବାହ ପରେ ସ୍ତ୍ରୀ ତାଙ୍କୁ ହାତ ମାରିବାକୁ ଦେଇ ନ ଥିଲା। ସେବେଠାରୁ ପରିବାର ସଦସ୍ୟମାନେ ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ଏହାକୁ ଆଧାର କରି ଅକିଲଙ୍କ ଭାଇ ପଞ୍ଚକୁଲା ପୁଲିସ କମିଶନରଙ୍କ ନିକଟକୁ ଅଭିଯୋଗ ପଠାଇ ଥିଲେ। ଏହି ଘଟଣାର ତଦନ୍ତ ଦାବି କରିଥିଲେ।

ଅକିଲଙ୍କ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଅଛି। ସେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ପ୍ରାକ୍ଟିସ କରୁଥିଲେ। ପଞ୍ଚକୁଲା ଡିସିପି ସୃଷ୍ଟି ଗୁପ୍ତା କହିଛନ୍ତି ଯେ ଜଣେ ଏସିପି-ର୍‍ୟାଙ୍କର ଅଧିକାରୀଙ୍କ ନେତୃତ୍ୱରେ ଏକ ଏସଆଇଟି ଗଠନ କରାଯାଇଛି। ଏହି ଟିମ୍ ମାମଲାର ତଦନ୍ତ କରିବ। କାରଣ ପରିବାର ବିରୋଧରେ ଗମ୍ଭୀର ଅଭିଯୋଗ କରାଯାଇଛି। ପୂର୍ବତନ ମନ୍ତ୍ରୀ ରେଜିଆ ସୁଲତାନା ମଧ୍ୟ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ ବୋଲି ଅଭିଯୋଗ ଆସିଛି। ପରିବାର ଏବଂ ଅକିଲାଙ୍କ ମଧ୍ୟରେ ବିବାଦ ଚାଲିଥିଲା ବୋଲି ସମସୁଦିନ ଅଭିଯୋଗ କରିଥିଲେ। ଅନୈତିକ ସମ୍ପର୍କର ପର୍ଦ୍ଦାଫାସ ହେବା ପରେ ତାଙ୍କ ମା ଏବଂ ଭଉଣୀ ସମେତ ତାଙ୍କ ସମଗ୍ର ପରିବାର ଅକିଲଙ୍କୁ ହତ୍ୟା କରିବାକୁ କିମ୍ବା ମିଥ୍ୟା ମାମଲାରେ ଫସାଇବାକୁ ଷଡ଼ଯନ୍ତ୍ର କରୁଥିଲେ। ଜୀବନ ପ୍ରତି ଭୟ ଥିବା ସେ ଅଭିଯୋଗ କରିଥିଲେ। ଏହା ପରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା।

# ଦୁର୍ଘଟଣାରେ ଗଲା ୪ ଜୀବନ

## ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ବାଇକ୍; ଦୁଇ ମୃତ

**ବାଲିବନ୍ଧ, ୨୧।୧୦(ସମିସ):** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥର ଝୁମ୍ପୁରା ଥାନା ଅନ୍ତର୍ଗତ ବାଲିବନ୍ଧ ପଞ୍ଚାୟତ ମୁରୁସୁଆଁ ନିକଟରେ ମଙ୍ଗଳବାର ଅପରାହ୍ଣରେ ଏକ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ବାରିଆ ଥାନା ସିଙ୍ଗବାଜୁଣୀ ଗ୍ରାମର ଭୂପତି ରାଉତ ଏବଂ ଯାଜପୁର ଅଞ୍ଚଳର ଆଶିଷ ଦାସ। ଦୁହେଁ ଏକ ବାଇକ୍‌ରେ ମୁଳି ପଟୁ ଝୁମ୍ପୁରା ଅଭିମୁଖେ ଆସୁଥିଲେ। ମୁରୁସୁଆଁ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଡିଭାଇଡର୍‌ରେ ପିଟି ହେବା ପରେ ପାଖରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁହିଁଙ୍କର ମୃତ୍ୟୁ ହୋଇଯାଇଥିଲା। ଝୁମ୍ପୁରା ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିବା ସହ ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ପଠାଇଛି।

## ବାଇକ୍‌କୁ ଧକ୍କାଦେଲା ହାଇୱା; ଦୁଇ ମୃତ

**ବଡ଼ବିଲ, ୨୧।୧୦(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ବିର୍ସାମୁଣ୍ଡା ଛକ ନିକଟରେ ଏକ ଦୁର୍ଘଟଣାରେ ଦୁଇଜଣଙ୍କର ପ୍ରାଣହାନି ହୋଇଛି। ମୃତକଦ୍ୱୟ ହେଲେ, ଦୀପକ ମହାକୁଡ଼ (୨୭) ଓ ଦେବାଶିଷ ଆପଟ (୩୧)। ସୋମବାର ସନ୍ଧ୍ୟାରେ ବୋଲାଣି ଥାନା ହରମଠ ଗ୍ରାମର ଦୀପକ ଓ ଦେବାଶିଷ କୌଣସି କାମରେ ଏକ ବାଇକ୍(ଓଡି଼୦୯କେ୯୫୭୨)ରେ ବଡ଼ବିଲରୁ ଘରକୁ ଫେରୁଥିଲେ। ବିର୍ସାମୁଣ୍ଡା ଛକ ନିକଟରେ ଏକ ହାଇୱା (ଓଡି୧୪ଏଜି୧୬୫୪) ସେମାନଙ୍କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଥିଲା। ଘଟଣାସ୍ଥଳରେ ଦୀପକଙ୍କ ମୃତ୍ୟୁ ହୋଇଯାଇଥିଲା। ଦେବାଶିଷଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ବଡ଼ବିଲ ପୁଲିସ ଗାଡ଼ିଦ୍ୱୟକୁ ଜବତ କରି ତଦନ୍ତ ଚଳାଇଛି।

**ଅପର୍ଣ୍ଣା ହତ୍ୟା ମାମଲା**

# ଝାରପଡ଼ା ଜେଲ୍‌ରେ ଦୀପକକୁ ଝାଳବୁହା ଜେରା

**ଭୁବନେଶ୍ୱର, ୨୧।୧୦ (ସମିସ):** ମହିଳା ଟ୍ରାଫିକ୍ କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟା ଘଟଣାରେ ଗିରଫ କନେଷ୍ଟବଳ ସ୍ୱାମୀ ଦୀପକ ରାଉତର ଅଡୁଆ ବଢ଼ିଛି। ପ୍ରଥମ ପତ୍ନୀ ଅପର୍ଣ୍ଣା ରାଉତ ହତ୍ୟା ମାମଲାରେ ଦୀପକ ପ୍ରଥମଥର ପାଇଁ ତଦନ୍ତର ସାମ୍ନା କରିଛି। ଅପର୍ଣ୍ଣା ହତ୍ୟା ମାମଲାର ତଦନ୍ତ କରୁଥିବା କଟକ ଗ୍ରାମାଞ୍ଚଳ ପୁଲିସ ମୁଖ୍ୟାଳୟର ଡିଏସପି ଅଜୟ କୁମାର ଦାସ ଝାରପଡ଼ା ଜେଲରେ ଦୀପକକୁ ପଚରାଉଚରା କରିଛନ୍ତି। ଦୀର୍ଘ ୩ଘଣ୍ଟା ଧରି ଜେରା କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛନ୍ତି। ସେପଟେ ଘଟଣା ସହ ଜଡ଼ିତ ସମସ୍ତଙ୍କୁ ପଚରାଉଚରା ସରିଥିବା ବେଳେ ଡାକ୍ତରଙ୍କ ଚୂଡ଼ାନ୍ତ ମତାମତ ମଧ୍ୟ ଆସିଯାଇଛି।

ଡାକ୍ତରଙ୍କ ଚୂଡ଼ାନ୍ତ ରିପୋର୍ଟରୁ ପୁଲିସକୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ପୁନଃ ଯାଞ୍ଚ ପରେ ମଧ୍ୟ ତାହା ଦୁର୍ଘଟଣାଜନିତ କ୍ଷତ ନୁହେଁ ବୋଲି ଜଣାପଡ଼ିଛି। ଚୂଡ଼ାନ୍ତ ରିପୋର୍ଟ ହାତରେ ଲାଗିବା ପରେ ତଦନ୍ତକୁ ଜୋରଦାର୍ କରିଛି ପୁଲିସ। ତଦନ୍ତକାରୀ ଅଧିକାରୀ ଶ୍ରୀ ଦାସ ଗତକାଲି ଝାରପଡ଼ା ଜେଲକୁ ଆସି ଦୀପକକୁ ପ୍ରଥମଥର ପାଇଁ ପଚରାଉଚରା କରିଛନ୍ତି। ଅପର୍ଣ୍ଣାଙ୍କ ଟ୍ରକ୍ ଧକ୍କା କରିଥିବା ନେଇ ଦୀପକ ଦେଇଥିବା ଏଫ୍‌ଆଇଆରରେ ଗୋଟିଏ କଥା ଉଲ୍ଲେଖ ରହିଥିବା ବେଳେ ତଦନ୍ତରେ ଭିନ୍ନ କଥା ସାମ୍ନାକୁ ଆସୁଛି। ପ୍ରଥମତଃ ଦୀପକ ଏତଲାରେ ଦର୍ଶାଇଥିବା ଟ୍ରକ୍, ଦୁର୍ଘଟଣା ଘଟାଇନଥିବା ସ୍ପଷ୍ଟ ହୋଇଥିବା ବେଳେ ଦୁର୍ଘଟଣା ସାକ୍ଷୀମାନେ ମଧ୍ୟ ଭିନ୍ନ ବୟାନ ଦେଇଛନ୍ତି। ମୋଟାମୋଟି କହିବାକୁ ଗଲେ, ଦୀପକ ଆଣିଥିବା ଅଭିଯୋଗ ଆଉ ପୁଲିସର ତଦନ୍ତ ମଧ୍ୟରେ ଆକାଶ ପାତାଳ ଫରକ ଦେଖାଦେଇଛି। ସେପଟେ, ଅପର୍ଣ୍ଣାଙ୍କ ମୃତ୍ୟୁ ପରେ ବୀମା ବାବଦକୁ ଦୀପକ ପ୍ରାୟ କୋଟିଏରୁ ଅଧିକ ଟଙ୍କା ପାଇଥିବାର ପ୍ରମାଣ ପାଇଛି ପୁଲିସ। ସେସବୁ ଟଙ୍କା କେଉଁ କେଉଁଠାରେ ବିନିଯୋଗ କରିଛି, କିପରି ଖର୍ଚ୍ଚ କରିଛି, ସେନେଇ ମଧ୍ୟ ପଚରାଉଚରା କରାଯାଇଛି। ଏସବୁ ଦିଗକୁ ନେଇ ପୁଲିସ ଦୀପକକୁ ପଚରାଉଚରା କରିଛି। ଦିନ ୨ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଝାଳବୁହା ଜେରା କରିଛି ପୁଲିସ। ଏହି ୩ ଘଣ୍ଟାର ପଚରାଉଚରା ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାତେଇଛି ପୁଲିସ। ଖୁବ୍‌ଶୀଘ୍ର ଦୀପକକୁ ରିମାଣ୍ଡରେ ନେବାକୁ ପୁଲିସ ଯୋଜନା କରିଛି।

ଅଭିଯୋଗ ଅନୁସାରେ, ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ଦୀପକ ଓ ପ୍ରଥମ ପତ୍ନୀ ଅପର୍ଣ୍ଣା (ରାଜସ୍ୱ ନିରୀକ୍ଷକ) କାର୍ ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିଲେ। ଅପର୍ଣ୍ଣା ପରିସ୍ରା କରିବାକୁ କହିବାରୁ ଖୁଣ୍ଟୁଣି ଥାନା ଅନ୍ତର୍ଗତ ରାଧାକିଶୋରପୁରଠାରେ ଦୀପକ କାର ରଖିଥିଲା। ଅପର୍ଣ୍ଣା ପରିସ୍ରା କରିବାକୁ ଯାଉଥିବା ବେଳେ ଟ୍ରକ୍ ଧକ୍କାରେ ଆହତ ହୋଇଥିଲେ। ଦୀପକ ତାଙ୍କୁ ପ୍ରଥମେ କଟକସ୍ଥିତ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲା ଓ ସେଠାରେ ଅପର୍ଣ୍ଣାଙ୍କ ମୃତ୍ୟୁ ହୋଇଯାଇଥିଲା। ମର୍କତନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ କଟକ ବଡ଼ ଡ଼ାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଅପର୍ଣ୍ଣାଙ୍କୁ ଓଡି-୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ ଧକ୍କା ଦେଇଥିବା ଦୀପକ ଖୁଣ୍ଟୁଣି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ଦୀପକ ଟ୍ରକ୍ ମାଲିକଙ୍କୁ ଟଙ୍କା ଦେଇ ମିଛ କହିବାକୁ କହିଥିଲା ବୋଲି ସେତେବେଳେ ଟ୍ରକ୍ ମାଲିକ ବୟାନ ଦେଇଥିଲେ। ଦୀପକ ଦେଇଥିବା ଟ୍ରକର ସଂପୃକ୍ତି ନ ମିଳିବାରୁ ପୁଲିସ ଏଫ୍‌ଆରଟି ନୋ କ୍ଲୁ କରି ମାମଲାକୁ ବନ୍ଦ କରି ଦେଇଥିଲା। ଏବେ ଦ୍ୱିତୀୟ ପତ୍ନୀ ଶୁଭମିତ୍ରା ହତ୍ୟାକାଣ୍ଡରେ ଦୀପକ ଗିରଫ ହେବାପରେ ଅପର୍ଣ୍ଣାଙ୍କୁ ମଧ୍ୟ ହତ୍ୟା କରିଥିବା ଭଉଣୀ ରୋଜାଲିନ କରିବା ପରେ ଖୁଣ୍ଟୁଣି ଥାନା ମାମଲା ରୁଜୁ କରି ତଦନ୍ତ କରୁଛି।

ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଅଜୟ ଦାସ ଦୁର୍ଘଟଣା ମାମଲାର ସମସ୍ତ ନଥିପତ୍ରକୁ ଜବତ କରିବା ସହ ଅପର୍ଣ୍ଣାଙ୍କ ପରିବାରର ୮ଜଣ ସଦସ୍ୟ, ଦୁର୍ଘଟଣା ମାମଲାର ତଦନ୍ତକାରୀ ଅଧିକାରୀ, ସାକ୍ଷୀ ଓ ତତ୍କାଳୀନ ଖୁଣ୍ଟୁଣି ଥାନା ଅଧିକାରୀଙ୍କୁ ପଚରାଉଚରା କରିଥିଲେ। ଅପର୍ଣ୍ଣାଙ୍କୁ ମୃତ ଘୋଷଣା କରିଥିବା ଡାକ୍ତର ଓ ମୃତଦେହକୁ ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ଏଥିସହ ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିବା ଦୀପକର ଭାଇ, ଭାଉଜଙ୍କ ସମେତ ଅନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ଦୀପକର ଧରମଭଉଣୀ ତଥା କମିସନରେଟ ପୁଲିସରେ କାର୍ଯ୍ୟରତ ଜଣେ ମହିଳା କନେଷ୍ଟବଳଙ୍କୁ ମଧ୍ୟ ଜେରା କରିଥିଲା ପୁଲିସ। ସେପଟେ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ପୁନଃ ଯାଞ୍ଚ କରାଯାଇଥିଲା। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଆଉ ଥରେ ଯାଞ୍ଚ କରି ଏକ ରିପୋର୍ଟ ପ୍ରଦାନ କରିଛନ୍ତି।

**ଦୀପାବଳି ହେଲା ରକ୍ତରଞ୍ଜିତ**

# ମଦ ନିଶାରେ ସ୍ତ୍ରୀକୁ ହାଣି ହତ୍ୟା



- ଝିଅକୁ ବି ଛାଡ଼ିଲାନି, ଟାଙ୍ଗିଆ ଚୋଟରେ ଗୁରୁତର
- ଗୁରୁତର ଝିଅକୁ କଟକ ସ୍ଥାନାନ୍ତର
- ଫେରାର୍ ବେଳେ ମାଡ଼ି ବସିଲା ପୁଲିସ

**ଦାନଗଦି/ଯାଖପୁରା,୨୧।୧୦(ସମିସ):** ମଦ ନିଶାରେ ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ମନ ଶାନ୍ତ ହେଲାନି ଯେ ପାଖରେ ଶୋଇଥିବା ଝିଅକୁ ବି ହାଣି ଗୁରୁତର କରିଦେଲା। ଦୀପାବଳି ରାତିରେ ସମସ୍ତେ ଭୋଜିଭାତରେ ମାତିଥିବା ବେଳେ ଯଖପୁରା ଥାନା ଅଞ୍ଚଳ ରାବଣା ଛକ ନିକଟ ଏକ ଇଟାଭାଟିରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଝାଡ଼ଖଣ୍ଡ ଅଞ୍ଚଳର କର୍ପୂରୀ ସୋରେନ। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସ୍ୱାମୀ ସୁନାରାମ ସୋରେନକୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାନୁସାରେ, ରାବଣା ଛକ ନିକଟ ଏକ ଇଟାଭାଟିରେ ଏହି ସୋରେନ୍ ଦମ୍ପତି କାମ ରକୁଥିଲେ। ସେମାନଙ୍କ ମଧ୍ୟରେ କିଛି ଦିନ ହେବ ମତାନ୍ତର, ମନାନ୍ତର ଘଟିଥିବାରୁ ପତ୍ନୀ କର୍ପୂରୀ ନିଜ ୭ବର୍ଷର ଝିଅ ଶୁଭ ସୋରେନକୁ ଧରି ଅଲଗା ରହୁଥିଲେ। ସୋମବାର ଦୀପାବଳି ଅବସରେ ଇଟାଭାଟିରେ ଭୋଜିଭାତ ଚାଲୁଥିଲା। ସବୁ ଶ୍ରମିକ ଭୋଜିଭାତରେ ସାମିଲ ହୋଇଥିଲେ। ମତାନ୍ତର ଭୁଲି ସୁନାରାମ ଓ କର୍ପୂରୀ ଏକାଠି ଭୋଜି ଖାଇଥିଲେ। ତେବେ ଅଚାନକ ପୂର୍ବ କଥାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ମଦନିଶାରେ ଥିବା ସୁନାରାମ ଉତ୍‌କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ କର୍ପୂରୀକୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତା'ର ମୃତ୍ୟୁ ହୋଇଯାଇଥିଲା। ଏତିକିରେ ସୁନାରାମର ରାଗ ଶାନ୍ତ ହେଲାନି। ପାଖ କ୍ୟାମ୍ପରେ ଶୋଇଥିବା ଝିଅ ଶୁଭକୁ ମଧ୍ୟ ଟାଙ୍ଗିଆରେ ହାଣି ପକାଇଥିଲା। ଚିତ୍କାର ଶୁଣି ଭୋଜିରେ ଥିବା ଅନ୍ୟମାନେ ଦୌଡ଼ି ଆସିବାରୁ ସୁନାରାମ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା।

ପାଖ ଲୋକେ ଝିଅକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଦାନଗଦି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

କଳିଙ୍ଗନଗର ଏଏସ୍‌ପି ସୁପ୍ରସନ୍ନ ମଲ୍ଲିକ ଓ ଯଖପୁରା ଥାନା ଅଧିକାରୀ ଅସିବ କୁମାର ସାହୁ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇଛି। ଅପରପକ୍ଷେ, ଘଟଣା ପରେ ଅଭିଯୁକ୍ତ ସୁନାରାମ ଫେରାର ହୋଇ ପଳାଉଥିବା ବେଳେ ୨୦ କିମି ଦୂର ଟମକା ଥାନା ମହୁଲମୂଳ ନିକଟରୁ ପୁଲିସ ତାକୁ ଗିରଫ କରିଛି। ପୁଲିସ ସୁନାରାମକୁ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ପାଇବା ପାଇଁ ପଚରାଉଚରା କରୁଛି। ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ହୋଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ଖୋଲା କୂଅରେ ପଡ଼ି ବୃଦ୍ଧ ମୃତ

**ମହୁଲଡିହା, ୨୧।୧୦ (ସମିସ):** ମହୁଲଡିହା ଥାନା ଅନ୍ତର୍ଗତ କେଶଡିହା ପଞ୍ଚାୟତ ବଡ଼ବାଲିପୋଷି ସାହିରେ ଖୋଲା କୂଅରେ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ସଦନ ହେମ୍ବ୍ରମ(୭୪)। ଘରଠାରୁ ଅଳ୍ପଦୂରରେ ଥିବା କୂଅକୁ ସଦନ ଗାଧୋଇବାକୁ ଯାଇଥିଲେ। ସେଠାରେ ପାଣି ଉଠାଉଥିବା ବେଳେ ଅସାବଧାନତାବଶତଃ କୂଅରୁ ଖସି ପଡ଼ିଥିଲେ। ପାଖରେ କେହି ନଥିବାରୁ ତାଙ୍କୁ ଉଦ୍ଧାର କରିବା ବିଳମ୍ବ ହୋଇଯାଇଥିଲା। ପରିବାରଲୋକ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅ ଡୁରାମ ହେମ୍ବ୍ରମ ମହୁଲଡିହା ଥାନାରେ ଅଭିଯୋଗ କରିବା ପରେ ଏଏସ୍‌ଆଇ ସନ୍ତୋଷ କୁମାର ନାଏକ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

**● ବିଜେଡି କର୍ମୀ ଅଟକର ପ୍ରତିବାଦ**

# ଫାଣ୍ଡି ଆଗରେ ଧାରଣା ଦେଲେ ପୂର୍ବତନ ମନ୍ତ୍ରୀ, ନେତା



**ଚିକିଟି, ୨୧।୧୦(ସମିସ):** ବିଜେଡି ସମର୍ଥିତ ରାମଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଉମା ରେଡ୍ଡୀଙ୍କୁ ପୁଲିସ ଅଟକ ରଖିଛି। ପ୍ରତିବାଦରେ ମଙ୍ଗଳବାର ଚିକିଟି ଫାଣ୍ଡି ଆଗରେ ପୂର୍ବତନ ମନ୍ତ୍ରୀ ଉଷା ଦେବୀଙ୍କ ସହ ବିଜେଡିର ଶତାଧିକ କର୍ମୀ ଓ ନେତା ଧାରଣା ଦେବା ସହ ପାଟିତୁଣ୍ଡ କରିଥିଲେ। ସୂଚନା ଅନୁସାରେ, ପୂର୍ବାହ୍ନରେ ପୁଲିସ ଉମା ରେଡ୍ଡୀଙ୍କୁ କୌଣସି ସ୍ୱଷ୍ଟ କାରଣ ନଥାଇ ଉଠାଇ ଫାଣ୍ଡିକୁ ଆଣିଥିଲା। ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ବିଜେଡି ଶିବିରରେ ଅସନ୍ତୋଷ ଦେଖାଦେଇଥିଲା। କ'ଣ ପାଇଁ ଓ କେଉଁ ମାମଲାରେ ତାଙ୍କୁ ଉଠାଇ ଅଣାଯାଇଛି, ସେନେଇ ପୁଲିସ ସ୍ୱଷ୍ଟ କରି ନଥିବାରୁ ଅପରାହ୍ଣରୁ ଫାଣ୍ଡି ଆଗରେ ବିଜେଡି କର୍ମୀମାନେ ଧାରଣାରେ ବସି ଜୋରଦାର ପ୍ରତିବାଦ ଜଣାଇଥିଲେ। ପୂର୍ବତନ ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ଉଷା ଦେବୀ, ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ସଂଗଠକ ସୁରେନ୍ଦ୍ର ମଣ୍ଡଳଙ୍କ ସହିତ ବହୁ ବିଜେଡି କର୍ମୀ ଧାରଣାରେ ଉପସ୍ଥିତ ଥିଲେ। ଘଟଣାସ୍ଥଳକୁ ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ ପହଞ୍ଚି ବିଜେଡି ନେତାମାନଙ୍କ ସହ ଆଲୋଚନା କରିଥିଲେ। ବିଳମ୍ବିତ ସନ୍ଧ୍ୟାରେ ଉମାଙ୍କୁ ପୁଲିସ ନୋଟିସ୍ କରି ଛାଡ଼ିବାରୁ ପ୍ରତିବାଦ ହଟିଥିଲା।

**● ଭାଇକୁ ମାରିବାକୁ ଗୋଡ଼ାଉଥିଲେ**

# ବୋମା ଫୁଟି ପୁଅର ଜୀବନ ଗଲା

**ଗୁରୁତର ବାପା ଏସ୍‌ସିବିରେ ଭର୍ତ୍ତି**

**କଣିହାଁ, ୨୧।୧୦ (ସମିସ):** ଭାଇକୁ ବୋମା ପକାଇ ମାରିବାକୁ ଗୋଡ଼ାଉଥିଲେ। କିନ୍ତୁ ବୋମା ଫାଟି ପୁଅର ଜୀବନ ଚାଲିଗଲା। ଅନୁଗୋଳ ଜିଲ୍ଲା ସମଲ ଥାନା କର୍ଣ୍ଣପାଳ ପଞ୍ଚାୟତର ଶିପୁର ଗାଁରେ ଏଭଳି ଏକ ଘଟଣା ଘଟିଛି। ମୃତକ ହେଲେ, ସେହି ଗ୍ରାମର ସରୋଜ ପ୍ରଧାନ (୨୬)। ଏହି ଅଘଟଣରେ ତାଙ୍କ ବାପା ପ୍ରବୋଧ ପ୍ରଧାନ(୫୫) ମଧ୍ୟ ଗୁରୁତର ଆହତ ହେଇଛନ୍ତି। ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ଡାହାଣ ହାତଟି ନଷ୍ଟ ହୋଇଯାଇଛି। ସୂଚନା ମୁତାବକ, ସୋମବାର ରାତି ପ୍ରାୟ ସାଢ଼େ ୯ଟାରେ ପ୍ରବୋଧ ଓ ତାଙ୍କ ଭାଇ ତ୍ରିନାଥ ପ୍ରଧାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରବୋଧ ତ୍ରିନାଥଙ୍କୁ ଆକ୍ରମଣ କରିଥିଲେ। ଘରେ ରଖିଥିବା ବୋମା ଧରି ତାଙ୍କୁ ଗୋଡ଼ାଇଥିଲେ। ଏହି ସମୟରେ ତାଙ୍କ ପୁଅ ସରୋଜ ଅଟକାଇଥିଲେ। ଏତିକିବେଳେ ବୋମାଟି ବିସ୍ଫୋରଣ ହୋଇଥିଲା ଏବଂ ଘଟଣାସ୍ଥଳରେ ସରୋଜଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ପ୍ରବୋଧଙ୍କୁ ଉଦ୍ଧାର କରି ପରିବାରଲୋକେ ପ୍ରଥମେ ଖମାର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ସମଲ ଥାନା ନିଜ ଆଡ଼ୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏସ୍‌ଆଇ ଅଜିତ ନାଏକଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ନମ୍ବର ୩୦୬/୨୫ରେ ଏକ ମାମଲା ରୁଜୁ ହୋଇଛି।

**ଜଗତସିଂହପୁରରେ ମହିଳାଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ ଘଟଣା**

# ବିଜେଡି ପକ୍ଷରୁ ଡିଜିପିଙ୍କୁ ଦାବିପତ୍ର



**କଟକ, ୨୧।୧୦(ସମିସ):** ଜଗତସିଂହପୁର ଥାନା ଆଲିପିଙ୍ଗଳର ପାଟସରା ନିବାସୀ ଜନୈକା ମହିଳା ରଶ୍ମି ପରିଜାଙ୍କ ଉପରେ ହୋଇଥିବା ନିର୍ମମ ଆକ୍ରମଣ ଘଟଣାରେ ତଦନ୍ତ ସହ ତୁରନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ବିଜୁ ଜନତା ଦଳ ପକ୍ଷରୁ ଡିଜିପିଙ୍କୁ ଆଜି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟସଭା ସାଂସଦ ସୁଲତା ଦେଓ, ଛାତ୍ର ବିଜେଡି ସଭାପତି ଇପସିତା ସାହୁ , ବିଜେଡି ମୁଖପାତ୍ର ଲେନିନ ମହାନ୍ତି , ବିଜେଡି ନେତ୍ରୀ ସୋଫିଆ ଆଲାମ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧିଦଳ କଟକସ୍ଥିତ ପୁଲିସ ମୁଖ୍ୟାଳୟରେ ଡିଜିପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଏହି ଘଟଣା ରାଜ୍ୟରେ ମହିଳା ଏବଂ ସାମାଜିକ କର୍ମୀଙ୍କ ସୁରକ୍ଷା ପ୍ରତି ଗମ୍ଭୀର ପ୍ରଶ୍ନ ଉଠାଇଛି ଏବଂ ମୁକ୍ତ ମତବ୍ୟକ୍ତ ପ୍ରତି ଅସହିଷ୍ଣୁତାର ଧାରା ପ୍ରତିଫଳିତ କରୁଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ପ୍ରତ୍ୟେକ ନାଗରିକ, ବିଶେଷକରି ମହିଳା ଏବଂ ସାମାଜିକ କର୍ମୀଙ୍କୁ ଏପରି ଘୃଣ୍ୟ ହିଂସା ଏବଂ ଭୟଭୀତ କରିବାରୁ ସୁରକ୍ଷିତ ରଖିବା ରାଜ୍ୟର ମୌଳିକ କର୍ତ୍ତବ୍ୟ। ତେଣୁ ଭାରତୀୟ ନ୍ୟାୟ ସଂହିତାର ପ୍ରାସଙ୍ଗିକ ଧାରା ଅନୁଯାୟୀ ଘଟଣାର ତୁରନ୍ତ ଏବଂ ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଦିଆଯାଉ ବୋଲି ଦାବି ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ,ଆଗକୁ ଆକ୍ରମଣ କିମ୍ବା ଭୟଭୀତ କରିବା ରୋକିବା ପାଇଁ ରଶ୍ମି ପରିଜା ଏବଂ ତାଙ୍କ ପରିବାରକୁ ପର୍ଯ୍ୟାପ୍ତ ପୁଲିସ ସୁରକ୍ଷା ପ୍ରଦାନ କରିବା, ସ୍ଥାନୀୟ ପୁଲିସ କର୍ତ୍ତୃପକ୍ଷଙ୍କ ପକ୍ଷରୁ କରାଯାଇଥିବା ଅବହେଳା ତଥା ନିଷ୍କ୍ରିୟତାର ତଦନ୍ତ କରିବାକୁ ଦାବି କରିଛି ବିଜେଡି।

ସୂଚନାଥାଉକି, ଦୀପାବଳି ରାତିରେ ଜଗତସିଂହପୁର ଥାନା ଅନ୍ତର୍ଗତ ଆଲିପିଙ୍ଗଳର ପାଟସରା ନିବାସୀ କପିଳେନ୍ଦ୍ର ପରିଜାଙ୍କ ପତ୍ନୀ ରଶ୍ମି ପରିଜାଙ୍କୁ ଦୁର୍ବୃତ୍ତ ମାନେ ଆକ୍ରମଣ କରିଥିଲେ। ଆଲିପିଙ୍ଗଳ ଗ୍ରାମ ନିବାସୀ ଅନିରୁଦ୍ଧ ରାଉତ, ଅଦୈତ ରାଉତ, ହରେକୃଷ୍ଣ ଜେନା, ଜ୍ଞାନରଞ୍ଜନ ଜେନା, ବିମଳା ରାଉତ, ସଞ୍ଜୁ ଜେନା ଏବଂ ବର୍ଷା ରାଉତ ପ୍ରମୁଖ ରଶ୍ମିଙ୍କ ଘରେ ଜୋରଜବରଦସ୍ତ ପ୍ରବେଶ କରିବା ସହ ଅଶ୍ଳୀଳ ଭାଷା ପ୍ରୟୋଗ ସହ ତାଙ୍କୁ ତଳେ ପକାଇ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସାମାଜିକ ଗଣମାଧ୍ୟମରେ ମତ ମନ୍ତବ୍ୟ ରଖୁରିବା ରଶ୍ମି ପୂର୍ବରୁ ଜଗତସିଂହପୁର ଥାନା ଆଇଆଇସି ଏବଂ ଜଗତସିଂପୁର ଏସପିଙ୍କ ନିକଟରେ ତାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ନିଷ୍କ୍ରିୟତା ଅବଲମ୍ବନ କରିଥିଲା। ଏହି ପ୍ରତିନିଧିଦଳରେ ଅନ୍ୟମାନଙ୍କ ମଧ୍ୟରେ ଡଃ ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ମିହିର ରାୟ, ରୀତାଞ୍ଜଳି ପ୍ରଧାନ ଓ ଜ୍ୟୋତ୍ସ୍ନାମୟୀ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

# ବିଜେପି ସଭା ପାଇଁ ୨୦ ଗୋରୁ ବଳି: କଂଗ୍ରେସ

**ଭୁବନେଶ୍ୱର, ୨୧।୧୦ (ସମିସ):** ନୂଆପଡା ଉପନିର୍ବାଚନରେ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ଯାଇଥିବାବେଳେ ସଭାପାଇଁ ବିଜେପି ୨୦ ଗୋରୁଙ୍କୁ ବଳି ଦେଇଛି ଏବଂ ଗୋମାତାଙ୍କୁ ନେଇ ରାଜନୀତି କରୁଥିବା ଦଳର ଏହା ଅସଲ ଚରିତ୍ର ବୋଲି କହିଛି କଂଗ୍ରେସ। ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ପ୍ରଚାର ପାଇଁ ଯିବାବେଳେ ସଭା ପାଇଁ ୧୫-୨୦ ହଜାର ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇଥିଲା। ମାତ୍ର କୌଣସି ପ୍ରକାରେ ବଡ଼ କଷ୍ଟରେ ସଭା ପାଇଁ ବିଜେପି ପାଞ୍ଚ ହଜାର ଲୋକଙ୍କୁ ଏକାଠି କରିବାକୁ ସକ୍ଷମ ହୋଇଥିଲା। ଫଳରେ ବଳକା ଖାଦ୍ୟକୁ ନଷ୍ଟ କରାଯିବା ପରିବର୍ତ୍ତେ ଦାୟିତ୍ୱହୀନ ଭାବରେ ଫିଙ୍ଗି ଦିଆଯାଇଥିଲା। ଏହାକୁ ଖାଇ ନୂଆପଡ଼ା ନିକଟସ୍ଥ ଗୋତମା ଗାଁର ୨୦ଟି ଗାଇ ମୃତ୍ୟୁବରଣ କରିଛନ୍ତି। ୪୦ଟି ଗାଇ ଅସୁସ୍ଥ ହୋଇ ମୃତ୍ୟୁ ସହ ଏବେ ସଂଗ୍ରାମ କରୁଛନ୍ତି; କିନ୍ତୁ ଦୁଃଖର କଥା ଏପର୍ଯ୍ୟନ୍ତ ଗାଈମାନଙ୍କ ପୋଷ୍ଟମର୍ଟମ ରିପୋର୍ଟ ସରକାର ସାର୍ବଜନୀନ କରି ନାହାନ୍ତି କି ନିର୍ବାଚନ କମିଶନ ମଧ୍ୟ ଏ ସମ୍ପର୍କରେ କୌଣସି ନୋଟିସ ଦେଇ ନାହାନ୍ତି। ସ୍ଥାନୀୟ ନେତା, ସାଂସଦ, ଏପରିକ ବଜରଙ୍ଗ ଦଳ, ଭିଏଚପି ଏ ସମ୍ପର୍କରେ ତୁଣ୍ଡ ଖୋଲୁ ନାହାନ୍ତି। ଗୋମାତାକୁ ନେଇ ରାଜନୀତି କରୁଥିବା ବିଜେପି କାହିଁକି ଲୁଚିଛି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କହିଛନ୍ତି। ସେ ପୁଣି ବିଜେପି ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ୨୦ ହଜାର ଲୋକ ଯୋଗାଡ଼ କରିବାକୁ ଯୋଜନା କରିଥିଲା। ମାତ୍ର ଅକ୍ଲାନ୍ତ ପରିଶ୍ରମ ଓ ଟଙ୍କା ବାଣ୍ଟିବା ସତ୍ତ୍ୱେ ମଧ୍ୟ ମୋଟେ ୫ ହଜାର ଲୋକ ପହଞ୍ଚିଥିଲେ ଓ ୧୫ ହଜାର ଚୌକି ଖାଲି ପଡିଥିଲା। ପ୍ରାର୍ଥୀଙ୍କୁ ନେଇ ଦଳରେ ଫାଟ ଜଳଜଳ ଦିଶୁଛି ଓ ସଭାରେ ଖାଲି ଚୌକି ଏହାକୁ ପ୍ରମାଣିତ କରିଛି । ଗୋଷ୍ଠୀ କନ୍ଦଳ ଦଳକୁ ଫାଳଫାଳ କରି ଦେଇଥିବାବେଳେ ବିଜେପି ବାହାରେ ବାହାଦୂରୀ ମାରୁଛି। ବଳକା ପଚା ଖାଦ୍ୟ ଖୁଆଇ ସ୍ଥାନୀୟ ଅଞ୍ଚଳର ଗୋରୁଙ୍କୁ ବିଜେପି ହତ୍ୟା କରିଛି। ମାତ୍ର ଗୋମାତାଙ୍କ ସୁରକ୍ଷା ପାଇଁ ଚିତ୍କାର କରୁଥିବା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଏହି ପ୍ରସଙ୍ଗରେ ଚୁପ୍ ବସିଛନ୍ତି। ଏତେ ସଂଖ୍ୟକ ଗାଈଙ୍କ ଦୁଃଖଦ ଅପମୃତ୍ୟୁକୁ ନେଇ ନିର୍ବାଚନ କମିଶନ ବିଜେପିକୁ କାହିଁକି କାରଣ ଦର୍ଶାଅ ନୋଟିସ ଜାରୀ କରି ନାହାନ୍ତି ସେନେଇ ସେ ଆଶ୍ଚର୍ଯ୍ୟପ୍ରକଟ କରିବା ସହ ମୃତ ଗୋରୁ ପିଛା ୨୫ ହଜାର ଟଙ୍କା ଲେଖାଏଁ ବିଜେପି ଦେଉ ବୋଲି ସେ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ନଳିନୀକାନ୍ତ ନାୟକ ଓ ଝୁନା ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ।

**ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରୁଛି ସରକାରୀ ଦଳ**

# ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି

- ଜୟ ଢୋଲକିଆଙ୍କ ପାଇଁ ଶିକ୍ଷାନୁଷ୍ଠାନରେ ବୈଠକ
- ଗୋଣ୍ଡ ସମାଜ ବୈଠକରେ ଶିକ୍ଷାମନ୍ତ୍ରୀଙ୍କ ପ୍ରଚାର

**ଭୁବନେଶ୍ୱର, ୨୧।୧୦(ସମିସ):** ନୂଆପଡ଼ା ଉପନିର୍ବାଚନରେ ସରକାରୀ ଦଳ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବା ନେଇ ଅଭିଯୋଗ ଆଣିଛି ବିଜେଡି। ବିଜେଡିର ଏକ ପ୍ରତିନିଧି ଦଳ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏସଂପର୍କରେ ବିଧିବଦ୍ଧ ଅଭିଯୋଗ କରିବା ସହ ବିଜେପି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ରାଜ୍ୟ ଗଣ ଶିକ୍ଷା ଓ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ଗତ ୨୦ ତାରିଖରେ ନୂଆପଡ଼ାର ଗୋପୀନାଥ ଜିଏନ୍‌ଏମ୍ ନର୍ସିଂ ଟ୍ରେନିଂ କଲେଜ ପରିସରରେ ଏକ ରାଜନୈତିକ ବୈଠକ କରିଛନ୍ତି। ଏହି ବୈଠକରେ ସେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର କରିଥିଲେ। ଏହି ବୈଠକଟି ଗୋଣ୍ଡ ସମାଜର ବ୍ୟାନର ତଳେ ଆୟୋଜିତ ହୋଇଥିଲେ ହେଁ, ଏହାର ବିଷୟବସ୍ତୁ ଏବଂ ଉଦ୍ଦେଶ୍ୟ ସ୍ୱଷ୍ଟ ଭାବରେ ରାଜନୈତିକ ଥିଲା। ଏଠାରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରମାନଙ୍କୁ ପ୍ରଭାବିତ କରାଯାଇଥିଲା। ନିର୍ବାଚନ ଆୟୋଗଙ୍କ ଆଦର୍ଶ ଆଚରଣ ସଂହିତା ଅନୁଯାୟୀ, କୌଣସି ରାଜନୈତିକ ବୈଠକ କିମ୍ବା ପ୍ରଚାର ପାଇଁ ସରକାରୀ କିମ୍ବା ବେସରକାରୀ ଶିକ୍ଷାନୁଷ୍ଠାନର ବ୍ୟବହାର ହୋଇପାରିବ ନାହିଁ। ଶିକ୍ଷା କ୍ଷେତ୍ରରେ ନିରପେକ୍ଷତା ବଜାୟ ରଖିବା ଏବଂ ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ଶୈକ୍ଷିକ ପରିସର ଯେପରି ରାଜନୈତିକ ପ୍ରଭାବରୁ ମୁକ୍ତ ରହେ ତାହା ସୁନିଶ୍ଚିତ କରିବାର ନିୟମ ରହିଛି। ମାତ୍ର ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀ ଶ୍ରୀ ଗୋଣ୍ଡ ନିର୍ବାଚନୀ ଫାଇଦା ପାଇଁ ତାଙ୍କ ସରକାରୀ ପଦବୀ ଓ ରାଜ୍ୟ ସମ୍ବଳର ଅପବ୍ୟବହାର କରିଛନ୍ତି। ବିଜେଡି ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଏହି ଅଭିଯୋଗ ଆଣିଛି। ବିଜେଡି କହିଛି ଯେ ଶିକ୍ଷାନୁଷ୍ଠାନ ମଧ୍ୟରେ ଏକ ରାଜନୈତିକ ବୈଠକ ଆୟୋଜନ କରି ସେଥିରେ ମନ୍ତ୍ରୀ ଶ୍ରୀ ଗୋଣ୍ଡ ଅଂଶଗ୍ରହଣ କରିଥିବାରୁ ଏହା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ଘଟଣାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ଦାବି କରିଛି। ଏହାବ୍ୟତୀତ ଚଳିତ ନିର୍ବାଚନ ସମୟରେ ରାଜନୈତିକ କାର୍ଯ୍ୟକଳାପ ପାଇଁ ଶିକ୍ଷାନୁଷ୍ଠାନ କିମ୍ବା ଅନ୍ୟାନ୍ୟ ସରକାରୀ ସମ୍ପତ୍ତିର ଅପବ୍ୟବହାର ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଜେଡି ଅନୁରୋଧ କରିଛି।



**୫୫ନଂ ଜାତୀୟ ରାଜପଥ କାମ ନିମ୍ନମାନର**

# ଦିନ କେଇଟାରେ ରାସ୍ତା ଫାଟି ଆଁ

ଅନୁଗୋଳ, ୨୧।୧୦(ସମିସ)





ନିର୍ମାଣର କିଛିଦିନ ପରେ କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥ ରାସ୍ତା ଫାଟିଗଲାଣି। ସଠିକ୍ ଭାବେ ନିର୍ମାଣ ହେଉ ନ ଥିବାବେଳେ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ପଟେ ରାସ୍ତା ନିର୍ମାଣର ୨୦୨୦ ଶେଷ ସମୟ ଥିବାବେଳେ ବଇଣ୍ଡା ଅଞ୍ଚଳରେ ରାସ୍ତା ନିର୍ମାଣ ଅତି ନିମ୍ନମାନର ନିର୍ମାଣ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି।

କିଶୋରନଗର ବ୍ଲକର ଜାମୁନାଳିଠାରୁ ବାମୁର ପର୍ଯ୍ୟନ୍ତ ୪୦ କିମି ରାସ୍ତା ନିର୍ମାଣରେ ୨୦ଟି ସ୍ଥାନରେ ଫାଟିଯାଇଥିବାବେଳେ ଆଗକୁ ଅନେକ ସ୍ଥାନରେ ଫାଟିବା ଆଶଙ୍କା ଦେଖାଯାଇଛି। ଅନ୍ୟପକ୍ଷରେ ଉକ୍ତ ୪୦ କିମି ରାସ୍ତାର ୯୦ ପ୍ରତିଶତ କାମ ହୋଇଥିବାବେଳେ ଆଉ ୧୦ ପ୍ରତିଶତ ରାସ୍ତା କାମ ହୋଇନାହିଁ। ବିଶେଷକରି ବଇଣ୍ଡାଠାରେ ବର୍ତ୍ତମାନ ସର୍ଭିସ ରାସ୍ତା ନିର୍ମାଣ ହେଉଥିବାବେଳେ କଂକ୍ରିଟକରଣ ସମୟରେ କୌଣସି ମେସିନ ବ୍ୟବହାର କରାଯାଉ ନ ଥିବାବେଳେ କେବଳ ରାସ୍ତାରେ ପକାଇ ସମତଳ କରିଦିଆଯାଉଛି। ଏପରିକି ଉକ୍ତ ନୂତନ ରାସ୍ତା ନିର୍ମାଣ ପରେ ଠିକାସଂସ୍ଥା ପକ୍ଷରୁ ପାଣି ପକାଯାଉନାହିଁ। ଯାହାକି ରାସ୍ତାର ସ୍ଥାୟିତ୍ୱ ନେଇ ଅଞ୍ଚଳବାସୀ ଚିନ୍ତିତ ହୋଇପଡିଛନ୍ତି। ସର୍ଭିସ ରାସ୍ତା ଅଧା ନିର୍ମାଣ ପରେ ପୁଣି ଠିକା ସଂସ୍ଥା ପକ୍ଷରୁ କାମ ବିଳମ୍ବ କରାଯାଉଛି। ରାସ୍ତା କାମ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି।

ବହୁବାର ଠିକାସଂସ୍ଥା ବିରୋଧରେ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ସରକାରଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଜାତୀୟ ରାଜପଥର କମରେଇଠାରେ ପ୍ରଥମେ ରାସ୍ତା ଫାଟି ଯାଇଥିବାବେଳେ କିଛିଦିନ ହେବ ପାଗବନ୍ଧା, ଗୁରୁଜାଙ୍ଗ, ଖଇରମୁଣ୍ଡା, ଚମ୍ପାପୁର, ସୁସବ, କଦଳୀମୁଣ୍ଡା, ରାଣୀଭୁଇଁ, ହଣ୍ଡପା, ବଇସିଣା, ନାକିଚି, ଫୁଲାମ୍ବା ଆଦି ସ୍ଥାନରେ ରାସ୍ତା ଫାଟିଯାଇଛି। ରାସ୍ତାର ୩-୪ ମିଟର ଲମ୍ବ ପର୍ଯ୍ୟନ୍ତ ଫାଟିଯାଇଥିବାବେଳେ ରାସ୍ତା କାମ ନିମ୍ନମାନର ହେଉଥିବା ହଣ୍ଡପା ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଠିକା ସଂସ୍ଥା ପକ୍ଷରୁ ଜାତୀୟ ରାଜପଥ ନୂତନ ରାସ୍ତା ନିର୍ମାଣ କରାଯାଉଥିବାବେଳେ କୌଣସି ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ଏପରିକି ସଠିକ୍ ଭାବେ ପୂର୍ବରୁ ମାଟି ପରୀକ୍ଷଣ କରାଯାଇନାହିଁ। ନିମ୍ନମାନର କାମ ହେଉଥିବାବେଳେ ଆଗକୁ ଏହି ରାସ୍ତାର ଭବିଷ୍ୟତକୁ ନେଇ ଅଞ୍ଚଳବାସୀ ଚିନ୍ତିତ। କମରେଇଠାରେ ପ୍ରଥମେ ରାସ୍ତା ଫାଟି ଥିବାବେଳେ ଅଞ୍ଚଳବାସୀଙ୍କ ପକ୍ଷରୁ ୨୫/୫/୨୦୨୩ରେ ଜିଲ୍ଲାପାଳଙ୍କ ନିକଟରେ କମରେଇ ଗ୍ରାମବାସୀ ଅଭିଯୋଗ କରିବା ପରେ ଠିକାସଂସ୍ଥା ପକ୍ଷରୁ ଉକ୍ତ ସ୍ଥାନକୁ ୩୦/୫/୨୦୨୩ରେ ମାଟି ପକାଯାଇ ଘୋଡ଼ାଇ ଦିଆଯାଇଥିଲା। ଶୀଘ୍ର ଉକ୍ତ ରାସ୍ତାକୁ ମରାମତି କରାଯିବ ବୋଲି ଠିକାସଂସ୍ଥା ପକ୍ଷରୁ କୁହାଯାଇଥିବାବେଳେ ଆଜି ସୁଦ୍ଧା ମରାମତି କରାଯାଇନାହିଁ। ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଠିକାସଂସ୍ଥା ପକ୍ଷରୁ କିଶୋରନଗର ବ୍ଲକ୍ ବଇଣ୍ଡା ଛକରେ ୨୦୧୮ ମେ ୧୭ ଓ ୧୮ ତାରିଖ ଉଚ୍ଛେଦ ଆରମ୍ଭ କରିଥିଲା। ସେହି ସମୟରେ ପ୍ରଶାସନ ପକ୍ଷରୁ ତରବାରିଆ ଭାବେ ପୁଲିସ ମୁତୟନ କରାଯାଇ ଉଚ୍ଛେଦ କରାଯାଇଥିବାବେଳେ ଉଚ୍ଛେଦର ୭ ବର୍ଷ ବିତିଯାଇଥିଲେ ମଧ୍ୟ ବଇଣ୍ଡାରେ ଠିକାସଂସ୍ଥା କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରିନାହିଁ। ଏକ ସପ୍ତାହ ହେବ ବଇଣ୍ଡାର ସର୍ଭିସ ରୋଡ ନିର୍ମାଣ କରୁଥିଲେ ମଧ୍ୟ ଅତି ନିମ୍ନମାନର କାମ କରାଯାଉଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତା କାମରେ କୌଣସି ମେସିନ ବ୍ୟବହାର କରାଯାଉ ନ ଥିବାବେଳେ ଗ୍ରାମାଞ୍ଚଳରେ ହେଉଥିବା କଂକ୍ରିଟ୍ ରାସ୍ତା ଭଳି ନିର୍ମାଣ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ସଠିକ ଭାବେ ଆବଶ୍ୟକ ସାମଗ୍ରୀ ଦିଆଯାଉ ନ ଥିବା ଯୋଗୁଁ ରାସ୍ତା ନିର୍ମାଣର କିଛିଦିନ ପରେ ଫାଟିଯାଉଛି। ସେହିପରି ରାସ୍ତାର ୨ ପାଖରେ ଡ୍ରେନ ନିର୍ମାଣ କରାଯାଉଥିବାବେଳେ ଏହା ସମ୍ପୂର୍ଣ୍ଣ କରାଯାଇନାହିଁ। ଏପରିକି ଅନେକ ଡ୍ରେନ ଭାଙ୍ଗିଗଲାଣି। ରାସ୍ତା କାମ ବିଳମ୍ବ ହେଉଥିବା ଯୋଗୁଁ ବଇଣ୍ଡାରେ ଭଙ୍ଗାଯାଇଥିବା ସରକାରୀ କାର୍ଯ୍ୟାଳୟ ପୂର୍ତ୍ତ ବିଭାଗ ବଙ୍ଗଳା, ପଶୁ ଡାକ୍ତରଖାନା, ଫାଣ୍ଡି, ପଞ୍ଚାୟତ ରାଜୀବ ସେବାକେନ୍ଦ୍ର ନିର୍ମାଣ ହୋଇପାରୁନାହିଁ। ତୁରନ୍ତ ଏଥିପ୍ରତି ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ମହିଳାଙ୍କ ମୃତଦେହ ଉଦ୍ଧାର; ଆତ୍ମହତ୍ୟା ସନ୍ଦେହ

ଛେଣ୍ଡିପଦା, ୨୧।୧୦(ସମିସ): ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ଥାନା ଅନ୍ତର୍ଗତ ଟାଙ୍ଗିରୀ ପଞ୍ଚାୟତର ବାରମଞ୍ଜା ଗ୍ରାମରେ ଘର ଭିତରୁ ଜଣେ ମହିଳାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ମଙ୍ଗଳବାର ପୁଲିସ ଉଦ୍ଧାର କରିଛି। ମୃତ ମହିଳା ହେଲେ ବାରମଞ୍ଜା ଗ୍ରାମର ବିଶାଖା ମୁଖି(୫୦)। ମହିଳାଙ୍କ ଘରେ କେହି ନଥିବାବେଳେ ପରିବାର ଲୋକ ଘରକୁ ଫେରି ବିଶାଖାଙ୍କୁ ଖୋଜାଖୋଜି କରିଥିଲେ। ପରେ ଘର ଭିତରେ ବିଶାଖାଙ୍କ ମୃତଦେହ ଦେଖି ପରିବାର ପକ୍ଷରୁ ବାଗଡିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଝୁଲନ୍ତା ଶବକୁ ଜବତ କରି ଛେଣ୍ଡିପଦା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁରେ ଶବକୁ ବ୍ୟବଚ୍ଛେଦ କଲା ପରେ ପରିବାରକୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି। ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଆତ୍ମହତ୍ୟ ଜଣାପଡିବ ବୋଲି ଥାନାଧିକାରୀ ବିପ୍ଳବ ସାହୁ ପ୍ରକାଶ କରିଛନ୍ତି।

## ଟ୍ରକ୍ ଧକ୍କାରେ ଜଣେ ମୃତ

ବଇଣ୍ଡା, ୨୧।୧୦(ସମିସ): ଅନୁଗୋଳ ଜିଲ୍ଲା ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ପାଗବନ୍ଧା ନିକଟରେ ସୋମବାର ରାତିରେ ଟ୍ରକ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଏମଡି ସମସିଦ (୨୨)। ଘର କୋଲକାତା ଅଞ୍ଚଳରେ ବୋଲି ଜଣାପଡିଛି। ଏମଡି ସମସିଦ ଏ ଅଞ୍ଚଳରେ ଶ୍ରମିକ ଭାବେ କାମ କରୁଥିବାବେଳେ ତାଙ୍କୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ହଣ୍ଡପା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରିଛି।

**କୋଟି କୋଟି ଟଙ୍କାର ଫୁଟିଲା ବାଣ**

## ଧ୍ୱନି ଓ ବାୟୁ ପ୍ରଦୂଷଣରେ ଅଣନିଶ୍ୱାସୀ ଶିଳ୍ପାଞ୍ଚଳ

ତାଲଚେର, ୨୧।୧୦(ସମିସ): ପୂର୍ବରୁ ଯାହା ଆଶା କରାଯାଉଥିଲା ତାଲଚେର ଅଞ୍ଚଳରେ କୋଟି କୋଟି ଟଙ୍କାର ବାଣ ଫୁଟିଛି। ଏଥିସହ ସହ ପ୍ରଚଣ୍ଡ ଶବ୍ଦ ଓ ଅସହ୍ୟ ବାୟୁ ପ୍ରଦୂଷଣ ଶିଳ୍ପାଞ୍ଚଳରେ ଅଣନିଶ୍ୱାସୀ ପରିସ୍ଥିତି ସୃଷ୍ଟି ହୋଇଛି। ଲୋକେ କବାଟ ଝରକା ଦେଇ ଘରଭିତରେ ରହିଥିଲେ। ଭାରତବର୍ଷରେ ତାଲଚେର ଅଞ୍ଚଳ ଧୂଳିଧୂଆଁ ପାଇଁ ଉତ୍କଟ ବାୟୁ ପ୍ରଦୂଷଣରେ ଛନ୍ଦି ହୋଇପଡିଥିବା ବେଳେ ଏହି ବାଣ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି। ଗତକାଲି ପ୍ରାୟ ସନ୍ଧ୍ୟା ୬ରୁ ମଧ୍ୟ ରାତ୍ର ପର୍ଯ୍ୟନ୍ତ ଲୋକମାନେ ବାଣ ଫୁଟାଇଥିଲେ। ରାତି ୧୦ଟା ପରେ ଥାନା ପରିସର ମଧ୍ୟରେ ବ୍ୟାପକ ବାଣଫୁଟୁଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାର ସନ୍ଧ୍ୟା ୬ରୁ ୯ଟା ପର୍ଯ୍ୟନ୍ତ ହାଲୁକା ସବୁଜ ବାଣ ଫୁଟାଇବା ନେଇ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ତାଲଚେର ଅଞ୍ଚଳକୁ ବେଆଇନ ବାଣକୁ ଜବତ କରିବା ନେଇ ପୁଲିସ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ସହର ଭିତରେ ବାଣକୁ ଧରପଗଡ କରିବା ବେଳେ ବଡ ବ୍ୟବସାୟୀମାନେ ବିଭିନ୍ନ ସ୍ଥାନରେ ରଖି ଲୁଚାଛପାରେ କୋଟିକୋଟି ଟଙ୍କାର ବାଣ ବ୍ୟବସାୟ କରିଥିବା ଦେଖିବାକୁ ମିଳିଥିଲା। ଫଳରେ ଲୋକମାନେ ଏହି ବାଣକୁ ଚଢ଼ାଦାମରେ କିଣି ସନ୍ଧ୍ୟା ୬ରୁ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ବାଣ ଫୁଟାଇଥିଲେ। ଯାହା ଫଳରେ ବାଣର ଧୂଆଁରେ ଏକ ବଳୟ ସୃଷ୍ଟି କରିଥିଲା। ବଡବଡ ବ୍ୟବସାୟୀମାନେ ଏହି ବାଣକୁ ଆଜକୁ ୪ରୁ ୬ମାସ ପୂର୍ବରୁ ସରକାରଙ୍କୁ ଚକମା ଦେଇ ବିନା ଟାକ୍ସ ଓ ବିନା ଜିଏସଟିରେ ବାଣ ଆଣି ଏହାକୁ ବିକ୍ରିକରି ଲକ୍ଷଲକ୍ଷ ଟଙ୍କା କମାଇଥିବା ବେଳେ ସାଧାରଣ ଜନତା ଧୂଆଁବଳୟ ମଧ୍ୟରେ ଠେଲି ହୋଇଥିବା ନେଇ ଆଜି ବିଭିନ୍ନ ମହଲରେ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ହୋଇଥିଲା।

## ଶିଶୁ କିଶୋର ପତ୍ରିକା 'ଆମ କୁନାକୁନି' ଲୋକାର୍ପିତ



ତାଲଚେର, ୨୧।୧୦(ସମିସ): ତାଲଚେରରୁ ପ୍ରକାଶ ପାଉଥିବା ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'ଆମ କୁନାକୁନି'ର ଶାରଦୀୟ ବିଶେଷାଙ୍କ ଲୋକାର୍ପିତ ହୋଇଯାଇଛି। କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ଉତ୍ସବକୁ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ୍ ଦୈତାରୀ ସାହୁ, ସମ୍ମାନିତ ଅତିଥି ଭାବରେ ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କର ଅଧ୍ୟକ୍ଷ ସମାଜସେବୀ ସନ୍ତୋଷ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବରେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ମଧ୍ୟ ସମ୍ଭାଗର କୋଷାଧ୍ୟକ୍ଷ ସନ୍ତୋଷ କୁମାର ଶତପଥୀ, ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ ଓ ଆମ କୁନାକୁନି ପତ୍ରିକାର ସଂପାଦକ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ। ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର ଆନୁକୂଲ୍ୟରେ ପ୍ରକାଶିତ ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'ଆମ କୁନାକୁନି'ର ଶାରଦୀୟ ବିଶେଷାଙ୍କକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ହିଙ୍ଗୁଳା ପାଠାଗାରର ସଭାପତି ହାଡିବନ୍ଧୁ ପ୍ରଧାନ ଓ ବରିଷ୍ଠ ସଦସ୍ୟ ପଞ୍ଚାନନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଡ୍ୟୁଟି ମିଟ୍‌ରେ ଅନୁଗୋଳ ଜିଲ୍ଲା ପୁଲିସ ଦ୍ୱିତୀୟ




ଅନୁଗୋଳ, ୨୧।୧୦(ସମିସ): ୭୦ତମ ରାଜ୍ୟସ୍ତରୀୟ ପୁଲିସ ଡ୍ୟୁଟି ମିଟ୍‌ରେ ଅନୁଗୋଳ ଜିଲ୍ଲା ପୁଲିସ ୩୪ଟି ଜିଲ୍ଲା ମଧ୍ୟରେ ଶ୍ରେଷ୍ଠ ସାମଗ୍ରିକ ପ୍ରଦର୍ଶନ ପାଇଁ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ସଫଳତା ପାଇଁ ଜିଲ୍ଲା ପୁଲିସକୁ ୧୫,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ବ୍ୟକ୍ତିଗତ ପ୍ରଦର୍ଶନରେ ଇନ୍ସପେକ୍ଟର ସୌରଭ ସାମଲ କମ୍ପ୍ୟୁଟର ପ୍ରୋଗ୍ରାମିଂରେ ପ୍ରଥମ, କନଷ୍ଟେବଲ ସୁକେଶ ପ୍ରଧାନ ସେହି ବିଭାଗରେ ତୃତୀୟ ଓ ଏସଆଇ ଅମିତ କୁମାର ମିଶ୍ର ଫିଙ୍ଗରପ୍ରିଣ୍ଟରେ ପ୍ରଥମ ଓ ଫଟୋଗ୍ରାଫିରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଅନୁଗୋଳ ଏସପି ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛନ୍ତି।

## ବିଭିନ୍ନ ସ୍ଥାନରେ କାଳୀପୂଜା



ବଇଣ୍ଡା, ୨୧।୧୦(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା, ଅଙ୍ଗପଡା ଗ୍ରାମରେ ସୋମବାରଠାରୁ କାଳୀପୂଜା ଅନୁଷ୍ଠିତ ହେଉଛି। ନିକଟସ୍ଥ ପୋଖରୀ ପାଣି ଆଣିବା ପରେ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ଆଲୋକ ମାଳାରେ ପୂଜା ମଣ୍ଡପ ଝଲସି ଉଠୁଥିବାବେଳେ ସନ୍ଧ୍ୟା ସମୟରେ ମା'ଙ୍କ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳୁଛି। ଅଙ୍ଗପଡ଼ା ଗ୍ରାମରେ ଯାତ୍ରା ପରିବେଷଣ କରାଯାଉଛି। ମୀନାବଜାର ପଡିଥିବାବେଳେ ଜନସମାଗମ ହେଉଛି। ପୂଜକ ପ୍ରକାଶ ମିଶ୍ର, କାହ୍ନା ମିଶ୍ର ରୀତିନୀତି ଅନୁଯାୟୀ ପୂଜା କରୁଛନ୍ତି। କମିଟିର ନରେଶ ସାହୁ, ଦୀପକ ସାହୁ, ରାଜା ଶର୍ମାଙ୍କ ସମେତ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ବଇଣ୍ଡା, ୨୧।୧୦(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ହଣ୍ଡପା-ପାତ୍ରପଡା ପୂର୍ତ୍ତ ବିଭାଗ ରାସ୍ତାର ହଣ୍ଡପା ଥାନା ଲକ୍ଷ୍ମୀପ୍ରିୟାପୁର ଅଞ୍ଚଳରେ ସୋମବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଲକ୍ଷ୍ମୀପ୍ରିୟାପୁର ଗ୍ରାମର ଶତ୍ରୁଘ୍ନ ବେହେରାଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସହ ଯାଉଥିବା ସେହି ଗ୍ରାମର ସଞ୍ଜୟ ବେହେରା ଗୁରୁତର ଆହତ ହୋଇଛନ୍ତି। ଶତ୍ରୁଘ୍ନ ଓ ସଞ୍ଜୟ ଉଭୟ ଚାଲି ଚାଲି ଘରକୁ ଯାଉଥିବାବେଳେ ଏକ ଅଜଣା ଗାଡ଼ି ଉଭୟଙ୍କୁ ଧକ୍କା ଦେଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ଚିକିତ୍ସା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶତ୍ରୁଘ୍ନଙ୍କ ମୃତ୍ୟୁ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଆମ୍ବୁଲାନ୍ସ ସେବା ଓ ଅଭିଯୋଗ ସମାଧାନ ଆପ୍ ଲୋକାର୍ପିତ



ପାରାଦୀପ, ୨୧।୧୦ (ସମିସ): କୁଜଙ୍ଗ ଗାନ୍ଧୀ ନାରାୟଣ ବୀରବର ସାମନ୍ତଙ୍କ ୧୨୫ତମ ଜୟନ୍ତୀ ଅବସରରେ ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟ ପକ୍ଷରୁ ଜୟଦେବ ସଦନରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ପାରାଦୀପ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ପାଇଁ ଆମ୍ବୁଲାନ୍ସ ଓ ଅଭିଯୋଗ ସମାଧାନ ମୋବାଇଲ ଜନସେବା ଆପ୍ଲିକେସନକୁ ମନ୍ତ୍ରୀ ଲୋକାର୍ପଣ କରିଥିଲେ। ମୋବାଇଲ ପ୍ଲେ ଷ୍ଟୋରରେ ଏହି ଆପ୍ଲିକେସନଟି ଉପଲବ୍ଧ ରହିଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଦୁଇଟି ନୂତନ ଆମ୍ବୁଲାନ୍ସକୁ ଲୋକାର୍ପଣ କରିଥିବା ବେଳେ ଏହି ଦୁଇଟି ଆପ୍ ସେବା ପ୍ରଦାନକାରୀ ବ୍ୟବସ୍ଥା ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ପରି କାର୍ଯ୍ୟ କରିବ ବୋଲି କହିଥିଲେ। ନାରାୟଣ ବୀରବର ସାମନ୍ତଙ୍କର ପ୍ରତ୍ୟେକ ଜନ୍ମତିଥିରେ ଟ୍ରଷ୍ଟ ପକ୍ଷରୁ ସମାଜସେବା ଜଡ଼ିତ କାର୍ଯ୍ୟକ୍ରମ ସହ ଲୋକଙ୍କୁ ସଚେତନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ତପନ ସାମନ୍ତରାୟ, ସାଧାରଣ ସମ୍ପାଦକ ତପନ ତ୍ରିପାଠୀ, ଉପସଭାନେତ୍ରୀ କଳ୍ପନା ସୁତାର ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## କୁମ୍ଭୀର ଆକ୍ରମଣରେ ବର୍ତ୍ତିଲେ ମହିଳା



ରାଜକନିକା, ୨୧।୧୦(ସମିସ): ରାଜକନିକା ବ୍ଲକ ଦେଉଳତରା ପଞ୍ଚାୟତ ଦେଉଳତରା ପାଟଣା ଗାଁର ଲିଲୁପ୍ରଭା ଜେନା (୫୨) ମଙ୍ଗଳବାର ସକାଳେ ନଦୀତୁଠରେ ଅନ୍ୟ ମହିଳାଙ୍କ ଗାଧୋଉଥିବା ବେଳେ ଏକ କୁମ୍ଭୀର ତାଙ୍କ ଗୋଡ଼କୁ ଜାବୁଡ଼ି ଧରିଥିଲା। ସେ ଅଳ୍ପକେ ମରଣରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଅନ୍ୟ ମହିଳାମାନେ ତାଙ୍କୁ ଠିକ ସମୟରେ କୁମ୍ଭୀର ମୁହଁରୁ ସୁରକ୍ଷିତ ଟାଣି ଆଣିଥିଲେ। ତେବେ, ମୁନିଆ ଦାନ୍ତ ଆଘାତରେ ତାଙ୍କ ଗୋଡ଼ କ୍ଷତାକ୍ତ ହୋଇଛି। ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ବାରମ୍ବାର ଭାରିଗଦା, ବରୁଣାଡିହା, ପାରିମକୁନ୍ଦପୁର, ପାରିନୂଆପଡା, ହାବଳଗଣ୍ଡ, ଦେଉଳତରା, ନମତରା, କଣ୍ଡିଆର ଲୋକେ ନଦୀତୁଠରେ ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଦାବି କରୁଥିଲେ ବି ଏଯାବତ୍ ଗୋଟିଏ ବି ତାରବାଡ ହେଲା ନାହିଁ ବୋଲି ଅଭିଯୋଗ ହେଉଛି। ହାତଗଣତି ତାରବାଡ ପାରିମକୁନ୍ଦପୁର, ନୂଆପଡା, ହାବଳଗଣ୍ଡଠାରେ ଥିଲେ ବି ସେହି ତାରବାଡ ଭିତରେ କୁମ୍ଭୀର ଖେଳୁଥିବାରୁ ସୁରକ୍ଷା ନେଇ ଉଠିଛି ପ୍ରଶ୍ନ। ନିର୍ମାଣରେ ଅନିୟମିତତା ଥିବାରୁ ତାରବାଡ ଏବେ ଭାଙ୍ଗିତୁଟି ପଡିଛି।

## ବାଣ ଫୁଟାଇ ନାବାଳକ ଗୁରୁତର

ଆଠମଲ୍ଲିକ, ୨୧।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ଅଞ୍ଚଳର ରୋହିତ ପ୍ରଧାନଙ୍କ ୯ ବର୍ଷର ପୁଅ ଦିନେଶ ପ୍ରଧାନ ସୋମବାର ରାତିରେ ବାଣ ଫୁଟାଇ ଗୁରୁତର ଆହତ ହୋଇଛନ୍ତି। ସେ ଏକ ବାଣ ଫୁଟାଉ ଥିବାବେଳେ ନିଆଁ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

## ତାଳଚେରର ବିଭିନ୍ନ ସ୍ଥାନରେ ମା' ଶ୍ୟାମାକାଳୀଙ୍କ ପୂଜା

ତାଲଚେର, ୨୧।୧୦(ସମିସ)



ତାଲଚେର ବ୍ଲକ ବହୁପୁରାତନ ହାଣ୍ଡିଧୂଆଁ, ଡେରା, ନନ୍ଦିରା, ଦେଉଳବେଡା, ଚମ୍ପାପଶି ଆଦି ସ୍ଥାନରେ ମା'ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସକାଳୁ କର୍ତ୍ତାଭାବେ ପ୍ରକଳ୍ପ ଅଧିକାରୀ ପ୍ରଶାନ୍ତ ସାହୁ ପତ୍ନୀ ରଶ୍ମିତା ସାହୁ ନିକଟସ୍ଥ ନଦୀରୁ କଳସରେ ଜଳ ଆଣି ମା'ଙ୍କ ମଣ୍ଡପରେ ସ୍ଥାପନ କରିଥିଲେ। ବିଳମ୍ବିତ ରାତ୍ରିରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଜୀବନ୍ୟାସ ଦିଆଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ମନୋଜ ଶତପଥୀ, ଦୁର୍ଗାମାଧବ ଆଚାର୍ଯ୍ୟ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ମ୍ୟାନେଜର ସୌଭାଗ୍ୟ ପ୍ରଧାନ, କର୍ମଚାରୀ ନେତା ନୃସିଂହ ମହାନ୍ତି, ଅମୂଲ୍ୟ କ୍ରିଷ୍ଣ ମିଶ୍ର, ପ୍ରଶାନ୍ତ ସାହୁ, ଗଣେଶ୍ୱର ଜାଲ, ଅଶ୍ୱିନୀ ପ୍ରଧାନ, ଅଥାନି ପ୍ରଧାନ, ବିପିନି ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଏମ୍‌ସିଏଲ୍ ନନ୍ଦିରା କୋଲିଆରୀ ପକ୍ଷରୁ ମା' ଶ୍ୟାମାକାଳୀଙ୍କ ପୂଜା କରାଯାଉଛି। ନନ୍ଦିରା କାଳୀମଣ୍ଡପ ପଡିଆରେ ୯୦ ଫୁଟ ଉଚ୍ଚତା ଓ ୮୦ ଫୁଟ୍ ଚଉଡା ତୋରଣ ସହ ଅତ୍ୟାଧୁନିକ ଏଲ୍‌ଇଡି ଲାଇଟଯୁକ୍ତ ତୋରଣ ଏବଂ ଆଲୋକସଜ୍ଜା ଦର୍ଶକଙ୍କୁ ବିମୋହିତ କରିଛି। ପଡିଆରେ ମୀନାବଜାର, ବିଭିନ୍ନ ପ୍ରକାର ଦୋଳି, ଫାଷ୍ଟଫୁଡ୍, ଭଳିକିଭଳି ପିଲାଙ୍କ ଖେଳନା ସହ ଘରକରଣା ଜିନିଷର ଷ୍ଟଲମାନ ଶୋଭା ପାଉଛି। ପୁଲିସ୍ ତଥା ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷାକର୍ମୀ ମୁତୟନ କରାଯାଇଛି। ତାହାସହିତ ଅସମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ପଡିଆର ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି। ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଚାରିଦିନ ଧରି ଯାତ୍ରା, ଭଜନ ସଂଧ୍ୟା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ୨୬ ତାରିଖ ଦିନ ମା' ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ନନ୍ଦିରା କାଳୀ ପୂଜା କମିଟିର କର୍ମକର୍ତ୍ତା ସହଯୋଗ କରୁଛନ୍ତି।

# କାଳୀପୂଜାକୁ ନେଇ ଉତ୍ସବମୁଖର ଢେଙ୍କାନାଳ





ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ମା' ଶ୍ୟାମାକାଳୀଙ୍କ ପୂଜା ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ୨୪ ତାରିଖ ଭସାଣି ଉତ୍ସବ ଅନୁଷ୍ଠିତ ହେବ।



ଦକ୍ଷିଣକାଳୀ ରୋଡସ୍ଥିତ କାଳୀ ପୂଜାପଡ଼ିଆଠାରେ ମା' ଶ୍ୟାମାକାଳୀଙ୍କ ପୂଜା।



ରେଳୱେ ପକ୍ଷରୁ କାଳୀ ପଡିଆଠାରେ ୯୧ତମ ମା' ଶ୍ୟାମାକାଳୀଙ୍କ ପୂଜା ଚାଲିଛି। ସଭାପତି ହୃଷୀକେଶ ଗୌରା, ସମ୍ପାଦକ ପ୍ରଭାତ ମହାକୁଡ, କୋଷାଧ୍ୟକ୍ଷ ରଞ୍ଜିତ ପ୍ରଧାନ, ଉପକୋଷାଧ୍ୟକ୍ଷ ପ୍ରଦୀପ ସ୍ୱାଇଁ, ବଟକୃଷ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ କର୍ମକର୍ତ୍ତା ସହଯୋଗ କରୁଛନ୍ତି। ୨୪ ତାରିଖ ଭସାଣି ଉତ୍ସବ ଅନୁଷ୍ଠିତ ହେବ।

## ବୃକ୍ଷମାଳା ଯୋଜନାରେ ୧୦ ଲକ୍ଷ ସ୍ୱାହା

ପରଜଙ୍ଗ,୨୧।୧୦(ସମିସ):

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ବନାଞ୍ଚଳ ଡିହଡୋଳ ସେକ୍ସନ ପରଜଙ୍ଗ ବ୍ଲକ ଡମୋଳ ଗ୍ରାମ ବ୍ରାହ୍ମଣୀ ନଦୀ ପଠାରେ ସେପ୍ଟେମ୍ବର ୨୦୨୩ରେ ବୃକ୍ଷ ମାଳା ଯୋଜନାରେ ୧୧ ଶହ ବିଭିନ୍ନ କିସମର ବୃକ୍ଷ ରୋପିତ ହୋଇଥିବା ବେଳେ ଗୋଟିଏ ବି ଗଛ ବନ ବିଭାଗ ବଞ୍ଚାଇ ପାରିଲା ନାହିଁ ବୋଲି ଅଭିଯୋଗ ହୋଇଛି। ବନ କର୍ମଚାରୀମାନେ ଫୋଟ ଉଠାଇ ସୋସିଆଲ ମିଡିଆରେ ଛାଡି



୧୧ ଶହ ରୋପିତ ଚାରା ସମ୍ପୂର୍ଣ୍ଣ ନଷ୍ଟ

କେବଳ ବାହା ବାହା ନେବା ପରେ ରକ୍ଷଣାବେକ୍ଷଣ ଅଭାବରୁ ପରବର୍ତ୍ତୀ ସମୟରେ ସମସ୍ତ ରୋପିତ ବୃକ୍ଷ ନଷ୍ଟ ହୋଇଯାଇଛି। ଡମୋଳ ଗ୍ରାମ ବ୍ରାହ୍ମଣୀ ନଦୀ କୂଳରେ ଜିଲ୍ଲା ବନଖଣ୍ଡର ଅଧିକାରୀ ସୁମିତ କରଙ୍କ ଉପସ୍ଥିତିରେ ସ୍ଥାନୀୟ ସରପଞ୍ଚ, ମହିବିରୋଡ ବନାଞ୍ଚଳ ଅଧିକାରୀ, ଡିହଡୋଳ ସେକ୍ସନ ବନପାଳ ସମେତ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ୧୧ ଶହ ବୃକ୍ଷ ରୋପଣ ହୋଇଥିଲା। ଉକ୍ତ ରୋପିତ ବୃକ୍ଷଗୁଡିକର ରକ୍ଷଣାବେକ୍ଷଣ ଘୋର ଅଭାବ ଯୋଗୁଁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି ଯୋଜନା ବାବଦରେ ଆସିଥିବା ୧୦ ଲକ୍ଷ ଟଙ୍କା ଆତ୍ମସାତ ସ୍ଥାନୀୟ ବନ ବିଭାଗ କରିଥିବା ଅଭିଯୋଗ ହୋଇଛି। ଏହି ସଂକ୍ରାନ୍ତରେ ଡିହଡୋଳ ସେକ୍ସନ ବନପାଳ ଚନ୍ଦ୍ରସେନ ବେହେରା କହିଛନ୍ତି କି, ସେ ଏବେ ନୂଆ ଭାବେ ଆସିଛନ୍ତି। ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରିବେ। ମହାବିରୋଡ ବନାଞ୍ଚଳ ଅଧିକାରୀଙ୍କ ଫୋନ ଲାଗି ନଥିଲା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଅର୍ଥ ଅନିୟମିତତା କରିଥିବା ସମ୍ପୃକ୍ତ ଅଧିକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

## ଭୁବନ କାଳୀବଜାର ପୂଜାର ସ୍ୱର୍ଣ୍ଣ ଜୟନ୍ତୀ

ଭୁବନ,୨୧।୧୦(ସମିସ): ଭୁବନ ଅଞ୍ଚଳର ୫ଟି ପ୍ରମୁଖ ସ୍ଥାନରେ କାଳୀପୂଜା ପ୍ରତିଷ୍ଠାନ ପୂଜା କରିଆସୁଛନ୍ତି। ସର୍ବପୁରାତନ ଭୁବନ କାଳୀ ବଜାର ୫୦ ବର୍ଷରେ ପଦାର୍ପଣ କରିବା ବେଳେ ମଣିପୁର ୨୦ ବର୍ଷର ପହଞ୍ଚିଛି। ଭୁବନ ଅଞ୍ଚଳର ୫ଟି ପ୍ରମୁଖ ସ୍ଥାନର କାଳୀପୂଜା ଅନୁଷ୍ଠାନ ମଧ୍ୟରୁ



କାଳୀବଜାର ସର୍ବପ୍ରଥମେ ୧୯୭୧ରେ ଫୋଟ ପୂଜା ଆରମ୍ଭ ହୋଇଥିଲା। ଯେଉଁ ମୁରବୀମାନେ ଆରମ୍ଭ କରିଥିଲେ ସେମାନଙ୍କ ମଧ୍ୟରୁ ଅନେକ ସ୍ୱର୍ଗବାସୀ। ବୟୋବୃଦ୍ଧ ରେଡିଓ ମେକାନିକ ଯୁଗଳ କିଶୋର ଅଗ୍ରୱାଲାଙ୍କ କହିବା ଅନୁଯାୟୀ ବିଶ୍ୱନାଥ ଅଗ୍ରୱାଲା, କେଶବ ସାହୁ, ରାମଚନ୍ଦ୍ର ଦାସ, ନଟବର ନାୟକ। ଭୁବନ କାଳୀପୂଜା ଚଳିତ ବର୍ଷ ବର୍ଷ ୫୦ ବର୍ଷରେ ପଦାର୍ପଣ କରୁଛି। ଏହାକୁ ସ୍ମରଣୀୟ କରିବାକୁ ସାର୍ବଜନୀନ କାଳୀପୂଜା କିମିଟି ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବା କମିଟି ସଭାପତି ସମୀର କୁମାର ସାହୁ ମତ ବ୍ୟକ୍ତ କରିଛନ୍ତି। ଆସନ୍ତା ୨୦ ତାରିଖରୁ ଆରମ୍ଭ ହେଉଥିବା ଏହି ପୂଜା ୨୪ ତାରିଖରେ ସମାପନ ହୋଇ ୩୦ ତାରିଖରେ ମା'ଙ୍କୁ ମେଲାଣି ଦିଆଯିବ। ଏଥିସହ ଏହି ପରମ୍ପରାକୁ ଭୁବନରେ ଆରମ୍ଭ କରିଥିବା ବ୍ୟକ୍ତିବିଶେଷଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରାଯିବ। ସେମାନଙ୍କ ଅବର୍ତ୍ତମାନରେ ପରିବାର ସଦସ୍ୟଙ୍କୁ ସ୍ଥାନୀୟ ବିଧାୟକ ଶତ୍ରୁଘ୍ନ ଜେନାଙ୍କ ଉପସ୍ଥିତିରେ ୨୮ ତାରିଖ ଦିନ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି। ୧୯୭୪ରେ ଭୁବନରେ ସାର୍ବଜନୀନ କାଳୀପୂଜା ପରମ୍ପରା ଉପରୋକ୍ତ ଯେଉଁ ମୁରବୀ ସ୍ଥାନୀୟ ୫ ଜଣ ଆରମ୍ଭ କରିଥିଲେ। ସେମାନଙ୍କ ପଦାଙ୍କ ଅନୁସରଣ କରି ପୂଜା ୫୦ବର୍ଷରେ ପଦାର୍ପଣ କରିଛି। ପୂଜ୍ୟ ପୂଜାକୁ ସମ୍ମାନ ଦେଇ ଆସିଥିବା ଭୁବନବାସୀ ଭୁବନର ସାଂସ୍କୃତିକ ବିକାଶ କ୍ଷେତ୍ରରେ ମହାନ ଯୋଗଦାନ ଥିବା ବିଭୂତିମାନଙ୍କୁ ମରଣୋତ୍ତର ଭାବେ ସମ୍ମାନ ଦେବାକୁ ଯେଉଁ ନୂଆ ପରମ୍ପରା ଆରମ୍ଭ କରିଛନ୍ତି ତାହା ଅନ୍ୟ ପୂଜା ମଣ୍ଡପ ପାଇଁ ଉଦାହରଣ ବୋଲି ଶ୍ରୀ ସାହୁ ମତ ଦେଇଛନ୍ତି।

## ମଦମୁକ୍ତ ଅଭିଯାନରେ ସିଂହଡ଼ା ଗାଁ

ପରଜଙ୍ଗ,୨୧।୧୦(ସମିସ): ମଦ୍ୟପାନ କରି ନଯାଉ କାହାର ଜୀବନ କି ଉଜୁଡି ନଯାଉ ସଂସାର ନାରାରେ ମଦମୁକ୍ତ ଅଭିଯାନରେ ସିଂହଡା ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଙ୍ଗଳବାର ପଦଯାତ୍ରା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତ ସିଂହଡା ଗ୍ରାମର ମା' ସିଦ୍ଧେଶ୍ୱରୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ୫୦ ରୁ ଉର୍ଦ୍ଧ୍ୱ ମହିଳା ହାତରେ ମଦମୁକ୍ତ ଅଭିଯାନ ଫ୍ଲାଗ କାର୍ଡ ଧରି ଗ୍ରାମ ପରିଭ୍ରମଣ କରିଛନ୍ତି। ଗାଁରେ କୈଣସି ଦୋକାନରେ ଚୋରା ମଦ ବିକ୍ରି ହେଉ ବା ଘର ପୁରୁଷମାନେ ମଦ୍ୟପାନ କଲେ ତାଙ୍କଠାରୁ ଜରିମାନା ଆଦାୟ କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସେହିପରି ଆଗାମୀ ଦିନରେ ପଞ୍ଚାୟତରେ ପରିଭ୍ରମଣ କରିବା ସହିତ ସମ୍ପୂର୍ଣ୍ଣ ମଦମୁକ୍ତ କରାଯିବା ପାଇଁ ମହିଳା ଗୋଷ୍ଠୀ ଅଣ୍ଟା ଭିଡିଛନ୍ତି।

## ଚିରୁଲେଇ ଗ୍ରାମଦେବତୀଙ୍କ ବାର୍ଷିକ ଯଜ୍ଞ

ଢେଙ୍କାନାଳ, ୨୧।୧୦(ସମିସ): ଚିରୁଲେଇ ଗ୍ରାମଦେବତୀ ମା' ଶ୍ମଶାନେଶ୍ୱରୀ ପୀଠରେ ବାର୍ଷିକ ଉତ୍ସବରେ ଯଜ୍ଞ ସହ ୪ ଦିନ ପରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ



ପୁରୋଧା, ଯଜ୍ଞ କର୍ତ୍ତା ଭାବଗ୍ରାହୀ ଦାଶ ଓ ସତ୍ୟଭାମା ଦାଶ ଉପସ୍ଥିତ ଥିଲେ। ଜଗତସିଂହପୁରର ଯଜ୍ଞର ମୁଖ୍ୟ ପଣ୍ଡିତ ଶିଶିର ରଞ୍ଜନ ମିଶ୍ର, ବିଭୁତି ଭୂଷଣ ଆଚାର୍ଯ୍ୟ, ସତ୍ୟବ୍ରତ ଦାଶ, ଉପେନ୍ଦ୍ର ପଣ୍ଡା, ଚିରୁଲେଇ ଗ୍ରାମର କ୍ଷିରୋଦଚନ୍ଦ୍ର ହୋତାଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସଂପନ୍ନ ହୋଇଛି। ପଡ଼ୋଶୀ ଗ୍ରାମ ତଥା ଜିଲ୍ଲା ବାହାରୁ ଭକ୍ତମାନେ ଶହ ଶହ ସଂଖ୍ୟାରେ ପୀଠରେ ଉପସ୍ଥିତ ଥିଲେ। ଦୁଃଖବନ୍ଧୁ ବେହେରା, ରାମଚନ୍ଦ୍ର ନାୟକ, ଭାସ୍କରଚନ୍ଦ୍ର ନାୟକ, ଜ୍ୟୋତିରଞ୍ଜନ ଦୋରା, ଯୁଗଳ କିଶୋର ବେହେରା, ଶତ୍ରୁଘ୍ନ ନାୟକ, ଶରତଚନ୍ଦ୍ର ନାୟକ, ହଡା ବେହେରା, ଜ୍ୟୋତିରଞ୍ଜନ ମିଶ୍ର, ଗୌରାଙ୍ଗ ବାରିକ, ମୁରଲୀଧର ବେହେରା, ବିକାଶଚନ୍ଦ୍ର ସାହୁ, ଦାଶରଥୀ ବେହେରା, ପ୍ରିୟବ୍ରତ ରାଉତରାୟ, ଶାନ୍ତନୁ ସାମଲ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଖଜୁରିଆକଟା,୨୧।୧୦(ସମିସ): ହିନ୍ଦୋଳ ଉପଖଣ୍ଡ ବାଲିମି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଜେନାମଣି (୭୫)ଙ୍କ ସକାଳ ୭ଟା ସମୟରେ ଦେହାନ୍ତ ଘଟିଛି। ହିନ୍ଦୋଳ ବ୍ଲକ ଚିତଲପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ନିଜ ଗ୍ରାମ ବାଲିମିରେ ସପରିବାର ରହୁଥିଲେ। ଅବସର ପରେ ବାଲିମି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱେଚ୍ଛାକୃତ ଭାବେ ଶିକ୍ଷାଦାନ କରି ସମସ୍ତଙ୍କ ଅତି ଆପଣାର ହୋଇଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ରାଜେଶ ମୁଖାଗ୍ନି ଦେଇଥିଲେ।



## ଯୋଗାଣ ମନ୍ତ୍ରୀଙ୍କ ଚା' ପେ ଚର୍ଚ୍ଚା

ଢେଙ୍କାନାଳ, ୨୧।୧୦(ସମିସ): ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଢେଙ୍କାନାଳ ନଗର ୩ ନଂ ୱାର୍ଡ କୁଞ୍ଜକାନ୍ତ ପୁଷ୍କରିଣୀ ନିକଟରେ ପହଞ୍ଚି ସ୍ଥାନୀୟ କାଉନସିଲର ଅଭିମନ୍ୟୁ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ଚା' ପେ ଚର୍ଚ୍ଚାରେ ଯୋଗଦେଇ କାର୍ଯ୍ୟକର୍ତ୍ତା, ସ୍ଥାନୀୟ ଜନସାଧାରଣ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ଚା'ପାନ କରିବା ସହ ୱାର୍ଡର ବିକାଶ ଓ ଉନ୍ନୟନ କାର୍ଯ୍ୟ ବାବଦରେ ଆଲୋଚନା କରି ସେମାନଙ୍କର ମତ ନେଇଥିଲେ। ୱାର୍ଡରେ ବାକି ଥିବା ସମସ୍ତ ସାମଗ୍ରୀକ ଉନ୍ନତିମୂଳକ କାର୍ଯ୍ୟ ତୁରନ୍ତ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କୁଞ୍ଜକାନ୍ତ ପୁଷ୍କରିଣୀର ପୁନରୁଦ୍ଧାର କରିବା ସହ ଜନସାଧାରଣଙ୍କ ଆମୋଦ ପ୍ରମୋଦ ପାଇଁ ଏହାର ଚତୁଃପାଶ୍ୱର୍ ସୌନ୍ଦର୍ଯ୍ୟକରଣ କରିବା ସହ ଚାରିଗୋଟି ବୋଟ ଚଳାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉପରୋକ୍ତ ଚା'ପେ ଚର୍ଚ୍ଚାରେ ପୂର୍ବତନ ବିଜେପି ଜିଲ୍ଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବ କିଶୋର ଗୁରୁ, ମଣ୍ଡଳ ସଭାପତି ବିକାଶ ସାହୁ, ପୂର୍ବତନ ସଭାପତି ଧ୍ରୁବ ଚରଣ ସ୍ୱାଇଁ, କାଉନସିଲର ନିରୋଦ କୁମାର ସାହୁ, ସାଂସଦଙ୍କ ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀ, ମନ୍ତ୍ରୀଙ୍କ ପ୍ରତିନିଧି ସନ୍ତୋଷ ରାଉତ, ବରିଷ୍ଠ ନେତା ପଦ୍ମଭୂଷଣ ସାହୁ, ଦୀପକ ପଟ୍ଟନାୟକ, ସମରେନ୍ଦ୍ର ଶତପଥୀ ପ୍ରମୁଖଙ୍କ ସହିତ ଉକ୍ତ ୱାର୍ଡର ହୃଦାନନ୍ଦ ଦ୍ୱିବେଦୀ, ରବିନାରାୟଣ ମହାପାତ୍ର, ଅମର ରାୟ, ଶ୍ୟାମସୁନ୍ଦର ରଣା, ଆନନ୍ଦଚନ୍ଦ୍ର ମିଶ୍ର, ବିମଳେନ୍ଦୁ ମହାପାତ୍ର, ପ୍ରତାପ ପାଢୀ, ନକୁଳ ଶତପଥୀ, ରବିନାରାୟଣ ମିଶ୍ର, ସମରେନ୍ଦ୍ର ପଟ୍ଟନାୟକ, ପ୍ରତାପ ପାଢୀ, ନକୁଳ ଶତପଥୀ, ପ୍ରଯତ୍ନ ସାହୁ, ରତିକାନ୍ତ ବେହେରା, ପ୍ରଶାନ୍ତ ବେହେରା, ପୁରେଶ ମୁନି, ରାଧାବଲ୍ଲଭ ରାୟ, ଫକୀରଚନ୍ଦ୍ର ଗୋଛି, ଶିଶିର କୁମାର ରାୟ, ଝରଣାବାଳା ନାଥ, ଅଞ୍ଜଳି ସାହୁ, ବନ୍ଦନା ବାରିକ, ସ୍ୱର୍ଣ୍ଣଲତା ମିଶ୍ର, ରତ୍ନପ୍ରଭା ତ୍ରିପାଠୀ, ସସ୍ମିତା ସରକାର, ଅବନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବନପଦ୍ମ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଗଁଦିଆ, ୨୧।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଏକତାଳି ପଞ୍ଚାୟତର ପୁରୁଷୋତ୍ତମପୁରସ୍ଥିତ ବନପଦ୍ମ ଟ୍ରଷ୍ଟର ବାର୍ଷିକ ଉତ୍ସବ ଟ୍ରଷ୍ଟର ସଭାପତି ଥିଲେ ସୁବାସଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ସାଇ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ନିଜକୁ ବ୍ୟାପକ କଲେ ଭାଷା ସମୃଦ୍ଧ ହେବ, ସବୁବେଳେ ପ୍ରଜାପତି ଭଳି ହେବାକୁ ଚେଷ୍ଟା କରିବା ଉଚିତ, ଭାବନାର କିଛି ଭାଷା ନଥାଏ, ପରସ୍ପରକୁ ବୁଝିପାରିବାରେ ଭାଷା ପ୍ରତିବନ୍ଧକ ହୋଇ ନଥାଏ ବୋଲି ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟାପକ ସରୋଜକାନ୍ତ ତ୍ରିପାଠୀ କହିଥିଲେ। ସାଂସ୍କୃତିକ ଓ ସାରସ୍ୱତ ସମ୍ମାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି ସିବିଆଇ ଭିକାରୀ ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ କୁମାର ମିଶ୍ର, ଅବସରପ୍ରାପ୍ତ ପ୍ରଧ୍ୟାପକ ଡ ସରୋଜକାନ୍ତ ମିଶ୍ର, ସାମ୍ବାଦିକ ଶିଶିର ଶତପଥୀ, କଳା ସଂସ୍କୃତି ମହାସଂଘର ରାଜ୍ୟ ଉପସଭାପତି ଅବନୀ ମିଶ୍ର, କବୟିତ୍ରୀ ନିର୍ମଳା ମହାପାତ୍ର ମତ ବ୍ୟକ୍ତ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ହରିହର ସାହୁ, ବ୍ୟଙ୍ଗକବି ଶତ୍ରୁଘ୍ନ ମାଟି ବନ ପଦ୍ମ ଟ୍ରଷ୍ଟର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ନାଟ୍ୟକାର ପ୍ରଶାନ୍ତ ଦ୍ୱିବେଦୀଙ୍କ



ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବୟିତ୍ରୀ ବିଳାସିନୀ ମିଶ୍ରଙ୍କ ଲିଖିତ ପୁସ୍ତକ ଗୀତି କବିତା ପୁସ୍ତକକୁ ମଞ୍ଚାସୀନ ଅତିଥିମାନେ ଉନ୍ମୋଚିତ କରିଥିଲେ। ଏହି ଅବସରରେ ମାନପତ୍ର ଉପଢୌକନ ଓ ଉପହାର ଦେଇ ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି ସିବିଆଇ ଭିକାରୀ ଚରଣ ରାଉତ, ସାମ୍ବାଦିକ ଶ୍ରୀ ଶତପଥୀ, ଅବସରପ୍ରାପ୍ତ ପ୍ରଧ୍ୟାପକ ଡ ସରୋଜକାନ୍ତ ମିଶ୍ର, କବୟିତ୍ରୀ ନିର୍ମଳା ମହାପାତ୍ର, କଳା ସଂସ୍କୃତି ଉପସଭାପତି ଅବନୀ ମିଶ୍ର, ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ କୁମାର ମିଶ୍ର, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ, ବ୍ୟଙ୍ଗକବି ଶତ୍ରୁଘ୍ନ ମାଟି, ତୃପ୍ତି ପାଠାଗାର ଅଧ୍ୟକ୍ଷ ଭୁବନ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆନନ୍ଦଚନ୍ଦ୍ର ଦ୍ୱିବେଦୀ ଓ କୁଞ୍ଜ ବିହାରୀ ମିଶ୍ର ମଞ୍ଚାସୀନ ଥିଲେ। ପରେ ପରେ କବିତା ଆସର କାର୍ଯ୍ୟକ୍ରମ ମଧୁକ୍ଷରୀ ଅନୁଷ୍ଠିତ ହୋଇଥିଲା। ଏହାକୁ ସଂଯୋଜନା କରିଥିଲେ ପ୍ରଶାନ୍ତ ଦ୍ୱିବେଦୀ। କବି ଶାନ୍ତନୁ ଦାସ, ପ୍ରଫୁଲ୍ଲ କୁମାର ଦାସ, ହରିହର ସାହୁ, ସୁରେନ୍ଦ୍ର ପୃଷ୍ଟି, ସ୍ୱପ୍ନା ସାଗରିକା ମିଶ୍ର, ନିରୂପମା ଲେଙ୍କା, ବିଳାସିନୀ ପୃଷ୍ଟି, ଚିତ୍ରଶିଳ୍ପୀ ନାରାୟଣ ସାହୁ, ଶତ୍ରୁଘ୍ନ ମାଟି, ଡ ସରୋଜକାନ୍ତ ମିଶ୍ର, ନିର୍ମଳା ମହାପାତ୍ର, ସୁଲୋଚନା ସାହୁ, ପ୍ରମୋଦ ମିଶ୍ର, ବିଳାସିନୀ ମିଶ୍ର, ଅବନୀ ମିଶ୍ର, ଭିକାରୀ ଚରଣ ରାଉତ, ଶରତଚନ୍ଦ୍ର ତ୍ରିପାଠୀ ଓ ପ୍ରଶାନ୍ତ ଦ୍ୱିବେଦୀ ନିଜର କବିତା ପାଠ କରିଥିଲେ। ଟ୍ରଷ୍ଟର ସଭାପତି ଶ୍ରୀ ମିଶ୍ର ନିଜ ପିତା ଓ ଶଶୁରଙ୍କ ଯୁଗ୍ମ ନାମରେ ଏକ ଅନୁଷ୍ଠାନ ଗଠନ କରି ଆଜିର ସମାଜରେ ସମାନତା ଶିକ୍ଷା ଦେଇଥିବାରୁ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡିଶାର ସଭାପତି ପ୍ରକୃତି ବନ୍ଧୁ ଶ୍ରୀ ସାହୁ ସାଧୁବାଦ ଜଣାଇଥିଲେ। ଅଧିବକ୍ତା କ୍ଷୀରୋଦଚନ୍ଦ୍ର ମିଶ୍ର ମାନପତ୍ର ପଠନ କରିଥିଲେ। ମନୋଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦୌଡ଼େଶ୍ୱର ଘାଟରୁ ଅଜଣା ମୃତଦେହ ଉଦ୍ଧାର

ଗଁଦିଆ, ୨୧।୧୦(ସମିସ): ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି କରମୂଳ ଗ୍ରାମର ସନିକଟ ପ୍ରବାହିତ ବ୍ରାହ୍ମଣୀ ନଦୀର ଦୌଡେଶ୍ୱର ଘାଟରୁ ଏକ ଅଜଣା ମୃତଦେହ ଠାବ ହୋଇଛି। ମୃତ ଯୁବକଙ୍କ ବୟସ ପ୍ରାୟ ୪୦ ବର୍ଷ ହେବ। ସେ ଗୋଟିଏ ହାଫ ପ୍ୟାଣ୍ଟ ଓ ଗୋଟିଏ ଟି-ସାର୍ଟ ପିନ୍ଧିଛନ୍ତି। ଯୋରନ୍ଦା ଫାଣ୍ଡି ଅଧିକାରୀ ମାଗୁଣି ଗଡନାୟକ, ଗଁଦିଆ ଅଗ୍ନିଶମ ବାହିନୀ ଉଦ୍ଧାର ପ୍ରକ୍ରିୟାରେ ସାମିଲ ଥିବା ବେଳେ ପୁଲିସ ତଦନ୍ତ ଜାରି ରହିଛି।

**୨ ମାସର ଗର୍ଭବତୀ ଭିନ୍ନକ୍ଷମ ବୋହୂ ଦେହରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ**

## ପୁଅ ଘରେ ଅଳ୍ପକେ ବର୍ତ୍ତିଲେ ଯୁବତୀ

ଢେଙ୍କାନାଳ,୨୧।୧୦(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅନ୍ତର୍ଗତ କୁମୁସି ପଞ୍ଚାୟତ ଅଁଳାକୋଟା ଗ୍ରାମର ଭିନ୍ନକ୍ଷମ ଯୁବତୀ ଲକ୍ଷ୍ମୀପ୍ରିୟା ବେହେରା ସେହି ଗ୍ରାମର ଶରତ ସାହୁଙ୍କ ସାନପୁଅ ସୁବ୍ରତ ସାହୁଙ୍କୁ ଭଲ ପାଇ ସହମତିରେ ମନ୍ଦିରରେ ବିବାହ କରିଥିଲେ। ପୁଅର ପରିବାର ଲୋକ ତାଙ୍କୁ ଗ୍ରହଣ ନ କରି ଧକ୍କା ମାରି ଘରୁ ବାହାର କରିଦେଇଥିଲେ। ଗତମାସ ୨୬ ତାରିଖ ପ୍ରେମୀଯୁଗଳ ସ୍କୁଲ ବାରଣ୍ଡାରେ ରହି ସକାଳୁ ବଳଦିଆ ବାହାଳ ଗ୍ରାମକୁ ଯିବା କହି ଅଧା ବାଟରେ ଯୁବତୀଙ୍କୁ



ଛାଡିଦେଇ ଫେରାର ହୋଇଥିଲେ। ଏଥିନେଇ ଯୁବତୀ ସାଆନ୍ଦା ଫାଣ୍ଡି ଓ ପରଜଙ୍ଗ ଥାନାରେ କେସ୍ ନଂ ୪୫୧/୨୫ରେ ମାମଲା ରୁଜୁ କରି ବସିଥିବା ବେଳେ ପୁଲିସ କୌଣସି ପଦକ୍ଷେପ ନ ନେବାରୁ ଯୁବତୀ ଜଣକ ୯ ଦିନ ହେବ ପ୍ରେମିକଙ୍କ ଘର ସମ୍ମୁଖରେ ନ୍ୟାୟ ପାଇଁ ଧାରଣାରେ ବସିଥିଲେ। ଏପଟେ ଏହି ଦୃଶ୍ୟ ଦେଖିବା ପରେ ପରିବାର ଲୋକମାନେ ଘର ତାଲା ପକାଇ ଫେରାର ହୋଇଯାଇଥିଲେ। ଯୁବତୀ ଭିନ୍ନକ୍ଷମ ହୋଇଥିବାରୁ ପ୍ରେମିକଙ୍କ ଘର ସମ୍ମୁଖରେ ଥିବା ରୋଷେଇ ଘରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ସକାଳ ଭୋର ୪ଟା ସମୟରେ ନିଆଁ ଲଗାଇଥିବାରୁ ଯୁବତୀଙ୍କ ବାମ ହାତଗୋଡ଼ ପୋଡ଼ି ଯାଇଛି। ସେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗ୍ରାମବାସୀଙ୍କ ସହାୟତାରେ ଯୁବତୀଙ୍କୁ ଉଦ୍ଧାର କରିଥିବା ବେଳେ ପୁଲିସର ଅବହେଳା ଯୋଗୁଁ ଏଭଳି କାଣ୍ଡ ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପରଜଙ୍ଗ ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କର କୌଣସି ସୁରାକ ମିଳିନାହିଁ।

## ହଜିଯିବାକୁ ବସିଲାଣି ଅର୍ଥକାରୀ ନଳିତା ଚାଷ

ଗଁଦିଆ,୨୧।୧୦(ସମିସ):

ଏବେ ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି ଅନ୍ୟତମ ଅର୍ଥକାରୀ ଫସଲ ନଳିତା ଚାଷ। ଦୀର୍ଘବର୍ଷ ଧରି ଗଁଦିଆ ବିଭିନ୍ନ ଅଞ୍ଚଳରେ ଚାଷୀମାନେ ସେମାନଙ୍କ ଜମିରେ ଅର୍ଥକାରୀ ଫସଲ ନଳିତା ଚାଷରୁ କରିଆସୁଥିଲେ। ସେମାନେ ଝୋଟ ଉତ୍ପାଦନ କରିବା ସହ ଏହାକୁ ବିକ୍ରୟ କରି ଲାଭ ପାଉଥିଲେ। ନଳିତା ଚାଷ ଏକ ଲାଭଜନକ ଚାଷ ଥିଲା। ଏବେ କିନ୍ତୁ ପ୍ରୋତ୍ସାହନ ଅଭାବରୁ ଆଉ ସେଭଳି ନଳିତା ଚାଷ ଦେଖିବାକୁ ମିଳୁନାହିଁ। ପୂର୍ବରୁ ଶହ ଶହ ଏକର ଜମିରେ ଏହି ନଳିତା ଚାଷ ହେଉଥଲା। ନଳିତା ଗଛ ବଡ ହେଲାପରେ ତାକୁ କାଟି ବିଡ଼ା କରାଯାଇ ବିଭିନ୍ନ ଜଳାଶୟରେ ତାକୁ ବେଶ କିଛି ଦିନ ପୋତି ଦିଆଯାଉଥିଲା। ଆଉ ନଳିତା ଗଛ ପାଣିରେ ପଚିଗଲା ପରେ ଏହାକୁ ପାଣିରୁ ବାହାର କରି ଆଣି ସେଥିରୁ ଝୋଟ ବାହାର କରାଯିବା ସହ କାଉଁରିଆ କାଠି ବାହାର କରାଯାଉଥିଲା। ସଂଗୃହୀତ ଝୋଟକୁ ରାସ୍ତାରେ ଶୁଖାଇବା ପରେ ତାହାକୁ



ବାନ୍ଧି ବେପାରୀମାନଙ୍କୁ ବିକ୍ରୟ କରାଯାଉଥିଲା। ସରକାରୀ ପ୍ରୋତ୍ସାହନ ଅଭାବରୁ ଏବେ ଏହ ଚାଷରୁ ବହୁ ଚାଷୀ ବିମୁଖ ହୋଇପଡିଲେଣି। ବିଶେଷ କରି ଝୋଟ ଉପରେ ସରକାର ଗୁରୁତ୍ୱ ନଦେବାରୁ ଓ ଝୋଟ ବ୍ୟାଗ ଅଖା ବିଶେଷ ଭାବେ ବ୍ୟବହାର ନହେବାରୁ ଝୋଟ କମ୍ପାନୀମାନେ ଚାଷୀଙ୍କଠାରୁ ଆଉ ଆଗ ଭଳି ଝୋଟ ନେଲେ ନାହିଁ। ପୂର୍ବରୁ ଚାଷୀମାନେ ଗୋଟିଏ କ୍ଷେତରେ ୩ଟି ଫସଲ କରି ଅଧିକ ଉପାର୍ଜନ କରୁଥିଲେ। ଖରିଫ ଋତୁରେ ଧାନ ଚାଷ କରୁଥିବାବେଳେ ରବି ଋତୁରେ ମୁଗବିରି ଚାଷ ଓ ପରେ ନଳିତା ଚାଷ କରୁଥିଲେ। ଯାହାଫଳରେ ଚାଷୀମାନେ ୩ଟି ଫସଲ ପାଇପାରୁଥିଲେ। ଏବେ ଗଁଦିଆ ବ୍ଲକରେ ଚାଷୀମନେ କେବଳ ଧାନ ଚାଷ ଏବଂ କେଉଁଠି କେଉଁଠି ଧାନ ଚାଷ ପରେ ମୁଗ ବିରି ଆଦି ଫସଲ କରୁଛନ୍ତି। ନଳିତା ଚାଷ ହେଉଥିବା ଜମିରେ ନଳିତା କଟାଗଲା ପରେ ଏହାର ଝଡା ପତ୍ରଗୁଡିକ ସେଠାରେ ପଚି ସବୁଜ ସାର ଜମିକୁ ଯୋଗାଉଥିଲା। ପୂର୍ବରୁ ଚାଷୀମାନେ ଝୋଟ କ୍ୱିଣ୍ଟାଲ ପିଛା ୫୦୦ଟଙ୍କାରୁ ୧୦୦୦ ଟଙ୍କାରେ ବିକ୍ରୟ କରୁଥିଲେ। ଯାହାଫଳରେ ଚାଷୀମାନେ ଝୋଟ ଚାଷରୁ ଅଧିକ ଅର୍ଥ ପାଇ ପାରୁଥିଲେ। ଏହି ଅର୍ଥରେ ଧାନ ଚାଷ ପାଇଁ ସାର ବିହନ ଇତ୍ୟାଦି କ୍ରୟ କରୁଥିଲେ। ଘର ଖର୍ଚ୍ଚରେ ଏହାକୁ ବ୍ୟବହାର କରୁଥିଲେ। ହେଲେଏବେ କେଉଁଠି କେମିତି କାଁ ଭାଁ ଏହି ନଳିତା ଚାଷ କରାଯାଉଛି। ଦୀପାବଳି ବେଳେ ଘରେ ଘରେ କାଉଁରିଆ କାଠି ଆବଶ୍ୟକ ପଡୁଥିବାରୁ କିଛି ହାତ ଗଣତି ଚାଷୀ ଏହାକୁ ଚାଷ କରୁଥିବା ଦେଖିବାକୁ ମିଳୁଛି। ପୂର୍ବରୁ ଝୋଟ ଅମଳ ପରେ ସେଥିରୁ ଦଉଡି ପ୍ରସ୍ତୁତ ହେଉଥିଲା। ଝୋଟ ମଧ୍ୟ ବିକ୍ରି ହେଉଥିଲା। ନା ଏବେ ଝୋଟର ଉଚିତ ବଜାର ମୂଲ୍ୟ ମିଳୁଛି ନା ଝୋଟର ଦଉଡି ତିଆରି ହେଉଛି। ଗାଁ ଗହଳିରେ ଏବେ ଝୋଟ ଦଉଡି ବଦଳରେ ପ୍ଲାଷ୍ଟିକ ଦଉଡି ବେଶୀ ମାତ୍ରାରେ ବ୍ୟବହାର କରାଯାଉଛି। ଏବେ ଝୋଟ କୁଇଣ୍ଟାଲ ପିଛା ଦର ଏକ ହଜାର ଟଙ୍କାରେ କିଛି ବ୍ୟବସାୟୀ କିଣି ନେଉଛନ୍ତି। ଯଦି ବ୍ୟବସାୟୀଙ୍କୁ ଝୋଟ ନଦେବ ତେବେ ବର୍ଷ ସାରା ଘରେ ପଡିରହି କଳା ପଡିଯାଉଛି। ଅପରପକ୍ଷରେ ନଳିତା ଚାଷ ପାଇଁ ସରକାରଙ୍କ ସେଭଳି ପ୍ରୋତ୍ସାହନ ନଥିବାରୁ ଏବେ ଚାଷୀଭାଇମାନେ ଏହି ଅର୍ଥକାରୀ ଫସଲରୁ ମୁହଁ ଫେରାଉଥିବା ଦେଖିବାକୁ ମିଳୁଛି। କହିବାକୁ ଗଲେ ଏବେ କେବଳ ଦୀପାବଳି ଉତ୍ସବ ପାଳନ ବେଳେ କାଉଁରିଆ କାଠି ପାଇଁ ଏହି ନଳିତା ଚାଷ କେଉଁଠି କେମିତି ବଞ୍ଚି ରହିଛି।

ସକାଳ
THE SAKALA

# ସମ୍ପାଦକୀୟ




ଆତଙ୍କବାଦକୁ ସମୂଳେ ବିଲୋପ କରିବାର ମୁଖ୍ୟ ଅସ୍ତ୍ର ହେଉଛି ବହି ଓ କଲମ।
-ମଲାଲା ୟୁସୁଫଜାଇ

## ବଞ୍ଚିବାର ରାହା

ବିଶ୍ୱ ପାଣିପାଗ ସଂଗଠନ(ଡବ୍ଲୁଏମ୍‌ଓ)ର ସଦ୍ୟତମ ରିପୋର୍ଟ ସମଗ୍ର ବିଶ୍ୱ ଏବଂ ମାନବ ସଭ୍ୟତା ପାଇଁ ପୁଣି ଥରେ ସତର୍କ ଘଣ୍ଟି ବଜାଇଛି। ଏହି ରିପୋର୍ଟ ଅନୁଯାୟୀ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଏବଂ ବିଶ୍ୱ ତାପମାନ ବୃଦ୍ଧିରେ ସିଂହଭାଗ ଅବଦାନ ରଖୁଥିବା ଅଙ୍ଗାରକାମ୍ଳ ବାଷ୍ପ ପରିମାଣ ୨୦୨୩-୨୪ରେ ରେକର୍ଡ ପରିମାଣରେ ବୃଦ୍ଧି ପାଇଛି। ବିଶ୍ୱ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମାତ୍ରା ହାରାହାରି ୪୨୩.୯ ପିପିଏମ୍‌ରେ ପହଞ୍ଚିସାରିଛି, ଯାହାର ପ୍ରଭାବରେ ୨୦୨୪ ବିଶ୍ୱ ଇତିହାସର ସବୁଠାରୁ ଉତ୍ତପ୍ତ ବର୍ଷ ରୂପେ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି। ଏଥିସହିତ ବିଶ୍ୱ ତାପମାତ୍ରାକୁ ପ୍ରାକ୍-ଶିଳ୍ପାୟନ ସମୟର ତାପମାତ୍ରାରୁ ଅଧିକ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖିବା ପାଇଁ ହୋଇଆସୁଥିବା କସରତ ବିଫଳ ହୋଇଛି। ବାୟୁମଣ୍ଡଳକୁ କାର୍ବନ ନିର୍ଗମନର ପରିମାଣ ଯଥାସମ୍ଭବ ହ୍ରାସ କରିବା ପାଇଁ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାରେ ହୋଇଥିବା ଧାର୍ଯ୍ୟ ଲକ୍ଷ୍ୟର ବିପରୀତମୁଖୀ ଏହି ମାନବୀୟ କାର୍ଯ୍ୟଧାରା ମାନବସଭ୍ୟତା ପାଇଁ ହିଁ ବିପଦ ସୃଷ୍ଟି କରିଚାଲିଛି, ତାହା ବୁଝିବାକୁ ଆମକୁ ବୋଧହୁଏ ଆହୁରି ଅନେକ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼ିବ।

ପରିବେଶବିତ୍‌ମାନଙ୍କର କହିବା ଅନୁଯାୟୀ ୧୯୬୦ ଦଶକରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଉପସ୍ଥିତିର ବାର୍ଷିକ ହାରାହାରି ବୃଦ୍ଧି ମାତ୍ରା ଥିଲା ମାତ୍ର ୦.୮ ପିପିଏମ୍। ୨୦୧୧-୨୦ରେ ଏହା ବାର୍ଷିକ ୨.୪ ପିପିଏମ୍ ହାରରେ ବୃଦ୍ଧି ପାଇଥିବା ବେଳେ ୨୦୨୩ ରୁ ୨୦୨୪ ମଧ୍ୟରେ ଏକାଥରକେ ୩.୫ ପିପିଏମ୍ ବୃଦ୍ଧି ଘଟିଛି। ଏବେ ଆମ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ଉପସ୍ଥିତି ୪୨୩.୯ ପିପିଏମ୍, ଯାହା ପ୍ରାକ୍ ଶିଳ୍ପାୟନ ସ୍ଥିତିଠାରୁ ୧୫୨% ଅଧିକ। ବିଶ୍ୱ ତାପମାନ ବୃଦ୍ଧିରେ ଅଙ୍ଗାରକାମ୍ଳ ବାଷ୍ପର ଅବଦାନ ପ୍ରାକ୍‌ଶିଳ୍ପାୟନ ସମୟଠାରୁ ୬୬% ଏବଂ ଗତ ଦଶନ୍ଧିରେ ୭୯% ରହିଛି। ଏହି ପୃଷ୍ଠଭୂମିରେ ପ୍ୟାରିସ୍ ଚୁକ୍ତିନାମାର ସଂକଳ୍ପ ପୂରଣ ହେବ କେମିତି? ବିଡ଼ମ୍ବନା ହେଉଛି ଅଙ୍ଗାରକାମ୍ଳର ୫୦% କେବଳ ମଣିଷ ଦ୍ୱାରା ହିଁ ସୃଷ୍ଟ, ଯାହାର ପରିଣାମ ତା'କୁ ହିଁ ଭୋଗ କରିବାକୁ ପଡ଼ୁଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ବୃଦ୍ଧି ପଛରେ ଡବ୍ଲୁଏମ୍‌ଓ ଯେଉଁ କେତେକ କାରଣ ଦର୍ଶାଇଛି ସେଥିରେ ମାନବକୃତ କାର୍ଯ୍ୟକଳାପ ବ୍ୟତୀତ, ମହାସାଗରର ଓ ଭୂପୃଷ୍ଠର ଅଙ୍ଗାରକାମ୍ଳ ଶୋଷଣ କ୍ଷମତା ଧୀରେଧୀରେ ସଂକୁଚିତ ହୋଇଆସୁଛି। ଏହାସହିତ ବନାଗ୍ନି ଘଟଣାମାନ ବୃଦ୍ଧି ପାଇ ଚାଲିଛି। ଉପରୋକ୍ତ ପ୍ରାକୃତିକ କାରଣଗୁଡ଼ିକ ମଧ୍ୟ ଯେ ପରୋକ୍ଷରେ ମାନବକୃତ ତାହା ଅସ୍ୱୀକାର କରିହେବ ନାହିଁ। ତେଣୁ ମଣିଷ ନିଜେ ହିଁ ନିଜକୁ ବିଳୟ ମୁହଁକୁ ଟାଣି ନେଉଛି।




ମଣିଷକୁ ଆଜି ପ୍ରକୃତି ବିମୁଖ କରିବାର ମୁଖ୍ୟ କାରଣ ହେଉଛି ବଞ୍ଚିବାର ରାହା। ଏହାର ଅନ୍ୱେଷଣ ଯେତେ ଦ୍ରୁତ ଓ ପରିବ୍ୟାପ୍ତ ହେଉଛି ପ୍ରକୃତି ସେତିକି ବିପଦମୁଖୀ ହେବାରେ ଲାଗିଛି। ରାହାର ଅନୁସନ୍ଧାନ ସହିତ ସୁଖ ସ୍ୱାଚ୍ଛନ୍ଦ୍ୟ ଓ ବିଳାସପୂର୍ଣ୍ଣ ଜୀବନଶୈଳୀର କାମନା ମଣିଷକୁ ପ୍ରକୃତି ହନ୍ତା ରୂପେ ଉପସ୍ଥାପିତ କରିଛି। ବିକାଶ ପରିବେଶ ଅନୁକୂଳ ନ ହେବା ଏବଂ ଆବଶ୍ୟକତାଠାରୁ ଅଧିକ ଚାହିଦା ଯୋଗୁଁ ମାନବ ସଭ୍ୟତା ଆଜି ବିଲୟମୁଖୀ ହୋଇସାରିଛି। ଯାହାକୁ ଆମେ ରୋଜଗାରର ରାହା ଭାବେ ଗ୍ରହଣ କରିଛୁ ତାହା ଏବେ ଆମର ବଞ୍ଚିବାର ରାହା ପାଣି ଓ ପବନକୁ ହିଁ ବିଷାକ୍ତ କରିଚାଲିଛି। ବିଳାସ ଓ ବଞ୍ଚିବାର ରାହା ମଧ୍ୟରୁ ଆମକୁ ଗୋଟିକୁ ଏବେ ବାଛିବାକୁ ପଡ଼ିବ। ଆମେ ଯାହାକୁ ବାଛିବା ତାହା ଆମର ବର୍ତ୍ତମାନ ଓ ଭବିଷ୍ୟତକୁ ନିର୍ଦ୍ଧାରଣ କରିବ।

ବିଶ୍ୱର ଯେକୌଣସି ରାଷ୍ଟ୍ରରେ ବିକାଶ ଓ ଜୀବିକା ପାଇଁ ଶିଳ୍ପାୟନ ଅପରିହାର୍ଯ୍ୟ ଏବଂ ଏହାଦ୍ୱାରା ପ୍ରଦୂଷଣ ସ୍ତର ବଢ଼ିବା ମଧ୍ୟ ଅନିବାର୍ଯ୍ୟ। ସହରାଞ୍ଚଳଗୁଡ଼ିକ ରୋଜଗାର ଓ ବିକାଶର ପେଣ୍ଠ ରୂପେ ପରିଗଣିତ ହେଉଥିବାରୁ ସେଠାରେ ପ୍ରଦୂଷଣ ଅଧିକ। ଯେଉଁ ସହର ଯେତେ ଉନ୍ନତ ଓ ବିକଶିତ ତାହା ସେତେ ଅଧିକ ପ୍ରଦୂଷିତ। ତେଣୁ ସେଠାରେ ରହୁଥିବା ବାସିନ୍ଦାଙ୍କ ଉପରେ ଏହି ପ୍ରଦୂଷଣର ପ୍ରଭାବ ପଡ଼ିବା ସ୍ୱାଭାବିକ। ପୁଣି ଏକ ପ୍ରଦୂଷିତ ପରିବେଶ ହିଁ ନାନା ପ୍ରକାର ରୋଗବ୍ୟାଧିର ଉତ୍ପତ୍ତିସ୍ଥଳ। ଏହା ଜାଣି ମଧ୍ୟ ପ୍ରଦୂଷଣକୁ ନିୟନ୍ତ୍ରଣରେ ରଖିବା ପରିବର୍ତ୍ତେ ଆମେ ଯଦି ଅପରିଣାଦର୍ଶୀ ଓ ଅଯତ୍ନଶୀଳ ହୋଇ ଆଇନ୍ ଓ କଟକଣା ଉଲ୍ଲଂଘନ କରି ଚାଲିବା ନ୍ୟାୟାଳୟ, ସରକାର, କର୍ତ୍ତୃପକ୍ଷ କିଛି କରିପାରିବେ ନାହିଁ। ଆମେ ନିଜେ ସଚେତନ ନ ହେଲେ ଏବଂ ଆତ୍ମନିୟନ୍ତ୍ରଣ ନ କଲେ ଆମ ବିକାଶ ଅର୍ଥହୀନ ହୋଇ ଗଣମୃତ୍ୟୁର ଘଣ୍ଟି ବଜାଇବ, ଯାହା ଏବେ ଡବ୍ଲୁଏମ୍‌ଓର ତଥ୍ୟ ଆମକୁ ଚେତାବନୀ ଦେଇସାରିଛି।

ପରିବେଶ ବିଗିଡ଼ି ଗଲାଣି କହି ଚିତ୍କାର କରିବାର ବେଳ ଏବେ ଆଉ ନାହିଁ। କେବଳ ତ୍ୱରିତ ଓ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ହିଁ ସମୟର ଆହ୍ୱାନ। ଆଶା କରିବା ଆମ ସରକାର, ନୀତି ନିର୍ମାତା, ବିଚାରାଳୟ, ବିଧାନପାଳିକା ଏବଂ ଜନସାଧାରଣ ସମସ୍ତେ ମିଶି ବଞ୍ଚିବା ଏବଂ ଅନ୍ୟକୁ ବଞ୍ଚାଇବାର ରାହା ଖୋଜିବେ। ଏକ ସ୍ୱଚ୍ଛ ଓ ସବୁଜ ପରିବେଶ ନ ରହିଲେ ବିଦେଶୀ ପୁଞ୍ଜି ଲଗାଣ ତଥା ଶିଳ୍ପାୟନ ପ୍ରକ୍ରିୟା ପ୍ରଭାବିତ ହୋଇପାରେ। ସମ୍ପ୍ରତି ଅଧିକାଂଶ ନିବେଶକ ପରିବେଶ ସଚେତନ ହେବାର ଦେଖାଯାଉଛି। ସେମାନେ ଏବେ ଉତ୍ପାଦନର କାର୍ବନ ଫୁଟ୍‌ପ୍ରିଣ୍ଟ ବା ପ୍ରଦୂଷଣ ପରିମାଣ ପରଖୁଛନ୍ତି। କୃଷିଜାତ ଦ୍ରବ୍ୟ ମଧ୍ୟ ଏଥିରୁ ବାଦ ଯାଉନାହିଁ। ତେଣୁ ଆମକୁ ବିକାଶ ସହିତ ପରିବେଶକୁ ସୁରକ୍ଷିତ ରଖି ତାଳ ମିଳାଇ ଆଗକୁ ଚାଲିବାକୁ ହେବ। ଏକ ସୁସ୍ଥ ପରିବେଶରେ ହିଁ ବଞ୍ଚିବାର ରାହା ଖୋଜିବାକୁ ପଡ଼ିବ।

## ଟେରର-ଟାରିଫ-ଟ୍ରମ୍ପ

**ଡକ୍ଟର ଅଜୟ କୁମାର ସାହୁ**

୨୦୨୫ ମସିହା ଅକ୍ଟୋବର ୧୦ ତାରିଖ। ସ୍ୱିଡେନର ରାଜଧାନୀ ଷ୍ଟକହୋମରୁ ଘୋଷଣା ହେଲା - ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇବେ ଭେନେଜୁଏଲାର 'ଗଣତନ୍ତ୍ର ବଞ୍ଚାଅ ଆନ୍ଦୋଳନ'ର ନେତ୍ରୀ ମାରିୟା କୋରିନା ମଚାଡୋ। କିନ୍ତୁ ମାରିୟାଙ୍କଠାରୁ ଅଧିକ ଚର୍ଚ୍ଚିତ ହେଲେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ହ୍ୱାଇଟ ହାଉସ ଚଳଚଞ୍ଚଳ ହୋଇ ଉଠିଲା। ବୈଠକ ପରେ ବୈଠକ ବସିଲା। ଖୁବ ସମୀକ୍ଷା ହେଲା। ଯେମିତି ଆମେରିକା ଯୁଦ୍ଧ ହାରିଯାଇଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଯେମିତି ମୁଣ୍ଡ ଲଗାଇଲେ ଏବଂ ପ୍ରଚାରପ୍ରସାର କରିଥିଲେ ପୁରସ୍କାର ଘୋଷଣା ପରେ ଯୁଦ୍ଧ ହାରିଲା ପରି ପରିସ୍ଥିତି ହିଁ ହୋଇଛି। ଉଚ୍ଚାଭିଳାଷର ପରାଜୟ ଘଟିଛି।

ପାକିସ୍ତାନର ସେନା ମୁଖ୍ୟ ମୁନିରଙ୍କୁ ଆମେରିକା ଡାକି ଟ୍ରମ୍ପ ଆପ୍ୟାୟିତ କରିଥିଲେ। ତାହାଙ୍କ ମୁହଁରେ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ପ୍ରସ୍ତାବ ରଖିଲେ। ସାରା ବିଶ୍ୱ ଚକିତ ହେଲା। ତାଚ୍ଛଲ୍ୟ ବି କଲା। ଯେଉଁ ଦେଶ ଆତଙ୍କର ଗଡ଼, ଯେଉଁଠି ପାଳି ପୋଷି ଆତଙ୍କିମାନଙ୍କୁ ବିଭିନ୍ନ ଦେଶକୁ ରପ୍ତାନି କରାଯାଏ ଏବଂ ଆତଙ୍କ ସୃଷ୍ଟି କରାଯାଏ, ସେହି ଦେଶ କହୁଛି ଟ୍ରମ୍ପଙ୍କୁ ନୋବେଲ ଦିଅ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ପୁଣି ମୁନିରଙ୍କ ପ୍ରସ୍ତାବକୁ ସମର୍ଥନ କଲେ। ଯିଏ ହମାସ ସହ ଯୁଦ୍ଧରେ ଆଜି ବି ଲିପ୍ତ। ହଜାର ହଜାର ଶିଶୁଙ୍କୁ ହତ୍ୟା କରିଛନ୍ତି, ଶତାଧିକ ଗଣମାଧ୍ୟମ କର୍ମୀଙ୍କୁ ମାରିଛନ୍ତି, ହଜାର ହଜାର ଲୋକଙ୍କୁ ନିର୍ମମ ଭାବରେ ଧାରାଶାୟୀ କରିଛନ୍ତି, ଗାଜା ପଟିରେ ଧ୍ୱଂସ ଲୀଳା ଚଳାଇଛନ୍ତି, ଯାହାଙ୍କ ନାମରେ ମିଳିତ ଜାତିସଂଘରେ ହତ୍ୟାକାରୀ ବୋଲି ଅଭିଯୋଗ ରହିଛି, ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ ଏବଂ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ ଜଷ୍ଟିସ ଯାହାଙ୍କର ଗିରଫ ପାଇଁ ୱାରେଣ୍ଟି ଜାରି କରିଛି, ସିଏ ପୁଣି ସମର୍ଥନ କରୁଛନ୍ତି। ଏହାଠାରୁ ବିଶ୍ୱର ବଡ଼ ହାସ୍ୟାସ୍ପଦ କଥା ଆଉ କ'ଣ ହୋଇପାରେ! ସୈତାନ ମୁହଁରେ ବେଦ ପାଠ ପରି।

ପୁଣି ଯିଏ ଯୁଦ୍ଧ କରାଏ, ଅସ୍ତ୍ର ବିକ୍ରିକରି ଯୁଦ୍ଧକୁ ବଢ଼ାଏ, ନିଜ କଥା ନ ମାନିଲେ ଗାଦିଚ୍ୟୁତ କରାଏ, ଅସ୍ତ୍ରଶସ୍ତ୍ର କିଣାବିକାର ପ୍ରତିଯୋଗିତା ବଢ଼ାଏ, ସୈନ୍ୟ ପଠାଏ, ଧମକ ଚମକ ଦେଇ ଡରାଏ, ପରୋକ୍ଷ ପକ୍ଷଭୁକ୍ତ ହୋଇ ଯୁଦ୍ଧ କରେ ତା' ପାଇଁ ପୁଣି ଶାନ୍ତି ସମ୍ମାନ ଭିକ୍ଷା! ଯେଉଁଠି ସମ୍ମାନ ମଗାଯାଏ, ସେଇଠି ଲୋକହସା ହିଁ ହେବାକୁ ପଡ଼ିଥାଏ। ସମ୍ମାନ ବ୍ୟକ୍ତିର ମାନ୍ୟତାକୁ ଭିତ୍ତି କରି ଆସିଥାଏ। ଟ୍ରମ୍ପଙ୍କୁ ଆଉ କେହି ଭଲ ଲୋକ ଯେମିତି ମିଳିଲେ ନାହିଁ। ଏମିତି ଘୋର ପ୍ରତିକୂଳ ପରିସ୍ଥିତି ଭିତରେ ନୋବେଲ ଶାନ୍ତି ପୁରସ୍କାର ଆଶା ଓ ନିଶା କିନ୍ତୁ ଟ୍ରମ୍ପଙ୍କର ଅମଳିନ ଥିଲା। ଶକ୍ତିଶାଳୀ ରାଷ୍ଟ୍ରର ନେତା। ସେ ଯେଉଁଠି ଠିଆ ହେବେ ସେଇଠୁ ଗଣତି ଆରମ୍ଭ ହେବ। ନୋବେଲ ମେଡାଲ ତାହାଙ୍କ ଛାତିରେ ଆସି ଝୁଲିଯିବ। ଏମିତିକା ସମ୍ମୋହନ ବୋଧହୁଏ ଥିଲା। ଏହା ଶାନ୍ତି ସମ୍ମାନର କଥା। ଭୟ ଓ ଭ୍ରାନ୍ତିର ଖାତିର ନୁହେଁ। ଭୟ ଓ ଭ୍ରାନ୍ତିରେ କେବଳ ଘୃଣା ମିଳିଥାଏ। ଯେମିତି ଗଛ ଲଗାଇବ ସେମିତିକା ଫଳ ପାଇବ। ସେମିତି ହିଁ ହେଲା। ଅଶାନ୍ତ ଗଛରେ ଶାନ୍ତି ଫଳ ଫଳି ପାରିଲା ନାହିଁ।

ଟ୍ରମ୍ପ ନିରାଶ ହେଲେ। ବିଚଳିତ ଓ ବିବ୍ରତ ହେଲେ। ରାଗରେ ରକ୍ତ ଚାଉଳ ଚୋବାଇଲେ। ପାକ-ଭାରତ ଯୁଦ୍ଧ ଟ୍ରମ୍ପ ବନ୍ଦ କଲେ, ତେଣୁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳୁ ବୋଲି ଭାରତ କହୁ ବୋଲି ବହୁତ ଚାପ ପକାଇଲେ। ହେଲେ ଭାରତ ସେ ଭୁଲ କଲାନାହିଁ। ତେଣୁ ରାଗରେ ଟ୍ରମ୍ପ 'ତାରିଫ ଛାଟ' ମାରିଲେ। ଭାରତ ନଇଁଲା ନାହିଁ। ଭାରତୀୟ ଅର୍ଥନୀତିକୁ 'ଡେଡ ଇକୋନମି' ଏବଂ 'ଇଣ୍ଡିଆ ଓଭର ରେଟେଡ୍' ବୋଲି କହିବୁଲିଲେ। ଭିସା କଟକଣା ଲଗାଇଲେ। ବିଶ୍ୱ ବୈଷୟିକ ନବାଚାର ହବ୍ 'ଆମେରିକାନ ସିଲିକାନ ଭ୍ୟାଲି' କୁ ବେଖାତିର କଲେ। ଅନେକ ଭାରତୀୟଙ୍କୁ ଉଠାଇ ଆଣି ଭାରତରେ ଛାଡ଼ିଲେ। ଦ୍ରୁତ ଗତିରେ ବଢ଼ୁଥିବା ଭାରତୀୟ ଅର୍ଥନୀତିକୁ ଅବରୋଧ କରିବାକୁ ପ୍ରାଣପଣେ ଚେଷ୍ଟା କଲେ। ୪୦ ବର୍ଷର ଭାରତ ଆମେରିକା ସମ୍ପର୍କ ନୋବେଲ ମାୟା ତଳେ ଗୁମୁରି କାନ୍ଦିଲା। ଭାରତ ଆରଆଇସି(ରୁଷିଆ, ଇଣ୍ଡିଆ, ଚୀନ) ମଞ୍ଚରେ ମଜବୁତରେ ଠିଆ ହେଲା। ରୁଷିଆ ତ ଆମର ଅସଲ ବନ୍ଧୁ। ସେ ଆମ ପଛରେ ଠିଆ ହେଲା। ଟ୍ରମ୍ପଙ୍କ ପ୍ରଭାବ ସୀମିତ କହି ରୁଷିଆ ନିଜ ବଜାରକୁ ଭାରତ ପାଇଁ ଖୋଲି ଦେଲା। ଚୀନ ଭାରତର ଅଧିକ ଘନିଷ୍ଠ ହେଲା। ଭାରତ ପାଇଁ ସବୁ ସୁଯୋଗ ସୃଷ୍ଟି କଲା।

ଏବେ ଟାରିଫ ଯୁଦ୍ଧ ଯୋଗୁଁ ଖୋଦ୍ ଚାପରେ ଟ୍ରମ୍ପ। ନିଜ ଦେଶରେ ବି ନିନ୍ଦିତ ହେଲେ। ଉଚ୍ଚତମ ନ୍ୟାୟାଳୟ ମଧ୍ୟ ଭର୍ତ୍ସନା କଲେ। ଜିରୋ ଟାରିଫ ଲଗାଇବା ସହ ଭାରତକୁ କ୍ଷମା ମାଗିବା ଦରକାର ବୋଲି ନ୍ୟୁୟର୍କ ୟୁନିଭର୍ସିଟିର ପ୍ରଫେସର ଏଡୱାର୍ଡ ପ୍ରାଇସ ଚରମବାଣୀ ଶୁଣାଇଛନ୍ତି। ନୋବେଲ ପାଇଁ ଭାରତ ସୁପାରିସ କଲା ନାହିଁ ବୋଲି ଟ୍ରମ୍ପ ଏମିତି ବାଚାଳାମୀ କରୁଛନ୍ତି ବୋଲି କହିଛନ୍ତି ଡେମୋକ୍ରାଟିକ ସାଂସଦ ରୋ ଖାନ। ଦୁନିଆର ୮୦% ସମସ୍ୟା ଏହି ବୃଦ୍ଧ ଜରଦଗବ ଶାସନ କାଳରେ ସୃଷ୍ଟି ହୋଇଛି ବୋଲି ପୂର୍ବତନ ରାଷ୍ଟ୍ରପତି ବାରକ ଓବାମା ଟିପ୍ପଣୀ କରିଛନ୍ତି। ରୁଷ ଉପରେ ଟାରିଫ ବୋଝ ନାହିଁ, ଅଥଚ ଭାରତ ଉପର ଟାରିଫ ବୋଝ କାହିଁକି ଲଦି ଦିଆଯାଉଛି ବୋଲି ପୋଲାଣ୍ଡର ଜଣେ ସାମ୍ବାଦିକଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଖୁବ ରାଗିଲେ। ପୁଣି ଆଉ ଏକ ଆଳ କଲେ ଟ୍ରମ୍ପ। ରୁଷିଆଠାରୁ ତେଲ ଆମଦାନୀ ବନ୍ଦ କରିବାକୁ ଚାପ ପକାଇଲେ। ରୁଷିଆଠାରୁ ତେଲ କିଣି ଭାରତ ରୁଷ ଓ ୟୁକ୍ରେନ ଯୁଦ୍ଧକୁ ପରୋକ୍ଷରେ ବଢ଼ାଉଛି ବୋଲି ମିଛ ପ୍ରଚାର କଲେ। ସେ ଭୁଲିଗଲେ ଯେ ଚୀନ ରୁଷ ଠାରୁ ସର୍ବାଧିକ(୪୭%) ତେଲ କିଣୁଛି। ରୁଷରୁ ଏଲଏନଜି ସବୁଠାରୁ ଅଧିକ କିଣେ ୟୁରୋପୀୟ ସଂଘ। ଭାରତ ଠାରୁ ତେଲ ନିଏ ୟୁକ୍ରେନ। ଭାରତ ଆମେରିକା ଠାରୁ ବି ତେଲ କିଣେ। ରୁଷ ଠାରୁ ମାତ୍ର ୩୮% ତେଲ କିଣେ ଭାରତ। ଆମେରିକା ଏବେବି ରୁଷଠାରୁ ସାର, ପଲ୍ଲାଡିଅମ, ୟୁରାନିୟମ, କୋଇଲା, ଇସ୍ପାତ, ଲୁହା ଆଦି ଆମଦାନୀ କରେ। ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ତେଲ ଏକ ବାହାନା ଥିଲା। ଅସଲ ଉଦ୍ଦେଶ୍ୟ ଥିଲା ନୋବେଲ ପାଇଁ ଭାରତର ସମର୍ଥନ।

ମାରିୟା ଲୋକତନ୍ତ୍ରର ସୁରକ୍ଷା ପାଇଁ ଲଢ଼ିଛନ୍ତି। ଗଣତନ୍ତ୍ରର ଅଧିକାର ପାଇଁ ତାଙ୍କ ଲଢ଼େଇ ଜାରି ରହିଛି। ଏକଛତ୍ରବାଦର ଅନ୍ଧାର ଭିତରେ ଗଣତନ୍ତ୍ରର ମଶାଲ ଜାଳି ସମ୍ଭାବନା ଉଜ୍ଜୀବିତ ରଖିଛନ୍ତି। କେବେ ନୋବେଲ ପୁରସ୍କାର ପାଇଁ ଦାବି କରି ନାହାନ୍ତି କି କାହା ଦ୍ୱାରା ପ୍ରଚାର ପ୍ରସାର କରିନାହାନ୍ତି। ନିଜକୁ ଶାନ୍ତିର ଠିକାଦାର କହୁଥିବା ଟ୍ରମ୍ପ ସିରିଆର ଆତଙ୍କବାଦୀ ସହ ହାତ ମିଶାଇଲେ। କ୍ଷମତାକୁ ଆସିବାର ଦୁଇ ଦିନ ମଧ୍ୟରେ ରୁଷ ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେବି କହି ଆମେରିକାର କ୍ଷମତା ହାସଲ କରିଥିବା ଟ୍ରମ୍ପ ଇରାନ ଇସ୍ରାଏଲ ଯୁଦ୍ଧକୁ ବଢ଼ାଇଲେ, ଇରାନ ଉପରେ ଆକ୍ରମଣ କଲେ, ୟୁକ୍ରେନର ପରୋକ୍ଷ ପକ୍ଷ ଭୁକ୍ତ ହୋଇ ଯୁଦ୍ଧ କଲେ, ଆତଙ୍କୀ କାରଖାନା ଚଳାଇଥିବା ପାକିସ୍ତାନ ସହ ବନ୍ଧୁତା ବଢ଼ାଇଲେ। ଟାରିଫକୁ ଆତଙ୍କବାଦ ପରି ବ୍ୟବହାର କରି ସାରା ବିଶ୍ୱରେ ଅଶାନ୍ତି ବାତାବରଣ ସୃଷ୍ଟି କଲେ। ତାଙ୍କ ରାଜୁତି କାଳରେ ସୁଦାନ, ଭୂମଧ୍ୟସାଗର, ଆଫ୍ରିକା, ମିଆଁମାର, ହାଇତି, ସିରିଆ, ନେପାଳ, ଇଥିଓପିଆ, ଆଫଗାନିସ୍ତାନ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ସାଇପ୍ରସ, ଲିବ୍ୟା, ମରକ୍କୋ, ତୁର୍କୀ, ୟେମେନ, ନାଇଜେରିଆ, ସୋମାଲିୟା ଆଦି ୪୫ ସ୍ଥାନରେ ଯୁଦ୍ଧ ଅବା ଗୃହ ଯୁଦ୍ଧ ଅବ୍ୟାହତ ରହିଲା। ବିଶ୍ୱ ଶାନ୍ତି ସୂଚକାଙ୍କ ରସାତଳଗାମୀ ହେଲା। ହାତୀ ଦାନ୍ତ ପରି କହିଲେ କିଛି କଲେ ଆଉ କିଛି। ଏପରି ଅଶାନ୍ତ ବାତାବରଣରେ ଶାନ୍ତି ପୁରସ୍କାର ଆଶା କରିବା ନିଶ୍ଚୟ ଏକ ଉଦ୍ଭଟ ପରିକଳ୍ପନା। ଶାନ୍ତି ତ ବଜାର ସାମଗ୍ରୀ ନୁହେଁ ଯେ, ତା'କୁ ଯିଏ ହାତ ପକାଇବ ସିଏ ପାଇଯିବ! ଟ୍ରମ୍ପଙ୍କ ପାଇଁ ଖୁସି ଖବର ହେଲା ମାରିୟା ପ୍ରାପ୍ତ ହେବାକୁ ଥିବା ପୁରସ୍କାରକୁ ଟ୍ରମ୍ପଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଛନ୍ତି। ନୋବେଲ ପାଇବା ପାଇଁ ଟ୍ରମ୍ପ ହିଁ ଯୋଗ୍ୟ ବ୍ୟକ୍ତି ବୋଲି କହିଛନ୍ତି। ଏବେ ଏବେ ଇସ୍ରାଏଲର ସର୍ବୋଚ୍ଚ ଶାନ୍ତି ସମ୍ମାନ ଟ୍ରମ୍ପଙ୍କୁ ଦିଆଯାଇଛି।

ଏବେ ୟୁରୋପିଆନ ଦେଶ ସହ ମିଶି ରୁଷକୁ ପାନେ ଦେବା ପାଇଁ ପ୍ରସ୍ତୁତ ହେଉଥିବା ଟ୍ରମ୍ପ କହିଛନ୍ତି। ନୋବେଲ ମିଳିଲାନି ବୋଲି ମାରିଆକୁ ଢାଲ କରି ଆମେରିକା ଭେନେଜୁଏଲା ଉପରେ ଆକ୍ରମଣ କରିପାରେ ବୋଲି ରୁଷ ଭବିଷ୍ୟବାଣୀ କରିଛି। ଯଦି ସେମିତି ହୁଏ ତେବେ ଭେନେଜୁଏଲା ପଛରେ ରୁଷ ଓ ଇରାନ ଠିଆ ହେବେ ବୋଲି ଜଣାପଡ଼ିଛି। ନୋବେଲ ପାଇଁ ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଛି। ପାକ ଆଫଗାନିସ୍ତାନ୍ ମଧ୍ୟରେ କାତାର ଯୁଦ୍ଧବିରତି କରାଇପାରୁଛି। ଆମେରିକା ଚାହିଁଲେ ରୁଷ-ୟୁକ୍ରେନ ଯୁଦ୍ଧ ସମାପ୍ତ ହେବ। ଟ୍ରମ୍ପ ଚାହିଁଲେ ପାକିସ୍ତାନ ପରମାଣୁ ଅସ୍ତ୍ର ସମର୍ପଣ କରିଦେବ। ତା' ଦେଶରେ ସନ୍ତ୍ରାସ କାରଖାନା ବନ୍ଦ କରିଦେବ। କେବଳ ଭାରତକୁ ସାଥିରେ ରଖି। ସବୁ ସହଜ ହେବ। ଶାନ୍ତି ପାଇଁ ଆହୁରି ଅନେକ କିଛି କରିବାର ବାକି ଅଛି। ଟ୍ରମ୍ପଙ୍କଠାରୁ ବିଶ୍ୱ ବହୁତ କିଛି ଆଶା ରଖିଛି। ମାଗନ୍ତୁ ନାହିଁ। କିଛି କରିକି ପାଆନ୍ତୁ। ଆତ୍ମସନ୍ତୋଷ ମିଳିବ। ନୋବେଲ ଶାନ୍ତି ପୁରସ୍କାର ଆପଣଙ୍କ ଛାତିରେ ଶୋଭା ପାଇବ। ଆଜି ହେଲା ନାହିଁ, କାଲିକି ହେବ। ମାନବସଭ୍ୟତା ଧ୍ୱଂସମୁଖରୁ ବଞ୍ଚିଯିବ। ଆମେ ଜୀବନ ଚାହୁଁ, ଯୁଦ୍ଧ ନୁହେଁ। ଶାନ୍ତି ସମ୍ମାନ ମିଳୁକି ନ ମିଳୁ, ଆମେ ଶାନ୍ତି ଚାହୁଁ। ଟ୍ରମ୍ପଙ୍କ ନେତୃତ୍ୱରେ ତାହା ସମ୍ଭବ ହେବ। ବିଶ୍ୱର ଜୟ ହେବ, ମାନବିକତାର ଜୟ ହେବ, ଶାନ୍ତିର ଜୟ ହେବ। ନୋବେଲ ଶାନ୍ତି ପୁରସ୍କାରର ଜୟ ଜୟକାର ହେବ।

ସେମିଳିଗୁଡ଼ା(କୋରାପୁଟ),ମୋ: ୭୦୦୮୭୯୭୧୪୪

## ଟଟ୍‌କା ପନିପରିବା: ସମସ୍ୟା ଓ ସମାଧାନ

**ଡ.ଲକ୍ଷ୍ମୀ ନାରାୟଣ କର**

ଆମ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସହରର ବାସିନ୍ଦାମାନଙ୍କୁ ସୁଲଭ ମୂଲ୍ୟରେ ଟଟ୍‌କା ପନିପରିବା ଯୋଗାଇ ଦେବାକୁ ରାଜ୍ୟ ସରକାର ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟ ମାଧ୍ୟମରେ ସହରରେ ୧୨ ଗୋଟି 'ଉଦ୍ୟାନଫ୍ରେସ' ଆଉଟ୍‌ଲେଟ ସମ୍ପୂର୍ଣ୍ଣ ଆଧୁନିକ ଭାବରେ ଶୀତତାପ ନିୟନ୍ତ୍ରିତ କରି ଖୋଲିଥିଲେ। ଲୋକମାନେ ଖୁବ୍ ଖୁସିର ସହିତ ସେହି ଆଉଟ୍‌ଲେଟଗୁଡ଼ିକୁ ଯାଇ ସବୁଜ ଟଟ୍‌କା ପନିପରିବା କିଣି ଆଣୁଥିଲେ। କିନ୍ତୁ ଦୁଃଖର ବିଷୟ ଏହି ଯେ ଉଦ୍ୟାନଫ୍ରେସ ଆଉଟ୍‌ଲେଟଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ବନ୍ଦ୍ ହୋଇଯାଇଛି। ତାହାର ପ୍ରକୃତ କାରଣ କେହି କହି ପାରୁନାହାନ୍ତି। ଏହାଫଳରେ ଲୋକମାନେ ଟଟ୍‌କା ଓ ସୁଲଭ ମୂଲ୍ୟରେ ପନିପରିବା ପାଇବାରୁ ବଞ୍ଚିତ କେବଳ ହୋଇ ନାହାନ୍ତି ଯେ ଏଥିରେ ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟର ଅପାରଗତା ଓ ଅବହେଳା ପଦାରେ ପଡ଼ିଯାଇଛି।

ମୁଁ ଯେତେବେଳେ କୃଷି ମହାବିଦ୍ୟାଳୟର କୃଷି ସମ୍ପ୍ରସାରଣ ବିଭାଗରେ କାର୍ଯ୍ୟରତ ଥିଲି, ତତ୍କାଳୀନ ନିର୍ଦ୍ଦେଶକଙ୍କୁ ଭୁବନେଶ୍ୱର ଆଖପାଖ ବ୍ଲକ ଅନ୍ତର୍ଗତ ଗାଁମାନଙ୍କରେ କଦଳୀ, ଅମୃତଭଣ୍ଡା, ସଜନା, ପିଜୁଳି, ଜାମୁ ଲଗାଇବା ପାଇଁ ପରାମର୍ଶ ଦେଇଥିଲି। କିନ୍ତୁ ସେ ଏହାକୁ ଗ୍ରହଣ କରି ନ ଥିଲେ ବା ଏହାଉପରେ କୌଣସି ଆଲୋଚନା କଲେ ନାହିଁ। ବର୍ତ୍ତମାନ ସମୟରେ ଭୁବନେଶ୍ୱରରେ ପ୍ରାୟ ବର୍ଷସାରା ପନିପରିବା ଦର ଆକାଶଛୁଆଁ ହେଉଛି, ଯାହା କି ସାଧାରଣ ଲୋକଙ୍କ ପାଇଁ କିଣିବା ଅତ୍ୟନ୍ତ କଷ୍ଟକର ହୋଇଯାଉଛି। ଭୁବନେଶ୍ୱର ବ୍ଲକରେ ଥିବା ଗାଁଗୁଡ଼ିକରେ ଧାନ ବ୍ୟତୀତ ଅନ୍ୟାନ୍ୟ ପନିପରିବା ଯଥା କୋବି, ବାଇଗଣ, ଟମାଟୋ, ଝୁଡୁଙ୍ଗ, କଲରା, ସଜନା, କଦଳୀ, ଅମୃତଭଣ୍ଡା, ଚାଷ ପାଇଁ ମାଟି ଯଥେଷ୍ଟ ପରିମାଣରେ ସୁହାଉଛି। ଯଦି ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱର ସହରର ଆଖପାଖ ଅଞ୍ଚଳରୁ କିଛି ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରି ସେହି ସବୁ ଗାଁରେ ଆନ୍ତରିକତାର ସହ ଲୋକମାନଙ୍କ ସହିତ ବିଭିନ୍ନ ପ୍ରକାରର ଆଲୋଚନା କରି ସେମାନଙ୍କୁ ପରାମର୍ଶ ଦେଇ ପନିପରିବା ଚାଷ ପାଇଁ ଉତ୍ସାହିତ କରାଯାଇପାରନ୍ତା ଉଭୟ ଚାଷୀ ଓ ଖାଉଟି ଉପକୃତ ହୋଇପାରନ୍ତେ।



ଏହି ଯୋଜନାରେ ଚାଷୀମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କୁ ଉନ୍ନତ ମାନର ତାଲିମ ପ୍ରଦାନ, ଅଧିକ ଉତ୍ପାଦନକ୍ଷମ ବିହନ, ସାର, ଔଷଧ, ଚାରା ସୁଲଭ ମୂଲ୍ୟରେ ଯୋଗାଇ ଦେବାର ବ୍ୟବସ୍ଥା କରିବା ଉଚିତ୍। ପୁନଶ୍ଚ ପନିପରିବା ଚାଷ ପାଇଁ ଆବଶ୍ୟକ ପରିମାଣର ଜଳସେଚନର ବ୍ୟବସ୍ଥା, ବଳକା ପନିପରିବା ପାଇଁ ଉତ୍ତମ ମାନର ଶୀତଳଭଣ୍ଡାର, ସୁଲଭ ମୂଲ୍ୟରେ ବିଦ୍ୟୁତ୍ ଯୋଗାଣ ଇତ୍ୟାଦିର ବ୍ୟବସ୍ଥା ମଧ୍ୟ ସରକାରୀ ସ୍ତରରେ ହେବା ଉଚିତ୍। ଉଦ୍ୟାନ ବିଭାଗର ନିର୍ଦ୍ଦେଶକ ଓ ବିଭାଗର ଉଚ୍ଚ ପଦାଧିକାରୀ, କୃଷି ବିଜ୍ଞାନୀ ସମୟ ସମୟରେ ସେହି ପୋଷ୍ୟ ଗ୍ରାମମାନଙ୍କୁ ଯାଇ ଲୋକମାନଙ୍କ ସହିତ ବିଭିନ୍ନ ଧରଣର ଚାଷର ଉନ୍ନତି ପାଇଁ ଆଲୋଚନା କରିବା ଆବଶ୍ୟକ। ଯଦି ଦରକାର ହୁଏ ତେବେ ଅତି ସହଜରେ କିପରି ବ୍ୟାଙ୍କ୍ ଋଣ ବ୍ୟବସ୍ଥା ପାଇପାରିବେ ସେ ଦିଗରେ ଯତ୍ନବାନ ହେବା ଉଚିତ। ଉପଯୁକ୍ତ ଯତ୍ନ ଓ ଚାଷୀମାନଙ୍କ ସହିତ ଠିକ୍ ସମୟରେ ଠିକ୍ ଚାଷ ଉପରେ ଆଲୋଚନା କରି କିପରି ଚାଷୀ ଓ ଖାଉଟି ଉପକୃତ ହୋଇପାରିବେ ତାହା ନିହାତି ଦେଖିବା ଦରକାର।

ଆମ ମତରେ ଯଦି ଏହିପରି ବିଭିନ୍ନ ଉତ୍ସାହଜନକ କାର୍ଯ୍ୟକ୍ରମ କରାଯାଇ ଚାଷୀମାନଙ୍କୁ ଉତ୍ସାହିତ କରାଯାଇପାରିବ ତେବେ ଆମ ଭୁବନେଶ୍ୱର ସହରର ଆଖପାଖ ଅଞ୍ଚଳରେ ଥିବା ଗାଁଗୁଡ଼ିକରୁ ପ୍ରଚୁର ପରିମାଣରେ ଆଳୁ, ଦେଶୀ ଆଳୁ, ଟମାଟୋ, ମୂଳା, ବିନ୍, କୋବି, ବାଇଗଣ, ଲଙ୍କା, ପିଆଜ, ସାରୁ, କଖାରୁ, ଲାଉ ଇତ୍ୟାଦି ଅମଳ ହୋଇପାରିବ, ଯାହାକୁ ଚାଷୀମାନେ ଭୁବନେଶ୍ୱରର ଚାହିଦା ମେଣ୍ଟାଇ ଅନ୍ୟ ଜିଲ୍ଲା ଓ ରାଜ୍ୟ ବାହାରକୁ ମଧ୍ୟ ରପ୍ତାନି କରିପାରିବେ। ଏହାଦ୍ୱାରା ସେମାନଙ୍କ ରୋଜଗାର ପନ୍ଥା ଉନ୍ନତ ହେବ। ରାଜ୍ୟ ସରକାରଙ୍କ ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟକୁ ଅନୁରୋଧ ଯେ ସେମାନେ ଏହିପରି ପୋଷ୍ୟ ଗ୍ରାମ ଯୋଜନା କରନ୍ତୁ। ଏହାଫଳରେ ଯେଉଁ ଉଦ୍ୟାନ ଫ୍ରେସ ଆଉଟ୍‌ଲେଟଗୁଡ଼ିକ ଯଥେଷ୍ଟ ପରିମାଣରେ ପନିପରିବା ଅଭାବରୁ ବନ୍ଦ ହୋଇ ଯାଇଛି ପୁଣି ସେଗୁଡ଼ିକ ଖୋଲା ଯାଇପାରନ୍ତା।

(ପୂର୍ବତନ ନିର୍ଦ୍ଦେଶକ, ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ)
ଭୁବନେଶ୍ୱର, ମୋ: ୯୪୩୭୧୮୫୬୦୭

## ଗଙ୍ଗାମାତା ମଠ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ଏକଦା ଭୁବନେଶ୍ୱର ନିକଟ ପଟିଆରେ ରାଜତ୍ୱ କରୁଥିବା ରାଜବଂଶର ଜନୈକ ରାଣୀ ଅନେକ ଓଷାବ୍ରତ କରି କନ୍ୟା ସନ୍ତାନଟିଏ ଲାଭ କଲେ। ଭବିଷ୍ୟତରେ ଦେବରାଜ ଇନ୍ଦ୍ରଙ୍କ ପତ୍ନୀ ସଚ୍ଚୀଙ୍କ ପରି ବିଳାସବ୍ୟସନରେ ଝିଅ ଜୀବନ ବିତେଇବ ବୋଲି ରାଜାରାଣୀ ବିଶ୍ୱାସ କରିବା ସ୍ୱାଭାବିକ ଥିଲା। ତେଣୁ ସେମାନେ ଝିଅର ନାଆଁ ଦେଇଥିଲେ ସଚ୍ଚୀ। କିନ୍ତୁ ସଚ୍ଚୀଙ୍କୁ ରାଜ ପରିବାରର ବିଳାସବ୍ୟସନ ଭଲ ଲାଗୁ ନ ଥିଲା। ବଡ଼ ହୋଇ ସେ ଜଗନ୍ନାଥ ମହାପ୍ରଭୁଙ୍କ କଥା ଶୁଣିବା ଦିନଠାରୁ ତାଙ୍କର ଅଧିକାଂଶ ସମୟ ମହାପ୍ରଭୁଙ୍କ ଆରାଧନାରେ କଟି ଯାଉଥିଲା। ଯୌବନାବସ୍ଥା ପ୍ରାପ୍ତ ହେବା ପରେ ସେ ଶ୍ରୀକ୍ଷେତ୍ରବାସୀ ହୋଇ ସନ୍ନ୍ୟାସିନୀ ଭାବେ ମହାପ୍ରଭୁଙ୍କ ଆରାଧନାରେ ଜୀବନ ବିତେଇବା ପାଇଁ ପୁରୀ ଚାଲିଗଲେ। ରାଜା ବାଲିସାହି ସ୍ଥିତ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କ ଆଶ୍ରମରେ ସଚ୍ଚୀଙ୍କ ରହିବା ବନ୍ଦୋବସ୍ତ କରିଦେଲେ। ମହାନ ସନ୍ଥ ହରି ଦାସ ଠାକୁର ସଚ୍ଚୀଙ୍କର ଗୁରୁ ଥିଲେ।

ଥରେ ଗଙ୍ଗାନଦୀରେ ପବିତ୍ର ସ୍ନାନ ଯୋଗ ପଡ଼ିଲା। ସଚ୍ଚୀଦେବୀ ମଧ୍ୟ ଗଙ୍ଗାରେ ବୁଡ଼ ପକେଇବା ପାଇଁ ଇଚ୍ଛା କଲେ। କିନ୍ତୁ ପ୍ରତିଦିନ ସ୍ନାନ ପରେ ମହାପ୍ରଭୁଙ୍କୁ ଦର୍ଶନ ନ କଲେ ସେ ପାନାହାର ଗ୍ରହଣ କରୁ ନ ଥିଲେ। ଏଣୁ ଦ୍ୱନ୍ଦ୍ୱ ସମାଧାନ ପାଇଁ ସେ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ଭକ୍ତବତ୍ସଳ ମହାପ୍ରଭୁ ଭକ୍ତବାଞ୍ଛା କଳ୍ପତରୁ। ସେ ସଚ୍ଚୀଦେବୀଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ- 'ମୋର ବାମନାବତାରରେ ଦେବୀ ଗଙ୍ଗା ମୋର ନଖ କୋଣରୁ ପ୍ରକଟ ହୋଇଥିଲେ। ସେ ପୁଣି ଥରେ ମୋ ନଖ କୋଣରୁ ପ୍ରକଟ ହୋଇ ତୁ ରହୁଥିବା ଆଶ୍ରମ ସାମନାରେ ଅବସ୍ଥିତ ପୁଷ୍କରିଣୀରେ ମିଳିତ ହେବେ। ତୁ ସ୍ନାନଯୋଗ ଦିନ ସେ ପୁଷ୍କରିଣୀରେ ସ୍ନାନ କଲେ ସାକ୍ଷାତ୍ ଗଙ୍ଗାସ୍ନାନର ପୁଣ୍ୟ ଲାଭ କରିବୁ।'

ପରଦିନ ଗଙ୍ଗା ସ୍ନାନଯୋଗ ଥିଲା। ରାତି ପାହିବା ପରେ ସରୋବରର ନେଳିଆ ପାଣି ଆଶ୍ଚର୍ଯ୍ୟଜନକ ଭାବେ ଶ୍ୱେତରଙ୍ଗ ଧାରଣ କରିଥିଲା। ସଚ୍ଚୀଦେବୀ ସରୋବର ପାଣିରେ ସ୍ନାନ ପାଇଁ ପ୍ରବେଶ କରିବା ପରେ ଅନୁଭବ କଲେ ଯେ ଏକ ପ୍ରଖରସ୍ରୋତ ତାଙ୍କୁ ପୋଖରୀର ଅଭ୍ୟନ୍ତରକୁ ଟାଣି ନେଉଛି। ସେ ଜ୍ଞାନଶୂନ୍ୟ ହୋଇଗଲେ। ସଞ୍ଜ୍ଞା ଫେରିବା ବେଳକୁ ସେ ନିଜକୁ ମହାପ୍ରଭୁଙ୍କ ଗର୍ଭଗୃହରେ ଆବିଷ୍କାର କଲେ। ସେ ଦେଖିଲେ ଯେ ଗର୍ଭଗୃହରେ ପବିତ୍ର ଗଙ୍ଗାଜଳର ପ୍ଲାବନ ହୋଇଥିଲା ଏବଂ ଅନେକ ଭକ୍ତ ସେଠାରେ ବୁଡ଼ ପକାଉ ଥିଲେ। ତା' ପରେ ସବୁ କିଛି ଅଦୃଶ୍ୟ ହୋଇଗଲା। ସଚ୍ଚୀଦେବୀ ଏକା ଗର୍ଭଗୃହରେ ଠିଆ ହୋଇଥିଲେ।

କବାଟ ଫିଟା ନୀତିରେ ସେବକମାନେ ଗର୍ଭଗୃହ ଖୋଲିବା ପରେ ସଚ୍ଚୀଦେବୀଙ୍କୁ ଏକା ସେଠାରେ ଥିବା ଦେଖି ଭାବିଲେ ଯେ ପୂର୍ବଦିନ ଗର୍ଭଗୃହ ବନ୍ଦ ହେବା ପୂର୍ବରୁ ସେ ସେଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗହଣା ଚୋରି କରିବା ପାଇଁ ଲୁଚି ରହିଥିଲେ। ସେବକମାନେ ସଚ୍ଚୀଦେବୀଙ୍କୁ ବହୁତ ଅପମାନିତ କଲେ। ସଚ୍ଚୀଦେବୀ ଆଶ୍ରମକୁ ଯାଇ କାନ୍ଦିକାନ୍ଦି ସବୁ କଥା ମହାପ୍ରଭୁଙ୍କୁ ଜଣେଇଲେ। ଭକ୍ତର ଗୁହାରୀରେ ମହାପ୍ରଭୁଙ୍କ ରତ୍ନବେଦୀ ଦୋହଲି ଗଲା। ସେ ଗଜପତିଙ୍କୁ ସ୍ୱପ୍ନରେ ଆଦେଶ ଦେଇ କହିଲେ - 'ରାଉତ! ସେବକମାନେ ଯାହାକୁ ଗର୍ଭଗୃହରେ ଏକାକୀ ଆବିଷ୍କାର କରିଥିଲେ, ସେ ମୋର ପରମ ଭକ୍ତ ସଚ୍ଚୀଦେବୀ। ତା'ର ଗଙ୍ଗାସ୍ନାନ ଇଚ୍ଛା ପୂରଣ କରିବା ପାଇଁ ମୁଁ ଲୀଳା ରଚିଥିଲି। ଯେଉଁମାନେ ଚୋରଣୀ କହି ତା'କୁ ଅପମାନିତ କରିଛନ୍ତି, ସେମାନେ ମୋ ପାଖରେ ଦ୍ରୋହ କରିଛନ୍ତି। ସେମାନେ ତା' ପାଖରେ କ୍ଷମା ପ୍ରାର୍ଥନା ନ କଲେ ମୋର କ୍ଷମାର ପାତ୍ର ହୋଇରହିବେ ନାହିଁ।'

ଗଜପତି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ କୋଟିକୋଟି ପ୍ରଣାମ କରି ସକାଳ ହେବା ପରେ ସେବକମାନଙ୍କ ସହ ସଚ୍ଚୀଦେବୀଙ୍କ ଆଶ୍ରମରେ ପହଞ୍ଚିଲେ। ସମସ୍ତେ ସଚ୍ଚୀଦେବୀଙ୍କୁ କ୍ଷମା ପ୍ରାର୍ଥନା କଲେ ଏବଂ ରାଜା ସଚ୍ଚୀଦେବୀଙ୍କୁ ନିଜର ଗୁରୁ ପଦରେ ବରଣ କଲେ। ସଚ୍ଚୀଦେବୀଙ୍କର ମହାପ୍ରଭୁଙ୍କ ପ୍ରତି ଅଚଳା ଭକ୍ତି ଯୋଗୁଁ ଗଙ୍ଗା ଶ୍ରୀକ୍ଷେତ୍ରରେ ପ୍ରକଟ ହୋଇଥିବାରୁ ତାଙ୍କୁ ଶ୍ରୀକ୍ଷେତ୍ରବାସୀ ଶ୍ରଦ୍ଧାରେ ଗଙ୍ଗାମାତା ରୂପେ ସମ୍ବୋଧନ କରିବାକୁ ଲାଗିଲେ। ରାଜାଙ୍କ ପୃଷ୍ଠପୋଷକତାରେ ସେ ରହୁଥିବା ଆଶ୍ରମ ଏକ ମଠରେ ପରିଣତ ହେଲା ଏବଂ ମଠର ନାମ ଗଙ୍ଗାମାତା ମଠ ରଖାଗଲା। ଗଙ୍ଗାମାତା ସ୍ନାନ କରିଥିବା ପୋଖରୀରେ ପରମପାବନୀ ଗଙ୍ଗା ଆବିର୍ଭୂତା ହୋଇଥିବାରୁ ଏବଂ ଆବିର୍ଭାବ ପରେ ପୋଖରୀର ପାଣି ଶ୍ୱେତରଙ୍ଗ ଧାରଣ କରିଥିବାରୁ, ସେ ସରୋବରକୁ ଶ୍ୱେତଗଙ୍ଗା କୁହାଗଲା। ଏହା ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ଭିତରୁ ଗୋଟିଏର ମାନ୍ୟତା ଲାଭ କଲା।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ସ୍ୱାମୀଙ୍କ ବିଚ୍ଛେଦ ସହିପାରିଲେନି

## ବେକରେ ଦଉଡ଼ି ଦେଇ ଜୀବନ ହାରିଲେ ପତ୍ନୀ

ପଟ୍ଟାମୁଣ୍ଡାଇ,୨୧।୧୦(ସମିସ): କୁହାଯାଏ ପତିପତ୍ନୀର ସମ୍ପର୍କ ଜନ୍ମ ଜନ୍ମର। ଏହି ସମ୍ପର୍କ ଶାଶ୍ୱତ ଓ ପବିତ୍ର। ସ୍ୱାମୀଙ୍କୁ ଛାଡ଼ି ଜଣେ ନାରୀର ବଞ୍ଚିବା ଦୁର୍ବିଷହ ହୋଇପଡ଼େ। ତାହାର ଉଦାହରଣ ଦେଖିବାକୁ ମିଳିଛି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଖଡ଼ିଅଣ୍ଟା ପଞ୍ଚାୟତ ଆମ୍ବେର ଗ୍ରାମରେ। ଏହି ଗ୍ରାମର ବସନ୍ତ ବେହେରାଙ୍କ ସାନଝିଅ ଜ୍ୟୋସ୍ନାରାଣୀ ସ୍ୱାମୀଙ୍କ ବିଚ୍ଛେଦ ସହି ନ ପାରି ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନା ମୁତାବକ, ଆମ୍ବେର ଗ୍ରାମର ବସନ୍ତ ବେହେରାଙ୍କ ସାନଝିଅ ଜ୍ୟୋସ୍ନାରାଣୀ (୨୦)ଙ୍କ ଓସଙ୍ଗରା ଗ୍ରାମର ଭଦ୍ର ଜେନାଙ୍କ ବଡ଼ପୁଅ ଲଳିତ ଜେନାଙ୍କ ସହ ବିହାଘର ହୋଇଥିଲା। ଲଳିତ ଗତ ସେପ୍ଟେମ୍ବର ମାସ ୧୯ ତାରିଖରେ ପାରିବାରିକ କାରଣରୁ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ଏହାପରେ ଜ୍ୟୋସ୍ନାରାଣୀ ଶାଶୂଘରେ ନିଜର ମାନସିକ ଭାରସାମ୍ୟ ହରାଇ ଏକାଧିକ ବାର ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଶାଶୂଘର ପକ୍ଷରୁ ଘଟଣା ସମ୍ପର୍କରେ ଖବର ପାଇ ଜ୍ୟୋସ୍ନାରାଣୀଙ୍କ ବାପା ବସନ୍ତ ବେହେରା ଝିଅ ଓ ୧୪ ମାସର ନାତୁଣୀକୁ ନିଜ ଘରକୁ ନେଇ ଆସିଥିଲେ। ବାପଘରକୁ ଆସିବା ପରେ ମଧ୍ୟ ଜ୍ୟୋସ୍ନାରାଣୀଙ୍କ କୌଣସି ପରିବର୍ତ୍ତନ ଘଟି ନ ଥିଲା। ରବିବାର ଦିନ ବାପଘର ଲୋକେ କେହି ଘରେ ନ ଥିବା ସୁଯୋଗ ନେଇ ଜ୍ୟୋସ୍ନାରାଣୀ ବେକରେ ଦଉଡି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀଙ୍କ ମୃତ୍ୟୁର ଏକମାସ ପରେ ଜ୍ୟୋସ୍ନାରାଣୀଙ୍କ ଆତ୍ମହତ୍ୟା ପଟ୍ଟାମୁଣ୍ଡାଇରେ ଆଲୋଡ଼ନ ସୃଷ୍ଟି କରିଛି।

## ବନ୍ତଲେଇରେ କଲରାପତରିଆ ଆତଙ୍କ

ରେଢ଼ାଖୋଲ, ୨୧।୧୦ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ଲଣ୍ଡାକୋଟ ସଂରକ୍ଷଣ ଜଙ୍ଗଲରେ ବାଘ ଆତଙ୍କ। ମଙ୍ଗଳବାର ବାଘଟି ଏକ ଗାଈକୁ ମାରି ଖାଇବା ପରେ ନିକଟସ୍ଥ ବନ୍ତଲେଇ, ବଡ଼ମାଳ, ଆମ୍ବୁଝୁରି, କଡ଼ତଇଲା ଗାଁ ସମେତ ବୁଡ଼ରା ପଞ୍ଚାୟତରେ ଭୟର ବାତାବରଣ ଖେଳିଯାଇଛି। ନିଜର ଗୃହପାଳିତ ପଶୁଙ୍କ ସୁରକ୍ଷାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଛି। ସନ୍ଧ୍ୟା ହେଲେ ଗାଁରେ ତାଟିକବାଟ ପଡ଼ିଯାଉଛି।



ସୂଚନାନୁସାରେ, ଗାଁର ଗୋପୀନାଥ ବେହେରାଙ୍କ ଗାଈ ସମେତ ଅନ୍ୟ କିଛି ଚାଷୀଙ୍କ ଗୋରୁ ଲଣ୍ଡାକୋଟ ଜଙ୍ଗଲକୁ ଚରିବାକୁ ଯାଇଥିଲେ। ଗୋପୀନାଥଙ୍କ ଏକ ଗାଈ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଆଜି ସକାଳେ ଗୋପୀନାଥ ଜଙ୍ଗଲରେ ଖୋଜାଖୋଜି କରିଥିଲେ। ତେବେ ଗାଈଟି ଜଙ୍ଗଲରେ ମରିପଡ଼ିଥିବା ବେଳେ ତାକୁ କେହି ବନ୍ୟଜନ୍ତୁ ଅଧା ଖାଇଦେଇଥିବା ଗୋପୀନାଥ ଦେଖିବାକୁ ପାଇଥିଲେ। ଖବର ପାଇ ବନରକ୍ଷୀ କୈଳାଶ ଚନ୍ଦ୍ର ମିଶ୍ର ଏବଂ ପ୍ରାଣୀଧନ ଚିକିତ୍ସକ ନବୀନ ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ଏହା ଏକ କଲରାପତରିଆ ବାଘର

### ଗାଈକୁ ମାରି ଖାଇଦେଲା

କାରନାମା ବୋଲି ଜାଣିବାକୁ ପାଇଥିଲେ। ତେଣୁ, ବନ ବିଭାଗ ପକ୍ଷରୁ ଆଖପାଖ ଗ୍ରାମବାସୀଙ୍କୁ ସତର୍କ କରାଇ ଦିଆଯାଇଛି। ସଂଧ୍ୟା ପରେ ଘରୁ ନ ବାହାରିବାକୁ ଏବଂ ଗୃହପାଳିତ ପଶୁଙ୍କୁ ଜଙ୍ଗଲ ମଧ୍ୟକୁ ଛାଡ଼ିବାକୁ ବାରଣ କରାଯାଇଛି। ଅପରପକ୍ଷେ ବାଘଟିକୁ ଜଙ୍ଗଲ ଭିତରକୁ ତଡ଼ିବା ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଗ୍ରାମ୍ୟ ଜଙ୍ଗଲରେ ବାଘ ପାଦଚିହ୍ନ ଠାବ ପରେ ଆତଙ୍କ



କାମାକ୍ଷାନଗର, ୨୧।୧୦(ସମିସ): କିଛି ଦିନର ନିରବତା ପରେ କାମାକ୍ଷାନଗର ଅଞ୍ଚଳରେ ପୁଣି ବାଘ ଆତଙ୍କ ଦେଖାଦେଇଛି। କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଅଧୀନ ଖଟଖୁରା ଗ୍ରାମର ଭଣ୍ଡାରିଆ ଗ୍ରାମ୍ୟ ଜଙ୍ଗଲରେ ଏକ ବାଘର ପାଦଚିହ୍ନ ଠାବ କରାଯାଇଛି। ଏହାକୁ ନେଇ ଗାଁରେ ଭୟର ବାତାବରଣ ଖେଳିଯାଇଛି। ବାଘଟି ୮ରୁ ୧୦ ଦିନ ତଳେ କନ୍ତାରିପାଟ ଜଙ୍ଗଲରେ ଏକ ଷଣ୍ଢକୁ ମାରିଦେଇଥିଲା। ପରେ ତା'ର ସନ୍ଧାନ ମିଳି ପାରିନଥିଲା। ଅପରପକ୍ଷେ, ବାଘକୁ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଆବଦ୍ଧ ରଖିବା ପାଇଁ ବନବିଭାଗ କୌଣସି ବିଶେଷ ଉପାୟ କରିନଥିବା ଅଭିଯୋଗ ହେଉଛି। ଗ୍ରାମବାସୀ ବାଘ ଭୟରେ ବିଲକୁ ମଧ୍ୟ ଯାଇ ପାରୁନାହାନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୀପାବଳି ବେପାର...

ଏହାବ୍ୟତୀତ, ଇଲେକ୍ଟ୍ରୋନିକ୍ସ ଏବଂ ବୈଦ୍ୟୁତିକ (୮%), ପୋଷାକ ସାମଗ୍ରୀ (୭%), ଉପହାର (୭%) ଏବଂ ଗୃହ ସାଜସଜ୍ଜାରର ଯୋଗଦାନ ୫% ରହିଥିଲା। ଚଳିତଥର ଦୀପାବଳିରେ ୮୭% ଲୋକ ଚୀନ୍ ସାମଗ୍ରୀକୁ ପ୍ରତ୍ୟାଖ୍ୟାନ କରିଥିବା ଏହି ସର୍ଭେରୁ ଜଣାପଡ଼ିଛି।

କ୍ୟାଟ୍ ସ।ଭେର୍ଭେ ରିପୋର୍ଟ ଅନୁଯାୟୀ ବମ୍ପର ବିକ୍ରିରେ ଦେଶର ଛୋଟ ଛୋଟ ବ୍ୟବସାୟୀଙ୍କ ଯୋଗଦାନ ୮୫% ରହିଛି। ୫୦ ଲକ୍ଷ ଲୋକଙ୍କୁ ଅସ୍ଥାୟୀ ନିଯୁକ୍ତି ମଧ୍ୟ ମିଳିଛି। ଏହି ସ।ର୍ଭେ।ରେ ୬୦ଟି ପ୍ରମୁଖ ସହରକୁ ଅନ୍ତର୍ଭୁକ୍ତ କରାଯାଇଥିଲା, ଯେଉଁଥିରେ ସମସ୍ତ ରାଜ୍ୟ ରାଜଧାନୀ ସହିତ ଟାୟର-୨ ଏବଂ ଟାୟର-୩ ସହର ମଧ୍ୟ ଅନ୍ତର୍ଭୁକ୍ତ। ଭାରତର ପାରମ୍ପରିକ ଖୁଚୁରା ବଜାର କେତେ ଦୃଢ଼ ଭାବରେ ପୁନରାଗମନ କରୁଛି ତାହାର ଏକ ଚିତ୍ର ବୟାନ କରୁଛି ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି।

କ୍ୟାଟ୍‌ର ଜାତୀୟ ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲଙ୍କ ଅନୁଯାୟୀ, ଲୋକାଲ୍ ଫର ଭୋକାଲ୍ ଏବଂ ସ୍ୱଦେଶୀ ଦୀପାବଳି ପାଇଁ ଦିଆଯାଇଥିବା ଆହ୍ୱାନ ବ୍ୟବସାୟୀ ଏବଂ ଗ୍ରାହକ ଉଭୟଙ୍କୁ ଅନୁପ୍ରାଣିତ କରିଥିଲା। ସର୍ଭେ ସାମିଲ ୮୭% ଗ୍ରାହକ ବିଦେଶୀ, ବିଶେଷକରି ଚୀନ୍ ଉତ୍ପାଦ ଅପେକ୍ଷା ଭାରତୀୟ ସାମଗ୍ରୀ କିଣିବାକୁ ପସନ୍ଦ କରିଥିଲେ। ଏହାର ସିଧାସଳଖ ପ୍ରଭାବରେ ଚୀନ୍ ଉତ୍ପାଦର ଚାହିଦାରେ ତୀବ୍ର ହ୍ରାସ ଘଟିଥିଲା। ବ୍ୟବସାୟୀମାନେ ନିଜେ ଗତ ବର୍ଷ ତୁଳନାରେ ଭାରତୀୟ ନିର୍ମିତ ସାମଗ୍ରୀର ବିକ୍ରିରେ ୨୫% ବୃଦ୍ଧି ହୋଇଥିବା ରିପୋର୍ଟ କରିଥିଲେ।

ଏହି ଦୀପାବଳି କାରବାରର ସବୁଠାରୁ ଆକର୍ଷଣୀୟ ଏବଂ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯେ ଅଣ-କର୍ପୋରେଟ୍ ବ୍ୟବସାୟଗୁଡ଼ିକରେ ଆମର ପାରମ୍ପରିକ ବଜାର ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ଏହି ବିଶାଳ ୬.୦୫ ଲକ୍ଷ କୋଟି (ପ୍ରାୟ ୮୫%) କାରବାରର ସୂତ୍ରଧର ଥିଲେ। ଏହା ପ୍ରମାଣିତ କରେ ଯେ ବଡ଼ ଇ-କମର୍ସ ପ୍ଲାଟଫର୍ମ ଏବଂ ମଲ୍‌ର ଉପସ୍ଥିତି ସତ୍ତ୍ୱେ, ସାଧାରଣ ବ୍ୟବସାୟୀ ଭାରତର ଅର୍ଥନୀତିର ମେରୁଦଣ୍ଡ ହୋଇ ରହିଛନ୍ତି। ଗତ ବର୍ଷ ଦୀପାବଳିରେ ମୋଟ ୪.୨୫ ଲକ୍ଷ କୋଟି ଟଙ୍କାର କାରବାର ହୋଇଥିଲ, ଚଳିତ ବର୍ଷ ତୁଏଥିରେ ୨୫% ବୃଦ୍ଧି ଘଟିଛି।

ମିଠା, ଖାଦ୍ୟ, ପୂଜା ସାମଗ୍ରୀ ଠାରୁ ଆରମ୍ଭ କରି ଫର୍ଣ୍ଣିଚର ଏବଂ ଜୋତା ପର୍ଯ୍ୟନ୍ତ, ସବୁଠି ଚାହିଦା ଦେଖିବାକୁ ମିଳିଥିଲା। ଏହାବ୍ୟତୀତ, ସେବା କ୍ଷେତ୍ର ମଧ୍ୟ ଚଳିତ ବର୍ଷ ଅସାଧାରଣ ପ୍ରଦର୍ଶନ କରିଛି। ପ୍ରଥମ ଥର ପାଇଁ ସେବା କ୍ଷେତ୍ର ୬୫ ହଜାର କୋଟି ଟଙ୍କାର କାରବାର ରେକର୍ଡ କରିଛି। ଦୀପାବଳି ସମୟରେ, ପ୍ୟାକେଜିଂ, ଆତିଥେୟତା (ହୋଟେଲ ଏବଂ ରେସ୍ତୋରାଁ), ଟ୍ୟାକ୍ସି ସେବା, ଯାତ୍ରା, ଇଭେଣ୍ଟ ପରିଚାଳନା ଏବଂ ସାଜସଜ୍ଜା ଭଳି ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି। ଏହା ଦର୍ଶାଉଛି ଯେ ଉତ୍ସବ ଅର୍ଥନୀତି ଆଉ ସାମଗ୍ରୀ କ୍ରୟ ପର୍ଯ୍ୟନ୍ତ ସୀମିତ ନାହିଁ; ସେବାର ବ୍ୟବହାର ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହି ରେକର୍ଡ ବିକ୍ରି ପଛରେ ଏକ ପ୍ରମୁଖ କାରଣ ହେଉଛି ଜିଏସ୍‌ଟି ହାରକୁ ସମାନ୍ତରରାଳ କରିବା। ସର୍ଭେରେ ସାମିଲ ହୋଇଥିବା ୭୨% ବ୍ୟବସାୟୀ ସହମତ ହୋଇଛନ୍ତି ଯେ ଜିଏସ୍‌ଟି ହାରରେ ହ୍ରାସ ସେମାନଙ୍କୁ ଗ୍ରାହକମାନଙ୍କୁ ଉତ୍ତମ ମୂଲ୍ୟ ପ୍ରଦାନ କରିବାରେ ସକ୍ଷମ କରିଛି, ଯାହା ଫଳରେ ବିକ୍ରି ବୃଦ୍ଧି ପାଇଛି।

### ଫେଲ୍ ହୋଇଥିଲା...

ଏସ୍‌ପି ଗଣମାଧ୍ୟମକୁ ସୂଚନା ଦେବେ। ବର୍ତ୍ତମାନ ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ହତ୍ୟାକାରୀ, ଷଡ଼ଯନ୍ତ୍ରକାରୀ ଓ କାରଣର ପର୍ଦ୍ଦାଫାସ୍ କରାଯିବ। ବର୍ତ୍ତମାନ କିଛି ଅଭିଯୁକ୍ତ ପୁଲିସ କବଜାରେ ଅଛନ୍ତି ବୋଲି ସେ କହିଛନ୍ତି।

ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ପୁଲିସ ୧୪ଜଣଙ୍କୁ ଅଟକ ରଖି ଜେରା କରୁଛି। ଅଟକଙ୍କ ମଧ୍ୟରେ ବ୍ରହ୍ମପୁରର ପୂର୍ବତନ ମେୟରର ପିଣ୍ଟୁ ଦାଶ, ଜଣେ କର୍ପୋରେଟର୍, ଛାତ୍ରନେତା ଯୋଗୀ, ଗଞ୍ଜାମର ସାର୍ପସୁଟର୍ ଚିଣ୍ଟୁ, ରେକିରେ ସାମିଲ ବିହାରୀ ଯୁବକ ରହିଛନ୍ତି। ବିହାରରୁ ୨ଜଣ, ପଶ୍ଚିମବଙ୍ଗରୁ ଜଣେ, ଦିଲ୍ଲୀରୁ ଜଣେ, ଆନ୍ଧ୍ରରୁ ଜଣେ, କର୍ଣ୍ଣାଟକରୁ ଜଣେ, ନୟାଗଡ଼, ଖୋର୍ଦ୍ଧା ଓ ବ୍ରହ୍ମପୁରରୁ ଜଣେ ଲେଖାଏଁ ଏବଂ ବନ୍ତପଲ୍ଲୀ ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୪ଜଣଙ୍କୁ ଓ ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ପୂର୍ବତନ ମେୟରର ପିଣ୍ଟୁ ଦାଶଙ୍କ ଘନିଷ୍ଠ ସହଯୋଗୀ ମିଟୁ ପଣ୍ଡାକୁ ଷ୍ଟେସନ୍ ରୋଡ୍‌ରୁ ଓ ଅନ୍ୟତମ ସହଯୋଗୀ ଭିକିକୁ ପୁଲିସ ଉଠାଇ ନେଇଛି। ପୀତବାସଙ୍କୁ ବିହାରୀ ଯୁବକମାନେ ଗୁଳି କରିଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ବର୍ତ୍ତମାନ ଏନେଇ ପଦାକୁ ଆସିଛି ନୂଆ ତଥ୍ୟ। ବିହାରୀ ଯୁବକ ନୁହେଁ ବରଂ ଗଞ୍ଜାମର ଅପରାଧୀ ହିଁ ଗୁଳି କରିଥିବା ପ୍ରାୟତଃ ସ୍ପଷ୍ଟ ହୋଇଛି।

ତେବେ ତଦନ୍ତର ଶେଷ ପର୍ଯ୍ୟାୟରେ ପୂର୍ବତନ ମେୟର ପିଣ୍ଟୁ ଦାଶ କେମିତି ଆସିଲେ, ତାକୁ ନେଇ ପ୍ରଶ୍ନ ଉଠିଛି। ପିଣ୍ଟୁ ଓ ପୀତବାସଙ୍କ ମଧ୍ୟରେ ଅବଶ୍ୟ ପୂର୍ବରୁ ଶତ୍ରୁତା ଥିଲା। ଏପରିକି, ପୀତବାସଙ୍କ ଘର ଉପରକୁ ହୋଇଥିବା ବୋମାମାଡ଼ ଏବଂ ପରବର୍ତ୍ତୀ ସମୟରେ ପିଣ୍ଟୁଙ୍କ ଉପରକୁ ହୋଇଥିବା ବୋମାମାଡ଼ ଓ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କ ମାମଲା ପୀତବାସ ପରିଚାଳନା କରିବା ଆଦି ଘଟଣା ଓ ପ୍ରସଙ୍ଗକୁ ନେଇ ପିଣ୍ଟୁଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥାଇପାରେ ଅଥବା ପୁଲିସ ଦ୍ୱାରା ଅଟକ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ କିଛି ସୂଚନା ପାଇ ପୁଲିସ ଜେରା କରୁଥାଇପାରେ ବୋଲି ମଧ୍ୟ ଆଇନଜୀବୀଙ୍କ ମହଲରେ ଆଲୋଚନା ହେଉଛି।

ପୁଲିସ ସ୍କାନରରେ ବିଷୋୟୀ ଗ୍ୟାଙ୍ଗର ସଦସ୍ୟ ଓ କିଛି ରାଜନେତା ଥିବା ଶୁଣିବାକୁ ମିଳୁଛି। ପୀତବାସଙ୍କୁ ମାରିବା ପାଇଁ ପ୍ଲାନିଂ କେବେ ଓ କିଏ କରିଥିଲା, କିଏ କିଏ ସାମିଲ ଥିଲେ, କେତେ ଟଙ୍କାର ସୁପାରି କିଏ ଦେଇଥିଲା, ହତ୍ୟା ପଛରେ ପ୍ରକୃତ କାରଣ ଆଦି ଦିଗକୁ ନେଇ ପୁଲିସର ତଦନ୍ତ ଜାରି ରହିଛି।

ସୂଚନାଯୋଗ୍ୟ ଯେ, ଗତ ୬ତାରିଖ ରାତିରେ ବୈକୁଣ୍ଠନଗର ସ୍ଥିତ ନିଜ ଘର ନିକଟରୁ ମାତ୍ର କିଛି ଦୂରରେ ପୀତବାସଙ୍କୁ ଅତି ନିକଟରୁ ଗୁଳିକରି ହତ୍ୟା ଦୁର୍ବୃତ୍ତ ହତ୍ୟା କରିଥିଲେ। ଅଟକ ୧୨ଜଣଙ୍କ ମଧ୍ୟରୁ ହିଁ ଜଣଙ୍କୁ ଅଥବା ୨ ଜଣଙ୍କୁ ମାଷ୍ଟର ମାଇଣ୍ଡ ଆଖ୍ୟା ଦେଇପାରେ ପୁଲିସ ବୋଲି ସାଧାରଣରେ ଆଲୋଚନା ହେଉଛି।

### ଚୌଦ୍ୱାର ଜେଲ୍‌ରେ...

ସନ୍ତୋଷ ସୋମବାର ଭୋର୍‌ରେ କବିର ୱାର୍ଡକୁ ଯାଇଥିଲା। ସାଙ୍ଗରେ ଏକ ମାଙ୍କଡ଼ା ପଥର ନେଇଥିଲା। କବି ଶୋଇଥିବା ଅବସ୍ଥାରେ ସେ ତା' ମୁଣ୍ଡ ଓ ମୁହଁକୁ ବାରମ୍ବାର ଛେଚି ଚାଲିଥିଲା। ପ୍ରବଳ ରକ୍ତସ୍ରାବ ହେବା ସହ କବି ଅଚେତ ହୋଇପଡ଼ିବାରୁ ଆକ୍ରମଣକାରୀ ସନ୍ତୋଷ ନିଜ ୱାର୍ଡକୁ ଚାଲିଯାଇଥିଲା। ପରେ ଜେଲ୍ କର୍ତ୍ତୃପକ୍ଷ କବିକୁ ଉଦ୍ଧାର କରି ଏସ୍‌ସିବି ମେଡିକାଲକୁ ଆଣିଥିଲେ। ସେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

ଅନ୍ୟପଟେ, ସନ୍ତୋଷ ଏବଂ କବିଙ୍କ ଘର କଟକ ଗାନ୍ଧୀପଲ୍ଲୀ ବସ୍ତିରେ। ଜେଲ୍ ଯିବା ପୂର୍ବରୁ ଉଭୟଙ୍କ ମଧ୍ୟରେ ଶତ୍ରୁତା ରହିଥିଲା। ସନ୍ତୋଷ ପୂର୍ବ ରାଗ ଶୁଝାଇବାକୁ ଏହି ଆକ୍ରମଣ କରିଥାଇପାରେ ବୋଲି ଚୌଦ୍ୱାର ଥାନା ପୁଲିସ କହିଛି। କିନ୍ତୁ ଜେଲ୍ କର୍ତ୍ତୃପକ୍ଷଙ୍କ ଜାଣତରେ ୨ଗୋଷ୍ଠୀ ବିବାଦ ମୁଣ୍ଡ ଟେକିଥିବା ସ୍ପଷ୍ଟ ହୋଇଛି।

ସକିଲ୍ ଭଳି କଟକର ଏକାଧିକ କୁଖ୍ୟାତ ଅପରାଧୀ ଜେଲ୍‌ଦଣ୍ଡ ଭୋଗୁଥିବା ବେଳେ ସେମାନେ ଗୋଷ୍ଠୀ କରି ଜେଲ୍ ଭିତରେ ଆତଙ୍କରାଜ ଚଳାଇଛନ୍ତି। ଏହି ଗୋଷ୍ଠୀରେ ଏକାଧିକ ଅପରାଧୀଙ୍କୁ ସାମିଲ୍ କରି ନିଜନିଜ ଭିତରେ ଗଣ୍ଡଗୋଳ ଭିଆଉଛନ୍ତି। ଜେଲ୍ ଭିତରେ ଅବାଧରେ ମୋବାଇଲ ବ୍ୟବହାର କରାଯାଉଛି। ସେହିଭଳି ବିଭିନ୍ନ ମାଧକଦ୍ରବ୍ୟ ଜେଲ୍ ମଧ୍ୟକୁ ନିଆଯାଉଛି। ରେସ୍ତୋରାଁ ଖାଦ୍ୟଠାରୁ ଆରମ୍ଭ କରି ବିଭିନ୍ନ ମନୋରଞ୍ଜନ ଜେଲ୍ ଭିତରେ କରାଯାଉଛି। ଏସବୁ ଜାଣି ଜେଲ୍ କର୍ତ୍ତୃପକ୍ଷ ଆଖି ବୁଜି ଦେଇଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି ଉଦାସୀନତା ପ୍ରଦର୍ଶନ କରୁଛନ୍ତି।

ଅନ୍ୟପଟେ, ବିହାର ରାଜ୍ୟର ମୁଫସିଲ ଥାନା ଅଧିନ ଲୋହିଆ ନଗର ଅଞ୍ଚଳର ରାଜା ସାହାଣି ଓ ଗୌର ଥାନା ରାମପୁର ଗ୍ରାମର ମଧୁକାନ୍ତ କୁମାର ନାମକ ୨ଜଣ ଦୁର୍ଦ୍ଦାନ୍ତ ଅପରାଧୀ ଜେଲ୍‌ର ପାଚେରି ଡେଇଁ ଫେରାର୍ ହୋଇଯାଇଥିଲେ। ଏଯାବତ୍ ଉଭୟଙ୍କୁ ଠାବ କରାଯାଇପାରିନାହିଁ। ଏହି ଘଟଣାରେ ଜଣେ ଜେଲର୍‌ଙ୍କ ବଦଳି ହୋଇଥିବା ବେଳେ ୨ଜଣ ୱାର୍ଡର୍ ନିଲମ୍ବିତ ହୋଇଥିଲେ। ଚୌଦ୍ୱାର ଜେଲ୍‌ରେ ଏଭଳି ଘଟଣା ବଢ଼ି ଚାଲିଥିବା ବେଳେ ଏଥିପ୍ରତି କର୍ତ୍ତୃପକ୍ଷ ଆଦୌ ଗୁରୁତ୍ୱ ଦେଉନାହାନ୍ତି।

### ପଛକୁ ପଛ...

ବାତ୍ୟା ପାଇଁ ପାଗ ଅନୁକୂଳ ଅଛି; କିନ୍ତୁ ଏକାଧିକ ଲଘୁଚାପ ସୃଷ୍ଟି ହେବା କାରଣରୁ ଏଗୁଡ଼ିକ ଘନୀଭୂତ ହୋଇପାର ନାହିଁ ବୋଲି ସେ କହିଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି।

ଲଘୁଚାପ ସ୍ଥିତିକୁ ଦେଖି ରାଜ୍ୟ ସରକାର ସତର୍କ ଥିବା ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେ କହିଛନ୍ତି ଯେ ଲଘୁଚାପଜନିତ ବର୍ଷା ନେଇ ଆଲର୍ଟରେ ପ୍ରଶାସନ ରହିଛି। ସବୁ ସ୍ଥିତିର ମୁକାବିଲା କରାଯାଇ ପାରିବ। ଭାରତୀୟ ପାଣିପାଗ ସଂସ୍ଥା ଏଯାଏଁ କେବଳ ବର୍ଷା ଆକଳନ କରିଛି। ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ହେବା ସମ୍ଭାବନା ରହିଛି। ତେଣୁ ସରକାର ସତର୍କ ଥିବା ସେ କହିଛନ୍ତି।

### ଦିଲ୍ଲୀକୁ ଟପିଲା...

ଯାହାଦ୍ୱାରା ବାୟୁମଣ୍ଡଳ ବହୁ ମାତ୍ରାରେ ପ୍ରଦୂଷିତ ହୋଇପଡ଼ିଥିଲା। ଫଳରେ ନିଶ୍ୱାସ ପ୍ରଶ୍ୱାସ ନେବା ସହ ହୃଦ୍‌ରୋଗୀଙ୍କ ପାଇଁ ଏହା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଥିଲା। ସାରା ରାଜଧାନୀର ସ୍ଥିତି ସାଂଘାତିକସ୍ତରରେ ପହଞ୍ଚିଥିଲା। ସେହିପରି ସହରର ବିଭିନ୍ନ ସ୍ଥାନରେ ୧୨୫ ଡେସିବେଲରୁ ଅଧିକ ପ୍ରଦୂଷଣ ଯୁକ୍ତ ବାଣ ଫୁଟାଯିବା ଦ୍ୱାରା ସ୍ଥିତି ଭୟଙ୍କର ହୋଇଥିଲା। କେବଳ ରାଜଧାନୀ ନୁହେଁ, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ପୁରୀ, ଅନୁଗୋଳ ଆଦି ସ୍ଥାନରେ ମଧ୍ୟ ଦୀପାବଳି ଯୋଗୁଁ ବାୟୁ ଅଧିକ ପ୍ରଦୂଷିତ ହୋଇଥିବା ରିପୋର୍ଟ ଆସିଛି।

ବାଣ ଫୁଟାଇବା ଦ୍ୱାରା କ୍ଷତିକାରକ ରାସାୟନିକ ପଦାର୍ଥ, କଣିକା ପଦାର୍ଥ, ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ପରି ଗ୍ୟାସୀୟ ପ୍ରଦୂଷକ ନିର୍ଗତ ହୁଏ। ଏଥିସହିତ ଭାରୀ ଧାତୁ ଏବଂ ବିଭିନ୍ନ ରଙ୍ଗ ପାଇଁ ବ୍ୟବହୃତ ବେରିୟମ୍, ଷ୍ଟ୍ରୋନସିୟମ୍, ତମ୍ବା, ଆଲୁମିନିୟମ୍, ସୋଡିୟମ୍ ପରି ଧାତବ ପଦାର୍ଥ ଏଥିରେ ରହିଛି। ଯାହାଦ୍ୱାରା ଏହା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଫଳରେ ଏହାଦ୍ୱାରା ଉଚ୍ଚ ରକ୍ତଚାପ, ଶ୍ୱାସକ୍ରିୟା ଜନିତ ରୋଗ, ମୁଣ୍ଡ ବିନ୍ଧା, ହୃଦଘାତ ଆଦି ରୋଗ ହୋଇଥାଏ। ତତ୍ ସହିତ ଏହି ପ୍ରଦୂଷଣ ବାୟୁକୁ ଯଦି ବୟସ୍କ ବ୍ୟକ୍ତି, ଗର୍ଭବତୀ ମହିଳା, ଛୋଟ ଛୁଆ, ହୃଦ୍‌ଘାତ ରୋଗୀ, ରୋଗାଗ୍ରାନ୍ତ ବ୍ୟକ୍ତି, ଏପରିକି ପଶୁପକ୍ଷୀ ବି ଏହି ବାୟୁରେ ଅଧିକ ପ୍ରଭାବିତ ହୋଇଥାନ୍ତି। ଏ ସମ୍ପର୍କରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି ଯେ ପରିବେଶର ଗୁଣାବକ ମାନ ବଜାୟ ରଖିବା ଦ୍ୱାରା ମଣିଷ, ଅନ୍ୟ ଜୀବଜନ୍ତୁ ଏବଂ ଉଦ୍ଭିଦ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତ ରହିବେ। ଏଥିସହିତ ସରକାର ଯେଉଁ କଟକଣା କରୁଛନ୍ତି ତାହାର ଉପଯୁକ୍ତ ଅନୁପାଳନ ହେଉନାହିଁ। ଯେଉଁମାନେ ଏହାର ଉଲ୍ଲଙ୍ଘନ କରୁଛନ୍ତି ପ୍ରଥମେ କିଛି ଲୋକଙ୍କୁ ଧରି କଠୋର ଦଣ୍ଡବିଧାନ କରାଗଲେ ଲୋକମାନେ ପରିବେଶ ପ୍ରତି ସଜାଗ ହେବେ ବୋଲି ସେ ମତ ଦେଇଛନ୍ତି।

### ବିଦ୍ୟୁତ୍ ଆଘାତରେ...

ଦୁହିଁଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତଦ୍ୱୟଙ୍କ ପରିଚୟ ଜଣାପଡ଼ିନାହିଁ। ସତ୍ୟବାଦୀ ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ନମ୍ବର ୨୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଫୋରେନ୍‌ସିକ୍ ଟିମ୍ ଉଭୟ ମୃତକଙ୍କ ଫଟୋ, ଆଙ୍ଗୁଠି ଛାପ ଓ ଡିଏନ୍‌ଏ ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ କରିଛନ୍ତି। ମୃତକଦ୍ୱୟଙ୍କ ପରିଚୟ ଜଣା ନପଡ଼ିବାରୁ ଚିହ୍ନଟ ନିମନ୍ତେ ସତ୍ୟବାଦୀ ପୁଲିସ ତରଫରୁ ସେମାନଙ୍କ ଫଟୋ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରସାର କରାଯିବ ବୋଲି ସତ୍ୟବାଦୀ ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ସେହିପରି, ବରଗଡ଼ ଜେଲ୍‌ରେ ଆଜି ଜଣେ ବିଚାରାଧୀନ କଏଦୀଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତ କଏଦୀଜଣଙ୍କ ହେଲେ, ଅତାବିରା ଥାନା ଅଞ୍ଚଳ ଜନ୍‌ହାପଡା ଗାଁର ଗିରିଧାରୀ ରୋହିଦାସ (୪୦)। ଘଟଣାକୁ ନେଇ ପୁଲିସର ଛାନଭିନ ଜାରି ରହିଛି। ସିସି କ୍ୟାମେରାରୁ ଜଣାପଡ଼ିଛି ଯେ ରାତି ପ୍ରାୟ ଗୋଟାଏ ବେଳେ ଗିରିଧାରୀ ଇନ୍‌ଭର୍ଟର୍ ତାରକୁ ଖୋଲି ଦାନ୍ତରେ ଛିଣ୍ଡାଇଥିଲେ। ତାକୁ ହାତରେ ଧରି ଝରକାର ରେଲିଂକୁ ଧରି ଦେବାରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା ଓ ସେ ତଳେ ପଡ଼ିଯାଇଥିଲେ। ଜେଲ୍ କର୍ମଚାରୀ ସଙ୍ଗେସଙ୍ଗେ ଡାକ୍ତରଙ୍କୁ ଡକାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗିରିଧାରୀ ଏକ ନାବାଳିକା ଦୁଷ୍କର୍ମ ମାମଲାର ଅଭିଯୁକ୍ତ ଥିଲେ।

### ବିଜେଡି ମହିଳା କର୍ମୀଙ୍କୁ...

ପୁଅ ପହଞ୍ଚି ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଅନିରୁଦ୍ଧଙ୍କ ସହ ମିଶି ବର୍ଷା ରାଉତ, ବିମଳା ରାଉତ ଓ ସଞ୍ଜୁ ଜେନା ପ୍ରମୁଖ ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ପରେ ଏକ କାଠଫାଳିଆରେ ଆକ୍ରମଣ କରିବାରୁ ରଶ୍ମିଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ରଶ୍ମିଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ରଶ୍ମିଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିବା ବେଳେ ପ୍ରତିପକ୍ଷ ପକ୍ଷରୁ ପାଲଟା ଏତଲା ଦିଆଯାଇଛି। ଦୁଇଟିଯାକ ଏତଲା ଉପରେ ମାମଲା ରୁଜୁ ହୋଇଥିବା ବେଳେ କାହାରିକୁ ଗିରଫ କରାଯାଇ ନ ଥିବା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।


**AFFIDAVIT**

I, Bikash Kumar Mohanty, aged about 66 years, S/o- Sapenswar Mohanty, resident of Tarang Sagar Pur, PO- Tarang Sagar Pur, PS- Mangalpur, Dist- Jajpur, PIN- 755006, Odisha declared by this affidavit No. 2145, dtd- 21/10/2025 that now onwards I shall be known as **BIKASH CHANDRA MOHANTY** for all future purposes.

**AFFIDAVIT**

I, Mohammed Majid Usman, aged about 61 years, S/o- Mohammed Usman, resident of Mangali Street, Kotpad, Po- Kotpad, Ps- Kotpad, Dist- Koraput, Odisha, PIN- 764058 declare by this affidavit No. 2143, dtd- 19/10/2025, that now onwards I shall be known as **ABADUL MAJID** for all future purposes

**AFFIDAVIT**

I 6506571H, Rank SEP Mukesh Chandra Behera of 876 AT Coy ASC(GS/MA) my father's name changed from Kartik Chandra Behera to Kartika Chandra Behera. By virtue of an affidavit sworn before Executive magistrate, Soro, Balasore, Odisha on 18.10.2025.

**AFFIDAVIT**

I, Priyanka Priyadarshni Panda, W/o- Debasish Nanda, Resident of At/PO: Tentulipada, Sub-Dist.: Tritol, Dist.: Jagatsinghpur, Odisha, PIN-754136, declared by this Affidavit No.: 1195/2025 Dated: 15.10.2025. That now onwards I shall be known as PRIYANKA PRIYADARSHINI PANDA for all future Purposes.

**ଡକ୍ୟୁମେଣ୍ଟ ହଜିଛି**

ମୁଁ ଡାକ୍ତର ରମାକାନ୍ତ ନାୟକ, ବାପା-କସ୍ତୁରୀ ଚରଣ ନାୟକ, ଗ୍ରାମ/ପୋଷ୍ଟ- ବଡ଼ପାରି, ଥାନା-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ଜଣାଉଅଛି ଯେ, ୦୯/୧୦/୨୫ ତାରିଖ ସକାଳେ ମୁଁ ବାଣପୁର କଲେଜ ରୋଡ୍ ରୁ ମେଡିକାଲକୁ ଆସୁଥିବା ସମୟରେ କେଉଁଠି ମୋ ବ୍ୟାଗ ହଜି ଯାଇଛି। ସେହି ବ୍ୟାଗରେ ଥିବା ରାଜକିଶୋର ନାଥଙ୍କ ନାମରେ ଥିବା ମୋ ଲିଙ୍କ ମୂଳ ସେଲଡିଡ୍ ନଂ-୧୫୮୦, ତାରିଖ-୨୫.୭.୧୯୮୩, ତା ସହିତ ମୋ ନାମରେ ଥିବା ଆରଓଆର ଖାତା ନଂ-୧୦୧୫, ପ୍ଲଟ୍ ନଂ-୬୬୧ ଏବଂ ମୋସମ୍ପତ୍ତି ଖାତା ନଂ-୧୨୬୨/ ୩୩୪, ପ୍ଲଟ୍ ନଂ-୬୬୧ ଏବଂ ୬୬୧/୩୬୮୩, ମୌଜା- କନ୍ଧନୁଆଗଡ, ତହସିଲ-ରଣପୁର, ଜିଲ୍ଲା-ନୟାଗଡ଼ ହଜି ଯାଇଛି। ଏନେଇ ବାଣପୁର ଥାନାରେ ଷ୍ଟେସନ୍ ଡାଏରୀ ନଂ-୦୧୫, ତାରିଖ- ୦୯/୧୦/୨୦୨୫, ସମୟ- ୮:୪୩ମି. ସମୟରେ ଅଭିଯୋଗ ହୋଇ ମାମଲା ପଞ୍ଜିକୃତ ହୋଇଛି। ମୁଁ ଡାକ୍ତର ରାମକାନ୍ତ ନାୟକ, ବାପା-କସ୍ତୁରୀ ଚରଣ ନାୟକ, ମୋବାଇଲ ନଂ-୯୪୩୮୩୧୦୯୩୪, ବ୍ୟକ୍ତିଗତ ବ୍ୟବହାର ପାଇଁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଣପୁର ଶାଖା କୋଡ୍ ନଂ-୧୨୦୨୯ ରୁ ଋଣ ସୁବିଧା ପାଇଁ ଉକ୍ତ ସମ୍ପତ୍ତି ଉପରେ ଚାର୍ଜଭିଜ୍ ବନ୍ଧକ ସୃଷ୍ଟି କରିବାକୁ ଚାହୁଁଛି।

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Debasish Mohanty, S/o- Bhramar Bag, Resident of Gobinda Chandra Behera Resident of At/PO: Balipatana, Pattamundai, Dist.: Kendrapara, Odisha, PIN-754215 , declared by this Affidavit No.1257/2025 Dated: 21.10.2025. That now onwards I shall be known as **DEBASISH MOHANTY** for all future Purposes.

**AFFIDAVIT**

BY virtue of an affidavit sworn before the Executive Magistrate, Panposh, Rourkela, No.A/57, dated 27/03/2025, I Deelip Kumar Sahoo, F/o Vidishaditya Shubhadarshini Sahoo of A/79, Sector-15, Rourkela, declare that I have changed the name of my daughter from "VIDISHADITYA SHUBHADARSHINEE" to VIDISHADITYA SHUBHADARSHINI SAHOO". Henceforth, she shall be known as **VIDISHADITYA SHUBHADARSHINI SAHOO** for all purposes.

Sd/-Deelip Kumar Sahoo

**AFFIDAVIT**

BY virtue of an affidavit sworn before the Executive Magistrate, Panposh, Rourkela, No. A/20, dated 20/03/2025, I Deelip Kumar Sahoo father of SAISHREE STHITAPRAJNA of A/79, Sector -15, Rourkela declare that I have changed the name of my son from "SAISHREE SHASHWOTA STHITAPRAJNYA" to SAISHREE STHITAPRAJNA". Henceforth, he shall be known as **SAISHREE STHITAPRAJNA** for all purposes.

**AFFIDAVIT**

I, Bijaya Keshari Behera, S/o- Sadananda Behera, Resident of Ward No-13, Sripadganj, Baripada Town, Dist.: Mayurbhanj, Odisha Pin-757001, declared by this Affidavit No.1235/2025, Dated: 18.10.2025. That now onwards I shall be known as **BIJAY KESHARI BEHERA** for all future Purposes.

**AFFIDAVIT**

I, MIR Mahemuddin, aged about 68 years, S/o- MIR Isumuddin, resident of Plot No. 90, MIR Mahalla, Jadupur, PO- Dumuduma H.B Colony, Bhubaneswar, Dist- Khurda, PIN- 751019, Odisha declared by this affidavit No. 2146, dtd- 21/10/2025 that now onwards I shall be known as **MIR MAHEEMUDDIN** for all future purposes.

**AFFIDAVIT**

I, Shyam Sundar Mohanty, aged about 83 years, S/o- Nanda Mohanty, resident of At- East Nabara Near Matha, Ps- Singla, Dist- Baleswar, Pin- 756081, Odisha declared by this affidavit No. 2148, dtd- 21/10/2025 that now onwards I shall be known as **SHYAMASUNDAR MOHANTY** for all future purposes.

**ନାମ ପରିବର୍ତ୍ତନ**

ମୁଁ ଶ୍ରୀମତୀ ଅନ୍ନପୂର୍ଣ୍ଣା ସେଠୀ, ବୟସ ୪୪ବର୍ଷ, ସ୍ୱା-ଅଜୟ ସେଠୀ, ଗ୍ରାମ/ପୋ-ନାଲଗୁଣ୍ଡା, ଥାନା-ଚାନ୍ଦବାଲି, ଜିଲ୍ଲା-ଭଦ୍ରକ, ଏହିକି ମୋର ଭୋଟର ପରିଚୟପତ୍ର, ବ୍ୟାଙ୍କ ପାସ୍ ବହି ଓ ଆଧାର କାର୍ଡ଼ରେ ମୋର ନାମ ଅନ୍ନପୂର୍ଣ୍ଣା ସେଠୀ ଉଲ୍ଲେଖ ଥାଇ ଏଲ୍‌ଆଇସି ପଲିସି ବଣ୍ଡ ନଂ-**597931754** ରେ ମୋର ନାମ ଅନ୍ନପୂର୍ଣ୍ଣା ସେଠୀ ପରିବର୍ତ୍ତେ ପାର୍ବତୀ ସେଠୀ (ମୂଳ ସାର୍ଟିଫିକେଟ୍ ଅନୁଯାୟୀ) ବୋଲି ଉଲ୍ଲେଖ ଅଛି। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଚାନ୍ଦବାଲିଙ୍କ ନିକଟରେ ଏଫିଡାଭିଡ୍ ନଂ**-6680,** ତା-**14/10/2025** ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ସେଠୀ, ସ୍ୱା-ଅଜୟ ସେଠୀ, ନାମରେ ପରିଚିତ ହେବି।

**AFFIDAVIT**

I, Jamil Moulabi, aged about 45 years, S/o- Salim Mohammed, resident of Khaja Street, 2nd Lane, Berhampur, Dist- Ganjam, PIN- 760001, Odisha declared by this affidavit No. 2147, dtd- 21/10/2025 that now onwards I shall be known as **JAMIL AHEMMAD** for all future purposes.

**AFFIDAVIT**

I, Atulya Kumar Das, aged about 52 years, S/o- Brundaban Das, resident of Plot No. 818/5975, Jagamara, PS- Khandagiri, Bhubaneswar, Dist- Khordha, PIN- 751030, Odisha declared by this affidavit No. 2141, dtd- 20/10/2025 that now onwards I shall be known as **ATULYA DAS** for all future purposes.

**AFFIDAVIT**

By virtue of an affidavit before the Notary Public, Sukinda, Jajpur Road, Jajpur, I, Alinbindu Routray, S/o- Rajat Kumar Rout and Nirupama Rout, At- Kopanda, P.O./P.S.- Jajpur Road, Dist.- Jajpur, do hereby declare that my name has been recorded as Alinbindu Routray in my Aadhaar Card, Voter ID Card, PAN Card but in my educational certificates, my name recorded as Alinbindu Routaray, S/o- Rajat Kumar Routaray and Nirupama Routaray. That both names are one and the same person.

**AFFIDAVIT**

I, Sanjay Kumar Agrawal, aged about 47 years, S/o- Nawal Kishore Agrawal, resident of Jay Bharat Chowk, Radharani Para, Po- Balangir, Ps- Town Bolangir, Dist- Balangir, Odisha, Pin- 767001, declare by this affidavit No. 2144, dtd- 19/10/2025, that now onwards I shall be known as **SANJAY AGRAWAL** for all future purposes.

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସୂଚନା ଦିଆଯାଉଛି ଯେ ଶ୍ରୀ ନିର୍ମଳ କୁମାର ପୃଷ୍ଟି (ଏଠାରେ ପରେ ଉଲ୍ଲେଖିତ ମୋର୍ଗେଜର୍ସ/ଋଣଗ୍ରହିତା ଭାବରେ) IDFC ଫାର୍ଷ୍ଟ ବ୍ୟାଙ୍କ ଲିମିଟେଡର ଗ୍ରାହକମାନଙ୍କ ସପକ୍ଷରେ ଉପରୋକ୍ତ ସମ୍ପତ୍ତିର ଅଧିକ ବିବରଣୀ ସହିତ ବନ୍ଧକ (mortgage) ସୃଷ୍ଟି କରିଛନ୍ତି। IDFC ଫାର୍ଷ୍ଟ ବ୍ୟାଙ୍କ ଲିମିଟେଡ୍, ଜୟପୁର ଶାଖା, IDFC ଫାର୍ଷ୍ଟ ବ୍ୟାଙ୍କ ଲିମିଟେଡ୍, ପ୍ରଥମ ମହଲା, ୧୨୨/୧, ଏମ.ଜି. ରୋଡ୍, ଜୟପୁର, ପିନ-୭୬୪୦୦୧, ଜିଲ୍ଲା-କୋରାପୁଟ। ମୋର୍ଗେଜର୍ସଙ୍କ ମୂଳ ଦଲିଲ୍ ଏବଂ ଆରଓଆର (ROR) ଦସ୍ତାବିଜ ଅନୁଯାୟୀ ଯଥାକ୍ରମେ ୨୪.୦୮.୧୯୮୭ ତାରିଖର ପଞ୍ଜୀକରଣ ସଂଖ୍ୟା: ୨୧୪୪/୧୯୮୭ ଏବଂ ଲିଙ୍କ୍ ଆରଓଆର (ROR) ଖାତା ସଂ ୭୫/୬୨ ବାଲି ଖୋରା ଏବଂ ଖାତା ସଂ ୭୫/୮୬ରେ ଜି.ଶ୍ରୀନିବାସ ରାଓଙ୍କ ନାମରେ ଥିବା ଏବଂ ଅଗଷ୍ଟ ୨୦୨୫ରୁ ହଜିଯାଇଛି/ଭୁଲ୍ ସ୍ଥାନରେ ରଖାଯାଇଛି ଏବଂ ଏହା ଖୋଜିବା ପାଇଁ ଟ୍ରେସ୍ ହୋଇପାରୁ ନାହିଁ।

ଯଦି ଉପରୋକ୍ତ ମୂଳ ଦଲିଲ୍ ଏବଂ ଆରଓଆର୍ (ROR) ଦସ୍ତାବିଜ୍ କୌଣସି ବ୍ୟକ୍ତି, କୌଣସି ସଂସ୍ଥା କିମ୍ବା ଅନ୍ୟ କୌଣସି ବ୍ୟକ୍ତିବିଶେଷ ଦ୍ୱାରା ଏଠାରେ ଉଲ୍ଲେଖ କରାଯାଇଥିବା ଠିକଣାରେ ମିଳିଥାଏ, ତେବେ ତାହା ତୁରନ୍ତ ହସ୍ତାନ୍ତର କରିଦିଆଯିବ। ପୁନଶ୍ଚ, ବିକ୍ରୟ, ଲିଜ୍, ଲିଏନ୍, ମୋର୍ଗେଜ୍, ଚାର୍ଜ, ଏନକମ୍ବ୍ରାନ୍, ଉପହାର, ଇଜ୍‌ମେଣ୍ଟ, ରକ୍ଷଣାବେକ୍ଷଣ, ଉତ୍ତରାଧିକାରୀ, ଓସିୟତନାମା ଜମା କିମ୍ବା ଅନ୍ୟ କୌଣସି ପ୍ରକାରେ ଉପରୋକ୍ତ ସମ୍ପତ୍ତି ସମ୍ବନ୍ଧରେ କୌଣସି ଦାବି କିମ୍ବା ଆପତ୍ତି ଉଠାଉଥିବା କୌଣସି ବ୍ୟକ୍ତି, ବ୍ୟକ୍ତିବିଶେଷ କିମ୍ବା ଅନ୍ୟ କୌଣସି ଅନୁଷ୍ଠାନ ଏହି ପ୍ରକାଶନର ୧୪ ଦିନ ମଧ୍ୟରେ ତାହାଙ୍କ ଦଖଲରେ ଥିବା ସମସ୍ତ ଡକ୍ୟୁମେଣ୍ଟ୍ ସହିତ ତଳେ ଦସ୍ତଖତକାରୀଙ୍କୁ ଯୋଗାଯୋଗ କରିବା ଉଚିତ୍। ଉକ୍ତ ସମୟ ମଧ୍ୟରେ ସମର୍ଥନକାରୀ ଡକ୍ୟୁମେଣ୍ଟ ସହିତ ଯୋଗାଯୋଗ କରିବାରେ ବିଫଳ ହେଲେ, ସେପରି ବ୍ୟକ୍ତିଙ୍କ ସମସ୍ତ ଦାବି ପ୍ରତ୍ୟାହାର କରାଯାଇଛି ବୋଲି ବିବେଚନା କରାଯିବ କିମ୍ବା ଛାଡି ଦିଆଯାଇଛି ବୋଲି ଧରାଯିବ। ୧୪ ଦିନ ସମାପ୍ତ ହେବା ପରେ କୌଣସି ଆପତ୍ତି ସମ୍ପତ୍ତି କିମ୍ବା ଆମ ଗ୍ରାହକଙ୍କ ଉପରେ ବାଧ୍ୟତାମୂଳକ ହେବ ନାହିଁ।

ଉପରୋକ୍ତି ଉଲ୍ଲେଖିତ ସିଡ୍ୟୁଲ୍ (ସମ୍ପତ୍ତିର ବିସ୍ତୃତ ବିବରଣୀ) ଖାତା ସଂ ୭୫/୩୪୫ ପ୍ଲଟ୍ ସଂ ୪୪/୧/୭୪୭ ଏବଂ ଖାତା ସଂ ୭୫/୪୨୦ ପ୍ଲଟ୍ ସଂ ୪୪/୧/୫୭୪ ମୌଜା-ସାକାଇ, ତହସିଲ-ମାଛକୁଣ୍ଡ, ଜିଲ୍ଲା-କୋରାପୁଟ।

ସ୍ଥାନ: ଜୟପୁର, ତାରିଖ ୧୮ ଅକ୍ଟୋବର ୨୦୨୫
ନାମ ଏବଂ ଆଡଭୋକେଟ୍ ପ୍ୟାନେଲର ଠିକଣା
ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା, ମୋ.: ୯୪୩୭୨୩୪୨୬୪
ମେନ୍ ରୋଡ୍, ଜୟପୁର, କୋରାପୁଟ, ୭୬୪୦୦୧

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/79, ତା.16.10.2025ରିଖ

(1) ଟେଣ୍ଡର ସଂ. e-TenderSouthKUR-260-2025, ତା.07.10.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/କାଳୁପଡ଼ାଘାଟ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ଠାରୁ ବାଲୁଗାଁ ମଧ୍ୟରେ କି.ମି. 457.200 ଠାରୁ 515.00 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 125.69 ଲକ୍ଷ, EMD: ₹ 2,12,900/-

(2) ଟେଣ୍ଡର ସଂ. e-TenderSouthKUR-259-2025, ତା.07.10.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ) ପରିସୀମା ଅଧୀନରେ ଷ୍ଟିଲ ଚ୍ୟାନେଲ୍ ସ୍ଲିପର ସହିତ ଆଲାଇନ୍‌ମେଣ୍ଟ ରିଟେନର୍ସ ଏବଂ TOPI ନଟ୍ ଲଗାଇବା ସହ ଗର୍ଡର ବ୍ରିଜ୍‌ଗୁଡ଼ିକରେ ଟ୍ରାକ୍‌ର ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 201.18 ଲକ୍ଷ, EMD: ₹ 2,50,600/-

(3) ଟେଣ୍ଡର ସଂ. e-TenderSouthKUR-256-2025, ତା.07.10.2025ରିଖ
ବିବରଣୀ : "ଖୋର୍ଦ୍ଧା ରୋଡ୍ ମଣ୍ଡଳର ପଳାସା ଷ୍ଟେସନର ଡାଉନ୍ ଲାଇନ୍ ପାର୍ଶ୍ୱରେ ହାଇ ଲେଭେଲ ଯାତ୍ରୀ ପ୍ଲାଟଫର୍ମ ସହିତ ଏକ ଅତିରିକ୍ତ ଲାଇନର ବ୍ୟବସ୍ଥା" ସମ୍ବନ୍ଧୀୟ P.WAY ଲିଙ୍କିଂ କାର୍ଯ୍ୟ ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 113.67 ଲକ୍ଷ, EMD: ₹ 2,06,800/-

(4) ଟେଣ୍ଡର ସଂ. eTender-HqKUR-258-2025, ତା.07.10.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ପୁରୀ ସେକ୍ସନର ବିଭିନ୍ନ ୟାର୍ଡଗୁଡ଼ିକରେ 7.977 କି.ମି. ଲମ୍ବ ନିମନ୍ତେ CTR(S) ର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 257.90 ଲକ୍ଷ, EMD: ₹ 2,79,000/-

(5) ଟେଣ୍ଡର ସଂ. eTender-hq-kur-257-2025, ତା.08.10.2025ରିଖ
ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ) / ଖୋର୍ଦ୍ଧା ରୋଡ୍ ଅଧିକାର ପରିସୀମା ଅଧିନସ୍ଥ ଖୋର୍ଦ୍ଧା ରୋଡ୍ ସେଟେଲମେଣ୍ଟ ଠାରେ ନୂଆ ଷ୍ଟାଫ କ୍ୱାର୍ଟର (08 ୟୁନିଟ୍ ଟାଇପ୍-II)ର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 257.90 ଲକ୍ଷ, EMD: ₹ 2,95,800/-

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ କ୍ରମ ସଂ. ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.10.2025ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-700/Q/25-26

### ପଙ୍କପାଳ ଦୁର୍ଗାମନ୍ଦିରରୁ ଚୋରି ଘଟଣାରେ ୬ ଗିରଫ

# ୨ ବାଇକ୍ ସମେତ ପିତ୍ତଳ ଥାଳି, ଚାମର, ପୂଜା ସାମଗ୍ରୀ ଜବତ



ଜଗତସିଂହପୁର/କୁଜଙ୍ଗ,୨୧।୧୦(ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ପଙ୍କପାଳର ମା' ଦୁର୍ଗା ମନ୍ଦିର କ୍ଷେତ୍ର ରୁମ୍‌ରୁ ଗତ ୧୮ ତାରିଖ ରାତିରେ ହୋଇଥିବା ଚୋରି ଘଟଣାରେ ସଂପୃକ୍ତ ଥିବା ସମସ୍ତ ୬ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଏମାନଙ୍କଠାରୁ ୨ ଟି ବାଇକ୍ ସମେତ ଏକ ଜେନେରେଟର, ଏଲଇଡି ଲାଇଟ୍ ଓ ଚୋରି ହୋଇଥିବା ସମସ୍ତ ପୂଜା ସାମଗ୍ରୀ ଜବତ କରାଯାଇଥିବା କୁଜଙ୍ଗ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ସୂଚନା ଦେଇଛନ୍ତି। ମନ୍ଦିରରୁ ଚୋରି ସମ୍ପର୍କରେ ପଙ୍କପାଳ ମା' ଦୁର୍ଗାପୂଜା କମିଟି ସଭାପତି ଆଶୁତୋଷ କଣ୍ଡ ୧୯ ତାରିଖରେ କୁଜଙ୍ଗ ଥାନାରେ ଏତଲା ଦେଇଥିଲେ। ପୁଲିସ ୩୮୧/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ଏହି ଘଟଣାରେ ପ୍ରଥମେ ପଙ୍କପାଳ ଗ୍ରାମର ପ୍ରଶାନ୍ତ ସାହୁ ଓରଫ ଗୁଣ୍ଡିକୁ ପୁଲିସ ତା' ଘରୁ ଉଠାଇ ଆଣି ପଚରାଉଚରା କରିବାବେଳେ ପୂରା ଘଟଣା ଉପରୁ ପର୍ଦ୍ଦା ହଟିଥିଲା। ଗୁଣ୍ଡିଠାରୁ ସମସ୍ତ ସୂଚନା ମିଳିବା ପରେ ପ୍ରଥମେ ୪ ଜଣଙ୍କୁ ଓ ପରେ ଅନ୍ୟ ୨ ଜଣଙ୍କୁ ପୁଲିସ ଗିରଫ କରିଥିଲା। ଗିରଫ ଅନ୍ୟ ଅଭିଯୁକ୍ତ ମନୋଜ ପ୍ରଧାନ ଓରଫ ମନ୍ନୁ, ସୁବ୍ରତ ଦାସ ଓରଫ ପଲଟୁ, ସାଗର ପ୍ରଧାନ ଓରଫ କାହ୍ନା, ପ୍ରଭଞ୍ଜନ ନାୟକ ଓରଫ ଲିଟୁ ଓ ଜଗନ୍ନାଥ ପରିଡା ଓରଫ ତପନ। ସମସ୍ତ ଗିରଫ ଅଭିଯୁକ୍ତଙ୍କ ଘର କୁଜଙ୍ଗ ଥାନା ଅନ୍ତର୍ଗତ ପଙ୍କପାଳ ଗ୍ରାମରେ ବୋଲି ପୁଲିସ ସୂଚନା ଦେଇଛି। ଏମାନଙ୍କଠାରୁ ଦୁଇଟି ବାଇକ, ବଡ଼ ପିତଳ ଥାଳି, ୨ଟି ଘଣ୍ଟ, ୨ଟି ଡାଲ, ବଡ଼ ଅଖଣ୍ଡ ଦୀପ, ଗୋଟିଏ ଜେନେରେଟରରେ ସହିତ ଅନ୍ୟ ଚୋରି ହୋଇଥିବା ପୂଜା ସାମଗ୍ରୀ ପୁଲିସ ଜବତ କରିଛି ବୋଲି ଏସ୍‌ଡିପିଓ ଶ୍ରୀ ରାଉତ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ସୁବ୍ରତ ଦାସ ନାମରେ ପୂର୍ବରୁ ୧୨ଟି ମାମଲା ରହିଥିବାବେଳେ ସାଗର ପ୍ରଧାନ ନାମରେ ୩ଟି, ପ୍ରଭଞ୍ଜନ ନାୟକ ନାମରେ ୪ଟି, ଜଗନ୍ନାଥ ପରିଡା ନାମରେ ୬ଟି, ପ୍ରଶାନ୍ତ ସାହୁ ନାମରେ ୧ଟି ଓ ମନୋଜ ପ୍ରଧାନ ନାମରେ ପୂର୍ବରୁ କୌଣସି ମାମଲା ନ ଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କୋଟକଣା ବଜାରରେ ମା' ଶ୍ୟାମାକାଳୀଙ୍କ ପୂଜା



ମଣିଜଙ୍ଗା,୨୧।୧୦(ସମିସ): ତିର୍ତ୍ତୋଲ ବ୍ଲକ୍ ତରଜଙ୍ଗା ପଞ୍ଚାୟତର କୋଟକଣା ବଜାରରେ ୪୮ ବର୍ଷ ଧରି ମା' ଶ୍ୟାମାକାଳୀ ପୂଜା ହୋଇଆସୁଛନ୍ତି। ଚଳିତ ବର୍ଷ ମା'ଙ୍କ ପୂଜା ଆରମ୍ଭ ହୋଇଛି। ମା'ଙ୍କର ପୂଜା ୭ ଦିନ ଧରି ଚାଲିବ।ସଂପ୍ରତେହ ସନ୍ଧ୍ୟାରେ ଭଜନ ସମାରୋହ, ପ୍ରବଚନ ଅନୁଷ୍ଠିତ ହେଉଛି। ଦୁଇଦିନ ଧରି ନାଟକ ମଞ୍ଚସ୍ଥ ହେବ ବୋଲି ମୁଖ୍ୟ ଉପଦେଷ୍ଟା ବିଭୂତି ଭୂଷଣ ମଲ୍ଲିକ, ରବିନାରାୟଣ ଦାସ, ବୀରେନ ଦାସ, ବିକୁଆ ଦାସ ଜଣାଉଛନ୍ତି। ଅଭୟ ମହାରଣା କର୍ତ୍ତା ଅଛନ୍ତି।

## ସନ୍ତୋଷ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା



ପାରାଦୀପ/କୁଜଙ୍ଗ,୨୧।୧୦(ସମିସ): ପାରାଦୀପର ବରିଷ୍ଠ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ ପୁନର୍ବାର ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ପାଇବା ପରେ ନିଜ ନିର୍ବାଚନମଣ୍ଡଳୀରେ ଖୁସିର ଲହରି ଖେଳିଯାଇଛି। ସେହିପରି ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କଟକ ସମେତ ବିଭିନ୍ନ ଜିଲ୍ଲାରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି। କୁଜଙ୍ଗ ବ୍ଲକ୍ ଫତେପୁର ପଞ୍ଚାୟତର ମୁରବୀ ଶ୍ରେଣୀ ସମେତ ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ଲୋକ ପାରାଦୀପର ଜିରୋ ପଏଣ୍ଟସ୍ଥ ଅଫିସ କାର୍ଯ୍ୟାଳୟରେ ସନ୍ତୋଷ ପଟ୍ଟନାୟକଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଜେଡି ଦଳ ସଭାପତି ନବୀନ ପଟ୍ଟନାୟକ ପୁଣିଥରେ ସନ୍ତୋଷ ପଟ୍ଟନାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦେଇଥିବାରୁ ପଞ୍ଚାୟତବାସୀ ଖୁସି ବ୍ୟକ୍ତ କରିଛନ୍ତି। ଯୁବ ବିଜେଡି ନେତା ବିକ୍ରମ ରାଉତରାୟ ଓ ପ୍ରଭାସ ଗୋଛାୟତଙ୍କ ନେତୃତ୍ୱରେ କୁଜଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତବାସୀ, ମୁରବୀଅନାରାଉତରାୟ, ରୁଲୁଭୋଳ, କପିଳାଜେନା, କୈଳାସସ୍ୱାଇଁ, ଭରତସ୍ୱାଇଁ, ପୁରିଆଭୋଳ, ଧନୀ ସ୍ୱାଇଁ, ରମାକାନ୍ତ ରାଉତ, ପକୁନା ରାଉତ, ପଦିନୀ ରାଉତ, ବିକାଶ ବେହେରା, ନିରଞ୍ଜନ ସ୍ୱାଇଁ, ଗୋବିନ୍ଦ ପ୍ରଧାନ, ଶଙ୍କର ସ୍ୱାଇଁ, ସଞ୍ଜୟ ନାୟକ, ପ୍ରଶାନ୍ତ ରାଉତ ପ୍ରମୁଖ ସାମିଲ ଥିଲେ।

## ପୁଲିସ ସହିଦ ଦିବସ ପାଳିତ



ଜଗତସିଂହପୁର,୨୧।୧୦(ସମିସ): ଜଗତସିଂହପୁର ଜିଲ୍ଲା ଆରକ୍ଷୀ ବିଭାଗ ପକ୍ଷରୁ ପୁନଙ୍ଗସ୍ଥ ରିଜର୍ଭ ପୁଲିସ ପଡ଼ିଆରେ ୬୬ତମ ପୁଲିସ ସହିଦ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏସପି ଅଙ୍କିତ ବର୍ମା ଯୋଗଦେଇ ଦେଶମାତୃକାର ସେବା ପାଇଁ ପ୍ରାଣବଳୀ ଦେଇଥିବା ସହିଦଙ୍କୁ ସମ୍ମାନ ପ୍ରଦାନ ସହିତ ସ୍ମୃତିଚାରଣ କରିଥିଲେ। ଏଥିରେ ୩ ପ୍ଲାଟୁନ ପୁଲିସ ଫୋର୍ସ ଓ ଗୋଟିଏ ବ୍ୟାଣ୍ଡ ପାର୍ଟି ଭାଗ ନେଇଥିଲେ। ରିଜର୍ଭ ଇନ୍ସପେକ୍ଟର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲାର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।

## ବିଜେଡି କର୍ମୀଙ୍କ ହୃଦ୍‌ଘାତରେ ମୃତ୍ୟୁ



ବାଲିକୁଦା,୨୧।୧୦(ସମିସ): ବିଜେଡି କର୍ମୀ ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ସିଙ୍ଗିଟାଳିଆ ଗ୍ରାମର ପ୍ରଦୀପ୍ତ ମୁଦୁଲି (୪୬)ଙ୍କ ହୃଦଘାତରେ ମୃତ୍ୟୁ ହୋଇଛି। ଦୀପାବଳି ଦିନ ସକାଳୁ ପରିବାର ଲୋକେ ପ୍ରଦୀପ୍ତଙ୍କୁ ବାଲିକୁଦା ମେଡିକାଲ ନେଇଥିଲେ। ଡାକ୍ତର ଗୁରୁତର ଅନୁଭବ କରି ଜଗତସିଂହପୁର ମେଡିକାଲ ପଠାଇଥିଲେ। ଜଗତସିଂହପୁରରେ ପହଞ୍ଚିବା ପୂର୍ବରୁ ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଥିଲେ। ପ୍ରଦୀପ୍ତ ବିଜୁ ଜନତା ଦଳର ଜଣେ ଦୃଢ଼ ସଂଗଠକ ଥିବାବେଳେ ଜିଲ୍ଲା ସଭାପତି ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ଏକାନ୍ତ ଅନୁଗତ ଥିଲେ। ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ବ୍ଲକ୍ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ବବିତା ସ୍ୱାଇଁ, ସରପଞ୍ଚ ସଞ୍ଜୟ ସ୍ୱାଇଁ, ସରପଞ୍ଚ ଆଲୋକ ସ୍ୱାଇଁ, ସମିତିସଭ୍ୟ ନିରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ପର୍ଶୁରାମ ସେଠୀ, ପୂର୍ବତନ ସମିତିସଭ୍ୟ ସଞ୍ଜୟ ପାଳ, ପୂର୍ବତନ ଜିଲ୍ଲାପରିଷଦ ଶୁଭେନ୍ଦୁ ଦାଶ, ଜିଲ୍ଲା ପରିଷଦ ରୁନୀଲତା ବେହେରା ପ୍ରମୁଖଙ୍କ ସମେତ ବହୁ ରାଜନେତା ଓ ବୁଦ୍ଧିଜୀବୀ ଅନ୍ତିମ ଦର୍ଶନ କରିଥିଲେ। ଏକ ବିରାଟ ପଟୁଆରରେ ପ୍ରଦୀପ୍ତଙ୍କ ମରଶରୀରକୁ ମାଛଗାଁ ପଞ୍ଚାୟତ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ପୁଅ ସ୍ୱୟଂ ମୁଦୁଲି ମୁଖାଗ୍ନି ପ୍ରଦାନ କରିଥିଲେ। ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର ଶୋକ ବ୍ୟକ୍ତ କରିଛନ୍ତି।

## କଳିଙ୍ଗ ବାଲିଯାତ୍ରା ଷ୍ଟଲ୍ ନିମନ୍ତେ ଆବେଦନପତ୍ର ଆହ୍ୱାନ

ଜଗତସିଂହପୁର,୨୧।୧୦ (ସମିସ): ଚଳିତବର୍ଷ କଳିଙ୍ଗ ବାଲିଯାତ୍ରା ଉତ୍ସବ ଆସନ୍ତା ମାସ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ପାରାଦୀପ ସମୁଦ୍ର ବେଳାଭୂମି ବାଲିଯାତ୍ରା ପଡ଼ିଆରେ ପାଳିତ ହେବ। ବାଲିଯାତ୍ରା ପଡ଼ିଆରେ ଦୋକାନ/ଷ୍ଟଲ୍ ପାଇଁ ଆବେଦନପତ୍ର ଆହ୍ୱାନ କରାଯାଇଛି। ଇଚ୍ଛୁକ ବ୍ୟକ୍ତି ଚଳିତ ମାସ ୨୩ରୁ ୨୮ ତାରିଖ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପାରାଦୀପ)ଙ୍କ କାର୍ଯ୍ୟାଳୟରେ ଆବେଦନ କରିବାକୁ ଅନୁରୋଧ କରାଯାଇଛି।

## ନାରାୟଣ ବୀରବର ସାମନ୍ତଙ୍କ ଜୟନ୍ତୀ ପାଳିତ




ଜଗତସିଂହପୁର,୨୧।୧୦(ସମିସ): ଜଗତସିଂହପୁର ସାରସ୍ୱତ ପରିଷଦ ଓ ପ୍ରଫୁଲ୍ଲ ପାଠାଗାର ମିଳିତ ଆନୁକୂଲ୍ୟରେ କୁଜଙ୍ଗ ଗାନ୍ଧୀ ଭାବେ ପରିଚିତ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ୧୨୫ତମ ଜୟନ୍ତୀ ପାଠାଗାର ପରିସରରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ସଭାପତିତ୍ୱ କରି ଲୋକମୁଖରେ କୁଜଙ୍ଗ ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତ ସାମନ୍ତ ଜଣେ ସଚ୍ଚା ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧିବାଦୀ ନେତା ଥିଲେ ବୋଲି କହିଥିଲେ। ଶିକ୍ଷାବିତ୍ ରବୀନ୍ଦ୍ର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପାରାଦୀପ ବନ୍ଦର ପ୍ରତିଷ୍ଠାରେ ନାରାୟଣ ବୀରବର ସାମନ୍ତଙ୍କ ବଳିଷ୍ଠ ଉଦ୍ୟମ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଉପଦେଷ୍ଟା ବିଜୟ ପତି, ସଞ୍ଜୟ ସାମନ୍ତସିଂହାର ଓ ପ୍ରତାପ ରାଉତରାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମନ୍ତଙ୍କ ତ୍ୟାଗପୂତ ଓ ସଂଗ୍ରାମୀ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟ କିଶାନ କୋଅପରେଟିଭ୍ ସୋସାଇଟର ପ୍ରତିଷ୍ଠା ଦିବସ




ରଘୁନାଥପୁର,୨୧।୧୦(ସମିସ): ରଘୁନାଥପୁର ବ୍ଲକ୍‌ର ତାରପୁରଠାରେ ଜୟ କିଶାନ ମଲ୍ଟି ପରପସ୍ କୋଅପରେଟିଭ୍ ସୋସାଇଟର ୩୦ତମ ପ୍ରତିଷ୍ଠା ଦିବସ ଓ ବେଷ୍ଟ କୋଅପରେଟିଭ୍ ଆୱାର୍ଡ ଉତ୍ସବ ପାଳିତ ହୋଇଯାଇଛି। ଭୁବନେଶ୍ୱରର ଡେପୁଟି ରେଜିଷ୍ଟ୍ରାର କୋଅପରେଟିଭ୍‌ର ଅବସରପ୍ରାପ୍ତ ଡିଆରସିଏସ ଲଳିତ ବିଶ୍ୱାଳ ଯୋଗଦେଇଥିଲେ। ଅନ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ରମେଶ ଦାଶ, ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷାବିତ ଓ ସମାଜସେବୀ ସୁରେଶ ରାଉତ, କାର୍ଯ୍ୟରତ ଏସଆରସିଏସ ରଖାଲ ସାମଲ, ଭାଷା ଓ ଭାବନାର ସମ୍ପାଦକ ସୁକାନ୍ତ ପ୍ରଧାନ ଓ ଚିତ୍ରା ଚିନ୍ମୟୀ ଦାଶ ଯୋଗଦେଇ ସମବାୟ ଗ୍ରାମ୍ୟ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ। ମନୁଷ୍ୟର ଅନ୍ତର୍ନିହିତ ଗୁଣ ମଧ୍ୟରୁ ସମବାୟ ବା କୋଅପରେଟିଭ୍ ଏକ ଦିବ୍ୟଗୁଣ। ସଭାପତି ଚଣ୍ଡି ପ୍ରସାଦ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବ ସମ୍ପାଦକ ଅନୁଷ୍ଠାନ ବିଷୟରେ ସୂଚନା ଦେଇଥିବାବେଳେ ସମ୍ପାଦକ ନାରାୟଣ ଗିରି ବିବରଣୀ ପାଠ କରିଥିଲେ। ଉପସଭାପତି ଶକୁନ୍ତଳା ପରିଜା, ସୀମା ମହାପାତ୍ର, ଲକ୍ଷ୍ମଣ ଦାଶ, ମନୋଜ ସ୍ୱାଇଁ, ଅଭିଜିତ ସିଂହ, ହିମାଂଶୁ ପଟ୍ଟନାୟକ, ରାକେଶ ବିଶ୍ୱାଳ, ହେମନ୍ତ ପଟ୍ଟନାୟକ, ବରିଷ୍ଠ କ୍ଷେତ୍ର କର୍ମଚାରୀ ବଳରାମ ସେଠୀ, ଯତୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ମେଘ ମହ୍ଲାରର ଚତୁର୍ଥ ସ୍ୱନକ୍ଷତ୍ର ଉତ୍ସବ




କୁଜଙ୍ଗ,୨୧।୧୦(ସମିସ): ସବୁ ଯୁଗରେ ସାହିତ୍ୟ ମାନବିକ, ସମ୍ବେଦନ, ବିବେକବୋଧ, ବିଚାରଧାରା, ସହନଶୀଳତା ବହନ କରି ମାନବ ସମାଜକୁ ଦିଗଦର୍ଶନ ଦେଇ ଆସିଥାଏ ବୋଲି ମେଘ ମହ୍ଲାରର ଚତୁର୍ଥ ସ୍ୱନକ୍ଷତ୍ର ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷା, ସାହିତ୍ୟ, ସଂସ୍କୃତି, ସମାଜସେବା ଅନୁଷ୍ଠାନ ମେଘ ମହ୍ଲାରର ଚତୁର୍ଥ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ ଡ. କେଶବ ଦଳାଇଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଉମାକାନ୍ତ ନାୟକ ଯୋଗଦେଇ ସାହିତ୍ୟକୁ ବାଦ୍ ଦେଇ ସୁନ୍ଦର ସମାଜର ପରିକଳ୍ପନା କରାଯାଇପାରିବ ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାଲିଘର ସମ୍ପାଦକ କୈଳାସ ସ୍ୱାଇଁ ସବୁ ଯୁଗରେ ସାହିତ୍ୟ ମାନବ ସମାଜର ହିତ ସାଧନ କରିଥାଏ ବୋଲି କହିଥିଲେ। ଶିକ୍ଷାବିତ୍ ବିଭୂତି ଭୂଷଣ ଦାସ, କବି ନବୀନ ପ୍ରଧାନ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ସାରସ୍ୱତ ସମାରୋହରେ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇଙ୍କୁ ଜନ୍ମଦିନର ଅଭିନନ୍ଦନ ସହ ଉତ୍କଳ ସାହିତ୍ୟ ସମାଜର ନବନିର୍ବାଚିତ କାର୍ଯ୍ୟକାରୀ ସମିତି ସଭ୍ୟ ଡଃ ରଘୁ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦିକା କବି ପ୍ରଭାତୀ ମାଝୀ ସାରସ୍ୱତ ଆସର ସମ୍ପର୍କରେ ସୂଚନା ପ୍ରଦାନ କରିଥିବାବେଳେ ସସ୍ମିତା ନାୟକ, ରାକେଶ ମଣ୍ଡଳ ସ୍ୱାଗତ ସଂଗୀତ ଗାନ କରିଥିଲେ। କଥାକାର ଦୀପ୍ତି ଖଣ୍ଡୁଆଳଙ୍କ ସଂଯୋଜନାରେ ଗୌର ବାରିକ, ଜୟନ୍ତୀ ଦାଶ, ମାନଗୋବିନ୍ଦ ପ୍ରଧାନ, କନକ ବାରିକ, ରବୀନ୍ଦ୍ର ଚୌଧୁରୀ, ଜୟୀରାମ ସାହାଣୀ, ଗୀତା ଦାସ, ସର୍ବେଶ୍ୱର ସେଠୀ ସ୍ୱରଚିତ କବିତା ପାଠ କରିଥିଲେ। ସମାଜସେବୀ ବିଜୟ ଖଟେଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୌଭାଗିନୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୨ନଂ କେନାଲରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ତିର୍ତ୍ତୋଲ,୨୧।୧୦(ସମିସ): ଗୋବିନ୍ଦପୁର ପଞ୍ଚାୟତ ଅରଡଙ୍ଗ ଗ୍ରାମ ନିକଟ ୧୨ନଂ କେନାଲରୁ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ଆଜି ମଧ୍ୟାହ୍ନରେ କେନାଲରେ ବୃଦ୍ଧାଙ୍କ ମୃତଦେହ ଭାସି ଯାଉଥିବାବେଳେ ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ତିର୍ତ୍ତୋଲ ଅଗ୍ନିଶମ ବାହିନୀ କର୍ମଚାରୀ ଅରଡଙ୍ଗ ନିକଟରୁ ମୃତଦେହକୁ ଉଦ୍ଧାର କରି କୂଳକୁ ଆଣିଥିଲେ। ପୁଲିସ ଶବକୁ ଜବତ କରିଥିବାବେଳେ ବୃଦ୍ଧାଙ୍କ ପରିବାର ରଘୁନାଥପୁରରୁ ଆସି ଶବକୁ ଚିହ୍ନଟ କରିଥିଲେ। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

## ପୋଖରୀରେ ବୁଡ଼ି ଯୁବକ ମୃତ

ନାଉଗାଁ,୨୧।୧୦(ସମିସ): ନାଉଗାଁ ଶାଳିକଙ୍କା ମହିମା ଅଲେଖ ଆଶ୍ରମ ମଠରେ ଆଶ୍ରିତ ଥିବା ଯୁବକ ପୁଷ୍କରିଣୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ୮ ବର୍ଷ ଧରି ମଠରେ ଆଶ୍ରିତ ଥିବା ବାଲିକୁଦା ଥାନା ଅଞ୍ଚଳ ମଙ୍ଗଳପୁର ଗ୍ରାମର ନଟବର ନାୟକଙ୍କ ପୁଅ ନୃସିଂହ ନାୟକ (୩୫) ଆଜି ଭୋର ସମୟରେ ମଠ ପରିସରରେ ଥିବା ଏକ ପୁଷ୍କରିଣୀକୁ ଗାଧୋଇବାକୁ ଯାଇଥିବା ସମୟରେ ବୁଡ଼ି ଯାଇଥିଲେ। ନୃସିଂହଙ୍କୁ ନ ପାଇ ମଠର ଅନ୍ୟ ସଦସ୍ୟ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟାହ୍ନ ସମୟରେ ନୃସିଂହଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ନାଉଗାଁ ପୁଲିସକୁ ଖବର ଦିଆଯିବା ପରେ ପୁଲିସ ଓ ନାଉଗାଁ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ନାଉଗାଁ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାଯାଇଛି।


## ଘେରିରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ଏରସମା/ପାରାଦୀପ,୨୧।୧୦(ସମିସ): ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁର ବାବାଜୀ ସାମନ୍ତରାୟଙ୍କ ବଡ଼ତଣ୍ଡାରେ ଥିବା ଚିଙ୍ଗୁଡ଼ି ଘେରିରେ ମୟୂରଭଞ୍ଜ ଜିଲ୍ଲାର ଲକ୍ଷ୍ମୀଧର ମହନ୍ତ(୩୫) ଶ୍ରମିକ ଭାବେ କାମ କରୁଥିଲେ। ସେ ୧୫ ତାରିଖରୁ ନିଖୋଜ ଥିଲେ। ଘେରି ମାଲିକ ବାବାଜୀ ଖୋଜା ଖୋଜି କରି ନ ପାଇବା ପରେ ୧୭ ତାରିଖ ଦିନ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ମଙ୍ଗଳବାର ଏରସମା ବ୍ଲକ ଜପା ପଞ୍ଚାୟତ ଅନ୍ତର୍ଗତ ଦାସ ମଠ ନିକଟ ବାଲିଆମରା ନଦୀରେ ଏକ ମୃତଦେହ ଭାସୁଥିବା ଖବର ପାଇ ଅଭୟଚାନ୍ଦପୁର ପୁଲିସ ଘେରି ମାଲିକ ବାବାଜୀଙ୍କୁ ନେଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରି ଉଦ୍ଧାର କରିଥିବା ଜଣାପଡ଼ିଛି।

## ବାଣ ଫୁଟାଇ ଦୁଇ ଗୁରୁତର

ପାରାଦୀପ, ୨୧।୧୦(ସମିସ): ଗତକାଲି ଦୀପାବଳିରେ ବାଣ ଫୁଟାଇବା ସମୟରେ ଷଣ୍ଢକୁଦ ଅଞ୍ଚଳରେ ଦୁଇଜଣ ଗୁରୁତର ହୋଇ କଟକ ମେଡିକାଲ ସ୍ଥାନାନ୍ତରିତ ହୋଇଛନ୍ତି। ସମୀର ବେହେରା (୨୦) ବାଣ ଫୁଟାଇବା ବେଳେ ତାଙ୍କର ପାପୁଲି ସମ୍ପୂର୍ଣ୍ଣ ଛିଡ଼ିଯାଇଛି। ସେହିପରି ବାଣ ଫୁଟାଇବା ବେଳେ ସୁଭନାଥ ମହାନ୍ତିଙ୍କ କାନରେ ଆଘାତ ଲାଗିବାରୁ ତାଙ୍କୁ କିଛି ଶୁଭୁ ନ ଥିବା ଜଣାପଡିଛି। ତାଙ୍କୁ ପ୍ରଥମେ ଅଠରବାଙ୍କୀ ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି।

## ଅତାମଲା ଗ୍ରାମରେ ମା' ଶ୍ୟାମାକାଳୀ ପୂଜା



ଜଗତସିଂହପୁର, ୨୧।୧୦(ସମିସ): ଜଗତସିଂହପୁର ସହରସ୍ଥ ଅତାମଲା ଛକରେ ମା' ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହେଉଛି। ରାତ୍ର ୧୨ ଘଟିକାରେ କଳସ ବୁଡ଼ା କାର୍ଯ୍ୟକ୍ରମ କାଠପୋଲସ୍ଥ ସଫେଇରେ ହୋଇଥିଲା। ଏହି ପୂଜାରେ ନିରଞ୍ଜନ ମହାପାତ୍ର ପୁରୋହିତ ଥିବାବେଳେ ମଧୁରୀ ପ୍ରଧାନ ଓ କଳ୍ପନା ପ୍ରଧାନ କର୍ତ୍ତା ଅଛନ୍ତି। ପୂଜା କମିଟି ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରମୋଦ ମହାପାତ୍ର, ପ୍ରଶାନ୍ତ ମାଝି, ମାନସ ମଲ୍ଲିକ, ସନ୍ତୋଷ ନାୟକ, ଉଲସନ ମହାନ୍ତି, ଭଗବାନ ଭୋଇ, ସୁବ୍ରଜିତ ମହାନ୍ତି, ଲକ୍ଷ୍ମୀଧର ପ୍ରଧାନ, ଅମୂଲ୍ୟ ପ୍ରଧାନ, ରାକେଶ ପ୍ରଧାନ, ବିନୋଦ ବେହେରା, କିସାନ ଭୋଇ ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି।

## ଲକ୍‌ପଡ଼ା ଅଞ୍ଚଳରେ ନିଶାଡିଙ୍କ ଆତଙ୍କ; ଘରେ ପଶି ଆକ୍ରମଣ



ପାରାଦୀପ, ୨୧।୧୦(ସମିସ):ପାରାଦୀପ ଲକପଡ଼ା ଅଞ୍ଚଳରେ ଚୋରା ପାଉଡର ବେପାରୀ ଆତଙ୍କରାଜ ଖେଳାଇଛନ୍ତି। କେତେକ ଅସାମାଜିକ ଯୁବ ଏହି ବେପାର କରି ମାଲେମାଲ ହେଉଥିବାବେଳେ ପାଟି ଖୋଲିଲେ ପିଲାଠୁ ମହିଳା ସମସ୍ତଙ୍କୁ ଘରେପଶି ନିସ୍ତୁକ ମାଡ଼ ମାରୁଛନ୍ତି। ଗତକାଲି କିଛି ଅସାମାଜିକ ଯୁବକ ଲକପଡ଼ାରେ ଦୁର୍ଗା ମିର୍ଦ୍ଧାଙ୍କ ଘରେ ପଶି ତୁମୁଳକାଣ୍ଡ ଘଟାଇଥିବାବେଳେ ସେ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ଗତକାଲି ରାତି ୧୦ଟାରେ ଅସାମାଜିକ ଯୁବକ ତାଙ୍କ ଘରର କବାଟକୁ ଗୋଇଠା ମାରି ଘରେ ପଶି ନିଶା ସେବନ କରି ମାରଣାସ୍ତ୍ରରେ ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେହିଭଳି ପଡାରେ ବହୁ ପରିବାରର ଘରେ ରାତିରେ ପଶି ଏଭଳି ଗଣ୍ଡଗୋଳ କରୁଥିବା ନେଇ ଆଜି ପାର୍ବତୀ ମଣ୍ଡଳ, ଦୁର୍ଗା ମିର୍ଦ୍ଧା, ପୁଷ୍ପା ମିର୍ଦ୍ଧା, କୁନୁମୁନି ମାଇତି, ଲକ୍ଷ୍ମୀ ମଣ୍ଡଳ, ରିତା ମଣ୍ଡଳ, ସୋନୁ ମଣ୍ଡଳ ଓ ରୁନୁ ମଣ୍ଡଳ ପ୍ରମୁଖ ଥାନା ଅଧିକାରୀଙ୍କୁ ଭେଟି ଜଣାଇଥିଲେ।

## ବିଜେଡି କର୍ମୀଙ୍କୁ ମେଡିକାଲରେ ଭେଟିଲେ ବିଜେଡି ପ୍ରତିନିଧି ଦଳ

# ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି

ଜଗତସିଂହପୁର,୨୧।୧୦(ସମିସ)




ରାଜନୈତିକ ଆକ୍ରୋଶରୁ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପଟସରା ଗ୍ରାମର ମହିଳା ବିଜେଡି କର୍ମୀ ରଶ୍ମିରଞ୍ଜିତା ପରିଜାଙ୍କୁ ଆଜି ସନ୍ଧ୍ୟାରେ ବିଜେଡିର ଏକ ପ୍ରତିନିଧି ଦଳ ମେଡିକାଲରେ ସାକ୍ଷ୍ୟତ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ସମବେଦନା ଜଣାଇଛନ୍ତି। ଏଥିସହ ବିଜେଡି ପ୍ରତିନିଧି ଦଳ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରିଛନ୍ତି।

ସୂଚନା ମୁତାବକ, ସୋମବାର ଦୀପାବଳି ସନ୍ଧ୍ୟାରେ ସଦର ଥାନା ଅନ୍ତର୍ଗତ ପଟସରା ଗ୍ରାମର ବିଜେଡି ମହିଳା କର୍ମୀ ରଶ୍ମିରଞ୍ଜିତା ପରିଜାଙ୍କୁ ପୂର୍ବ ଶତ୍ରୁତାରୁ ସେହି ଗ୍ରାମର କିଛି ଲୋକ ମିଳିତ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ରଶ୍ମିରଞ୍ଜିତାଙ୍କୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରଶ୍ମିରଞ୍ଜିତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ଆଜି ସନ୍ଧ୍ୟାରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ବିଜେଡି ନେତ୍ରୀ ଇପ୍‌ସିତା ସାହୁ, ମୁଖପାତ୍ର ଲେଲିନ ମହାନ୍ତି ଓ ସୋଫିଆ ଆଲାମ ପ୍ରମୁଖ ଆହତ ମହିଳା ବିଜେଡି କର୍ମୀ ରଶ୍ମୀଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ଇପ୍‌ସିତା ସାହୁ କହିଛନ୍ତି, ଜଣେ ମହିଳାଙ୍କ ଉପରେ ଆକ୍ରମଣ ହେବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ବିଗତ ଦେଢ ବର୍ଷ ମଧ୍ୟରେ ସମଗ୍ର ଓଡ଼ିଶାରେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ବଢିଚାଲିଛି। ମହିଳାମାନେ ଏ ସରକାରରେ ଅସୁରକ୍ଷିତ। ରଶ୍ମିରଞ୍ଜିତା ସରକାରଙ୍କ ଦୋଷ ଦୁର୍ବଳତାକୁ ସାମାଜିକ ଗଣମାଧ୍ୟମରେ ସମାଲୋଚନା କରିଆସୁଥିବାରୁ ଶାସକ ଦଳ କର୍ମୀ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ଉପରେ ଏଭଳି ମରଣାନ୍ତକ ଆକ୍ରମଣ କରିଛନ୍ତି। ଯାହାକୁ ବିଜେଡି ଦଳ ଗୁରୁତର ସହ ନେଉଛି। ଆଗାମୀ ଦିନରେ ଯଦି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ବିଜେଡି ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଏହି ବିଜେଡି ନେତ୍ରୀ ଚେତାବନୀ ଦେଇଛନ୍ତି।

# ଆର୍‌ଆଇ ଅଫିସ୍ ନିର୍ମାଣ କାମ ନିମ୍ନମାନର ଅଭିଯୋଗ
# କାମ ବନ୍ଦକଲେ ଗାଁ ଲୋକ

ରାଜକନିକା, ୨୧।୧୦(ସମିସ)



ଆରଆଇ ଅଫିସ କାମ ନିମ୍ନମାନର ହେଉଥିବାରୁ ବନ୍ଦ କରିଛନ୍ତି ଦଶଭାଗାରିଆ ଗାଁ ଲୋକେ। କାମ ହେବା ଦିନରୁ ନାହିଁ ପ୍ରୋଜେକଟ ପିଲର। ଆଜି ଗ୍ରେଡ୍ ବିମ ପକାବାକୁ ଯାଇଥିବା ଠିକାଦାରଙ୍କୁ କାମ ବନ୍ଦ କରି ଗ୍ରାମ୍ୟ ଉନ୍ନୟନ ବିଭାଗ ଜେଇଙ୍କୁ ଡାକିଥିଲେ ଗାଁ ଲୋକେ। ବିଭାଗୀୟ ଜେଇ ଜ୍ୟୋତିର୍ମୟୀ ଦଳାଇ ପହଞ୍ଚି କାମ ଭୁଲ ଥିବା କହିବା ପରେ କାମ ବନ୍ଦ ହୋଇଥିଲା। ପ୍ରୋଜେକଟ ପିଲର ନାହିଁ କାହିଁକିର ଉତ୍ତର ଦେଇ ପାରି ନ ଥିଲେ ବିଭାଗୀୟ ଜେଇ। ପ୍ରୋଜେକଟ ପିଲର ଲଗାଇଲେ କାମ ହେବ ବୋଲି ଗାଁ ଲୋକ ଜିଦ୍ ଧରିଥିଲେ। ଫଳରେ କାମ ବନ୍ଦ ରହିଛି।

ରାଜକନିକା ବ୍ଲକ ଭରିଗଦା ପଞ୍ଚାୟତର ଦଶଭାଗାରିଆ ଗାଁରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେଉଛି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ। ଏଠାରେ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ କାମର ପ୍ରୋଜେକଟ ପିଲର ଲଗାଯାଇନାହିଁ। ରାଜ୍ୟ ସରକାରଙ୍କ ଯେକୌଣସି କାମ ହେବ ସାଧାରଣ ଲୋକ କାମ କେତେ ଟଙ୍କାର, କାମ କାହା ନାମରେ ରହିଛି ଓ କାମର ସମ୍ପୂର୍ଣ୍ଣ ତଥ୍ୟ ଜାଣିପାରିବେ। ସେଥିଲାଗି ଆଗେ ପ୍ରୋଜେକଟ ପିଲର ଲାଗିବ ପରେ କାମ ହେବା କଥା। ତେବେ ବିଭାଗୀୟ ଜେଇ ଲୋକଙ୍କୁ ଅନ୍ଧାରରେ ରଖି ଠିକାଦାରଙ୍କୁ ଖୁସି କରିବା ଲାଗି ଲଗାଇନାହାନ୍ତି ପ୍ରୋଜେକଟ ପିଲର ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି। ଆଜି ଏହି ଗୃହର ଗ୍ରେଡ଼ ବିମ ପକାଇବା ଲାଗି ଠିକାଦାର ମିସ୍ତ୍ରି ଓ ଶ୍ରମିକ ଧରି ଆସିଥିଲେ। ଯେଉଁ ଗ୍ରେଡ୍ ବିମ ଲାଗି ଠିକ ଭାବେ ରଡ଼ ବନ୍ଧା ଯାଇ ନ ଥିଲା, ଅଳ୍ପ ରଡ୍ରେ ଗ୍ରେଡ଼ ବିମ ପକାଇଥା'ନ୍ତେ ଠିକାଦାର। ଗାଁ ଲୋକ ପହଞ୍ଚି ଏମିତି କ'ଣ ରଡ୍ ବନ୍ଧାଯାଇଛି କହି କାମ ବନ୍ଦ କରିଥିଲେ। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଜେଇ ଜ୍ୟୋତିର୍ମୟୀ ଦଳାଇ ପହଁଞ୍ଚି କାମ ଦେଖିଥିଲେ। ଠିକ୍ ଭାବେ ରଡ୍ ବନ୍ଧା ଯାଇନଥିବା କହିଥିଲେ। ପ୍ରୋଜେକଟ ପିଲର କାହିଁକି ନାହିଁ ବୋଲି ଲୋକମାନେ ବିଭାଗୀୟ ଜେଇଙ୍କୁ ପ୍ରଶ୍ନ କରିଥିଲେ। ଜେଇ ପ୍ରଶ୍ନକୁ ଏଡାଇ ଯାଇଥିଲେ ବୋଲି ଗାଁ ଲୋକେ କହିଛନ୍ତି। ଏହାସହିତ କେତେ ବାଲି, କେତେ ସିମେଣ୍ଟ ଭାଗରେ କାମ ହେଉଛି ତାହା କାହାରିକୁ କୁହାଯାଉନାହିଁ। ମନଇଚ୍ଛା କାମ କରୁଛନ୍ତି ଠିକାଦାର। ଏହି କାମ ଦେଖିବାକୁ ବିଭାଗୀୟ ଅଧିକାରୀଙ୍କୁ କେବେ ଦେଖିନାହୁଁ ବୋଲି ଗାଁ ଲୋକେ କହିଛନ୍ତି। ଗ୍ରାମ ମୁଖ୍ୟ ଶ୍ୟାମସୁନ୍ଦର ବେହେରା, ବିଜୟ ପଲାର, ନିର୍ମଳ ବେହେରା, ନିର୍ମଳ ମହଲା, ଅଜାମ୍ବର ରାଉତ, ବୃନ୍ଦାବନ ବେହେରା, ଚନ୍ଦ୍ରଭାନୁ ମହଲା, ବିଚିତ୍ର ବେହେରା, ରଞ୍ଜନ ରାଉତ, ରାଧୁଚରଣ ରାଉତ କହିଛନ୍ତି, ଏ କାମ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଚାଲିଛି। ଯଦି ଆମ ଗାଁ ଲୋକ କାମ ବନ୍ଦ କରି ନ ଥା'ନ୍ତୁ ଆଜି ନିମ୍ନମାନର କାମ କରି ଚାଲି ଯାଇଥା'ନ୍ତେ ଠିକାଦାର। ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଗାଁ ଲୋକେ ଦାବି କରିଛନ୍ତି।

## ବେଆଇନ ବାଣ ଦୋକାନ ଉପରେ ପୁଲିସର ଚଢ଼ଉ



**ପଞ୍ଚୁପାଣ୍ଡବ,୨୧।୧୦(ସମିସ):** ନିକିରାଇ ଥାନା ଅଧୀନରେ ଥିବା ବିଭିନ୍ନ ଜାଗାରେ ବେଆଇନ ବାଣ ଦୋକାନ ଉପରେ ନିକିରାଇ ଥାନା ପୁଲିସ ଚଢ଼ଉ କରି ୬ ଜଣଙ୍କୁ ଗିରଫ କରିବା ସହ ବାଣ ଜବତ କରିଥିବା ଜଣାପଡ଼ିଛି। କେତେକ ବେପାରୀ ବାଣ ବିକୁଥିବାବେଳେ ପୁଲିସ ଚଢ଼ଉ କରିଥିଲା। ଛୋଟି ବଜାର, ବେଣୀପୁର ଛକ, ସଦାନନ୍ଦପୁର ଛକ ଓ ବିଭିନ୍ନ ସ୍ଥାନରୁ ପ୍ରାୟ ଛଅ ଜଣଙ୍କୁ ଥାନାକୁ ନେଇଥିବା ଜଣାପଡ଼ିଛି।

## ଶତାୟୁ ଭାଗବତପ୍ରେମୀ କୃଷ୍ଣଚନ୍ଦ୍ର ବେହେରାଙ୍କ ପରଲୋକ



**ପଟ୍ଟାମୁଣ୍ଡାଇ,୨୧।୧୦(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଖଣତା ପଞ୍ଚାୟତ ରେସୋ ଗ୍ରାମର ଭାଗବତପ୍ରେମୀ ତଥା ଶତାୟୁ କୃଷ୍ଣଚନ୍ଦ୍ର ବେହେରାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୧ ବର୍ଷ ବୟସ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଖଣତା ସରପଞ୍ଚ ଅନୀଲ ଲେଙ୍କା, ସମିତି ସଭ୍ୟ ସୁରେଶ ଜେନା, ବିଜେପି ଯୁବନେତା ପୂର୍ବତନ ସରପଞ୍ଚ ପ୍ରତିନିଧି ସମୀର ପ୍ରଧାନ, ଧ୍ରୁବ-ଅନ୍ନପୂର୍ଣ୍ଣା ସେବା ଓ କଳା ପରିଷଦ ସଭାପତି ନଳିନୀକାନ୍ତ ସ୍ୱାଇଁ, ସମାଜସେବୀ କୈଳାସ ମହାନ୍ତି, ନାଏବ ସରପଞ୍ଚ ବାସନ୍ତୀ ବାରିକ, ୱାର୍ଡ ସଭ୍ୟ ଡମ୍ବରୁଧର ସେଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସମାଜସେବୀ, ପାଲା ଗାୟକ କଳାକାର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ତଥା କେନ୍ଦ୍ରପଡ଼ା ପାଲା ଗାୟକ ସଂଘ ଜିଲ୍ଲା ସଭାପତି ବସନ୍ତ ପ୍ରଧାନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବ୍ୟବସାୟୀ ସଙ୍ଘ ସଦସ୍ୟଙ୍କ ପରଲୋକ



**ପଟ୍ଟାମୁଣ୍ଡାଇ,୨୧।୧୦(ସମିସ):** ପଟ୍ଟାମୁଣ୍ଡାଇ ଷ୍ଟେସନାରୀ ବ୍ୟବସାୟୀ ସଂଘର ପ୍ରମୁଖ ସଦସ୍ୟ ପୋଖରୀଆପଡ଼ା ଗ୍ରାମର ଲକ୍ଷ୍ମୀଧର ନାୟକଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁରେ ପଟ୍ଟାମୁଣ୍ଡାଇ ଷ୍ଟେସନାରୀ ଦୋକାନୀ ଦୋକାନ ବନ୍ଦ ରଖିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ପତିତପାବନ ନାୟକ ମୁଖାଗ୍ନି ଦେଇଥିଲେ।

## ବେଆଇନ ବାଣ କାରବାର; ଥାନାରେ ୫ ମାମଲା

**ରାଜନଗର, ୨୧।୧୦(ସମିସ):** ରାଜନଗରରେ ବେଆଇନ ଭାବେ ବାଣ କାରବାର ଚାଲିଥିଲା। କେରେଡାଗଡ଼ରେ ବେଆଇନ ଭାବେ ତିଆରି ହେଉଥିବା ବାଣ ରାଜନଗର ସାରା ଛାଇ ହୋଇଯାଇଥିଲା। ଦୀପାବଳି ପୂର୍ବରୁ ରାଜନଗର ପୁଲିସ ବିନା ଲାଇସେନ୍ସରେ ବାଣ ବିକ୍ରି କରୁଥିବା ୫ ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ଲକ୍ଷାଧିକ ଟଙ୍କାର ବାଣ ଜବତ କରାଯାଇଥିବାବେଳେ ୫ ଜଣଙ୍କୁ ଗିରଫ କରି ଥାନାରୁ ୩୫ (୩) ବିଏନଏସରେ ଜାମିନ ଦିଆଯାଇଛି। ରାଜନଗର ଥାନାରେ କେସ ନମ୍ବର ୩୬୦/୨୫, ୩୫୯ /୨୫, ୩୫୮/୨୫, ୩୫୭/୨୫ ରେ ମାମଲା ରୁଜୁ କରାଯାଇଛି। ଓକିଲପାଳ ବଜାରରୁ ଜଣେ, ଗୁପ୍ତି ବଜାରରୁ ଜଣେ ଓ ରାଜନଗର ବଜାରରୁ ୩ ଜଣ ବ୍ୟବସାୟୀଙ୍କଠାରୁ ବେଆଇନ ବାଣ ଜବତ କରାଯାଇଥିବା ଜଣାପଡ଼ିଛି।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

**କେନ୍ଦ୍ରାପଡ଼ା,୨୧।୧୦(ସମିସ):** ନିକିରାଇ ଥାନା ଅନ୍ତର୍ଗତ କୋରୋ ଗ୍ରାମର ଦିବାକର ଜେନାଙ୍କ ପୁଅ ଗୋଲେଖ ଚନ୍ଦ୍ର ଜେନାଙ୍କ ଘରେ କେହି ନ ଥିବା ସୁଯୋଗ ନେଇ କେହି ଦୁର୍ବୃତ୍ତ କବାଟ ତାଡ଼ି ଘରେ ପଶି ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି କରିନେଇଛି। ଏଥିରେ ଗୋଟିଏ ସୁନାହାର, ୨ଟି ସୁନା ଚେନ, ୧୨ଟା ସୁନା ମୁଦି ସମେତ ନଗଦ ୫ ହଜାର ଟଙ୍କା ରହିଛି। ପଟ୍ଟାମୁଣ୍ଡାଇର ରଘୁନାଥ ପରିଡ଼ା ନିକିରାଇ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ଭିଣୋଇ ଗୋଲେଖ ସପରିବାର ବାଙ୍ଗାଲୋରରେ ରୁହନ୍ତି। ତାଙ୍କ କୋର ଗ୍ରାମରେ ଥିବା ପୈତୃକ ଘରେ କେହି ନ ଥିବା ସୁଯୋଗ ନେଇ କେହି ଦୁର୍ବୃତ୍ତ ୨ଟି ଗୋଦରେଜ ଆଲମୀରା ଓ ୨ଟି ଟିଣ ବାକ୍ସ ଭାଙ୍ଗି ସେଥିମଧ୍ୟରେ ଥିବା ଉପରୋକ୍ତ ସୁନା ଅଳଙ୍କାର ଓ ନଗଦ ଅର୍ଥ ସହ ଅନ୍ୟାନ୍ୟ ସମସ୍ତ ଜିନିଷ ଚୋରି କରିନେଇଛି।

## ଜିଲ୍ଲାସ୍ତରୀୟ ଚେସ୍‌ରେ ନୈତିକ ପ୍ରଥମ

**କେନ୍ଦ୍ରାପଡ଼ା,୨୧।୧୦(ସମିସ):** ଗରାପୁରସ୍ଥ ହୋଟେଲ ସ୍ୱର୍ଣ୍ଣସିନ୍ଧାରେ ଅନୁଷ୍ଠିତ ଡାକ୍ତର ବୈଷ୍ଣବ ପରିଡ଼ା ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତାରେ ଜେନିଥ ଇଣ୍ଟରନ୍ୟାସନାଲ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ର ନୈତିକ ସାମନ୍ତରାୟ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏ ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର. ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ନୈତିକଙ୍କୁ ଟ୍ରଫି, ପ୍ରମାଣପତ୍ର ସହିତ ପୁରସ୍କାର ରାଶି ପ୍ରଦାନ କରିଥିଲେ। ନୈତିକ କେନ୍ଦ୍ରାପଡ଼ା ବ୍ଲକ୍ର ସହକାରୀ ଯନ୍ତ୍ରୀ ଇଂ ଚିନ୍ମୟୀ ସାହୁଙ୍କ ପୁତ୍ର ଅଟନ୍ତି।



## ସଦାନନ୍ଦପୁରରେ ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ

**ପଞ୍ଚୁପାଣ୍ଡବ,୨୧।୧୦(ସମିସ):** ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ଥିବା ବୁଣାକାର ସାହିରେ ଆଜି ଗିରି ଗୋବର୍ଦ୍ଧନ ପୂଜା ଆରମ୍ଭ ହେବ। ଏହି ପୂଜା ମଣ୍ଡପରେ ପ୍ରାୟ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱର୍ ହେବ ଗିରିଗୋବର୍ଦ୍ଧନ ପୂଜା କରାଯାଉଛି। ଏହି ବୁଣାକାର ସାହିର ପ୍ରାୟ ୮୦ଟି ପରିବାର ଏହାକୁ ଦୀର୍ଘଦିନ ଧରି ପାଳନ କରୁଥିବାବେଳେ ଚଳିତବର୍ଷ ବି ସାତଦିନ ଧରି ଧୁମଧାମରେ ପାଳନ କରାଯିବ ବୋଲି ପୂଜା କମିଟି ସଭାପତି ବିଭୂତି ଭୂଷଣ ଘଡ଼ାଇ କହିଛନ୍ତି। ଗିରିଗୋବର୍ଦ୍ଧନ ପୂଜା ସାତଦିନ ଧରି ପୂଜା ପାଳନ ହେବା ସହ ପ୍ରତି ସନ୍ଧ୍ୟାରେ ଭଜନ, କୀର୍ତ୍ତନ, ପାଲା, ମେଲୋଡି ଓ ତିନିଦିନ ଧରି ଯାତ୍ରା ପରିବେଷଣ କରାଯିବା ନିଷ୍ପତ୍ତି ହୋଇଛି। ୨୩ ତାରିଖରେ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ସୁବାସ ଘଡାଇ କହିଛନ୍ତି। ଏହି ପୂଜାରେ ଗିରିଗୋବର୍ଦ୍ଧନ ପୂଜା କମିଟି ସଦସ୍ୟଙ୍କ ସହ ଗ୍ରାମର ଗାହାଣ ସାହି, ଘଡାଇସାହି ଓ ମଣ୍ଡଳସାହିର ଲୋକେ ସହଯୋଗ କରୁଛନ୍ତି।

## ନେତାଜୀ କପ୍ ଟ୍ରଫି ଉନ୍ମୋଚିତ




**ରାଜକନିକା,୨୧।୧୦(ସମିସ):** ଆଜି ନେତାଜୀ ମିନି ଷ୍ଟାଡ଼ିୟମରେ ଆସନ୍ତାକାଲିଠୁ ଆରମ୍ଭ ହେବାକୁ ଥିବା ୩୪ତମ ନେତାଜୀ କପ୍ ଫୁଟବଲ ଚାମ୍ପିଅନସିପ୍ର ଟ୍ରଫି ଉନ୍ମୋଚନ କରାଯାଇଛି। ଉକ୍ତ ଖେଳରେ ଭାଗ ନେଇଥିବା ସମସ୍ତ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ଭାବେ ଡା. ଦେବସ୍ମିତା ଶର୍ମା ଯୋଗଦେଇ ଟ୍ରଫି ଉନ୍ମୋଚନ କରିଛନ୍ତି। ଏହି କ୍ରୀଡା ଆୟୋଜନ ଯୁବକଙ୍କ ମଧ୍ୟରେ ଖେଳ ସଚେତନତା ଓ ଭାଇଚାରାର ଭାବନାକୁ ବଢ଼ାଇ ପାରିଛି ବୋଲି ଡା ଶର୍ମା ମତ ପ୍ରକାଶ କରିଛନ୍ତି। ନେତାଜୀ କ୍ଲବ୍ ସଭାପତି ଓ ସମ୍ପାଦକ ଟୁର୍ଣ୍ଣାମେଣ୍ଟର ଐତିହ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ଆସନ୍ତା ୨୨ ଓ ୨୩ ତାରିଖରେ ଦୁଇଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ସତ୍ୟନାରାୟଣ କ୍ଲବ୍ ବାଘବୁଦା, ୱାଇ.ୱାଇ କ୍ଲବ୍ ଚେରଣ୍ଟପଡ଼ା, ଏନଏସି ଚାନ୍ଦବାଲି, ଡିଫା ଯାଜପୁର, କିଶାନ କ୍ଲବ ଗୋଲାଡିଆ, ମା' ମଙ୍ଗଳା ଯାଜପୁର, ସୁରଜ କ୍ଲବ୍ କେନ୍ଦ୍ରାପଡା, ରାମେଶ୍ୱର କ୍ଲବ୍ ଭଦ୍ରକ, ପାରାଦୀପ ପୋର୍ଟ ଏଫସି ଓ ନେତାଜୀ କ୍ଲବ ତରାସର ମ୍ୟାନେଜର ଓ କ୍ୟାପଟେନ ଉପସ୍ଥିତ ଥିଲେ। କ୍ଲବର ସଭାପତି ବନଜ କୁମାର ବାରିକ ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ପ୍ରଜ୍ଞାଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପଟ୍ଟାମୁଣ୍ଡାଇରେ କାଳୀପୂଜା



**ପଟ୍ଟାମୁଣ୍ଡାଇ,୨୧।୧୦(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା ପରେ ଏବେ କାଳୀପୂଜା ଉତ୍ସବ ସମାରୋହରେ ପାଳିତ ହେଉଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୮ ନଂ ୱାର୍ଡ ତାତନା ଗ୍ରାମରେ ସମାରୋହରେ ଆୟୋଜିତ ହୋଇଛି କାଳୀପୂଜା ଉତ୍ସବ। କାଳୀପୂଜା ପାଇଁ ତାତନା ସମେତ ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ବେଦଜ୍ଞ ବ୍ରାହ୍ମଣ ଓ ପଣ୍ଡିତ ମା' କାଳୀଙ୍କ ପୂଜା କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରୁଛନ୍ତି। ଏହି ପୂଜା ଉତ୍ସବକୁ ତାତନା ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ୬୬ତମ ପୁଲିସ ସହିଦ ଦିବସ ପାଳିତ



**କେନ୍ଦ୍ରାପଡ଼ା,୨୧।୧୦(ସମିସ):** କେନ୍ଦ୍ରାପଡ଼ାର ଜଝାଙ୍ଗସ୍ଥ ଜିଲ୍ଲା ପୁଲିସ ରିଜର୍ଭ ପଡ଼ିଆରେ ମଙ୍ଗଳବାର ୬୬ତମ ପୁଲିସ ସହିଦ ଦିବସ ପାଳିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ପ୍ରଥମେ ରାଜ୍ୟପାଳ ଓ ପରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ପରେ ଏସପି ସହିଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ, ୧୯୫୯ ଅକ୍ଟୋବର ୨୧ ତାରିଖ ଦିନ ସିଆରପିଏଫର ୧୦ ଜଣ କର୍ତ୍ତବ୍ୟନିଷ୍ଠ ଯବାନ ଲଦାଖରେ ଭାରତ ସୀମା ଉଲ୍ଲଙ୍ଘନ କରିବାକୁ ପ୍ରୟାସ କରୁଥିବା ଚୀନ ସୈନ୍ୟବାହିନୀ ସହିତ ଯୁଦ୍ଧ କରି ମାତୃଭୂମି ସେବାରେ ପ୍ରାଣବଳୀ ଦେଇଥିଲେ। ୧୯୬ ଜାନୁଆରୀରେ ଦେଶର ସମସ୍ତ ଆରକ୍ଷୀ ମହାନିରୀକ୍ଷକଙ୍କ ଅନୁଷ୍ଠିତ ସମ୍ମିଳନୀରେ ଏହି ଦିବସକୁ ସହିଦ ଦିବସ ରୂପେ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଓ ପୁଲିସ ପ୍ରତିଷ୍ଠାନରେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହିଦିନଠାରୁ ପ୍ରତ୍ୟେକ ବର୍ଷ କର୍ତ୍ତବ୍ୟ ସମ୍ପାଦନ ସମୟରେ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ପୁଲିସଙ୍କ ସ୍ମୃତି ଉଦ୍ଦେଶ୍ୟରେ ବା ରାଷ୍ଟ୍ର ପାଇଁ ସର୍ବୋଚ୍ଚ ତ୍ୟାଗ ସ୍ୱୀକାର କରିଥିବା ବୀର ପୁଲିସଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧୯୬୦ଠାରୁ ଏହି ଦିବସ ପାଳିତ ହୋଇଆସୁଛି। ଦେଶର ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଏହି ବୀର ପୁଲିସମାନେ ବୀରତ୍ୱ ସହିତ କର୍ତ୍ତବ୍ୟ ସମ୍ପାଦନ କରି ସେମାନଙ୍କ ଦାୟିତ୍ୱ ନିର୍ବାହ କରିଥା'ନ୍ତି। ଗତ ବର୍ଷକ ମଧ୍ୟରେ କର୍ତ୍ତବ୍ୟ ସମ୍ପାଦନ ସମୟରେ ପ୍ରାଣବଳି ଦେଇଥିବା ଦେଶର ୧୯୧ ଜଣ ବୀର ପୁଲିସଙ୍କ ସହିତ ଓଡ଼ିଶାର ୨ଜଣ କନଷ୍ଟେବଳ ଲକ୍ଷ୍ମଣ ମାଝୀ ଓ ଓଡ଼ିଶା ଅକ୍ସିଲାରୀ ପୁଲିସ ଫୋର୍ସର ଲୋକନାଥ ସବରଙ୍କ ପ୍ରତି ଆରକ୍ଷୀ ଅଧୀକ୍ଷକ ଶ୍ରୀ କଟାରିଆ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏଥିସହିତ କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ, ଡିଏସପି (ଆଇସିଏଡବ୍ଲୁ) ସସ୍ମିତା ସାହୁ, ହେଡକ୍ୱାଟର ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ପଟାୟତ, ଟାଉନ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ସହିଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏ ଉପଲକ୍ଷେ ଅନୁଷ୍ଠିତ ପ୍ୟାରେଡ୍କୁ ରିଜର୍ଭ ପୁଲିସ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ କମାଣ୍ଡ କରିଥିବାବେଳେ ସେକେଣ୍ଡ ଇନ୍ କମାଣ୍ଡ ଭାବେ ଇନ୍ସପେକ୍ଟର (ଆର୍ମସ) ଅକ୍ଷୟ ଘଡେଇ ଓ ଏଏସଆଇ. ଜବାହରଲାଲ୍ ଖାନ୍ ପ୍ରମୁଖ କାର୍ଯ୍ୟନିର୍ବାହ କରିଥିଲେ। ଏହି ପ୍ୟାରେଡ୍ରେ ୩ ପ୍ଲାଟୁନ୍ ଫୋର୍ସ ଅଂଶଗ୍ରହଣ କରିଥିଲେ। ପୁଲିସ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ପ୍ୟାରେଡରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ କଟାରିଆ ଅଭିବାଦନ ଗ୍ରହଣ କରିଥିଲେ।

## ଅଳାବାଙ୍କରେ ମା' ଶ୍ୟାମାକାଳୀଙ୍କ ପୂଜା



**ଡେରାବିଶ,୨୧।୧୦(ସମିସ):** ଡେରାବିଶ ବ୍ଲକ୍ ଅଧୀନ ଅଳାବାଙ୍କସ୍ଥ ମହାକାଳୀ ଆଶ୍ରମ ପରିସରରେ ପବିତ୍ର ଦୀପାବଳୀରେ ମା' ପରମ ବୈଷ୍ଣବୀ ଶ୍ୟାମାକାଳୀଙ୍କ ପୂଜା ଆରମ୍ଭ ହୋଇଛି। ସୋମବାର ପୂର୍ବାହ୍ନରେ ଶ୍ରଦ୍ଧାଳୁ ନିକଟସ୍ଥ ଜଳାଶୟରୁ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ଜଳପୂର୍ଣ୍ଣ କଳସକୁ ଘଣ୍ଟ ଘଣ୍ଟା ସଂକୀର୍ତ୍ତନ ମଧ୍ୟରେ ଆଶ୍ରମ ପରିସରକୁ ଆଣିବା ପରେ ମା'ଙ୍କ ପୂଜା ଓ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାତ୍ରରେ ମା'ଙ୍କ ନିକଟରେ ମହାପୂଜା ଦୀପଦାନ, ମହାମାୟା ପୂଜା, ବୈଷ୍ଣବ୍ୟା ଅନ୍ନପୂର୍ଣ୍ଣା ବେଶ ଅନୁଷ୍ଠିତ ହୋଇଥିଲା। ଆଜି ମା'ଙ୍କ ନିକଟରେ ଚଣ୍ଡିପୂଜା, ଜଗଦ୍ଧାତ୍ରୀ ପୂଜା ଅନୁଷ୍ଠିତ ହୋଇଥିବାବେଳେ ଆସନ୍ତାକାଲି ମା'ଙ୍କ ଜଗଦମ୍ବା ପୂଜା ଅନୁଷ୍ଠିତ ହେବା ସହ ବିଳମ୍ବିତ ରାତ୍ରରେ ଯଜ୍ଞର ପୂର୍ଣ୍ଣାହୁତି ହେବା ସହ ଆସନ୍ତା ୨୩ ତାରିଖ ଦିନ ମା'ଙ୍କୁ ବିସର୍ଜନ କରାଯିବ ବୋଲି ଆଶ୍ରମର ମୁଖ୍ୟ ପରିଚାଳକ ଦେବବ୍ରତ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

ପଣ୍ଡିତ ତପନ ପାଢ଼ୀ, ହରିହର ତ୍ରିପାଠୀ, ଦିଲ୍ଲୀପ ରଥ, ଉମାକାନ୍ତ ନାୟକ, ବିଚିତ୍ରାନନ୍ଦ ରଥ, ରଶ୍ମିରଞ୍ଜନ ପାଣି, ମହାପାତ୍ରଙ୍କ ଦ୍ୱାରା ମା'ଙ୍କ ପୂଜା ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହେଉଥିବାବେଳେ ସଞ୍ଜୟ କୁମାର ବେହେରା କର୍ତ୍ତା ଅଛନ୍ତି। ଅଜୟ କୁମାର ବେହେରା ଓ କାର୍ତ୍ତିକ ସ୍ୱାଇଁ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ଅଳାବାଙ୍କ ଗ୍ରାମବାସୀଙ୍କ ସହଯୋଗ ଓ ମହାକାଳୀ ଆଶ୍ରମ ଦ୍ୱାରା ଅନୁଷ୍ଠିତ ଏହି ପୂଜା ଉତ୍ସବରେ ପ୍ରତ୍ୟେହ ସନ୍ଧ୍ୟାରେ ଶହ ଶହ ଶ୍ରଦ୍ଧାଳୁ ଉପସ୍ଥିତ ହୋଇ ମା'ଙ୍କ ଦର୍ଶନ କରିବା ସହିତ ଆଶିଷ ଲାଭ କରୁଛନ୍ତି।

## ଦାମୋଦରପାଟଣାରେ ହନୁମାନ ବିଗ୍ରହ ପ୍ରତିଷ୍ଠା ପାଇଁ ଭୂମିପୂଜା

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୧।୧୦(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଦାମୋଦରପାଟଣାଠାରେ ହନୁମାନ ବିଗ୍ରହ ପ୍ରତିଷ୍ଠା ପାଇଁ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ପୀଠର ପୀଠାଧୀଶ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସେବକ ଦିବ୍ୟରଞ୍ଜନ ନାୟକ, ବିଶ୍ୱରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନ ଓ ପଦ୍ମନାଭ ନାୟକ, ଗୀତାଞ୍ଜଳି ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ପୂଜା ଉତ୍ସବରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଓ ଜନସାଧାରଣ ଯୋଗଦେଇ ପୂଜା ପାଠ କରିଥିଲେ। ଉତ୍ସବରେ ଅଧ୍ୟାପକ ଅଶୋକ ନାୟକ, ରବୀନ୍ଦ୍ର ଧଳ, ବିଜୟ ରାଉତ, ସୁବାସ ନାୟକ, କୈବଲ୍ୟ ପରିଡା, ପ୍ରତିମା ବିଶ୍ୱାଳ, ଅନୀତା ନାୟକ, ଅମିତା ନାୟକ, କବିତା ସାମଲ, ଶର୍ମିଳ ବିଶ୍ୱାଳ, ପ୍ରଗତି ନାୟକ ପ୍ରମୁଖ ଭାଗ ନେଇଥିଲେ। ପଣ୍ଡିତ ପ୍ରଫୁଲ୍ଲ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଶେଷରେ ପଦ୍ମନାଭ ନାୟକ, ଗୀତାଞ୍ଜଳି ନାୟକ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ।



## ବରିଷ୍ଠ ନାଗରିକଙ୍କ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ



**କେନ୍ଦ୍ରାପଡ଼ା,୨୧।୧୦(ସମିସ):** କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତର ବରିଷ୍ଠ ନାଗରିକଙ୍କ ବୈଠକ ଓସ୍ତପୁର ଗ୍ରାମ ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୨୦ ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ବୈଠକରେ ଅଧ୍ୟକ୍ଷତା କରିଥିଲେ ଦେପୁର ଗ୍ରାମର ବରିଷ୍ଠ ନାଗରିକ ଅବସରପ୍ରାପ୍ତ ଉପନିରୀକ୍ଷକ ମଧୁସୂଦନ ରାଉତ। ସଂଯୋଜକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ସ୍ୱାଇଁ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସର୍ବସମ୍ମତି କ୍ରମେ ୧୦ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ମଧୁସୂଦନ ରାଉତ ସଭାପତି, ଉପେନ୍ଦ୍ର ପ୍ରଧାନ ଉପସଭାପତି, ହରେକୃଷ୍ଣ ପତି ସମ୍ପାଦକ, ହୃଷିକେଶ ନାୟକ ସହସମ୍ପାଦକ, ଅନନ୍ତ ସ୍ୱାଇଁ କୋଷାଧ୍ୟକ୍ଷ, ରାମଚନ୍ଦ୍ର ରାଉତ ସାଂସ୍କୃତିକ ସମ୍ପାଦକ ରୂପେ ମନୋନୀତ ହୋଇଥିଲେ। ଧନେଶ୍ୱର ତ୍ରିପାଠୀ, ବୈଷ୍ଣବ ରାଉତ, ମୁରଲୀଧର ପାତ୍ର ଉପଦେଷ୍ଟା ଓ ରତ୍ନାକର ରାଉତ, ବନମାଳି ସାମଲ, ଗୋବିନ୍ଦ ସ୍ୱାଇଁ, ଓ ଶ୍ରୀଧର ନାୟକ ପ୍ରମୁଖ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ସଭାପତିଙ୍କ ଓ ଅନ୍ୟ ସଦସ୍ୟଙ୍କୁ ଧନ୍ୟବାଦ ଦିଆଯାଇ ଆସନ୍ତା ବୈଠକ ଆଗାମୀ ନଭେମ୍ବର ମାସ ତୃତୀୟ ରବିବାର ଦିନ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା।

## ପଟ୍ଟାମୁଣ୍ଡାଇ-କାଳିମେଳା ଜଗନ୍ନାଥ ଏକ୍ସପ୍ରେସରେ ଅବ୍ୟବସ୍ଥା

ପଟ୍ଟାମୁଣ୍ଡାଇ/ମାଳିପୁର,୨୧।୧୦(ସମିସ)

ଗତ ୧ ତାରିଖରୁ ପଟ୍ଟାମୁଣ୍ଡାଇରୁ କାଳିମେଳା ଯାତାୟାତ ପାଇଁ ଆରମ୍ଭ ହୋଇଥିବା ବସ୍ ସେବାରେ ନାନା ଅବ୍ୟବସ୍ଥା ହେତୁ ଯାତ୍ରୀ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଏହାର ସମାଧାନ କରାଯିବାକୁ ସାଧାରଣରେ ଦାବି ହେଉଛି।

ସୂଚନା ମୁତାବକ, ଯାତ୍ରୀ ଯେପରି ସୁରୁଖୁରୁରେ ଗନ୍ତବ୍ୟ ସ୍ଥଳରେ କମ୍ ସମୟରେ ପହଞ୍ଚିପାରିବେ, ସେଥିପାଇଁ ସରକାରଙ୍କ ପକ୍ଷରୁ ବିଳାସପୂର୍ଣ୍ଣ ସେମିସ୍ଲିପର ଭାଲ୍ଲୋ ବସ୍ ସେବା ଯୋଗାଇ ଦିଆଯାଇଛି। ଏଥିପାଇଁ ଟିକେଟ ବାବଦକୁ ଅନ୍ୟ ସମସ୍ତ ବସ୍ଠାରୁ ସର୍ବାଧିକ ଅର୍ଥ ପୈଠ କରିବାକୁ ପଡୁଛି। ଏହାର ପରିଚାଳନାରେ ଅନେକ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ଆସିଛି। ସବୁ ଗାଡ଼ିରେ ଜଗରଡ ରହିବା ବାଧ୍ୟତାମୂଳକ ହୋଇଥିବାବେଳେ ଗତ ଶନିବାର ଦିନ କାଳିମେଳାରୁ ପଟ୍ଟାମୁଣ୍ଡାଇ ଫେରୁଥିବା ଜଗନ୍ନାଥ ଏକ୍ସପ୍ରେସ ଜଗରଡ଼ ନଥିବାରୁ ବାଟରେ ଘାଟି ଉପରେ ମଧ୍ୟରାତ୍ରରେ ଜଙ୍ଗଲ ମଝିରେ ଟାୟାର ଖୋଲିବା ପାଇଁ କିଛି ସମୟ ପାଇଁ ଠିଆ ହୋଇ ରହିଥିବା ଅଭିଯୋଗ ହୋଇଛି। କିଛି ସମୟ ପରେ ଆଉ ଗୋଟିଏ ସରକାରୀ ବସ ପଛରେ ଆସୁଥିବାରୁ ସେ ବସ୍ରୁ ଜଗରଡ଼ ମାଗି ବସ କର୍ମଚାରୀ କାମ ଚଳାଇ ନେଇଥିଲେ। ସେହିଭଳି ବସ୍ରେ ସିସିଟିଭି ଲାଗିଥିଲେ ମଧ୍ୟ କର୍ଯ୍ୟକ୍ଷମ ହୋଇ ନ ଥିବା ନଜରକୁ ଆସିଛି। ଯାତ୍ରୀ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାରେ ଦୁଇରୁ ତିନି ଘଣ୍ଟା ବିଳମ୍ବ ହେଉଥିବା ଯାତ୍ରୀ ଅଭିଯୋଗ କରିଛନ୍ତି। କାଳିମେଳାରୁ ଫେରି କଟକରେ ପହଞ୍ଚିବା ପରେ ଗାଡ଼ି ଧୋଇବା ପାଇଁ କଟକ ବସ୍ଷ୍ଟାଣ୍ଡରେ ଦୁଇରୁ ତିନି ଘଣ୍ଟା ଅଟକାଇ ରଖାଯାଉଛି। ଯଦ୍ୱାରା ପଟ୍ଟାମୁଣ୍ଡାଇରେ ୯ଟା ୩୩ ମିନିଟରେ ପହଞ୍ଚିବା ପରିବର୍ତ୍ତେ ତିନି ଘଣ୍ଟା ବିଳମ୍ବରେ ପହଞ୍ଚୁଛି। ଯାତ୍ରୀ ନିତ୍ୟକର୍ମ ସାରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଭୋକ ଉପାସରେ ରହି ଅଯଥାରେ ଗୋଟିଏ ଦିନ ନଷ୍ଟ ହେଉଛି ବୋଲି କହିଛନ୍ତି।

ଏପରିକି ଗତ ଶନିବାର ଦିନ କାଳିମେଳାରୁ ପଟ୍ଟାମୁଣ୍ଡାଇ ଅଭିମୁଖେ ଆସୁଥିବା ଜଣେ ଯାତ୍ରୀଙ୍କୁ ବସ କର୍ମଚାରୀ ବାଦାମବାଡିରେ ଛାଡ଼ି ଦେଇଆସିଥିବା ଯାତ୍ରୀ ଜଣକ ଅଭିଯୋଗ କରିଛନ୍ତି। ଗାଡ଼ିରେ ସମ୍ପୃକ୍ତ ଯାତ୍ରୀଙ୍କ ତିନୋଟି ବ୍ୟାଗ ରହିଯାଇଥିଲେ ମଧ୍ୟ ବସ୍ କର୍ମଚାରୀ ସେଥିପ୍ରତି ଧ୍ୟାନ ଦେଇ ନ ଥିଲେ କି ଗାଡ଼ି ଛାଡିବା ପୂର୍ବରୁ ଉକ୍ତ ଯାତ୍ରୀଙ୍କୁ ଫୋନ କରି ନ ଥିଲେ। ପରେ ଯାତ୍ରୀ ଜଣଙ୍କ କଣ୍ଡକ୍ଟରଙ୍କ ମୋବାଇଲ ନମ୍ବର ସଂଗ୍ରହ କରିବା ପରେ କଣ୍ଡକ୍ଟରଙ୍କୁ ଫୋନ କରି ଓଏମପି ଛକରେ ଗାଡ଼ି ରଖିବାକୁ ଅନୁରୋଧ କରିଥିଲେ। ଅଟୋରେ ଆସି ବସରେ ଚଢ଼ିଥିଲେ। ଅପରପକ୍ଷେ ପଟ୍ଟାମୁଣ୍ଡାଇରୁ କାଳିମେଳା ଯାଉଥିବା ବସ ମଧ୍ୟ ବିଳମ୍ବରେ ପହଞ୍ଚୁଥିବାରୁ ଯାତ୍ରୀଙ୍କ ଗୋଟିଏ ଦିନ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ଏଣୁ ପଟ୍ଟାମୁଣ୍ଡାଇରୁ ବସ ଛାଡିବା ଟାଇମ ବଦଳାଇ ଅପରାହ୍ନ ୫ଟା ପରିବର୍ତ୍ତେ ଅପରାହ୍ନ ୩ଟାରୁ ଛାଡିବାକୁ ଅନେକ ଯାତ୍ରୀ ଅନୁରୋଧ କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୮୪ • ପାଉଣ୍ଡ ୧୧୭.୩୪
- ୟୁରୋ ୧୦୨.୭୯ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୧,୭୦୦ (ଭୁବନେଶ୍ୱର)
- ରୁପା : ୧,୯୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୪୨୬.୦୦
- ନିଫ୍ଟି ୨୫,୮୬୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ସବୁଦିନ ପାଇଁ ବନ୍ଦ ହୋଇଯିବ କୋଲକାତା ଷ୍ଟକ୍ ଏକ୍ସଚେଞ୍ଜ

**୧୧୭ ବର୍ଷ ପୁରୁଣା ଷ୍ଟକ୍ ଏକ୍ସଚେଞ୍ଜ** | **ବନ୍ଦ ଆବେଦନକୁ ସେବିର ମଞ୍ଜୁରୀ**




କୋଲକାତା, ୨୧।୧୦ (ଏଜେନ୍ସି): ଭାରତର ସର୍ବ ପୁରାତନ ସେୟାର ବଜାର ମଧ୍ୟରୁ ଅନ୍ୟତମ କୋଲକାତା ଷ୍ଟକ୍ ଏକ୍ସଚେଞ୍ଜ (ସିଏସଇ) ଏବେ ଶେଷ ନିଶ୍ୱାସ ନେଉଛି। ୧୯୦୮ ମସିହାରେ ସ୍ଥାପିତ ଏହି ଷ୍ଟକ୍ ଏକ୍ସଚେଞ୍ଜ ୨୦୨୫ ଦୀପାବଳି ପରେ ବୋଧ ହୁଏ ସବୁଦିନ ପାଇଁ ବନ୍ଦ ହୋଇଯିବ। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ଙ୍କ ମଞ୍ଜୁରୀ ମିଳିବା ପରେ ଏହା ନିଜ ଆଡୁ ବଜାର ସଞ୍ଚାଳନରୁ ଓହରିଯିବ। ଏକଦା ଏହି ଷ୍ଟକ୍ ଏକ୍ସଚେଞ୍ଜ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସବୁଠୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ଓ କୋଲକାତାର ଆର୍ଥିକ ମେରୁଦଣ୍ଡ ଥିଲା।

କୋଲକାତା ଷ୍ଟକ୍ ଏକ୍ସଚେଞ୍ଜ ଦୀର୍ଘ ଦଶନ୍ଧି ଧରି ନିବେଶକ ଓ ଟ୍ରେଡର୍ସଙ୍କ ନିମନ୍ତେ ପ୍ରମୁଖ ପ୍ଲାଟଫର୍ମ ଥିଲା। ହେଲେ ୨୦୦୧ ମସିହାରେ ହୋଇଥିବା କେତନ ପାରେଖ ଦୁର୍ନୀତି ଷ୍ଟକଏକ୍ସଚେଞ୍ଜର ଭାଗ୍ୟ ବଦଳାଇ ଦେଇଥିଲା। କେତନ ପାରେଖ ସ୍କାମ୍ କାଳରେ ଅନେକ ବ୍ରୋକର ପେମେଣ୍ଟ ସଙ୍କଟରେ ଫଶି ଯାଇଥିଲେ। ଅନେକ ଟ୍ରେଡର ସେମାନଙ୍କ ସେଟେଲମେଟ୍ ଦାୟିତ୍ୱ ନିର୍ବାହ କରିପାରି ନ ଥିଲେ। ଏଣୁ ସିଏସଇ ଉପରେ ନିବେଶକଙ୍କ ଭରସା ତୁଟିଯାଇଥିଲା। ଏହି ସଙ୍କଟ ପରେ ସିଏସ୍ଇର ଗତିବିଧି ଲଗାତାର ହ୍ରାସ ହେବାରେ ଲାଗିଥିଲା ଓ ଟ୍ରେଡିଂ ଭଲ୍ୟୁମ ପାଖାପାଖି ଶେଷ ହୋଇଯାଇଥିଲା। ୨୦୧୩ ଏପ୍ରିଲରେ ସେବି ନିୟାମକୀୟ ଅନିୟମିତତା ଯୋଗୁ ସିଏସ୍ଇ ଟ୍ରେଡିଂ ଉପରେ ରୋକ ଲଗାଇଦେଇଥିଲେ। ଏହା ପରେ ଷ୍ଟକ୍ ଏକ୍ସଚେଞ୍ଜ ପୁଣି ସଞ୍ଚାଳନ ଆରମ୍ଭ କରିବା ପାଇଁ ସିଏସଇ ଅନେକ ଉଦ୍ୟମ କରିଥିଲା ଓ ଏଥିପାଇଁ କୋର୍ଟରେ ଅପିଲ ମଧ୍ୟ ହୋଇଥିଲା। ହେଲେ ଏଥିରୁ କୌଣସି ପରିଣାମ ମିଳି ନ ଥିଲା। କ୍ରମାଗତ ଭାବେ କ୍ଷତି ଓ ସୀମିତ ବାଣିଜ୍ୟିକ ସମ୍ଭାବନାକୁ ନଜରରେ ରଖି ସିଏସ୍ଇ ବୋର୍ଡ ଶେଷରେ ଷ୍ଟକ୍ ଏକ୍ସଚେଞ୍ଜ କାରବାରରୁ ସ୍ୱଇଚ୍ଛାରେ ବାହାରିଯିବାକୁ ନିଷ୍ପତ୍ତି ନେଇଥିଲା।

# ମହୁରତ୍ ଟ୍ରେଡିଂରେ କ୍ରାସ୍ କଲା ସୁନା, ରୁପା

ବମ୍ବେ,୨୧।୧୦(ଏଜେନ୍ସି)

ଦୀପାବଳି ଅବସରରେ ଦେଶର ଫ୍ୟୁଚର୍ସ ବଜାର, ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ଆଜି ମହୁରତ୍ ଟ୍ରେଡିଂରେ ହୋଇଥିଲା। ଏହି ସମୟରେ ସୁନା ଏବଂ ରୁପା ମୂଲ୍ୟରେ ବଡ଼ ଧରଣର ହ୍ରାସ ଘଟିଛି। ଏମିତିକି ସୁନା ମୂଲ୍ୟରେ ପ୍ରାୟ ୩% ହ୍ରାସ ଘଟିଥିବାବେଳେ ରୁପା ମୂଲ୍ୟରେ ବଡ଼ ଧରଣର ହ୍ରାସ ଘଟିଛି। ମାତ୍ର କିଛି ମିନିଟ୍ ମଧ୍ୟରେ ରୁପା ମୂଲ୍ୟ କିଲୋ ଗ୍ରାମ ପିଛା ପ୍ରାୟ ୯୫୦୦ଟଙ୍କା ହ୍ରାସ ପାଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ ରୁପାରେ ନିବେଶକମାନେ ମାତ୍ରାଧିକ ପ୍ରଫିଟ୍ ବୁକିଂ କରିବା ଯୋଗୁ ଏପରି ହୋଇଛି।

- **ରୁପା ମୂଲ୍ୟରେ ୯୫୦୦ ଟଙ୍କା ହ୍ରାସ**
- **ମାତ୍ରାଧିକ ପ୍ରଫିଟ୍ ବୁକିଂ କଲେ ନିବେଶକ**

ଏହି ସମୟରେ, ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଆଲୋଚନା ଚାଲିଛି। ଏହା ବ୍ୟତୀତ, ଫେଡେରାଲ୍ ରିଜର୍ଭ ଆଗାମୀ ଦିନରେ ସୁଧ ହାର ହ୍ରାସ କରିପାରେ, ଯାହା ଫଳରେ ଆଗାମୀ ଦିନରେ ସୁନା ଏବଂ ରୁପା ଉଭୟରେ ଆହୁରି ହ୍ରାସ ଘଟିବ। ଏହା ବ୍ୟତୀତ, ଉତ୍ସବ ଋତୁରେ ଚାହିଦା ହ୍ରାସ ପାଇବାର ପ୍ରଭାବ ମଧ୍ୟ ବଜାର ଉପରେ ଦୃଶ୍ୟମାନ ହେଉଛି। ସମ୍ପ୍ରତି, ଦେଶର ସର୍ବବୃହତ ରୁପା ଉତ୍ପାଦକ ହିନ୍ଦୁସ୍ତାନ ଜିଙ୍କ ଆକଳନ କରିଛି ଯେ ବର୍ଷ ଶେଷ ସୁଦ୍ଧା ରୁପା ମୂଲ୍ୟ ପ୍ରତି ଆଉନ୍ସ ୫୪ ଡଲାରରୁ ୫୫ ଡଲାର ମଧ୍ୟରେ ରହିପାରେ।

ଦେଶର ଫ୍ୟୁଚର୍ସ ବଜାର, ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ମଙ୍ଗଳବାର ସୁନା ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖିବାକୁ ମିଳିଛି। ଆଜିର ବାଣିଜ୍ୟ ଅଧିବେଶନ ସମୟରେ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୩୭୨୪ ଟଙ୍କା ହ୍ରାସ ପାଇ ଦିନର ସର୍ବନିମ୍ନ ୧,୨୬,୯୦୦ ଟଙ୍କାକୁ ଖସିଆସିଛି। ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଫ୍ୟୁଚର୍ସ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୫୩୯୪ ଟଙ୍କା ହ୍ରାସ ପାଇଛି। ଅପରାହ୍ନ ୨ଟା ୩୦ ରେ ସୁନା ୧୨୮୩୫୧ ଟଙ୍କାରେ କାରବାର ହେଉଥିଲା, ଯାହା ପରେ ୨୨୭୩ ଟଙ୍କା ହ୍ରାସ ପାଇଥିଲା। ବଜାର କାରବାର ଅପରାହ୍ନ ୨ଟା ୪୫ ରେ ବନ୍ଦ ହୋଇ ୧.୨୮ ଲକ୍ଷ ଟଙ୍କା ରହିଥିଲା। ମହୁରତ୍ ଟ୍ରେଡିଂରେ ସୁନା ୧୦ ଗ୍ରାମ ପିଛା ୧,୨୮,୨୦୦ ଟଙ୍କା ହ୍ରାସ ସହ କାବରାର ଆରମ୍ଭ ହୋଇଥିଲା, ଯାହା ପୂର୍ବ ଦିନର ସାଧାରଣ ଦିନରେ ୧,୩୦୬୨୪ ଟଙ୍କା ଥିଲା।




ଆଜିର କାରବାରରେ ରୂପା ମୂଲ୍ୟ ସୁନା ଅପେକ୍ଷା ଅଧିକ ହ୍ରାସ ପାଇଛି। ଦେଶର ଫ୍ୟୁଚର୍ସ ବଜାର, ମଲ୍ଟି କମୋଡିଟି ଏକ୍ସଚେଞ୍ଜ (,ମ୍ସିଏକ୍ସ)ରେ, ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ ୯୪୭୯ ହ୍ରାସ ପାଇ ୧୪୮୫୦୮ ଟଙ୍କା ହୋଇଛି। ଶୁକ୍ରବାର ଦିନ ରୁପା ପ୍ରତି କିଲୋଗ୍ରାମ ୧,୭୦,୪୧୫ ଟଙ୍କା ର ସର୍ବକାଳୀନ ରେକର୍ଡ କରିଥିଲା। ଏହାର ଅର୍ଥ ହେଉଛି ଯେ ସେବେଠାରୁ, ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ ୨୧,୯୦୭ ଟଙ୍କା ହ୍ରାସ ପାଇଛି। ଅପରପକ୍ଷେ ଆଜି ରାଜଧାନୀ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୧,୭୦୦ ଟଙ୍କା ରହିଥିବାବେଳେ ୨୪ କ୍ୟାରେଟ୍‌ର ମୂଲ୍ୟ ୧,୩୨,୬୩୦ ଟଙ୍କା ରହିଥିଲା। ସେହିଭଳି ରୁପା କିଲୋ ପିଛା ୧,୯୦,୦୦୦ ଟଙ୍କା ରହିଛି।

# ଓଲା ସିଇଓ ଭବିଶ ଅଗ୍ରୱାଲଙ୍କ ବିରୋଧରେ ମାମଲା

**ଇଞ୍ଜିନିୟରଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗ**



ନୂଆଦିଲ୍ଲୀ,୨୧।୧୦(ଏଜେନ୍ସି): ଓଲା ଇଲେକ୍ଟ୍ରିକ୍‌ର ପ୍ରତିଷ୍ଠାତା ଏବଂ ସିଇଓ ଭବିଶ ଅଗ୍ରୱାଲଙ୍କ ବିରୋଧରେ ଜଣେ କର୍ମଚାରୀଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗରେ ଏକ ମାମଲା ରୁଜୁ ହୋଇଛି। ବେଙ୍ଗାଲୁରୁ ପୋଲିସ ଏହି ମାମଲାରେ କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀ ସୁବ୍ରତ କୁମାର ଦାସଙ୍କ ନାମ ମଧ୍ୟ ଏଫଆଇଆରରେ ସାମିଲ କରିଛି। ଅକ୍ଟୋବର ୬ରେ ଦାୟର ହୋଇଥିବା ଏଫଆଇଆରରେ ଭବିଶଙ୍କ ନାମ ନ ଥିଲା, କିନ୍ତୁ ମୃତକଙ୍କ ଭାଇଙ୍କ ଅନୁରୋଧରେ ତାଙ୍କ ବିରୁଦ୍ଧରେ ବିଏନ୍ଏସ୍‌ର ଧାରା ୧୦୮ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଭବିଶ ଅଗ୍ରୱାଲ କିମ୍ବା କମ୍ପାନୀ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ବୟାନ ଜାରି କରାଯାଇନାହିଁ।

ସୂଚନାଯୋଗ୍ୟ ଯେ, କମ୍ପାନୀରେ କାମ କରୁଥିବା ୩୮ ବର୍ଷୀୟ କେ. ଅରବିନ୍ଦ ସେପ୍ଟେମ୍ବର ୨୮ ରେ ଆତ୍ମହତ୍ୟା କରିଥିଲେ। ସେ ୨୦୨୨ରୁ ଓଲା ଇଲେକ୍ଟ୍ରିକ୍‌ରେ ଜଣେ ଇଞ୍ଜିନିୟର ଭାବରେ କାର୍ଯ୍ୟ କରୁଥିଲେ। ଅରବିନ୍ଦଙ୍କ ଭାଇ ଦାବି କରିଛନ୍ତି ଯେ ତାଙ୍କ ମୃତ୍ୟୁ ପରେ ତାଙ୍କ ଭାଇଙ୍କ ଆକାଉଣ୍ଟରେ ୧୭ ଲକ୍ଷ ଟଙ୍କା ଜମା ହୋଇଥିଲା। ଅରବିନ୍ଦଙ୍କ ଭାଇ କହିଛନ୍ତି ଯେ ତାଙ୍କ ଭାଇ ଆତ୍ମହତ୍ୟା କରିବା ପୂର୍ବରୁ ୨୮ ପୃଷ୍ଠାର ଏକ ନୋଟ୍ ଲେଖିଥିଲେ, ଯେଉଁଥିରେ ଭବିଶ ଏବଂ ଅନ୍ୟ ଅଧିକାରୀମାନଙ୍କ ବିରୋଧରେ ମାନସିକ ଭାବେ ହଇରାଣ କରିବା ଏବଂ ଦରମା ପ୍ରୋତ୍ସାହନ ବନ୍ଦ କରିବା

**ଆତ୍ମହତ୍ୟା ପରେ କର୍ମଚାରୀଙ୍କ ଆକାଉଣ୍ଟରେ ୧୭ ଲକ୍ଷ ଜମା ହୋଇଛି**

ଅଭିଯୋଗ କରାଯାଇଥିଲା। ଡିସିପି ଅନିତା ବି. ହଡ୍ଡାନ୍ନାଭର କହିଛନ୍ତି ଯେ ମାମଲାଟି ପ୍ରଥମେ ଏକ ଅପ୍ରାକୃତିକ ମୃତ୍ୟୁ ଭାବରେ ପଞ୍ଜିକୃତ ହୋଇଥିଲା, କିନ୍ତୁ ଆତ୍ମହତ୍ୟା ନୋଟ୍ ପ୍ରକାଶ ପାଇବା ପରେ ଅରବିନ୍ଦଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ମାମଲା ପୁନଃ ପଞ୍ଜିକୃତ ହୋଇଥିଲା। ଏଫଆଇଆର ଅନୁଯାୟୀ, ଅରବିନ୍ଦ ଆତ୍ମହତ୍ୟା ନୋଟରେ ଲେଖିଛନ୍ତି, "ମୁଁ ଭାବିଶ ଅଗ୍ରୱାଲଙ୍କୁ ପୋଲିସ ଦ୍ୱାରା ଦଣ୍ଡିତ କରିବାକୁ ଚାହୁଁଛି ଏବଂ ମୁଁ ନ୍ୟାୟ ଚାହୁଁଛି।"

ଏହା ପୂର୍ବରୁ ସେବି ଓଲା ଇଲେକ୍ଟ୍ରିକ୍ ବିରୁଦ୍ଧରେ ଇନସାଇଡର ଟ୍ରେଡିଂ ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲା। ଏକ ରିପୋର୍ଟ ଅନୁଯାୟୀ, ଓଲା ଇଲେକ୍ଟ୍ରିକ୍ ଅକ୍ଟୋବର ଏବଂ ଡିସେମ୍ବର ୨୦୨୪ ମଧ୍ୟରେ ଇନସାଇଡର ଟ୍ରେଡିଂ ଏବଂ ସମ୍ବନ୍ଧିତ ପକ୍ଷ ଡିଲ୍ ସମ୍ବନ୍ଧୀୟ ନିୟମ ଉଲ୍ଲଂଘନ କରିଥିଲା। ଓଲା ଏହି ଅଭିଯୋଗଗୁଡ଼ିକୁ ମିଥ୍ୟା ଏବଂ ଭିତ୍ତିହୀନ ବୋଲି ଅସ୍ୱୀକାର କରିଛି। ଓଲା ବିରୋଧରେ ଫେବୃଆରୀ ବିକ୍ରି ରିପୋର୍ଟ ଜାଲ କରିବା ଅଭିଯୋଗ ହେବା ପରେ ଏହି ମାମଲା ସାମ୍ନାକୁ ଆସିଛି। ଫେବୃଆରୀରେ, କମ୍ପାନୀ ୨୫୦ ହଜାର ଇଲେକ୍ଟ୍ରିକ୍ ଯାନ ବିକ୍ରି କରିଥିବା ଏବଂ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନରେ ୨୮% ବଜାର ଅଂଶ ହାସଲ କରିଥିବା ଦାବି କରିଥିଲା।

# ମହୁରତ ଟ୍ରେଡିଂ: ଉଠିଲା ବଜାର

ମୁମ୍ବାଇ,୨୧।୧୦(ଏଜେନ୍ସି): ସବୁବର୍ଷ ଭଳି ଚଳିତବର୍ଷ ମଧ୍ୟ ନିବେଶକ ମୁହୁରତ ଟ୍ରେଡିଂରେ ବଜାରରେ କାରବାର କରି ଲକ୍ଷ୍ମୀଙ୍କ ଆବାହନ କରିଛନ୍ତି। ମାତ୍ର ୧ ଘଣ୍ଟାର ଏହି ସ୍ୱତନ୍ତ୍ର ଟ୍ରେଡିଂ ସେସନରେ ସେୟାର ବଜାର ସକାରାତ୍ମକ ଭାବେ ଆରମ୍ଭ ହୋଇଛି ଓ ହାଲୁକା ବୃଦ୍ଧି ସହ ବନ୍ଦ ହୋଇଛି। ଅକ୍ଟୋବର ୨୧ ମଙ୍ଗଳବାର ସେନସେକ୍ସ ଓ ନିଫ୍ଟି ୫୨ ସପ୍ତାହର ସର୍ବୋଚ୍ଚ ସ୍ତରକୁ ଛୁଇଁଛି। ଏହି ସମୟରେ ସ୍ମଲ କ୍ୟାପ୍ ଓ ମିଡକ୍ୟାପ ସେୟାର ଉଲ୍ଲେଖନୀୟ ପ୍ରଦର୍ଶନ କରି ନିବେଶକଙ୍କ ମୁହଁରେ ହସ ଖେଳାଇ ଦେଇଛି। ମଙ୍ଗଳବାର ସେନସେକ୍ସ ୪୭୪ ପଏଣ୍ଟ ବୃଦ୍ଧି ସହିତ ୮୪,୪୨୬.୩୪ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି) ୨୫ ପଏଣ୍ଟ ବୃଦ୍ଧି ସହ ୨୫,୮୬୮.୬୦ ପଏଣ୍ଟରେ କାରବାର ଶେଷ ହୋଇଛି। ଯଦିଓ ଏହା ମାମୁଲି ବୃଦ୍ଧି ତଥାପି ବର୍ଷକ କାରବାର ଲାଗି ଏକ ଶୁଭ ସଂକେତ ବୋଲି ବିବେଚନା କରାଯାଉଛି। ବଜାର ବିଶେଷଜ୍ଞଙ୍କଙ୍କ କହିବାନୁସାରେ ଯଦି ନିଫ୍ଟି ୨୬,୦୦୦ ପଏଣ୍ଟରୁ ଉପରକୁ ଯାଏ ତେବେ ଆଗାମୀ ମାସଗୁଡିକରେ ବଜାରରେ ନୂଆ ନୂଆ ରେକର୍ଡ ପ୍ରତିଷ୍ଠା ହେବ। ଆଜିର ମୁହୁରତ ଟ୍ରେଡିଂରେ ଯଦି କୌଣସି ସେଗମେଣ୍ଟ ଅଧିକ ଧ୍ୟାନ ଆକର୍ଷଣ କରିଥାଏ ତେବେ ତାହା ହେଉଛି ସ୍ମଲ କ୍ୟାପ୍ ଓ ମିଡ କ୍ୟାପ୍। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ମିଡକ୍ୟାପ ଇଣ୍ଡେକ୍ସ ୦.୨୩% ଓ ସ୍ମଲ କ୍ୟାପ୍ ଇଣ୍ଡେକ୍ସ ୦.୯୧% ଅଭିବୃଦ୍ଧି ଦେଖାଯାଇଛି।

# ସମସ୍ତଙ୍କୁ ଭିସା ପାଇଁ ଦେବାକୁ ପଡ଼ିବନି ୧ ଲକ୍ଷ ଡଲାର




ୱାଶିଂଟନ୍,୨୧।୧୦(ଏଜେନ୍ସି): ଏଚ୍ ୧-ବି ଭିସାକୁ ନେଇ ଆମେରିକାର ସିଟିଜନସିପ୍ ବା ନାଗରିକତା ଏବଂ ଇମିଗ୍ରେସନ (ପ୍ରବାସନ) ସେବା (ୟୁଏସ୍‌ସିଆଇଏସ୍) ନୂଆ ନିର୍ଦ୍ଦେଶାବଳୀ ଜାରି କରିଛି। ଯେଉଁଥିରେ ଏହା ସ୍ପଷ୍ଟ ହୋଇଛି ଯେ, ହଜାର ହଜାର ଭାରତୀୟ ପ୍ରୋଫେସନାଲ ଏବଂ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ଲାଗୁ କରାଯାଇଥିବା ଏଚ୍ ୧-ବି ଭିସା ପାଇଁ ୧ ଲକ୍ଷ ଡଲାର ଫି' ଏବେ ସମସ୍ତଙ୍କୁ ଦେବାକୁ ପଡିବନାହିଁ। ଅର୍ଥାତ୍ ଏଚ୍ ୧-ବି ଭିସାର ସବୁ ଆବେଦକଙ୍କୁ ଦେବାକୁ ପଡ଼ିବନି ଏଚ୍୧-ବି ଭିସା ପାଇଁ ୧ ଲକ୍ଷ ଡଲାର। ୟୁଏସ୍‌ସିଆଇଏସ୍‌ର ନୂଆ ନିର୍ଦ୍ଦେଶାବଳୀରେ କାହାକୁ ଏହି ଫି' ଦେବାକୁ ପଡ଼ିବ।

**ଟ୍ରମ୍ପ ପ୍ରଶାସନର ନୂଆ ନିର୍ଦ୍ଦେଶାବଳୀ**

ୟୁଏସ୍‌ସିଆଇଏସ୍ ଅନୁଯାୟୀ, ଏହି ଶୁଳ୍କ ୨୦୨୫ ସେପ୍ଟେମ୍ବର ୨୧ କିମ୍ବା ଏହା ପରେ ଦାଖଲ ହୋଇଥିବା ନୂଆ ଏଚ୍୧-ବି ଆବେଦନ ପାଇଁ ପ୍ରଯୁଜ୍ୟ ହେବ। ଏହାସହିତ, ବୈଧ ଏଚ୍୧-ବି ଭିସା ନ ଥାଇ ଆମେରିକା ବାହାରେ ଥିବା କର୍ମଚାରୀମାନଙ୍କ ପାଇଁ ମଧ୍ୟ ଲାଗୁ ହେବ। ସେହିଭଳି ଏହି ଭିସା ଶୁଳ୍କ କନସୁଲାର କିମ୍ବା ପୋର୍ଟ-ଅଫ୍-ଏଣ୍ଟ୍ରି ବିଜ୍ଞପ୍ତି ଆବେଦନ ପାଇଁ ପ୍ରଯୁଜ୍ୟ ହେବ। ୟୁଏସ୍‌ସିଆଇଏସ୍ ସ୍ପଷ୍ଟ କରିଛି ଯେ, କିଛି ବର୍ଗ ଶୁଳ୍କରୁ ମୁକ୍ତ ରହିବେ। ସେମାନେ ହେଲେ, ଯେଉଁମାନଙ୍କର ପୂର୍ବରୁ ଏକ ବୈଧ ଏଚ୍ ୧-ବି ଭିସା ରହିଛି। ଏହାଛଡା ୨୦୨୫ ସେପ୍ଟେମ୍ବର ୨୧ ପୂର୍ବରୁ ଦାଖଲ ହୋଇଥିବା ଆବେଦନ। ଆମେରିକାରେ ନିଜ ସ୍ଥିତିର ପରିବର୍ତ୍ତନ, ସଂଶୋଧନ କିମ୍ବା ବିସ୍ତାର ପାଇଁ ଅନୁମୋଦିତ ଆବେଦନ ଆଦି ପରିସ୍ଥିତିରେ ଏହି ନିୟମ ଲାଗୁ ହେବ ନାହିଁ।

# ଟାଟା ଟ୍ରଷ୍ଟରେ ବିବାଦ ମଧ୍ୟରେ ଶ୍ରୀନିବାସନ୍ ଆଜୀବନ ଟ୍ରଷ୍ଟି ନିଯୁକ୍ତ



ନୂଆଦିଲ୍ଲୀ,୨୧।୧୦(ଏଜେନ୍ସି):ଶ୍ରୀ ଟାଟା ଟ୍ରଷ୍ଟରେ ତୀବ୍ର ବିବାଦ ମଧ୍ୟରେ ଶେଷରେ ଭେନୁ ଶ୍ରୀନିବାସନ୍‌ଙ୍କୁ ଆଜୀବନ ଟ୍ରଷ୍ଟି ଭାବରେ ପୁନଃନିଯୁକ୍ତ କରାଯାଇଛି। ସାର୍ ଦୋରାବଜୀ ଟାଟା ଟ୍ରଷ୍ଟ (ଏସ୍‌ଡିଟିଟି) ଏବଂ ସାର୍ ରତନ ଟାଟା ଟ୍ରଷ୍ଟ (ଏଆର୍‌ଟିଟି)ର ଟ୍ରଷ୍ଟିମାନେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନେଇଛନ୍ତି। ଶ୍ରୀନିବାସନଙ୍କ କାର୍ଯ୍ୟକାଳ ଅକ୍ଟୋବର ୨୩ ରେ ଶେଷ ହେବାକୁ ଯାଉଛି। ଟାଟା ଗ୍ରୁପ ସହ ଜଡିତ ସଂଗଠନଗୁଡ଼ିକ ମଧ୍ୟରେ ତୀବ୍ର ଅନ୍ତର୍ଦ୍ୱନ୍ଦ୍ୱ ସମୟରେ ଏହି ନିଷ୍ପତ୍ତି ଆସିଛି, ଯେଉଁଥିରେ ଗ୍ରୁପ ବିଭାଜିତ ହୋଇଥିବା ଦେଖାଯାଉଛି। ଗୋଟିଏ ପକ୍ଷ ନୋଏଲ ଟାଟାଙ୍କୁ ସମର୍ଥନ କରୁଛି ଏବଂ ଅନ୍ୟ ଏକ ଗ୍ରୁପ ପୂର୍ବତନ ଅଧ୍ୟକ୍ଷ ରତନ ଟାଟାଙ୍କୁ ଅନୁସରଣ କରୁଛି। ଶ୍ରୀନିବାସନଙ୍କୁ ଜୀବନବ୍ୟାପୀ ନିଯୁକ୍ତିର ଅର୍ଥ ହେଉଛି ତାଙ୍କର କାର୍ଯ୍ୟକାଳ କେବେ ବି ଶେଷ ହେବ ନାହିଁ। ଚଳିତବର୍ଷ ଜାନୁଆରୀରେ ନୋଏଲ ଟାଟାଙ୍କୁ ଆଜୀବନ ଟ୍ରଷ୍ଟି ଏବଂ ଅଧ୍ୟକ୍ଷ ନିଯୁକ୍ତି ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏସ୍‌ଡିଟିଟି ଏବଂ ଏସ୍‌ଆର୍‌ଟିଟି ଟାଟା ସନ୍ସରେ ମିଳିତ ୫୨% ଅଂଶଧନ ରଖିଛନ୍ତି। ଭେନୁଙ୍କ ପୁନଃନିଯୁକ୍ତି ୨୦୨୪ ଅକ୍ଟୋବର ୧୭ ରେ ଟ୍ରଷ୍ଟଗୁଡ଼ିକ ଦ୍ୱାରା ଗୃହୀତ ଏକ ସର୍ବସମ୍ମତି ପ୍ରସ୍ତାବ ପରେ ହୋଇଛି, ଯେଉଁଥିରେ କୁହାଯାଇଥିଲା ଯେ ଟ୍ରଷ୍ଟିଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପରେ, ସେହି ଟ୍ରଷ୍ଟିଙ୍କୁ ସମ୍ପୃକ୍ତ ଟ୍ରଷ୍ଟ ଦ୍ୱାରା ଆଜୀବନ ପାଇଁ ପୁନଃନିଯୁକ୍ତ କରାଯିବ। ସମାନ ବ୍ୟବସ୍ଥା ଅନୁଯାୟୀ ଆଗାମୀ କିଛି ଦିନ ପାଇଁ ଅନ୍ୟ ଜଣେ ଟ୍ରଷ୍ଟି, ମେହଲି ମିସ୍ତ୍ରୀଙ୍କ ପୁନଃନିଯୁକ୍ତି ମଧ୍ୟ ସ୍ଥିର କରାଯାଇଛି।

# ଭାରତକୁ ଟ୍ରମ୍ପ୍‌ଙ୍କ ଡବଲ ଟାରିଫ୍ ଧମକ

ନୂଆଦିଲ୍ଲୀ,୨୧।୧୦(ଏଜେନ୍ସି)

ଭାରତକୁ ପୁଣି ଲାଗିବ ଟାରିଫ୍ ଝଟ୍‌କା। କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ଭାରତକୁ ଡବଲ ଟାରିଫ୍‌ର ଧମକ ଦେଇଛନ୍ତି। ବିଶେଷ କରି ଯଦି ଭାରତ ଯଦି ରୁଷଠାରୁ ତେଲ କିଣିବା ବନ୍ଦ ନ କରେ ତେବେ ଲାଗୁ ହେବ ଡବଲ ଟାରିଫ୍। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ବ୍ୟକ୍ତିଗତ ଭାବରେ ରୁଷଠାରୁ ତେଲ କିଣା ବନ୍ଦ କରିବା ନେଇ ଆଶ୍ୱାସନା ଦେଇଥିବା ଏବେ ଟ୍ରମ୍ପ୍ କହିଛନ୍ତି।

**■ ଋଷଠାରୁ ତେଲ କିଣିବା ବନ୍ଦ କର**

ଏୟାର ଫୋର୍ସ ୱାନରେ ସାମ୍ବାଦିକଙ୍କ ସହ କଥାବାର୍ତ୍ତା କରି ଟ୍ରମ୍ପ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦି ମୋତେ କହିଛନ୍ତି ଭାରତ ରୁଷିଆରୁ ତେଲ କିଣିବ ନାହିଁ। କିନ୍ତୁ ଯଦି ସେମାନେ ଏପରି ଜାରି ରଖନ୍ତି, ତେବେ ସେମାନଙ୍କୁ ଭାରୀ ଶୁଳ୍କ ଦେବାକୁ ପଡିବ। ଯେତେବେଳେ ଟ୍ରମ୍ପଙ୍କୁ ଭାରତ ସରକାରଙ୍କ ପ୍ରତିକ୍ରିୟା ବିଷୟରେ ପଚରାଗଲା। ତେବେ ସେ କହିଥିଲେ ଯେ, ମୋତେ ଏ ବିଷୟରେ ଜଣାନାହିଁ। କିନ୍ତୁ ଯଦି ସେମାନେ ଏହା କରୁଛନ୍ତି ତେବେ ସେମାନେ ଭାରୀ ଶୁଳ୍କ ଦେବାକୁ ବାଧ ହେବେ। ବୁଧବାର ଦିନ ଓଭାଲ ଅଫିସରେ ଟ୍ରମ୍ପଙ୍କ ଅପ୍ରତ୍ୟାଶିତ ଘୋଷଣା ପରେ ଏହି ବିବୃତ୍ତି ଆସିଛି ଯେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଭାରତ ରୁଷରୁ ତେଲ କିଣିବା ବନ୍ଦ କରିବ। ଭାରତର ପ୍ରାୟ ଏକ ତୃତୀୟାଂଶ ତେଲ ରୁଷରୁ ଆସିଥାଏ। ସେ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କ ପ୍ରଶାସନ ଏହି କ୍ରୟଗୁଡ଼ିକୁ ୟୁକ୍ରେନ ଯୁଦ୍ଧ ପାଇଁ ମସ୍କୋର ଆର୍ଥିକ ସହାୟତା ଭାବରେ ଦେଖେ। ତଥାପି, ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ଟ୍ରମ୍ପ୍‌ଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ଗୁରୁବାର ଏକ ସାମ୍ବାଦିକ



ସମ୍ମିଳନୀରେ, ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ସେ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ କୌଣସି ସମ୍ପ୍ରତିକ ଆଲୋଚନା ବିଷୟରେ ଅଜ୍ଞ। ଭାରତ ଓ ଆମେରିକା ମଧ୍ୟରେ ଶକ୍ତି ସହଯୋଗ ଉପରେ ଆଲୋଚନା ଚାଲିଛି। କିନ୍ତୁ ସେ ଟ୍ରମ୍ପଙ୍କ ଦାବିକୁ ନିଶ୍ଚିତ କରିନାହାଁନ୍ତି ଯେ ନୂଆଦିଲ୍ଲୀ ଋଷ ତେଲ କିଣିବା ବନ୍ଦ କରିବାକୁ ରାଜି ହୋଇଛି। ସେ ଆହୁରି କହିଛନ୍ତି, ଆମେରିକା ସହିତ ଶକ୍ତି ସମ୍ପର୍କକୁ ଆହୁରି ଘନିଷ୍ଠ କରିବା ପାଇଁ ନିରନ୍ତର ଆଲୋଚନା ଚାଲିଛି। ଟ୍ରମ୍ପଙ୍କ ଚେତାବନୀ ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତ ଆମେରିକାରୁ ଭାରୀ ଆମଦାନୀ ଶୁଳ୍କର ସମ୍ମୁଖୀନ ହେଉଛି। ଚଳିତ ବର୍ଷ ଆରମ୍ଭରେ, ସେ ବୟନଶିଳ୍ପ ଏବଂ ଔଷଧ ସମେତ ଅନେକ ପ୍ରମୁଖ ରପ୍ତାନି ଉପରେ ଆମଦାନୀ ଶୁଳ୍କକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ଟ୍ରମ୍ପ୍ କହିଛନ୍ତି ଯେ ଯଦି ଭାରତ ରୁଷୀୟ ଅଶୋଧିତ ତୈଳ ଆମଦାନୀ ଜାରି ରଖେ। ତେବେ ଏହି ଶୁଳ୍କ ବଜାୟ ରହିବ କିମ୍ବା ଆହୁରି ବଢ଼ିପାରେ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର**
୧ମ ମହଲା, ବାଲାଜୀ ମିଡ୍‌ଟାଉନ୍, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪, ଜିଲ୍ଲା: ସମ୍ବଲପୁର, ଓଡ଼ିଶା

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା୨୯.୧୦.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ଋଣ ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଆମ୍ବଗାଁ ଶାଖା (୪୫୫୬୦), ୦୨୬ଆରଓୟୁ, ଆମ୍ବଗାଁ ଶାଖା, ଡି-୬୩, ୧ମ ମହଲା, କୋଏଲ ନଗର, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ - ୭୬୯୦୧୪, ମୋ: ୬୨୮୭୩୮୧୮୩୬** | | |
| ୧. | **ସୁନିଲ ନାୟକ,** ଏଚ୍ ନଂ.: ପିଭିଏମ୍ ୬୬, ଜଗଦା, ଝରିପାନି, ରାଉରକେଲା ୪୨, ଜିଲ୍ଲା: ସୁନ୍ଦରଗଡ - ୭୬୯୦୪୨ / ୪୫୫୬୦୬୬୩୦୦୦୦୦୭୫ | ଟ.୧,୦୧,୩୭୩/- + ସେବାବଦ ସୁଧ | ୨୦.୦୦ |
| | **ଡୁଙ୍ଗୁରିପାଲି ଶାଖା (୨୮୭୧୧), ସା/ପୋ: ଡୁଙ୍ଗୁରିପାଲି, ଜିଲ୍ଲା: ସୁବର୍ଣ୍ଣପୁର, ଓଡ଼ିଶା - ୭୬୭୦୨୩, ମୋ: ୯୮୬୧୦୧୮୧୪୦** | | |
| ୧. | **ପ୍ରତାପ କେଶରୀ ବାରିକ,** ପିତା: ଗିରିଜା ପ୍ରସାଦ ବାରିକ, ସା: ଗଧପାଲି, ପୋ: ଡମମୁରା, ଡୁଙ୍ଗୁରିପାଲି, ସୋନପୁର, ଓଡ଼ିଶା - ୭୬୭୦୨୩ / ୨୮୭୧୧୬୫୪୦୦୦୦୦୭୧ | ଟ.୧,୪୫,୧୩୮/- + ସେବାବଦ ସୁଧ | ୩୬.୫୦ |
| | **ସୁନ୍ଦରଗଡ ଶାଖା (୨୮୭୧୧), ମେଘ ମହ୍ଲାର ବିଲ୍ଡିଂ, ହସ୍ପିଟାଲ ରୋଡ, (ମିସନ୍ ରୋଡ), ସୁନ୍ଦରଗଡ - ୭୭୦୦୦୧, ମୋ ନଂ.: ୬୩୯୬୭୦୦୪୩୯/୭୦୬୪୩୧୦୬୬୬** | | |
| ୧. | **ରେବତୀ ବେହେରା,** ସା: ଗାଇଲୋ, ପୋ: ରଣପୁର, ଥାନା: ଜଲସର, ସୁନ୍ଦରଗଡ, ଓଡ଼ିଶା - ୭୭୦୦୧୪ / ୭୧୭୮୦୬୫୪୦୦୦୦୧୨୯ | ଟ.୧୨,୧୭୮/- + ସେବାବଦ ସୁଧ | ୨.୫୦ |
| ୨. | **ମହମ୍ମଦ ୱାସିମ୍,** ଡେଙ୍ଗିଭାଡ, ରାଜଗାଙ୍ଗପୁର, ଓଡ଼ିଶା - ୭୭୦୦୦୧ / ୭୧୭୮୦୬୫୪୦୦୦୦୦୬୫ | ଟ.୧୧,୩୦୭/- + ସେବାବଦ ସୁଧ | ୨.୫୦ |
| | **ଝାରସୁଗୁଡ଼ା ଶାଖା (୩୫୪୦୦), ସରବାହାଲ ମେନ୍ ରୋଡ, ଇନ୍‌କମ୍ ଟ୍ୟାକ୍ସ ଅଫିସ୍ ନିକଟ, ବିଶାଲ ମେଗା ମାର୍ଟ ବିପରୀତ, ଜିଲ୍ଲା: ଝାରସୁଗୁଡା, ପିନ୍ - ୭୬୮୨୦୧, ମୋ: ୯୫୮୪୨୧୦୭୧୮** | | |
| ୧. | **ସୁନିତା ପ୍ରଜାପତି,** ସ୍ୱାମୀ: କୈଳାସ ପ୍ରଜାପତି, ମାଳିପଡା, ୱାର୍ଡ ନଂ.: ୪, ଜିଲ୍ଲା: ଝାରସୁଗୁଡା- ୭୬୮୨୦୧ / ୩୫୪୦୦୬୫୪୦୦୦୦୧୬୯ | ଟ.୧,୦୯,୪୭୨/- + ସେବାବଦ ସୁଧ | ୨୨.୭୦ |
| ୨. | **ଉଜାଗର ସେଠ୍,** ପିତା: ଶ୍ରୀ ବିଚ୍ଛନ ସେଠ୍, ସା/ପୋ.: ସାହସପୁର, ଥାନା: ଲାଇକେରା, ଜିଲ୍ଲା: ଝାରସୁଗୁଡା-୭୬୮୨୧୫ / ୩୫୪୦୦୬୫୪୦୦୦୦୧୧୮ | ଟ.୭,୩୦୭.୬୦ + ସେବାବଦ ସୁଧ | ୧.୯୭ |
| ୩. | **ଆରତୀ ନାୟକ,** ପିତା: ୰ ଉଗ୍ରେସେନ ନାଏକ, ସା: ଖୋଣ୍ଡାମାଳ, ପୋ: ସୁଡୁଙ୍ଗ, ଥାନା: ଲାଇକେରା, ଜିଲ୍ଲା: ଝାରସୁଗୁଡା - ୭୬୮୨୧୫ / ୩୫୪୦୦୬୫୪୦୦୦୦୧୨୧ | ଟ.୭,୭୭୪.୩୦ + ସେବାବଦ ସୁଧ | ୨.୨୫ |
| | **ଆଇଜି ମାର୍କେଟ ଶାଖା (୫୫୧), ଡେଲି ମାର୍କେଟ, ମେନ୍ ରୋଡ, ବୁର୍ଲା, ଓଡ଼ିଶା - ୭୬୮୦୧୭, ମୋ: ୭୦୧୮୫୦୭୩୪୨** | | |
| ୧. | **ମାନା ଛତ୍ରିଆ,** ପିତା: ବିଶ୍ୱନାଥ ଛତ୍ରିଆ, ଦୀନଦୟାଲ ନଗର, ଢ଼ିପପଡା, ବୁର୍ଲା - ୭୬୮୦୧୭ / ୦୦୫୫୧୬୫୪୦୦୦୧୨୬୭ | ଟ.୩୫,୯୩୭/- + ସେବାବଦ ସୁଧ | ୯.୦୦ |
| ୨. | **ରଞ୍ଜିତ ସିଂହ,** ପିତା: ସୁରେନ୍ଦରଜିତ ସିଂହ, ସା: କଣ୍ଟ୍ରାକ୍ଟରସ କଲୋନୀ, ବୁର୍ଲା, ପୋ/ଥାନା: ବୁର୍ଲା - ୭୬୮୦୧୭ / ୦୦୫୫୧୬୫୪୦୦୦୧୦୨୬ | ଟ.୨୪,୯୨୪.୧୦ + ସେବାବଦ ସୁଧ | ୫.୫୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୧,୦୦୦/-** ଅମାନତ ଆକାରରେ ଜମା ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାରଗୁଡିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଚୂଡ଼ାନ୍ତ ହୋଇଥିବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଶତକଡା ୭୫ ଭାଗ ଟଙ୍କା ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ ।

**ସ୍ଥାନ: ସମ୍ବଲପୁର, ତାରିଖ: ୨୧.୧୦.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଞ୍ଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଅର୍ଜନ ହୋଇପାରେ। ଋଣ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଧା କାମରେ ସମୟ ନଷ୍ଟ ହେବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସରେ ପଦୋନ୍ନତି ହୋଇପାରେ। ଆର୍ଥିକ ସମସ୍ୟା ଭୋଗିପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**କନ୍ୟା:** ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ। ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ପର୍କ ମଜଭୁତ ହେବ। ଚାକିରି ଶିକାର ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୭୫- ଆର୍ଜେଣ୍ଟିନାରେ ପ୍ରଥମ ଟେଲିଗ୍ରାଫିକ୍ କନେକ୍ସନ୍ ଆରମ୍ଭ ହେଲା।
- ୧୮୮୩- ନ୍ୟୁୟର୍କରେ ଅପେରା ହାଉସ୍‌ର ଉଦ୍‌ଘାଟନ।
- ୧୯୦୦- ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଅଶଫାକ୍ ଉଲ୍ଲା ଖାଁଙ୍କ ଜନ୍ମ।
- ୨୦୦୮ - ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ରଯାନ-୧ର ସଫଳ ଉତ୍କ୍ଷେପଣ।
- ୨୦୧୬- ଭାରତ କବାଡ଼ି ବିଶ୍ୱକପ୍ ଜିତିଲା।

# ବଦଳିବ 'ଏସ୍‌ଏସ୍‌ଏମ୍‌ବି୨୯' ଫିଲ୍ମର ନାଁ 'ବାରଣାସୀ'କୁ ନେଇ ଚର୍ଚ୍ଚା



ଏସ୍. ଏସ୍. ରାଜମୌଳି କେବଳ ତେଲୁଗୁ ଇଣ୍ଡଷ୍ଟ୍ରି ନୁହଁନ୍ତି ସାରା ବିଶ୍ୱରେ ଜଣେ ଆଗଧାଡ଼ିର ନିର୍ଦ୍ଦେଶକ ଭାବେ ଜଣାଯାନ୍ତି। 'ବାହୁବଳି' ଫିଲ୍ମ ମାଧ୍ୟମରେ ସେ ତେଲୁଗୁ ଫିଲ୍ମକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇ ପାରିଥିଲେ। ଏବେ ସେ ମହେଶ ବାବୁଙ୍କୁ ନେଇ ଏକ ଫିଲ୍ମ ନିର୍ମାଣ କରୁଛନ୍ତି। ଫିଲ୍ମର ଟାଇଟଲ ରହିଛି 'ଏସ୍‌ଏସ୍‌ଏମ୍‌ବି୨୯'। ଏହା ହଲିଉଡ ଫିଲ୍ମ 'ଅବତାର' ଭଳି ନିର୍ମାଣ କରାଯିବ ବୋଲି ଚର୍ଚ୍ଚା ହେଉଛି। ଏବେ ଏହାର ସୁଟିଂ ଚାଲିଛି। ଫିଲ୍ମର ଟାଇଟଲ୍ 'ବାରଣାସୀ' ରଖାଯାଇପାରେ ବୋଲି ଚର୍ଚ୍ଚା ହେଉଛି। କାରଣ ଫିଲ୍ମର କାହାଣୀ ଏହି ସହର ଉପରେ ହିଁ ଗଢ଼ିଉଠିଛି। ପ୍ରଥମେ ସେ ଏହାକୁ ବାରଣାସୀରେ ସୁଟ୍ କରିବାକୁ ଚାହୁଁଥିଲେ। ବାରଣାସୀରେ ଭିଡ଼ ରହୁଥିବାରୁ ସେ ଏହି ସହର ଭଳି ସେଟ୍ ହାଇଦ୍ରାବାଦସ୍ଥିତ ରାମୋଜୀ ଫିଲ୍ମ ସିଟିରେ ନିର୍ମାଣ କରିଛନ୍ତି। ଏଥିପାଇଁ ସେ ୫୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଫିଲ୍ମର ନୂଆ ଟାଇଟଲ୍ ନଭେମ୍ବରରେ ଘୋଷଣା କରାଯାଇପାରେ ବୋଲି ଜଣାପଡ଼ିଛି। ଏଥିରେ ମହେଶଙ୍କ ଚରିତ୍ର ହିନ୍ଦୁ ପୁରାଣରୁ ପ୍ରେରିତ ହେବ। ଏହି ଫିଲ୍ମକୁ ରାଜମୌଳି ୨୦୨୭ରେ ପରଦାକୁ ଆଣିବା ପାଇଁ ଯୋଜନା କରିଛନ୍ତି। ଏଥିରେ ମହେଶ ବାବୁଙ୍କ ବିପକ୍ଷରେ ପ୍ରିୟଙ୍କା ଚୋପ୍ରା ନଜର ଆସିବେ।




# ପିଲାଙ୍କ ନାଁ ରଖିବା ପାଇଁ ୨୬ ଲକ୍ଷ

ପିଲାଙ୍କ ନାମକରଣ ପ୍ରତ୍ୟେକ ବାପାମାଆଙ୍କ ଲାଗି ଖୁବ୍ ଗୁରୁତ୍ୱ ବହନ କରେ। ତେଣୁ ପିଲାଟିର ନାଁ ରଖିବା ଉପରେ ବହୁତ ବିଚାର ବିମର୍ଶ କରାଯାଏ। ଏପରିକି ଅନେକଙ୍କ ପରାମର୍ଶ ବି ଲୋଡ଼ା ଯାଏ। ହେଲେ ଏବେ ପିଲାଙ୍କ ନାଁ ରଖିବା ପାଇଁ ବାପାମାଆମାନେ ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ କରୁଛନ୍ତି। ଏହାକୁ ନେଇ ନେମି କନସଲଟାଣ୍ଟ ବ୍ୟବସାୟ ବି ଦେଖିବାକୁ ମିଳିଛି। ଆମେରିକାର ସାନ୍‌ଫ୍ରାନସିସ୍କୋରେ ରହୁଥିବା ଟେଲର ଏ. ହମ୍ପି ପିଲାଙ୍କ ନାମକରଣକୁ ନେଇ ବ୍ୟବସାୟ ଆରମ୍ଭ କରିଛନ୍ତି। ପିଲାଙ୍କ ନାଁ ରଖିବା ପାଇଁ ସେ ୨୬ ଲକ୍ଷ ଟଙ୍କା ନିଅନ୍ତି। ତାଙ୍କ ମତରେ ନାମ କେବଳ ଏକ ଶବ୍ଦ ନୁହେଁ, ଏହା ଜଣଙ୍କର ପରିଚୟ, ସଂସ୍କୃତି ଏବଂ ବ୍ରାଣ୍ଡିଂର ଅଂଶ। ସେହିପରି ଟେଲର ଅନେକ ସେଲିବ୍ରିଟିଙ୍କ ପିଲାଙ୍କ ନାମକରଣ ଦାୟିତ୍ୱ ମଧ୍ୟ ହାତକୁ ନେଇଛନ୍ତି। ସେ ତାଙ୍କ ନେମି କନସଲଟିଂ ବ୍ୟବସାୟରୁ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ଏକ ଦଶକ ପୂର୍ବରୁ ସେ ତାଙ୍କର ଏହି ଯାତ୍ରା ଆରମ୍ଭ କରିଥିଲେ। ପିଲାଟି ବେଳୁ ତାଙ୍କର ନାଁକୁ ନେଇ ସଉକ ଥିଲା। ତେଣୁ ସେ ତାଙ୍କ ଏହି ଇଚ୍ଛା ଅନଲାଇନ୍‌ରେ ସେୟାର୍ କରିବା ଆରମ୍ଭ କଲେ। ଧୀରେ ଧୀରେ ତାଙ୍କର ପୋଷ୍ଟଗୁଡ଼ିକ ଭାଇରାଲ ହେବାରେ ଲାଗିଲା। ଏହାସହ ତାଙ୍କର ଇନଷ୍ଟାଗ୍ରାମ୍ ଏବଂ ଟିକ୍‌ଟକ୍‌ରେ ଲକ୍ଷେରୁ ଅଧିକ ଅନୁଗାମୀ ହେଲେ। ଏବେ ସୁଦ୍ଧା ସେ ୫୦୦ ପିଲାଙ୍କର ନାଁ ବାଛି ସାରିଲେଣି। ଟେଲର ଏଥିଲାଗି ସେ ଅଲଗା ଅଲଗା ପ୍ୟାକେଜ୍ ଲୋକଙ୍କୁ ପ୍ରଦାନ କରନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ୨୦୦ ଟଙ୍କା ନେଇ ବାପାମାଆଙ୍କୁ ଇ-ମେଲ୍ ମାଧ୍ୟମରେ କିଛି ନାମର ତାଲିକା ପଠାନ୍ତି। ଏହାବାଦ୍ ତାଙ୍କର ଏକ୍ସକ୍ଲୁସିଭ୍ ପ୍ୟାକେଜ୍ ୨୬ ଲକ୍ଷର ହୋଇଥାଏ। ଏଥିରେ ଜିନୋଲୋଜିକାଲ ରିସର୍ଚ୍ଚ, ଫ୍ୟାମିଲି ହିଷ୍ଟ୍ରି ସହିତ ବେବି ନେମ୍ ବ୍ରାଣ୍ଡିଂ ଭଳି ସେବା ବି ଉପଲବ୍ଧ ଅଛି। ସେହିପରି ଅନେକ ସମୟରେ ସେ ଅଭିଭାବକଙ୍କର କାଉନସିଲର ଏବଂ ମିଡିଏଟରର କାମ ମଧ୍ୟ କରୁଥିବା କହିଛନ୍ତି। ଅବଶ୍ୟ ତାଙ୍କୁ ଏନେଇ ଅନଲାଇନ୍‌ରେ ବି ମଝିରେ ମଝିରେ ଟ୍ରୋଲ କରାଯାଏ। ଏପରିକି ଲୋକେ ତାଙ୍କ କାମକୁ ନେଇ ମଜାକ ଉଡ଼ାଉ ଥିବାବେଳେ ସେ କିନ୍ତୁ ନିଜ କାମକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବନ୍ତି। କାରଣ ଜଣକ ନାଁ ହିଁ ଜୀବନ ତମାମ ପରିଚୟକୁ ବହନ କରିଥାଏ। ତେବେ ସେ ଏହାକୁ ପେଶା ଭାବି ଆଗକୁ ବଢ଼ୁଛନ୍ତି। ଯଦ୍ୱାରା ତାଙ୍କର ଏହି ଲଗଜୁରି ବ୍ୟବସାୟ ଲଗାତାର ଆଗକୁ ବଢ଼ିଚାଲିଛି।

# ଏଆଇ ପ୍ରେମରେ ଆମେରିକୀୟ ମହିଳା

ଏମ୍‌ଆଇଟି (ମାସାଚୁସେଟସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜି) ର ଏକ ନୂତନ ଗବେଷଣାରୁ ଜଣାପଡ଼ିଛି ଏଆଇକୁ ବ୍ୟବହାର କରୁଥିବା ଲୋକଙ୍କ ମଧ୍ୟରେ ପ୍ରତି ପାଞ୍ଚ ଜଣ ମହିଳା ବିଶ୍ୱାସ କରନ୍ତି ମଣିଷ ଓ ଏଆଇ ମଧ୍ୟରେ ସତରେ ଭଲପାଇବା ହୋଇପାରେ। ସେହିପରି ହଜାରେ ଆମେରିକୀୟ ମହିଳାଙ୍କ ମଧ୍ୟରୁ ତିନି ପ୍ରତିଶତ କହିଛନ୍ତି, ସେମାନେ ପୂର୍ବରୁ ହିଁ ନିଜ ଚାଟ୍‌ବଟ୍‌କୁ ରୋମାଣ୍ଟିକ୍ ପାର୍ଟନର ଭଳି ବ୍ୟବହାର କରନ୍ତି। ସର୍ଭେ ଅନୁସାରେ, ତିନି ଜଣକ ମଧ୍ୟରେ ଜଣେ ଏଆଇ ବ୍ୟବହାରକାରୀ ନିଜ ଚାଟ୍‌ବଟ୍ ସହିତ ବ୍ୟକ୍ତିଗତ ଗୋପନୀୟତା ସେୟାର୍ କରିଥିବା କହିଛନ୍ତି। ସେହିପରି ପାଞ୍ଚଜଣରୁ ଜଣେ ନିଜ ଚାଟବଟ୍‌ର ସ୍ୱତନ୍ତ୍ର ନାଁ ରଖିଛନ୍ତି। ସେହିଭଳି ଅଧିକାଂଶ ମହିଳା ପ୍ରତି ସପ୍ତାହରେ ୩ରୁ ୫ ଘଣ୍ଟା ଏଆଇ ସହିତ କଥାବାର୍ତ୍ତା କରିବାରେ ସମୟ ଅତିବାହିତ କରନ୍ତି। ବିଶେଷଜ୍ଞଙ୍କ ଅନୁସାରେ, ଆଜିର ସମୟରେ ଏଆଇ ପ୍ରତି କ୍ଷେତ୍ରରେ ହଇଚଇ ସୃଷ୍ଟି କରିଛି। ଏହା ଯୋଗୁଁ କିଛି କ୍ଷେତ୍ରରେ ଲୋକଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଛି ଏବଂ କାମ ମଧ୍ୟ କିଛି ପରିମାଣରେ ସଫଳ ସାବ୍ୟସ୍ତ ହୋଇଛି। ସେହିପରି ଆଉ କିଛି ଚାକିରି ଉପରେ ବିପଦ ମଧ୍ୟ ସୃଷ୍ଟି ହୋଇଛି। ଗବେଷଣାରୁ ସାମ୍ନାକୁ ଆସିଛି ଯେ, ଆମେରିକାରେ ପ୍ରତି ପାଞ୍ଚ ମହିଳାଙ୍କର ଚାଟବଟ୍



ସହିତ ରୋମାଣ୍ଟିକ୍ ସମ୍ପର୍କ ରହିଛି। ସେହିଭଳି ପାଖାପାଖି ୧୯ ପ୍ରତିଶତ ଆମେରିକୀୟ ମହିଳା ରୋମାଣ୍ଟିକ୍ ସମ୍ପର୍କ ଲାଗି ଚାଟ୍‌ବଟ୍‌ର ବ୍ୟବହାର କରୁଥିବା ଜଣାପଡ଼ିଛି। ଅବଶ୍ୟ ଏହା ପଛରେ ଅନେକ କାରଣ ରହିଛି। ସେମାନେ ଏଆଇ ଚାଟ୍‌ବଟ୍ ସହିତ କଥାବାର୍ତ୍ତା କରିବାରେ ଭୟ କିମ୍ବା ଲଜ୍ୟାବୋଧ ଅନୁଭବ କରନ୍ତି ନାହିଁ। ମହିଳାମାନେ ନିଜର ଗୋପନୀୟତା ଓ ଭାବନାକୁ ସହଜରେ ଏଆଇ ସହିତ ସେୟାର୍ କରିଥାନ୍ତି। ଏହାବାଦ୍ ବ୍ୟସ୍ତବହୁଳ ଜୀବନ ଓ ଏକାକୀତ୍ୱ ଯୋଗୁଁ ଲୋକେ ଏଭଳି ସାଥୀର ସନ୍ଧାନ କରୁଛନ୍ତି, ଯିଏ ସେମାନଙ୍କୁ ସବୁବେଳେ ଶୁଣିପାରୁଥିବେ ଏବଂ ଉତ୍ତର ରଖିବାକୁ ସକ୍ଷମ ହେଉଥିବେ। ଅନେକ ଲୋକ ଏଆଇକୁ ବିଶ୍ୱାସଯୋଗ୍ୟ ସାଥୀ ବୋଲି ଭାବନ୍ତି। କିଛି ଏଆଇ କେବଳ ଚାଟ୍ ନ କରି ଖେଳ ସଙ୍ଗୀତ ଏବଂ ରୋମାଣ୍ଟିକ୍ କଥାବାର୍ତ୍ତା ମାଧ୍ୟମରେ ସମ୍ପର୍କ ବୃଦ୍ଧି କରିଥାଏ।

## ସମ୍ଭାବନା



# କମଫର୍ଟ ଜୋନ୍‌ରୁ ବାହାରିବା କଷ୍ଟ

**ଅନେକ ଜଣ କମଫର୍ଟ ଜୋନ୍‌ରେ ରହି କାମ କରିବାକୁ ଚାହାନ୍ତି। ଏଭଳି ଲୋକଙ୍କୁ ଲାଗେ କମଫର୍ଟ ଜୋନ୍‌ରେ ରହିଲେ ହିଁ କାମ କରି ହେବ। ହେଲେ ବାସ୍ତବରେ ସଫଳତା କମଫର୍ଟ ଜୋନ୍‌ରୁ ବାହାରିଲେ ମିଳେ। ତେବେ ଅସଲରେ କମଫର୍ଟ ଜୋନ୍‌ରୁ ବାହାରିବା ସେତେଟା ସହଜ ନୁହେଁ।**



କୌଣସି ବ୍ୟକ୍ତିଙ୍କ ଅଭ୍ୟାସ ଓ ରୁଟିନ୍ ଦ୍ୱାରା ତିଆରି ଏକ ସୀମା କମଫର୍ଟ ଜୋନ୍‌କୁ ବୁଝାଏ। ଏହା ହେଉଛି ସେହି ସ୍ଥିତି, ଯେଉଁ ସୀମା ଭିତରେ ରହି ଜଣେ ନିଜକୁ ସୁରକ୍ଷିତ, ସହଜ ଓ ସ୍ଥିର ଅନୁଭବ କରେ। ମସ୍ତିଷ୍କକୁ ସ୍ଥିରତା ପସନ୍ଦ। କୌଣସି ନୂଆ ପରିସ୍ଥିତିରେ ଫସିବା କିମ୍ବା ନୂଆ ଆହ୍ୱାନକୁ ସାମ୍ନା କରିବାକୁ ପସନ୍ଦ ନ ଥାଏ। କମଫର୍ଟ ଜୋନ୍ ହେଉଛି ତାହା, ଯେଉଁଥିରେ କୌଣସି ଭୟ କିମ୍ବା ସମସ୍ୟା ନ ଥାଏ। ତେବେ ଯେତେବେଳେ ଜଣେ କମଫର୍ଟ ଜୋନ୍‌ରୁ ବାହାରିବାକୁ ଚେଷ୍ଟା କରେ କିମ୍ବା କିଛି ନୂଆ କରିବାକୁ ଚିନ୍ତା କରେ, ସେତେବେଳେ ମସ୍ତିଷ୍କ ଫାଇଟ୍ କିମ୍ବା ଫ୍ଲାଇଟ୍‌ର ପ୍ରତିକ୍ରିୟା ଦେଇଥାଏ। ଫଳରେ କମଫର୍ଟ ଜୋନ୍‌ରୁ ବାହାରିବା କଷ୍ଟକର ହୋଇ ପଡ଼େ। ମସ୍ତିଷ୍କ କମଫର୍ଟ ଜୋନ୍‌ରୁ ବାହାରିବା ପରେ ଯାହା ସବୁ ସାମ୍ନା କରେ, ସେସବୁ ପ୍ରତି ଭୟ ସୃଷ୍ଟି ହେବା ଆରମ୍ଭ କରେ। ଏହି ଭୟ ହିଁ ବିଫଳତାର କାରଣ ହୁଏ। ଫଳରେ ଜଣେ ନିଜର କମଫର୍ଟ ଜୋନ୍‌ରେ ସେମିତି ଫଶି ରହେ। ତେବେ ଉନ୍ନତି ବା ଅଗ୍ରଗତି ସବୁବେଳେ କମଫର୍ଟ ଜୋନ୍‌ରୁ ବାହାରିବା ପରେ ହିଁ ମିଳିଥାଏ। ଭୟ ବା ବିପଦକୁ ସାମ୍ନା କରିବାର ସାହସ ରହିଲେ ହିଁ କମଫର୍ଟ ଜୋନ୍‌ରୁ ବାହାରି ହେବ। ଭୟ ଉପରେ ସଫଳତା ହାସଲ କଲେ ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଏହାସହ ସଫଳତା ଧୀରେ ଧୀରେ ମିଳେ। କମଫର୍ଟ ଜୋନ୍‌ରୁ ବାହାରିବା ପାଇଁ ଛୋଟ ଛୋଟ ଆହ୍ୱାନକୁ ସ୍ୱୀକାର କରିବା ଦରକାର। ବିଫଳତାରେ ଭୟଭୀତ ହେବା ପରିବର୍ତ୍ତେ ସେଥିରୁ ଶିଖିବା ଆବଶ୍ୟକ। ନିଜକୁ ସଫଳ ଲୋକଙ୍କ ସହ ସାମିଲ କଲେ କମଫର୍ଟ ଜୋନ୍‌ରୁ ବାହାରିବା ଏକପ୍ରକାର ସହଜ ହୁଏ।

# ସମୟରେ ଛାଡ଼ନ୍ତୁ ଅଫିସ୍

**ଅଫିସ୍‌କୁ ଠିକ୍ ସମୟରେ ଆସି ଉଚିତ ସମୟରେ ଘରକୁ ଯିବା ଦରକାର। ଅଧିକାଂଶ କ୍ଷେତ୍ରରେ ଦେଖାଯାଏ, ସମୟ ପୂରା ହେବା ପରେ ବି ଘଣ୍ଟା ଘଣ୍ଟା ଧରି ଅଫିସ୍‌ରେ ବସିବାକୁ ପଡ଼େ। ହେଲେ ଅଫିସ୍‌ରୁ ଠିକ୍ ସମୟରେ ଘରକୁ ଯିବାର ଅନେକ କାରଣ ଅଛି।**



- ଜଣେ ଯେଭଳି ଅଫିସ୍ ସମୟରେ ଆସନ୍ତି। ଠିକ୍ ସେମିତି ଅଫିସ୍ ସମୟରେ ଛାଡ଼ିବା ଦରକାର। କାମ କେବେ ବି ଶେଷ ହେବ ନାହିଁ, ସେମିତି ଲାଗି ରହିବ। ତେଣୁ ସମୟରେ କାମ ପୂରା କରି ଅଫିସ୍‌ରୁ ଯିବାକୁ ଚେଷ୍ଟା କରିବା ଭଲ।
- ଅଫିସ୍ କେବଳ ଜୀବନ ନୁହେଁ; ମାନସିକ ଶାନ୍ତି ଜୀବନ ପାଇଁ ଖୁବ୍ ଜରୁରି। ତେଣୁ ଏହାକୁ ମଧ୍ୟ ସମୟ ଦେବା ଦରକାର। ସମୟରେ ଅଫିସ୍‌ରୁ ଘରକୁ ବାହାରିଲେ, ଏ ଲାଗି ବି ସମୟ ଦେଇପାରିବେ।
- ଅଫିସ୍‌ରୁ ଠିକ୍ ସମୟରେ ବାହାରିଲେ ସାଙ୍ଗସାଥୀ ଓ ପରିବାର ସଦସ୍ୟଙ୍କୁ ସମୟ ଦେବାର ସୁଯୋଗ ମିଳେ।
- ସେହିପରି କେବଳ ଅଫିସ୍‌କୁ ସମ୍ପୂର୍ଣ୍ଣ ସମୟ ନ ଦେଇ ନିଜକୁ ସମୟ ଦେବା ଉଚିତ। ଏହା ହେଲେ କାମରେ ବି ମନ ଲାଗେ।
- କାମ ଯେତିକି ଜରୁରି ନିଜର ଖୁସି ମଧ୍ୟ ସେତିକି ଜରୁରି। ତେଣୁ ଅଫିସ୍ ସମୟରୁ ବାହାରିଲେ ନିଜର ଅନ୍ୟ କାମ ପାଇଁ ସମୟ ବାହାର କରିପାରିବେ। ଏହା ଦ୍ୱାରା ଶାନ୍ତି ଅନୁଭବ କରିବେ।

# ଉପଯୋଗୀ ଏଆଇ ଟୁଲ୍

**ଏଆଇ ଯୁଗରେ ଚାଟ୍‌ଜିପିଟି ଏବଂ ଜେମିନିର ଚାହିଦା ବେଶି। ହେଲେ ଏହା ବ୍ୟତୀତ କିଛି ଟୁଲ୍ ଏଭଳି ଅଛି, ଯାହାର ଲୋକପ୍ରିୟତା ନ ଥିଲେ ବି ଖୁବ୍ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ବିଶେଷ କଥା ହେଉଛି, ଏହି ଟୁଲ୍‌ରେ ଗୀତ ତିଆରି କରିବା, ଥ୍ରୀଡି ମଡେଲ ଆଦି କାମରେ ସାହାଯ୍ୟ କରେ।**



**ସୁନୋ:** ଏହି ଟୁଲ୍ ମାଧ୍ୟମରେ ନିଜ ପସନ୍ଦର ଗୀତ ନିଜେ ତିଆରି କରିପାରିବେ। ଏହି ଟୁଲ୍ ଟେକ୍ସଟ୍‌ରୁ ଗୀତ ତିଆରି କରିଥାଏ। ଏହି ଟୁଲ୍ ଉଭୟ ବୋଲ୍ ଏବଂ ଟ୍ୟୁନ୍ ସାମିଲ କରିପାରେ। ଏହାକୁ ଅଲଗା ଅଲଗା ଷ୍ଟାଇଲ ଏବଂ ଜନର୍‌ରେ ଏଡିଟ୍ ତଥା ସେୟାର୍ କରାଯାଇପାରିବ। ଏହି ଏଆଇ ଟୁଲ୍‌କୁ ମେଟା ଏବଂ ଟିକ୍‌ଟକ୍‌ର ପୂର୍ବତନ କର୍ମଚାରୀ ମିଶି ତିଆରି କରିଛନ୍ତି।

**ଲିଓନାର୍ଡୋ ଏଆଇ:** ଲିଓନାର୍ଡୋ ଏଆଇ ଟୁଲ୍ ଚିତ୍ରକୁ ସୁନ୍ଦର ଭାବେ ତିଆରି କରିବାରେ ସାହାଯ୍ୟ କରେ। ଏହାକୁ ଉପଯୋଗ କରି ଆନିମେସନ, ଫଟୋ ଏବଂ ଥ୍ରୀଡି ମଡେଲ ସହଜରେ ତିଆରି କରିପାରିବେ। ଏଥିରେ ଫଟୋ ବଡ଼ କରିବା ଏବଂ ବ୍ୟାକଗ୍ରାଉଣ୍ଡ ଦୂର କରିବା ଭଳି ଅନେକ ଫିଚର୍ ମିଳିଥାଏ। ଏହାର ଉପଯୋଗରେ ଅସୀମିତ ଫଟୋ ତିଆରି କରିବା ସମ୍ଭବ।

**ବ୍ଲାକ୍‌ବକ୍ସ ଏଆଇ:** ବିଶେଷକରି ସଫ୍ଟୱେର ଡେଭଲପରଙ୍କ କାମକୁ ସୁପରଫାଷ୍ଟ କରିବା ପାଇଁ ଏହି ଟୁଲ୍ ତିଆରି କରାଯାଇଛି। ଏହି ଟୁଲ୍ ପ୍ରୋଗ୍ରାମିଂର କଠିନ ସମସ୍ୟା ଏବଂ କୋଡିଂ କାମକୁ ଶୀଘ୍ର କରିପାରିବ। ଏହି ଏଆଇ ଟୁଲ କୋଡିଂ ଏବଂ ଟେଷ୍ଟିଂକୁ ସହଜ କରିଥାଏ। ଏହାବାଦ୍ ଏଥିରେ ଚାଟ୍‌ବଟ୍ ଏବଂ ରିସର୍ଚ୍ଚ ଆସିଷ୍ଟାଣ୍ଟ ଫିଚର ସାମିଲ ଅଛି।

**ଇଲେଭେନ ଲ୍ୟାବ୍:** ଏହା ଟେକ୍ସଟକୁ କଥା କହୁଥିବା ସ୍ୱରରେ ପରିବର୍ତ୍ତନ କରିବା। ଉଭୟ ପୁରୁଷ ଓ ମହିଳାଙ୍କର ଅନେକ ପ୍ରକାର ସ୍ୱରକୁ ସହଜରେ ତିଆରି ଏହି ଟୁଲ୍ ତିଆରି କରିପାରେ। ତେବେ ଏହି ଟୁଲ୍ ମାଧ୍ୟମରେ କୌଣସି ସ୍ୱରର ନକଲ କରିବାର ଉତ୍ତମ ଫିଚର ରହିଛି।

**ଜାନିଟର ଏଆଇ:** ନିଜ ମନପସନ୍ଦର ଏଆଇ ଚରିତ୍ରକୁ ଏହି ଟୁଲ୍ ମାଧ୍ୟମରେ ତିଆରି କରିପାରିବେ। କୌଣସି ଫିଲ୍ମ ତାରକାଙ୍କ ଏଆଇ ଚରିତ୍ରକୁ ଜାନିଟର ଏଆଇକୁ ବ୍ୟବହାର କରି ତିଆରି କରିପାରିବେ। ଏହା ତଥ୍ୟ ମୁତାବିକ ନିଜେ ସ୍ଥିର କରି ନିଏ ଯେ, ଚରିତ୍ର କିଭଳି କଥା କହିବ ଏବଂ ସେ କେଉଁ ଶୈଳୀ ଓ ସ୍ୱରରେ କଥା କହିବ।

# ବିନା ନମ୍ବରରେ ଚାଟିଂ




ଏବେ ସୁଦ୍ଧା ହ୍ୱାଟ୍ସଆପ୍‌ରେ କାହାରି ସହିତ କଥା ହେବା ପାଇଁ ମୋବାଇଲ ନମ୍ବର ଜରୁରି ହୋଇଥାଏ। ହେଲେ ଖୁବ୍‌ଶୀଘ୍ର ହ୍ୱାଟ୍ସଆପ୍‌ର ଏକ ନୂଆ ଫିଚର୍ ଆସିବାକୁ ଯାଉଛି। ଯେଉଁଥିରେ ବ୍ୟବହାରକାରୀ ୟୁଜରନେମ୍ ମାଧ୍ୟମରେ ପରସ୍ପର ସହିତ ଯୋଡ଼ି ହୋଇପାରିବ। ଫଳରେ ଏଥିରେ ମୋବାଇଲ ନମ୍ବର ସେୟାର୍ କରିବାକୁ ପଡ଼ିବ ନାହିଁ। ଏହା ଦ୍ୱାରା ଗୋପନୀୟତା ସୁରକ୍ଷିତ ରହିବ। ତେବେ ୟୁଜରନେମ ପକାଇ ଚାଟ୍ କରିବା ଆଦୌ ସହଜ ପ୍ରକ୍ରିୟା ନୁହେଁ। ଅନ୍ୟପଟେ ହ୍ୱାଟ୍ସଆପ୍ ଏହା ସହିତ ଚାରି ଅଙ୍କ ବିଶିଷ୍ଟ ୟୁଜରନେମ୍ ଟେଷ୍ଟ କରୁଛି। ଅର୍ଥାତ୍ ବ୍ୟବହାରକାରୀ ନିଜ ୟୁଜର ନେମ୍ ସହିତ ଏହି ଚାରି ଅଙ୍କ କୋଡ୍ କାହାକୁ ଦେଇପାରିବେ। ତେବେ ଏବେ ଏହି ସୁବିଧା ହ୍ୱାଟ୍ସଆପ୍ ବେଟା ପ୍ରୋଗ୍ରାମର କିଛି ବ୍ୟବହାରକାରୀଙ୍କୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଧୀରେ ଧୀରେ ଏହି ଫିଚର ସମସ୍ତଙ୍କ ପାଇଁ ଉପଲବ୍ଧ ହେବ।

■ ଏସିଆନ ୟୁଥ୍ ଗେମ୍ସ

## ପାକିସ୍ତାନକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୨୧।୧୦ (ଏଜେନ୍ସି): ବାହାରିନରେ ଚାଲିଥିବା ଏସିଆନ ୟୁଥ୍ ଗେମ୍ସର ତୃତୀୟ ସଂସ୍କରଣରେ ଭାରତୀୟ ବାଳକ କବାଡ଼ି ଦଳ ଦମ୍‌ଦାର ପ୍ରଦର୍ଶନ ଜାରି ରଖି ହ୍ୟାଟ୍ରିକ ବିଜୟ ହାସଲ କରିଛି। ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୫୫ ପଏଣ୍ଟ (୮୧-୨୬)ରେ ଶୋଚନୀୟ ଭାବେ ପାକିସ୍ତାନକୁ ମାତ୍ ଦେଇଥିଲା। ଏଥିପୂର୍ବରୁ ଭାରତ ୮୯-୧୬ରେ ଶ୍ରୀଲଙ୍କାକୁ ଓ ୮୩-୧୯ ସ୍କୋରରେ ବାଂଲାଦେଶକୁ ହରାଇଥିଲା। ସେହିଭଳି ଭାରତୀୟ ବାଳିକା ଦଳ ମଧ୍ୟ କ୍ରମାଗତ ୪ର୍ଥ ବିଜୟ ହାସଲ କରି ଶ୍ରେଷ୍ଠ ପ୍ରଦର୍ଶନ କରିଛି। ମଙ୍ଗଳବାର ଇରାନକୁ ୨୬-୫୯ ପଏଣ୍ଟରେ ଭାରତ ପରାସ୍ତ କରିଥିଲା। ବାଳକ ବିଭାଗରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ପୂର୍ବରୁ ହାଇଡ୍ରାମା ଦେଖିବାକୁ ମିଳିଥିଲା। କ୍ରିକେଟ୍ ଓ ହକି ପରେ ଏବେ କବାଡ଼ିରେ ମଧ୍ୟ ଭାରତୀୟ ଖେଳାଳି ପାକିସ୍ତାନ ଖେଳାଳିଙ୍କ ସହ ହାତ ମିଳାଇବାକୁ ମନା କରିଦେଇଥିଲେ। ଟସ୍ ପଡ଼ିବା ସମୟରେ ଭାରତୀୟ ଦଳର ଅଧିନାୟକ ଇଶାନ୍ତ ରାଠୀ ପ୍ରତିପକ୍ଷ ପାକିସ୍ତାନ ଅଧିନାୟକଙ୍କ ସହ ହାତ ନ ମିଶାଇବା ଚର୍ଚ୍ଚାର ବିଷୟ ରହିଥିଲା।

## ସମସ୍ତ ଫର୍ମାଟରୁ ଅବସର ନେଲେ ଜାମ୍ମୁ କ୍ରିକେଟର୍ ପରଭେଜ ରସୁଲ



ନୂଆଦିଲ୍ଲୀ, ୨୧।୧୦ (ଏଜେନ୍ସି): ଜାମ୍ମୁ କାଶ୍ମୀରର ପ୍ରଥମ କ୍ରିକେଟର ଭାବେ ଭାରତୀୟ ଦଳରୁ ଖେଳିବାର ସୁଯୋଗ ଲାଭ କରିଥିବା ପରଭେଜ ରସୁଲ ସମସ୍ତ ପ୍ରକାର ଫର୍ମାଟରୁ ଅବସର ନେଇଛନ୍ତି। ୩୬ ବର୍ଷୀୟ ରସୁଲ ଅବସର ନେଇ ଭାରତୀୟ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ବିସିସିଆଇକୁ ଜଣାଇଛନ୍ତି। ଏହି ଅଫ୍-ସ୍ପିନ ଅଲରାଉଣ୍ଡର ଭାରତ ପକ୍ଷରୁ ଗୋଟିଏ ଲେଖାଏ ଦିନିକିଆ ଓ ଟି-୨୦ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ୨୦୧୪ରେ ବାଂଲାଦେଶ ବିପକ୍ଷ ଦିନିକିଆ ଖେଳି ରସୁଲ ଅନ୍ତର୍ଜାତୀୟ କ୍ରିକେଟରେ ପାଦ ଥାପିଥିଲେ। ଜାମ୍ମୁର ପ୍ରଥମ ଖେଳାଳି ଭାବେ ସେ ଭାରତୀୟ ଦଳରୁ ଖେଳି ରେକର୍ଡ କରିଥିଲେ। ସେହିଭଳି ସେ ତାଙ୍କର ଏକମାତ୍ର ଟି-୨୦ ମ୍ୟାଚଟି ୨୦୧୭ରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ସେ ମାତ୍ର ୩ଟି ୱିକେଟ ନେଇଥିଲେ। ତେବେ ସେ ବେଶ ସକ୍ରିୟ ଥିଲେ। ୯୫ଟି ପ୍ରଥମଶ୍ରେଣୀ ଓ ୧୬୪ଟି ଲିଷ୍ଟ-ଏ ମ୍ୟାଚ୍ ଖେଳି ରସୁଲ ଯଥାକ୍ରମେ ୩୫୨ ଓ ୨୨୧ଟି ୱିକେଟ୍ ନେଇଛନ୍ତି। ସେ ମଧ୍ୟ ଆଇପିଏଲ୍‌ରେ ୩ଟି ମ୍ୟାଚ ଖେଳିବାର ସୁଯୋଗ ପାଇଥିଲେ।

■ ଆନ୍ତଃସ୍କୁଲ ଫୁଟ୍‌ବଲ

## ତ୍ରିଜଲଙ୍କ ୧୦ ଗୋଲ୍: ଫାଇନାଲରେ ଓଡିଏମ୍




ଭୁବନେଶ୍ୱର, ୨୧।୧୦ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟବଲ ଖେଳାଳି ସଂଘ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ ଫୁଟ୍‌ବଲ ଏକାଡେମୀ ଖେଳ ପଡ଼ିଆରେ ଚାଲିଥିବା ଆନ୍ତଃସ୍କୁଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୟୁନିଲାଇଟ୍ କପ୍‌ର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଗୁରୁବାର କିସ୍ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ ମଧ୍ୟରେ ଫାଇନାଲ ମ୍ୟାଚ୍ ଫ୍ଲଡଲାଇଟ୍‌ରେ ଖେଳାଯିବ। ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ୧୨-୧ ଗୋଲ୍‌ର ବୃହତ୍ ବ୍ୟବଧାନରେ ୟୁନିଟ୍-୧ ହାଇସ୍କୁଲକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା। ବିଜୟୀ ଦଳ ପକ୍ଷରୁ ତ୍ରିଜଲ କିସ୍କୁ ଏକାକୀ ୧୦ଟି ଗୋଲ୍ ଦେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ପ୍ରସନ୍ନ ଦାସ, ମଧୁସୂଦନ ଦାସ, ଆୟୋଜକ କ୍ଲବର ସଭାପତି ନବରଞ୍ଜନ ପଟ୍ଟନାୟକ ଅତିଥିଭାବେ ଉପସ୍ଥିତ ରହି ତ୍ରିଜଲଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର କଟକର ବିଡ଼ାନାସୀ, ରେଭେନ୍‌ସା, ଭୁବନେଶ୍ୱରର ଦୁଇଟି ଦଳକୁ ନେଇ ଭେଟେରାନ ମ୍ୟାଚ୍ ଖେଳାଯିବ ବୋଲି ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ସୂଚନା ଦେଇଛନ୍ତି।

ଏସିଆ କପ୍ ଟ୍ରଫି ବିବାଦ

# ନକଭୀଙ୍କ ବିରୋଧରେ ଆଇସିସି ଯିବ ବିସିସିଆଇ




ନୂଆଦିଲ୍ଲୀ, ୨୧।୧୦ (ଏଜେନ୍ସି)

ଏସିଆ କପ୍ ଟ୍ରଫି ବିବାଦରେ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ବଡ଼ କାର୍ଯ୍ୟାନୁଷ୍ଠାନ ନେଇପାରେ। ଏସିଆ କ୍ରିକେଟ୍ ପରିଷଦ (ଏସିସି)ର ଅଧ୍ୟକ୍ଷ ମୋହସୀନ ନକଭୀଙ୍କଠାରୁ କୌଣସି ଉତ୍ତର ନ ପାଇବା ପରେ ବିସିସିଆଇ ପରବର୍ତ୍ତୀ ଆଇସିସି ବୈଠକରେ ଏହି ମାମଲାରେ ଅନ୍ତର୍ଜାତୀୟ ବୋର୍ଡର ହସ୍ତକ୍ଷେପ ଲୋଡ଼ିପାରେ। ବିସିସିଆଇ ଗତ ସପ୍ତାହରେ ଏକ ଚିଠି ପଠାଇ ଭାରତୀୟ ଦଳକୁ ଏସିଆ କପ୍ ଟ୍ରଫି ପ୍ରଦାନ କରିବାକୁ ଅନୁରୋଧ କରିଥିଲା। କିନ୍ତୁ ନକଭୀ କୌଣସି ଉତ୍ତର ଦେଇ ନ ଥିଲେ। ଏହି ଘଟଣାରେ ବିସିସିଆଇ ସ୍ପଷ୍ଟ କରିଛି ଭାରତୀୟ ଦଳକୁ ଟ୍ରଫି ପ୍ରଦାନ କରାଯିବା ଉଚିତ୍। ନଚେତ ଆଗାମୀ ଆଇସିସି ବୈଠକରେ ଏ ପ୍ରସଙ୍ଗ ଉଠାଇବ। ଏସିଆ କପ୍ ଟ୍ରଫି ବର୍ତ୍ତମାନ ଦୁବାଇରେ ରହିଛି। ଯେଉଁଠାରେ ଏସିସି କାର୍ଯ୍ୟାଳୟରେ ଏହାକୁ ରଖାଯାଇଛି। ଏସମ୍ପର୍କରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଗଣମାଧ୍ୟମକୁ କହିଛନ୍ତି, ଭାରତୀୟ ବୋର୍ଡ ଆଇନ ମଧ୍ୟରେ ରହି ଆବଶ୍ୟକ ପଦକ୍ଷେପ ନେଉଛି। ଅନ୍ୟପକ୍ଷରେ ଏକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ନକଭି ନଭେମ୍ବର ୧୦ରେ ଦୁବାଇରେ ଏକ କାର୍ଯ୍ୟକ୍ରମ ପ୍ରସ୍ତାବ ଦେଇଛନ୍ତି। ଯେଉଁଥିରେ ସେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଏସିଆ କପ୍ ଟ୍ରଫି ଦେବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଏସିଆ କପ୍ ଫାଇନାଲରେ ଭାରତୀୟ ଦଳ ପାକିସ୍ତାନକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। କିନ୍ତୁ ଦୁଇଦେଶ ମଧ୍ୟରେ ରାଜନୈତିକ ବିବାଦ ଲାଗି ରହିଥିବାରୁ ଏସିସିର ଅଧ୍ୟକ୍ଷ ରହିଥିବା ପାକିସ୍ତାନ ଗୃହମନ୍ତ୍ରୀ ନକଭିଙ୍କ ହାତରୁ ଟ୍ରଫି ନେବାକୁ ଭାରତୀୟ ଖେଳାଳି ମନା କରିଦେଇଥିଲେ। ପୁରସ୍କାର ଉତ୍ସବରେ ନକଭି ପାଖାପାଖି ୧ ଘଣ୍ଟା ଷ୍ଟେଜ ଉପରେ ଅପେକ୍ଷା କରି ରହିଲେ ମଧ୍ୟ ଭାରତୀୟ ଖେଳାଳି ଟ୍ରଫି ନେବାକୁ ତାଙ୍କ ନିକଟକୁ ଯାଇ ନ ଥିଲେ। ଶେଷରେ ନକଭି ଟ୍ରଫି ନେଇ ପଳାଇଥିଲେ। ସେପ୍ଟେମ୍ବର ୩୦ରେ ଅନୁଷ୍ଠିତ ଏସିସି ବୈଠକରେ ବିସିସିଆଇ ଯୁଗ୍ମ ସମ୍ପାଦକ ରାଜୀବ ଶୁକ୍ଲା ଏହି ଟ୍ରଫି ବିବାଦ ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। 'ଟ୍ରଫିଟି ଏସିଆ କ୍ରିକେଟ୍ ପରିଷଦର ସମ୍ପତ୍ତି। ତେଣୁ ନକଭି ଏହାକୁ ବ୍ୟକ୍ତିଗତ ଭାବରେ ପଡ଼ିଆରୁ ନେବାର କୌଣସି ଅଧିକାର ନାହିଁ ବୋଲି ରାଜୀବ କହିଥିଲେ।

## କୁରାନଙ୍କ ଶତକ; ବଡ଼ ଅଗ୍ରଣୀ ଅଭିମୁଖେ ଜିମ୍ବାୱେ

ହରାରେ, ୨୧।୧୦ (ଏଜେନ୍ସି): ଏଠାରେ ଆଫଗାନିସ୍ତାନ ବିପକ୍ଷରେ ଚାଲିଥିବା ଏକମାତ୍ର ଟେଷ୍ଟରେ ଘରୋଇ ଜିମ୍ବାୱେ ବୃହତ୍ ଅଗ୍ରଣୀ ଅଭିମୁଖେ ଅଗ୍ରସର ହୋଇଛି। ଏହି ଟେଷ୍ଟରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ପ୍ରଥମ ଇନିଂସରେ ମାତ୍ର ୧୨୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଘରୋଇ ଦଳ ପକ୍ଷରୁ ମଧ୍ୟଗତିର ବୋଲର ବ୍ରାଡ୍ ଇଭାନ୍ସ ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଜିମ୍ବାୱେ ମଙ୍ଗଳବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୮ ୱିକେଟ୍‌ରେ ୩୧୭ ରନ ସଂଗ୍ରହ କରିଛି। ଓପନର୍ ବେନ୍ କୁରାନ ଦମ୍‌ଦାର ଶତକୀୟ ପାଳି ଖେଳି ଜିମ୍ବାୱେକୁ ବୃହତ୍ ଅଗ୍ରଣୀ ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଇଂଲଣ୍ଡ କ୍ରିକେଟର୍ ସାମ୍ କୁରାନଙ୍କ ଭାଇ ବେନ୍ ୨୫୬ ବଲ୍ ଖେଳି ୧୫ ଚୌକା ସହାୟତାରେ ସର୍ବାଧିକ ୧୨୧ ରନ କରିଥିଲେ। ଆଫଗାନିସ୍ତାନର ଜିଆଉର୍ ରହମନ ଶରିଫିଙ୍କୁ ସର୍ବାଧିକ ୫ଟି ୱିକେଟ୍ ମିଳିଥିଲା। ଦୁଇ ୱିକେଟ୍ ବଳକା ଥାଇ ଜିମ୍ବାୱେ ୧୯୦ ରନରେ ଅଗ୍ରଣୀ ହାସଲ କରିଛି।

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

## ବିଜୟ ସହ ଶୀର୍ଷରେ ଦ.ଆଫ୍ରିକା


ଲୌରା ଓଲଭର୍ଡ

କଲମ୍ବୋ,୨୧।୧୦ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ମଙ୍ଗଳବାର ଏଠାରେ ଅନୁଷ୍ଠିତ ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଡିଏଲ୍ ପଦ୍ଧତିରେ ୧୫୦ ରନର ବୃହତ୍ ବ୍ୟବଧାନରେ ପାକିସ୍ତାନକୁ ପରାସ୍ତ କରିଛି। ବର୍ଷା ଯୋଗୁ ଏହି ମ୍ୟାଚକୁ ୪୦ ଓଭରବିଶିଷ୍ଟ କରାଯାଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୯ ୱିକେଟ୍ ହରାଇ ୩୧୨ ରନ କରିଥିଲା। ଓପନର୍ ଲୌରା ଓଲଭର୍ଡ ୮୨ ବଲରେ ୯୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାରିଜାନ କାପ୍ପ ୬୮, ସୁନେ ଲସ୍ ୬୧, ନାଦିନେ ଡି କ୍ଲାର୍କ ୪୧ ରନ କରିଥିଲେ। ବୋଲିଂରେ ପାକିସ୍ତାନର ସାଦିରା ଇକବାଲ ଓ ନଶ୍ରା ସାନ୍ଧୁ ୩ଟି ଲେଖାଏ ୱିକେଟ ନେଇଥିଲେ।

ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ପାକିସ୍ତାନ ଇନିଂସରେ ମଧ୍ୟ ବର୍ଷା ଏକାଧିକଥର ବାଧା ସୃଷ୍ଟି କରିଥିଲା। ଫଳରେ ଡିଏଲ୍ ପଦ୍ଧତିରେ ପାକିସ୍ତାନ ସାମ୍ନାରେ ୨୦ ଓଭରରେ ୨୩୪ ରନର ପୁନଃଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହାକୁ ପିଛା କରିଥିବା ପାକିସ୍ତାନ ୨୦ ଓଭରରେ ୭ ୱିକେଟ୍ ହରାଇ ମାତ୍ର ୮୩ ରନ କରିପାରିଥିଲା। ବିଜୟୀ ଦକ୍ଷିଣ ଆଫ୍ରିକାର କାପ୍ପଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଥିଲା। ଏଥିସହ ଦକ୍ଷିଣ ଆଫ୍ରିକା ୬ଷ୍ଠ ମ୍ୟାଚରୁ ୫ମ ବିଜୟ ସହ ୧୦ ପଏଣ୍ଟ ସହ ପଏଣ୍ଟ ଶୀର୍ଷକୁ ଉଠିଛି। ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ (୯ ପଏଣ୍ଟ) ଓ ଇଂଲଣ୍ଡ (୯ ପଏଣ୍ଟ) ସହ ଦକ୍ଷିଣ ଆଫ୍ରିକା ପୂର୍ବରୁ ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛି। ଅପରପକ୍ଷରେ ପାକିସ୍ତାନ ୬ଷ୍ଠ ମ୍ୟାଚରୁ ୪ର୍ଥ ପରାଜୟ ଓ ୨ଟି ବାତିଲ ସହ ମାତ୍ର ୨ ପଏଣ୍ଟ ପାଇ ଆଠଦଳୀୟ ଟେବଲ୍ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ପାକିସ୍ତାନ ଏହାର ଶେଷ ମ୍ୟାଚରେ ଅକ୍ଟୋବର ୨୫ରେ ଶ୍ରୀଲଙ୍କାକୁ ଭେଟିବ। ଚଳିତ ବିଶ୍ୱକପ୍‌ରେ ସମସ୍ତ ଦଳ ଅତିକମ୍‌ରେ ଗୋଟିଏ ମ୍ୟାଚ୍ ଜିତିସାରିଛନ୍ତି। କିନ୍ତୁ ଏକମାତ୍ର ଦଳ ଭାବେ ପାକିସ୍ତାନ ବର୍ତ୍ତମାନ ସୁଦ୍ଧା ବିଜୟ ସ୍ୱାଦ ଚାଖିପାରିନାହିଁ। ବୁଧବାର ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଇନ୍ଦୋରରେ ମ୍ୟାଚ୍ ଖେଳାଯିବ।

ଦକ୍ଷିଣ ଆଫ୍ରିକା-ଏ ବିପକ୍ଷ ସିରିଜ

## ପନ୍ତଙ୍କୁ ଭାରତ-ଏ ଦଳର ନେତୃତ୍ୱ

ମୁମ୍ବାଇ, ୨୧।୧୦ (ଏଜେନ୍ସି): ଘରୋଇ ଭାରତ-ଏ ଓ ଦକ୍ଷିଣ ଆଫ୍ରିକା-ଏ ଦଳ ମଧ୍ୟରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଚାରିଦିବସୀୟ ଟେଷ୍ଟ ମ୍ୟାଚ୍ ଚଳିତ ମାସ ୩୦ରୁ ବେଙ୍ଗାଲୁରୁରେ ଆରମ୍ଭ ହେବ। ଏଥିଲାଗି ଘରୋଇ ଭାରତ-ଏ ଦଳ ମଙ୍ଗଳବାର ଘୋଷଣା କରାଯାଇଛି। ଅଭିଜ୍ଞ ୱିକେଟ୍‌କିପର ଋଷଭ ପନ୍ତଙ୍କୁ ଏହି ଦୁଇଟି ମ୍ୟାଚ୍ ଲାଗି ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଫଳରେ ଦୀର୍ଘ ମାସ ଧରି ଆହତ ସମସ୍ୟା ଦେଇ ଗତି କରୁଥିବା ପନ୍ତ ଅଧିନାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅପରପକ୍ଷରେ ଅନ୍ୟତମ ଯୁବ ବାମହାତୀ ବ୍ୟାଟର୍ ସାଇ ସୁଦର୍ଶନଙ୍କୁ ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ତେବେ ମୁମ୍ବାଇ ୱିକେଟ୍‌ରକ୍ଷକ ସର୍ଫରାଜ ଖାନଙ୍କୁ ଏହି ସିରିଜର କୌଣସି ମ୍ୟାଚରେ ସୁଯୋଗ ମିଳିନାହିଁ। ରଜତ ପାଟିଦାର ଓ ଆୟୂଷ ବଦୋନୀ ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ଏହି ସିରିଜର ୨ୟ ମ୍ୟାଚ୍ ନଭେମ୍ବର ୬ରୁ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ। ଉଲ୍ଲେଖଯୋଗ୍ୟ, ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଖେଳୁଥିବାବେଳେ ପନ୍ତ ଆହତ ହୋଇ କ୍ରିକେଟରୁ ଦୂରେଇ ରହିଥିଲେ।

**ପ୍ରଥମ ଚାରିଦିବସୀୟ ମ୍ୟାଚ୍ ଲାଗି ଭାରତ-ଏ ଦଳ**: ଋଷଭ ପନ୍ତ, (ଅଧିନାୟକ), ସାଇ ସୁଦର୍ଶନ (ଉପ-ଅଧିନାୟକ), ଆୟୁଷ ମହାତ୍ରେ, ଏନ୍. ଜଗଦୀଶନ (ୱିକେଟ୍‌କିପର), ଦେବଦତ୍ତ ପାଡିକଲ, ରଜତ ପାଟିଦାର, ହର୍ଷ ଦୁବେ, ତନୁଷ କୋଟିଆନ, ମାନବ ସୁତାର, ଅଂଶୁଲ କାମ୍ବୋଜ, ଯଶ ଠାକୁର, ଆୟୂଷ ବଦୋନୀ, ସାରାଂଶ ଜୈନ

**ଦ୍ୱିତୀୟ ଚାରିଦିବସୀୟ ମ୍ୟାଚ୍ ଲାଗି ଭାରତ-ଏ ଦଳ**: ଋଷଭ ପନ୍ତ (ଅଧିନାୟକ), ସାଇ ସୁଦର୍ଶନ (ଉପଅଧିନାୟକ), ଲୋକେଶ ରାହୁଲ, ଧ୍ରୁବ ଜୁରେଲ, ଦେବଦତ୍ତ ପାଡିକଲ, ଋତୁରାଜ ଗାଏକ୍ୱାଡ, ହର୍ଷ ଦୁବେ, ତନୁଷ କୋଟିଆନ, ମାନବ ସୁତାର, ଖଲିଲ ଅହମ୍ମଦ, ଗୁରନୁର୍ ବ୍ରାର୍, ଅଭିମନ୍ୟୁ ଈଶ୍ୱରନ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ ଓ ଆକାଶଦୀପ।

## ଦୃଷ୍ଟିବାଧିତ ଫୁଟ୍‌ବଲ ତାଲିମ ଶିବିର ଉଦ୍‌ଯାପିତ




ଭୁବନେଶ୍ୱର, ୨୧।୧୦ (ସମିସ): ସାମାଜିକ ଅନୁଷ୍ଠାନ ବୁଲ୍ୱଆଇ ପକ୍ଷରୁ ଜଟଣୀସ୍ଥିତ ଆଇଆଇସି କମ୍ପ୍ଲେକ୍ସରେ ଚାଲିଥିବା ରାଜ୍ୟସ୍ତରୀୟ ଦୃଷ୍ଟିବାଧିକ ଫୁଟ୍‌ବଲ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ତିନିଦିନିଆ ଏହି ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଥିବା ଦୃଷ୍ଟିବାଧିତ ବିଦ୍ୟାଳୟର ଖେଳ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଜାତୀୟ ଦୃଷ୍ଟିବାଧିତ ଫୁଟ୍‌ବଲ ଦଳର ସହ-ପ୍ରଶିକ୍ଷକ ନରେଶ ସିଂ ନୟାଲ ଏଥିରେ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଡେପୁଟୀ ସେକ୍ରେଟାରୀ ସନ୍ୟାସୀ କୁମାର ବେହେରା ଯୋଗଦେଇ ବୁଲ୍ୱଆଇର ଏହି କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଥିଲେ। ସେହିଭଳି ବିଭାଗର ଅତିରିକ୍ତ ଶାସନ ସଚିବ ଭାସ୍କର ରାଉତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଆଇଆଇସିର ଅଧ୍ୟକ୍ଷ ତ୍ରିନାଥ ପାଢ଼ୀ, ବିକେ ପିଙ୍କି ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଅତିଥିଭାବେ ଭାରତ ସରକାରଙ୍କ ଭିନ୍ନକ୍ଷମ ବିଭାଗର ମୁଖ୍ୟ ଆୟୁକ୍ତ ପ୍ରବୀଣ କୁମାର, ରାଜ୍ୟର ବ୍ରତତୀ ହରିଚନ୍ଦନ ଯୋଗଦେଇଥିଲେ। ରାଜ୍ୟର କୋଣ ଅନୁକୋଣରୁ ଦୃଷ୍ଟିବାଧିତ ଖେଳାଳିମାନଙ୍କୁ ଆଣି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ବୁଲ୍ୱଆଇର ମୁଖ୍ୟ ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ତ୍ରିଲୋଚନ ବେଉରା କହିଛନ୍ତି।

ଏକଦିବସୀୟ କ୍ରିକେଟ୍ ଇତିହାସରେ ପ୍ରଥମ

# ସମ୍ପୂର୍ଣ୍ଣ ୫୦ ଓଭର ସ୍ପିନ ବୋଲିଂ କଲା ୱେଷ୍ଟଇଣ୍ଡିଜ



ଢାକା, ୨୧।୧୦ (ଏଜେନ୍ସି)

ଏକଦିବସୀୟ କ୍ରିକେଟ୍‌ର ୫୪ ବର୍ଷ ଇତିହାସରେ ମଙ୍ଗଳବାର ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ସ୍ଥାନୀୟ ଶେର୍ ବାଂଲା ନ୍ୟାସନାଲ ଷ୍ଟାଡିୟମରେ ଘରୋଇ ବାଂଲାଦେଶ ବିପକ୍ଷରେ ଅନୁଷ୍ଠିତ ଏକଦିବସୀୟ ସିରିଜର ଦ୍ୱିତୀୟ ମୁକାବିଲାରେ ୱେଷ୍ଟଇଣ୍ଡିଜ ସମ୍ପୂର୍ଣ୍ଣ ୫୦ ଓଭର ସ୍ପିନ ବୋଲିଂ କରିଥିଲା। ଯାହାକି ଦିନିକିଆ କ୍ରିକେଟ୍ ଇତିହାସରେ ପ୍ରଥମ ଘଟଣା ଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୭ ୱିକେଟ୍ ହରାଇ ୨୧୩ ରନ କରିଥିଲା। ୱେଷ୍ଟଇଣ୍ଡିଜ ପକ୍ଷରୁ ୫ଜଣ ବୋଲର ଅକିଲା ହୋସେନ, ରୋଷ୍ଟନ ଚେଜ, ଗୁଡାକେଶ ମୋତି, ଖାରି ପିଏରେ ଓ ଆଲିକ ଅଥାନଜେ ୧୦ ଓଭର ଲେଖାଏ ବୋଲିଂ କରିଥିଲେ। ଏହି ସମସ୍ତ ୫ଜଣ ସ୍ପିନ ବୋଲର ରହିଥିଲେ। ସେମାନଙ୍କ ମଧ୍ୟରୁ ଅଥାନଜେ ଜଣେ ଓପନିଂ ବ୍ୟାଟର୍ ହୋଇଥିବାବେଳେ ସେ ପାର୍ଟଟାଇମ ଅଫ୍-ସ୍ପିନ ବୋଲିଂ କରିଥାନ୍ତି। ମ୍ୟାଚରେ ସେ ୧୦ ଓଭର ବୋଲିଂ କରି ୩ ମେଡେନ ସହ ୧୪ ରନ ବ୍ୟୟରେ ୨ଟି ୱିକେଟ୍ ନେଇ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ଏପରିକି ୱେଷ୍ଟଇଣ୍ଡିଜର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ଜଷ୍ଟିନ ଗ୍ରେଭେସ ଜଣେ ଦ୍ରୁତ ବୋଲର ହୋଇଥିଲେ ମଧ୍ୟ ଅଧିନାୟକ ସାଇ ହୋପ୍ ତାଙ୍କୁ ବୋଲିଂ ନ ଦେଇ ଅଥାନଜେଙ୍କୁ ପ୍ରାଥମିକତା ଦେଇଥିଲେ। ଯେହେତୁ ଏହି ପିଚ୍ ସ୍ପିନ ବୋଲରଙ୍କୁ ବହୁତ ସହାୟତା କରୁଥିଲା ତେଣୁ ହୋପ୍ ତାଙ୍କର ସ୍ପିନରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ୫୦ ଓଭର ବୋଲିଂ କରାଇବା ନେଇ ଯୋଜନା କରିଥିଲେ।

### ସୁପର୍ ଓଭରରେ ଜିତିଲା ୱେଷ୍ଟଇଣ୍ଡିଜ

ଏହି ମ୍ୟାଚରେ ବାଂଲାଦେଶ ପ୍ରଦତ୍ତ ୨୧୪ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ୫୦ ଓଭର ଖେଳିଥିଲେ ମଧ୍ୟ ୯ ୱିକେଟ୍ ହରାଇ ସମାନ ୨୧୩ ରନ କରିଥିଲା। ଫଳରେ ମ୍ୟାଚ୍ ଟାଇ ରହିଥିଲା। ସାଇ ହୋପ୍ ୫୩ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ୱେଷ୍ଟଇଣ୍ଡିଜକୁ ଜିତାଇପାରି ନ ଥିଲେ। ଏହାପରେ ସୁପର୍ ଓଭର ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୬ଟି ବଲ୍ ଖେଳି ଗୋଟିଏ ୱିକେଟ୍ ହରାଇ ୧୦ ରନ କରିଥିଲା। ଜବାବରେ ୧୧ ରନକୁ ପିଛା କରିଥିବା ବାଂଲାଦେଶ ଗୋଟିଏ ୱିକେଟ ହରାଇ ୯ ରନ କରିବାକୁ ସମର୍ଥ ହୋଇଥିଲା। ପୂର୍ବରୁ ପ୍ରଥମ ମ୍ୟାଚକୁ ୭୪ ରନରେ ହାରିଥିବା ୱେଷ୍ଟଇଣ୍ଡିଜ ଏଥିସହ ସିରିଜକୁ ୧-୧ରେ ବରାବରସ୍ଥିତିକୁ ଆଣିଛି। ନିର୍ଣ୍ଣାୟକ ୩ୟ ଦିନିକିଆ ଗୁରୁବାର ଖେଳାଯିବ। ଏହି ମ୍ୟାଚରେ ସ୍ପିନରମାନେ ମୋଟ୍ ୯୨ ଓଭର ବୋଲିଂ କରିଥିଲେ। ଯାହାକି ଅନ୍ୟ ଏକ ବିଶ୍ୱରେକର୍ଡ।

**ଏକଦିବସୀୟରେ ସ୍ପିନରଙ୍କ ଦ୍ୱାରା ସର୍ବାଧିକ ଓଭର ବୋଲିଂ**

| ଓଭର | ଦଳ | ପ୍ରତିପକ୍ଷ | ବର୍ଷ |
|---|---|---|---|
| ୫୦ | ୱେଷ୍ଟଇଣ୍ଡିଜ | ବାଂଲାଦେଶ | ୨୦୨୫ |
| ୪୪ | ଶ୍ରୀଲଙ୍କା | ୱେଷ୍ଟଇଣ୍ଡିଜ | ୧୯୯୬ |
| ୪୪ | ଶ୍ରୀଲଙ୍କା | ନ୍ୟୁଜିଲାଣ୍ଡ | ୧୯୯୮ |
| ୪୪ | ଶ୍ରୀଲଙ୍କା | ଅଷ୍ଟ୍ରେଲିଆ | ୨୦୦୪ |
| ୪୩ | ଶ୍ରୀଲଙ୍କା | ୱେଷ୍ଟଇଣ୍ଡିଜ | ୧୯୯୫ |

ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ

## ଅୟଙ୍କଙ୍କୁ ତ୍ରିମୁକୁଟ, ଲକ୍ଷ୍ମୀପ୍ରିୟାଙ୍କୁ ଦ୍ୱିମୁକୁଟ



ଭୁବନେଶ୍ୱର, ୨୧।୧୦ (ସମିସ): ଓଡିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ୧୧ ଓ ୧୩ ରୁ କମ ବୟସ ବର୍ଗ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦଯାପିତ ହୋଇଯାଇଅଛି। ତିନି ଦିନବ୍ୟାପୀ ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡ଼ିୟମ ଅନୁଷ୍ଠିତ ହୋଇଥିବା ଏହି ଚାମ୍ପିଅନସିପର ୧୩ ବର୍ଷରୁ କମ ବୟସ ବର୍ଗରେ ସମ୍ବଲପୁରର ଅୟଙ୍କ ସାହୁ ତ୍ରିମୁକୁଟ ହାସଲ କରିଛନ୍ତି। ଅୟଙ୍କ ସିଙ୍ଗଲ ଫାଇନାଲରେ ୨୧-୧୮, ୨୧-୧୯ ସିଧାସଳଖ ଗେମ୍‌ରେ ଖୋର୍ଦ୍ଧାର ଫସୁଲ ସେଠୀଙ୍କୁ ହରାଇ ଚାମ୍ପିଅନ ହୋଇଥିଲେ। ଡବଲସରେ ବାଲେଶ୍ୱରର ଏ. ଦାସଙ୍କୁ ସାଥୀକରି ଅନୁରୂପ ସାହୁ ଓ ଫସୁଲଙ୍କୁ ୨୧-୧୬, ୨୪-୧୪ ରେ ପରାସ୍ତ କରିଥିଲେ। ସେହିପରି ମିକ୍ସଡ ଡବଲସରେ ଏଲିନା ରାଜଙ୍କୁ ସାଥି କରି ଅୟଙ୍କ ୨୧-୧୮, ୨୧-୧୭ରେ ଋତୁରାଜ ପୁଟେଲ ଓ ରିସିକା ଦାସଙ୍କୁ ହରାଇ ତୃତୀୟ ଟ୍ରଫି ଜିତିଥିଲେ। ୧୩ ବର୍ଷରୁ କମ ବାଳିକା ବିଭାଗରେ ଜଗତସିଂହପୁରର ଲକ୍ଷ୍ମୀପ୍ରିୟା ଗୋଛାୟତ ଦ୍ୱିମୁକୁଟ ଲାଭ କରିଛନ୍ତି। ଲକ୍ଷ୍ମୀପ୍ରିୟା ସିଙ୍ଗଲ୍ସ ଓ ବାଳିକା ଡବଲ୍ସ ରେ ଚାମ୍ପିଅନ ହୋଇଥିଲ। ଖୋର୍ଦ୍ଧାର ସମର ମହାନ୍ତି ପ୍ରତିଯୋଗୀତାରେ ଦ୍ୱିମୁକୁଟ ଲାଭ କରିଛନ୍ତି । ସିଙ୍ଗଲରେ ସମର ୨୧-୧୪, ୨୧-୧୩ ଗେମେର ନିଜ ଜିଲ୍ଲାର ସାଇ ଆଶିଷଙ୍କୁ ଓ ଡବଲସରେ ମାଷ୍ଟର ଇଭାନଙ୍କୁ ସାଥି କରି ୨୧-୧୭, ୨୧-୧୧ ସାଇ ଆଶିଷ ଓ ବିହାନ ସାମନ୍ତ ରାୟ ଯୋଡ଼ିଙ୍କୁ ହରାଇଥିଲେ। ବାଳିକା ବିଭାଗରେ ସମ୍ବଲପୁରର ଆରନି ବେହେରା ଚାମ୍ପିଅନ ହୋଇଛନ୍ତି। ବାଳିକା ଡବଲ୍ସରେ ଖୋର୍ଦ୍ଧା-କଟକ ଯୋଡି ସାଇପ୍ରିୟା ଓ ବଂଶୀକା ମଲ୍ଲିକ ଖୋର୍ଦ୍ଧା ଯୋଡି ଅନାୟା ସାମନ୍ତରାୟ ଓ ବୃନ୍ଦନା ସୋନମ ଯୋଡିଙ୍କୁ ହରାଇ ଚାମ୍ପିଅନ ଆଖ୍ୟା ଲାଭ କରିଛନ୍ତି । ଆୟୋଜନ କମିଟି ସମ୍ପାଦକ ଅଜିତ ମହାନ୍ତି ଓ ଦୀପକ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହେଇଥିବା ଉଦଯାପନୀ ସଭାରେ ଓସବା ଯୁଗ୍ମସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ଓ ମୁଖ୍ୟ ରେଫରୀ ବିଜୟ ବାଗ କୃତି ଖେଳାଳିଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରିଥିଲେ। ପ୍ରତିଯୋଗିତାର ସୁପରିଚାଳନା ପାଇଁ ଅଫିସିଆଲ ପର୍ଯ୍ୟବେକ୍ଷକ ଲକ୍ଷପତି ନନ୍ଦ ଓ ସୁବାସ ଚନ୍ଦ୍ର ସାହୁ, ଟୁର୍ଣ୍ଣାମେଣ୍ଟ ସଂଯୋଜକ ଭାବେ ତାରାକାନ୍ତ ଦାସ, ଅବଦୁଲ ହାକିମ ଓ ଜୟ ପ୍ରକାଶ ଜେନା, ପ୍ରତ୍ୟୁଷ ସାମନ୍ତରାୟ ଓ ଓସବା ଉପସଭାପତି ପ୍ରଦୀପ ପଟ୍ଟନାୟକ ନିଯୁକ୍ତ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS